ପୃଷ୍ଠା–୮+୮

48

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୩/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Friday, December 3/2021 | ★★★★★★

୪୮ଶ ଭାଗ ୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବଲିଉଡ୍‌ରେ କାମ କରିବାକୁ ନିକ୍‌ଙ୍କ ଇଚ୍ଛା**
ଭଲ ଚରିତ୍ର ପାଇଁ ଅଫର ମିଳିଲେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ନିକ୍ ଜୋନାସ ବଲିଉଡ୍‌ରେ କାମ କରିବେ ବୋଲି କହିଛନ୍ତି।
୦୭

୦୮
**ବାର୍ଡ ପ୍ଲେୟର ଅଫ୍ ଦି ମ୍ୟାଚ୍**
ଜୁନିୟର ହକି ବିଶ୍ୱକପ୍‌ରେ ଆମେରିକା ବିପକ୍ଷ ଏକ କ୍ରସ୍ ଓଭର ମ୍ୟାଚରେ କାନାଡ଼ାର ଆଲେକ୍‌ଜାଣ୍ଡର ବାର୍ଡ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



# ଭାରତରେ ଓମିକ୍ରନ୍

## କର୍ନାଟକରେ ୨ ସଂକ୍ରମିତ ଚିହ୍ନଟ

### ସଂସ୍ପର୍ଶରେ ଆସିଥିବା ୫ ଜଣ କୋଭିଡ୍ ପଜିଟିଭ୍

ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୨।୧୨(ପି.ଟି.)

ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍–୧୯ ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ବର୍ତ୍ତମାନ ସୁଦ୍ଧା ୨୯ ଦେଶକୁ ବ୍ୟାପିଥିବାବେଳେ ଗୁରୁବାର ଏହା ଭାରତରେ ଚିହ୍ନଟ ହୋଇଛି। କର୍ନାଟକରେ ଦୁଇଜଣଙ୍କଠାରେ ଓମିକ୍ରନ୍ ଭାରିଆଣ୍ଟ ଦେଖାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଦକ୍ଷିଣ ଆଫ୍ରିକାରୁ ଆସିଥିବାବେଳେ ଅନ୍ୟ ଜଣେ ବେଙ୍ଗାଲୁରୁର ଡାକ୍ତର ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. କେ. ସୁଧାକର ସୂଚନା ଦେଇଛନ୍ତି। ତାଙ୍କର କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ। ଜ୍ୱର ହେବା ସହ ସେ କ୍ଲାନ୍ତ ଅନୁଭବ କରିବାରୁ କୋଭିଡ୍ ପରୀକ୍ଷା କରାଇବା ସହ ହୋମ୍ ଆଇସୋଲେସନରେ ରହିଥିଲେ। ☞ପୃଷ୍ଠା–୪



## ଓମିକ୍ରନ୍ ୫ ଗୁଣ ଅଧିକ ସଂକ୍ରାମକ

ନୂଆଦିଲ୍ଲୀ, ୨।୧୨

ନୂଆ ଓମିକ୍ରନ୍ ଭାରିଆଣ୍ଟରେ ଖରାପ୍ ସ୍ପାଇକ୍ ମ୍ୟୁଟେଶନ୍ ଡେଲ୍ଟା ଭାରିଆଣ୍ଟର ଦୁଇଗୁଣ। ଏହା ୫ ଗୁଣ ଅଧିକ ବେଗରେ ସଂକ୍ରମିତ ହେଉଥିବାରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି। କୋଭିଡ୍–୧୯ ସଂକ୍ରମଣ ମାମଲା ମଧ୍ୟ ବିଭିନ୍ନ ଦେଶରେ ବୃଦ୍ଧି ପାଉଛି। କେବଳ ୟୁରୋପରେ ୭୦ ପ୍ରତିଶତ ମାମଲା ଦେଖାଦେଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ୍ ଅଗ୍ରୱାଲ କହିଛନ୍ତି। ଜର୍ମାନୀରେ ୭୫,୦୦୦ରୁ ଊର୍ଦ୍ଧ୍ୱ ମାମଲା ଦେଖାଦେଇଥିବାବେଳେ ବ୍ରିଟେନରେ ୪୭,୦୦୦ରୁ ଅଧିକ ଏବଂ ଫ୍ରାନ୍ସରେ ୫୦,୪୭୦ରୁ ଅଧିକ ସଂକ୍ରମଣ ଦେଖାଦେଇଛି। ଏହା ତୁଳନାରେ ଭାରତ ଓ ଅନ୍ୟ ଦକ୍ଷିଣପୂର୍ବ ଏସୀୟ ଦେଶରେ ସଂକ୍ରମଣ ଯଥେଷ୍ଟ କମ୍ ରହିଛି। ଏହା ସତ୍ତ୍ୱେ ଆମକୁ ସତର୍କ ରହିବାକୁ ହେବ ଓ ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିବାକୁ ପଡ଼ିବ ବୋଲି ଅଗ୍ରୱାଲ କହିଛନ୍ତି।

## ସଂକ୍ରମିତ ଦେଶରୁ ଓଡ଼ିଶା ଆସିଛନ୍ତି ୩୮୦

ଭୁବନେଶ୍ୱର, ୨।୧୨(ବ୍ୟୁରୋ)

- ■ ବିଦେଶରୁ ଆସିଲେ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ
- ■ ବିଏମ୍‌ସି, ଝାରସୁଗୁଡ଼ା ଜିଲାପାଳଙ୍କୁ ସ୍ୱତନ୍ତ୍ର ଆଡ୍‌ଭାଇଜରି ଜାରି
- ■ ସତର୍କତା, ଟିକାକରଣ ଉପରେ ଗୁରୁତ୍ୱ

ସାରା ବିଶ୍ୱକୁ ଏବେ କରୋନାର ନୂଆ ଭୂତାଣୁ ‘ଓମିକ୍ରନ’ ଭୟ ଲାଗି ରହିଥିବାବେଳେ ଓଡ଼ିଶାକୁ ମଧ୍ୟ ଚିନ୍ତା ଘାରିଲାଣି। କାରଣ ଓମିକ୍ରନ ସଂକ୍ରମିତ ଦେଶରୁ ଓଡ଼ିଶାକୁ ଏ ପର୍ଯ୍ୟନ୍ତ ୩୮୦ଜଣ ଫେରିଛନ୍ତି। ଏ ନେଇ ଗୁରୁବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇ କହିଛନ୍ତି, ନଭେମ୍ବର ୨୮ ସୁଦ୍ଧା ‘ଓମିକ୍ରନ୍ ରିସ୍କ’ ଦେଶରୁ ଓଡ଼ିଶାକୁ ୨୨୪ଜଣ ଆସିଥିବାବେଳେ କେବଳ ୨୯ ତାରିଖରେ ୧୫୬ଜଣ ପ୍ରବେଶ କରିଛନ୍ତି। ଏବେ ସୁଦ୍ଧା ଦୁଇଦିନର ଡାଟା ସରକାରଙ୍କ ପାଖରେ ପହଞ୍ଚିଛି। ଯେଉଁମାନେ ଏବେ ବିଦେଶରୁ ଫେରୁଛନ୍ତି ସମସ୍ତଙ୍କ ତାଲିକା ଜିଲା ପ୍ରଶାସନକୁ ଦିଆଯାଇଛି ବୋଲି ଡା. ମିଶ୍ର ସୂଚନା ଦେଇଛନ୍ତି।

ଆହୁରି ମଧ୍ୟ ସେ କହିଛନ୍ତି, ଏଥର କରୋନାକୁ ଚେକ୍ ଦେବାକୁ ଆରମ୍ଭରୁ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ବିଦେଶରୁ ଆସୁଥିବା ବ୍ୟକ୍ତି ସାଙ୍ଗରେ ନେଗେଟିଭ୍ ସାର୍ଟିଫିକେଟ୍ ଆଣିବା ବାଧ୍ୟତାମୂଳକ କରାଯାଇଛି। ଏୟାରପୋର୍ଟରେ ପହଞ୍ଚିବା ପରେ ବି ସେମାନଙ୍କର ପୁଣିଥରେ ଆର୍‌ଟି–ପିସିଆର୍ ଟେଷ୍ଟ କରାଯିବ। ରିପୋର୍ଟ ନେଗେଟିଭ୍ ଥିଲେ ରାଜ୍ୟରେ ପ୍ରବେଶ ଅନୁମତି ମିଳିବ। ସେମାନେ ୭ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିବେ। ଅଷ୍ଟମ ଦିନ ତାଙ୍କର ପୁଣିଥରେ ଟେଷ୍ଟ କରାଯିବ। ଯେହେତୁ ବିଦେଶ ଫେରନ୍ତା ବିମାନବନ୍ଦରରେ ଟେଷ୍ଟ କରି ଆସୁଛନ୍ତି, ତେଣୁ ସେମାନଙ୍କୁ ଟ୍ରେସ୍ କରି ନିର୍ଦ୍ଧାରିତ ଦିନରେ ଆର୍‌ଟି–ପିସିଆର୍ ଟେଷ୍ଟ କରିବାକୁ ପଦକ୍ଷେପ ନିଆଯାଇଛି। ଯଦି ଅଷ୍ଟମ ଦିନ ତାଙ୍କର ପିଜିଟିଭ ଆସିଲା ତାଙ୍କୁ ତତ୍‌କ୍ଷଣାତ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଏଥିସହ ଆଉ ୭ଦିନ ତାଙ୍କୁ ସେଲ୍ଫ ଅବ୍‌ଜରଭେଶନରେ ରଖାଯିବ। ମୋଟ ୧୪ଦିନ ତାଙ୍କୁ ସଙ୍ଗରୋଧରେ ରହିବାକୁ ହେବ। ତେବେ ରିପୋର୍ଟ ପଜିଟିଭ ଥିଲେ ସେମାନଙ୍କୁ ତତ୍‌କ୍ଷଣାତ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ସେମାନଙ୍କର ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯିବ। ସେହିଭଳି ଯେଉଁ ଯାତ୍ରୀମାନେ ବାହାରୁ ଆସିବେ ସେମାନେ କେଉଁଠୁ ଆସିଲେ, କୁଆଡ଼େ ଯିବେ ଓ କେଉଁଠି ରହିବେ, ସେ ନେଇ ସେଲ୍ଫ ଡିକ୍ଲାରେଶନ ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏହା ଦ୍ୱାରା ସେମାନଙ୍କୁ ଖୋଜି ପୁଣି ପରୀକ୍ଷା କରାଯାଇପାରିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ଓମିକ୍ରନ ସଂକ୍ରାନ୍ତରେ ସେ କହିଛନ୍ତି, ବର୍ତ୍ତମାନ ଏହି ନୂଆ ଭାରିଆଣ୍ଟ ୨୬ଟି ଦେଶକୁ ବ୍ୟାପିଲାଣି। ଓଡ଼ିଶାରେ ସବୁ ପରିସ୍ଥିତିକୁ ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ଆମେ ସ୍ୱତନ୍ତ୍ର ଭାବେ ଭୁବନେଶ୍ୱର ବିଏମ୍‌ସି ଏବଂ ଝାରସୁଗୁଡ଼ା ଜିଲାପାଳଙ୍କୁ ଆଡ୍‌ଭାଇଜରି ଦେଇଛୁ। ଯଦି କାହାର ଘରେ କ୍ୱାରାଣ୍ଟାଇନ ପାଇଁ ବ୍ୟବସ୍ଥା ହେଉନି, ତାଙ୍କ ପାଇଁ କ୍ୱାରାଣ୍ଟାଇନ ବ୍ୟବସ୍ଥା କରିବେ। ଯଦି ସେମାନଙ୍କ ଭିତରୁ କେହି ପିଜିଟିଭ ☞ପୃଷ୍ଠା–୪






## ଭିତର ରତ୍ନଭଣ୍ଡାର ନକଲି ଚାବିକୁ ନେଇ ଦ୍ୱନ୍ଦ୍ୱ

ପୁରୀ ଅଫିସ, ୨।୧୨

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଚାବି ପ୍ରସଙ୍ଗ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ରତ୍ନଭଣ୍ଡାର ଚାବି ହଜିବା ଓ ପରେ ପୁଣି ରେକର୍ଡ ରୁମ୍‌ରୁ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ନକଲି ଚାବି ମିଳିଯିବା ଘଟଣା ନେଇ ସେସମୟରେ ଚର୍ଚ୍ଚା ଜୋର ଧରିଥିଲା। ତତ୍କାଳୀନ ଜିଲାପାଳ ମଧ୍ୟ ଏକ ବନ୍ଦ ଲଫାପାରେ ଚାବି ଥିବା କହି ଗଣମାଧ୍ୟମ ସମ୍ମୁଖରେ ଲୋକଙ୍କୁ ଦେଖାଇଥିଲେ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଅର୍ଥ ବ୍ୟବସ୍ଥାରେ ଡିଜିଟାଲ କରେନ୍ସି**

## ତପସ୍ୱିନୀ–ସୁମିତ ୭ ଦିନ ଏକାଠି ରହିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ, ୨।୧୨

ନ୍ୟାୟ ପାଇଁ ବଧୂ ତପସ୍ୱିନୀ ଦାଶ ଗଞ୍ଜାମ ଜିଲା ବ୍ରହ୍ମପୁର ବ୍ରହ୍ମନଗରସ୍ଥିତ ଶ୍ୱଶୁର ଘର ଆଗରେ ୧୦ ଦିନ ଧରି ଧାରଣା ଦେଇଥିଲେ। ତାଙ୍କ ଦ୍ୱାରା କୋର୍ଟରେ ରୁଜୁ ହୋଇଥିବା ପିଟିଶନ(ଏମ୍‌ସି ନଂ. ୩୪୪/୨୧)ର ଗୁରୁବାର ଶୁଣାଣି କରି ଏସ୍‌ଡିଜେଏମ୍ ସ୍ୱାମୀ, ସ୍ତ୍ରୀଙ୍କୁ ୭ଦିନ ପର୍ଯ୍ୟନ୍ତ ଏକାଠି ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାମୀ ସୁମିତ ସାହୁ ଆସିକା ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଛନ୍ତି। ଏଣୁ ଆସିକାରେ ଉଭୟ ରହିବା ଲାଗି ଏସ୍‌ଡିଜେଏମ୍ ନିର୍ଦ୍ଦେଶ ଜାରି କରିଛନ୍ତି। ଏଥିପାଇଁ ଆସିକା ଥାନା ଅଧିକାରୀ ଏକ ଭଡାଘର ଯୋଗାଡ଼ କରି ସେଠାରେ ସେମାନଙ୍କୁ ରହିବାକୁ ଦେବେ। ସେଠାକୁ ପୁଅ ସୁମିତ କିମ୍ବା ଝିଅ ତପସ୍ୱିନୀଙ୍କ ପରିବାର ଦେଖା କିମ୍ବା ଯୋଗାଯୋଗ କରିବେ ନାହିଁ ବୋଲି ନିର୍ଦ୍ଦେଶ ଥିବା ତପସ୍ୱିନୀଙ୍କ ଆଇନଜୀବୀ ପ୍ରଦୀପ ବେହେରା ସୂଚନା ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ତାରିଖ ଧାର୍ଯ୍ୟ ହେବା ପରେ ପୋଲିସ ଉଭୟଙ୍କୁ ପୁଣିଥରେ କୋର୍ଟରେ ହାଜର କରିବ। ଏଥିପାଇଁ ଜଣେ ପ୍ରୋଟେକ୍ସନ ଅଫିସରଙ୍କୁ ନିଯୁକ୍ତି କରାଯିବ। ସମ୍ପୃକ୍ତ ଅଧିକାରୀଙ୍କ ତଦାରଖରେ ଉଭୟେ ରହିବେ ବୋଲି ନିର୍ଦ୍ଦେଶ ରହିଛି। ☞ପୃଷ୍ଠା–୪

## ସ୍ୱାଭାବିକ ହୋଇପାରୁନି ଗୃହ

ଭୁବନେଶ୍ୱର, ୨।୧୨(ବ୍ୟୁରୋ)



**ମମିତା ଝଡ଼**

- ■ ବିରୋଧୀଙ୍କ ହଟ୍ଟଗୋଳ, ଶୁକ୍ରବାର ଯାଏ ଗୃହ ମୁଲତବୀ
- ■ ଦରଦାମ ବୃଦ୍ଧିକୁ ନେଇ କେନ୍ଦ୍ରକୁ ଟାର୍ଗେଟ

କଳାହାଣ୍ଡି ଜିଲା ମହାଲିଙ୍ଗ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ମାମଲାକୁ ନେଇ ଗତ ୨ଦିନ ହେବ ବିଧାନସଭା ହୁଲସ୍ଥୁଲ ହେଉଛି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଇସ୍ତଫା ଏବଂ ସିବିଆଇକୁ ଏହି ଘଟଣାର ତଦନ୍ତ ଦିଆଯାଉ। ନଚେତ୍ ଗୃହ ଚଳାଇ ଦେବୁନାହିଁ। ଏଭଳି ଜିଦ୍‌ରେ ବିରୋଧୀ ଅଡ଼ି ବସିଥିବାବେଳେ ସରକାର ସେମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନାହାନ୍ତି। ଫଳରେ ଗୃହ ସ୍ୱାଭାବିକ ହୋଇପାରୁ ନାହିଁ। ବିରୋଧୀ ଭାଜପା ଓ କଂଗ୍ରେସ ମମିତା ମେହେର ମାମଲାକୁ ନେଇ ସରକାରଙ୍କୁ ଜୋରଦାର ଆକ୍ରମଣ ଜାରି ରଖିଥିବାବେଳେ ଶାସକ ବିଜେଡି ଗ୍ୟାସ୍, ଅତ୍ୟାବଶ୍ୟକ ଦର ବୃଦ୍ଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ କମ୍ ଗୃହ ମିଳିବା ଅଭିଯୋଗ ଆଣି କେନ୍ଦ୍ର ସରକାରଙ୍କୁ ଘେରିବା ଆରମ୍ଭ କରିଛି।

ବିଜେଡି ବିଧାୟକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବୁଧବାର ବିଧାନସଭାରୁ ରାଜଭବନ ପଦଯାତ୍ରା କରି ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଥିବା ବେଳେ ଗୁରୁବାର ଗୃହ ମୁଲତବୀ ପରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳକୁ ନେଇ ବିଧାନସଭା ଦ୍ୱିତୀୟ ଦିନ ଅଚଳ ହୋଇଯାଇଛି। ମାତ୍ର ଅଧ ମିନିଟ ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ। ଅପରାହ୍ନ ଅଧିବେଶନରେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। କଂଗ୍ରେସ ଓ ଭାଜପା ସଦସ୍ୟମାନେ ହାତରେ ପ୍ଲାକାର୍ଡ, କଳାଗାମୁଛା ଦେଖାଇ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରି ପ୍ରବଳ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ନିଜ ବିଭାଗର ପେପର ଲେ କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ମାତ୍ର ୧୩ ମିନିଟ ପରେ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ଶୁକ୍ରବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ। ☞ପୃଷ୍ଠା–୪

# ପାଇକ ବିଦ୍ରୋହ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ନୁହେଁ

## ଓଡ଼ିଶାର ଅନୁରୋଧକୁ କେନ୍ଦ୍ରର ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୨।୧୨

ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ ବିରୋଧରେ ୧୮୧୭ ମସିହାରେ ଓଡ଼ିଆ ପାଇକଙ୍କ ଦ୍ୱାରା ହୋଇଥିବା ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ବୋଲି ଘୋଷଣା କରାଯାଇପାରିବ ନାହିଁ। ରାଜ୍ୟ ସଭାରେ ବିଜେଡି ସଦସ୍ୟ ପ୍ରଶାନ୍ତ ନନ୍ଦ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହି ସୂଚନା ଦେଇଛନ୍ତି। ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦ(ଆଇସିଏଚ୍‌ଆର୍)ରୁ ମିଳିଥିବା ରିପୋର୍ଟ ଅନୁଯାୟୀ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ କୁହାଯାଇପାରିବ ନାହିଁ ବୋଲି ମନ୍ତ୍ରୀ ରେଡ୍ଡୀ କହିବା ସହ ଓଡ଼ିଶାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ବୋଲି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ ମାଧ୍ୟମରେ କରିଥିବା ଅନୁରୋଧ ସଂସ୍କୃତି ମନ୍ତ୍ରଣାଳୟର ହସ୍ତଗତ ହୋଇଥିଲା। ଏହା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ(ଏବେ ଶିକ୍ଷା ମନ୍ତ୍ରଣାଳୟ) ଅଧୀନ ଆଇସିଏଚ୍‌ଆରର ଗବେଷକଙ୍କ ଦ୍ୱାରା ତର୍ଜମା କରାଯାଇଥିଲା। ଗବେଷକଙ୍କ ରିପୋର୍ଟ ଅନୁସାରେ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ବୋଲି ଘୋଷଣା କରାଯାଇପାରିବ ନାହିଁ ବୋଲି ସଂସ୍କୃତି ମନ୍ତ୍ରୀ ରେଡ୍ଡୀ କହିଛନ୍ତି। ତେବେ ଐତିହାସିକ ଦୃଷ୍ଟିକୋଣରୁ ପାଇକ ବିଦ୍ରୋହ ଲୋକମାନଙ୍କ ମଧ୍ୟରେ ପରବର୍ତ୍ତୀ ସମୟରେ ଇଂରେଜଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଏକ ଉଦାହରଣ ସୃଷ୍ଟି କରିପାରିଥିଲା। ଏନ୍‌ସିଇଆର୍‌ଟିର ଇତିହାସ ପାଠ୍ୟ ପୁସ୍ତକରେ ପାଇକ ବିଦ୍ରୋହକୁ ସ୍ଥାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଭାରତରେ ଇଂରେଜମାନଙ୍କ ବିରୋଧରେ ହୋଇଥିବା ଜନ ଆନ୍ଦୋଳନର ଏହା ଏକ ପ୍ରମୁଖ ବିଦ୍ରୋହ ହୋଇଥିବାରୁ ଏହାକୁ ଅଷ୍ଟମ ଶ୍ରେଣୀ ପାଠ୍ୟ ପୁସ୍ତକରେ କେସ୍ ଷ୍ଟଡିଭାବେ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ☞ପୃଷ୍ଠା–୪




**ଭାରତୀୟ ଜୀବନ ବୀମା ନିଗମର ସମସ୍ତ ସମ୍ମାନନୀୟ ପଲିସୀଧାରକଙ୍କ ପାଇଁ ସାର୍ବଜନିକ ସୂଚନା**
**ଭାରତ ବାହାରେ ଥିବା କୌଣସି ବି ସ୍ଥାନକୁ ବିତରଣ ପାଇଁ ନୁହେଁ**

1. ଆପଣ ହୁଏତ ପ୍ରେସ୍ ରିପୋର୍ଟରୁ ଜାଣିଥିବେ ଯେ ଭାରତ ସରକାର ଭାରତୀୟ ଜୀବନ ବୀମା ନିଗମ (“LIC’ କିମ୍ବା “ନିଗମ”) ର ସାଧାରଣ ଶେୟାରକୁ ସାର୍ବଜନିକ ରୂପେ ଦେବା ପାଇଁ ଏବଂ ଭାରତୀୟ ଷ୍ଟକ୍ ଏକ୍ସଚେଞ୍ଜ୍‌ରେ ସାଧାରଣ ଶେୟାରକୁ ସୂଚିବଦ୍ଧ କରିବା ପାଇଁ, ଅତ୍ୟନ୍ତ ଉତ୍ସୁକ ଏବଂ ଇଚ୍ଛୁକ ଅଟନ୍ତି ।
2. ଆପଣ ବର୍ତ୍ତମାନ ସୁଦ୍ଧା ଜାଣି ସାରିଥିବେ, କି LIC ର ପଲିସୀଧାରକଙ୍କ ସ୍ୱାର୍ଥରେ ଭାରତ ସରକାର, LIC ଅଧିନିୟମ, 1956 ରେ ଏକ ସଂଶୋଧନ ପାସ କରିଛନ୍ତି ଯାହା କର୍ପୋରେସନକୁ ଏକ ପ୍ରତିଯୋଗିତାମୂଳକ ଭିତ୍ତିରେ ସଂରକ୍ଷଣ କରିବାକୁ ଅନୁମତି ଦେଇଛି, ପଲିସୀଧାରକ ଯେକୌଣସି ସମୟରେ ଫାଇନାନ୍ସ ଆକ୍ଟ, 2021 ର ଧାରା 131 ଆରମ୍ଭ ହେବାର ପାଞ୍ଚ ବର୍ଷ ମଧ୍ୟରେ, ଅର୍ଥାତ୍ ଜୁନ 30, 2021 ରୁ ପାଞ୍ଚ ବର୍ଷ, ନିଗମ ଦ୍ୱାରା ଭବିଷ୍ୟତରେ କରାଯାଉଥିବା ଯେକୌଣସି ସାର୍ବଜନିକ ପ୍ରସ୍ତାବରେ ସଂରକ୍ଷିତ ବର୍ଗ ମଧ୍ୟରୁ ଗୋଟିଏ ଭାବରେ ଗ୍ରହଣ ହେବ ।
3. ଏହିପରି କୌଣସି ସାର୍ବଜନୀନ ଅଫର୍‌ରେ ଅଂଶଗ୍ରହଣ କରିବାକୁ, ପଲିସୀଧାରକମାନେ ନିଶ୍ଚିତ କରିବାକୁ ପଡିବ ଯେ ନିଗମର ରେକର୍ଡରେ ସେମାନଙ୍କର PAN ବିବରଣୀ ଅପଡେଟ୍ ହୋଇଛି । ଅଧିକନ୍ତୁ, ଯଦି ଆପଣଙ୍କର ଏକ ବୈଧ DEMAT ଆକାଉଣ୍ଟ ଅଛି ତେବେ ଭାରତରେ ଯେକୌଣସି ସାର୍ବଜନୀନ ଅଫରକୁ ସବସ୍କ୍ରାଇବ୍ କରିବା ସମ୍ଭବ ଅଟେ – ତଦନୁସାରେ, ପଲିସୀ ଧାରକମାନେ ନିଶ୍ଚିତ କରିବା ଉଚିତ୍ ଯେ ସେମାନଙ୍କ ପାଖରେ ଏକ ସକ୍ରିୟ DEMAT ଆକାଉଣ୍ଟ ଅଛି ।
4. ଆମର ପଲିସୀଧାରକଙ୍କ ସ୍ୱାର୍ଥରେ, ଆମେ ଅତୀତରେ ଆମ ରେକର୍ଡରେ ଆପଣଙ୍କର PAN ଅପଡେଟ୍ କରିବାକୁ ବିଜ୍ଞାପନ ଦେଇଥିଲୁ । ଯଦି ଆପଣ ଏପର୍ଯ୍ୟନ୍ତ ନିଗମକୁ ଏହି ସୂଚନା ପ୍ରଦାନ କରିନାହାଁନ୍ତି, ଦୟାକରି ଏହାକୁ ଶୀଘ୍ର କରନ୍ତୁ । ଏକ KYC ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏବଂ LIC ଦ୍ୱାରା ପ୍ରସ୍ତାବିତ ଜନସାଧାରଣଙ୍କ ଅଫର୍‌ରେ ଅଂଶଗ୍ରହଣ କରିବାର କ୍ଷମତା, ଯେପରି ଏବଂ ଯେତେବେଳେ ଏହା ହୁଏ, ଆବଶ୍ୟକୀୟ ନିୟାମକ ଏବଂ ଅନ୍ୟାନ୍ୟ ଅନୁମୋଦନ ଅନୁଯାୟୀ, ଏହିପରି ସର୍ବସାଧାରଣ ଅଫର୍ ଉପରେ ପ୍ରସ୍ତାବିତ ଅଫର୍‌ରେ ଅଂଶଗ୍ରହଣ କରିବାରେ ଏହା ଆପଣଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟବହୃତ ହେବ ।
5. ନିଗମ ସହିତ ଆପଣଙ୍କର PAN ବିବରଣୀ ଅପଡେଟ୍ କରିବାର ପ୍ରକ୍ରିୟା ନିମ୍ନରେ ସେଟ୍ ହୋଇଛି:
   - 5.1 ଆପଣ କର୍ପୋରେସନ୍ ୱେବସାଇଟ୍ www.licindia.in କିମ୍ବା https://licindia.in/Home/Online-PAN-Registration ଭିଜିଟ୍ କରିପାରିବେ । ଆପଣଙ୍କର ପଲିସୀ ନମ୍ବର, PAN, ଜନ୍ମ ତାରିଖ ଏବଂ ଇ-ମେଲ୍ ID ପ୍ରସ୍ତୁତ କରନ୍ତୁ, ଯାହାକି ଆପଣଙ୍କର PAN ଅପଡେଟ୍ କରିବା ସମୟରେ ଭରିବା ଆବଶ୍ୟକ ।
   - 5.2 ଆପଣ ଉପରୋକ୍ତ ଲିଙ୍କ୍ ବ୍ୟବହାର କରି ଆପଣଙ୍କର ସମସ୍ତ LIC ପଲିସୀ ପାଇଁ ରେକର୍ଡଗୁଡିକ ଅପଡେଟ୍ କରିପାରିବେ ।
   - 5.3 ଆପଣ ମଧ୍ୟ ଆପଣଙ୍କର ପଲିସୀରେ PAN ପଞ୍ଜୀକୃତ ହୋଇଛି କି ନାହିଁ ନିଗମର ୱେବସାଇଟ୍ www.licindia.in କିମ୍ବା https://linkpan.licindia.in/UIDSeedingWebApp/getPolicyPANStatus ଭିଜିଟ୍ କରି ଯାଞ୍ଚ କରିପାରିବେ ।
   - 5.4 ବୈକଳ୍ପିକ ଭାବରେ, ଆପଣ ସହାୟତା ପାଇଁ ଆପଣଙ୍କ LIC ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରିପାରିବେ ।
   - 5.5 ଯଦି ଆପଣଙ୍କୁ PAN ଆବଣ୍ଟିତ କରାଯାଇ ନାହିଁ, ଆମେ ପରାମର୍ଶ ଦେଉଛୁ ଯେ ଆପଣ ଯଥାଶୀଘ୍ର ଏଥି ପାଇଁ ଆବେଦନ କରିପାରିବେ । ଆପଣ PAN ପାଇଁ ଆବେଦନ କରିପାରିବେ, ଯେଉଁଥି ପାଇଁ https://www.incometaxindia.gov.in/Pages/tax-services/apply-for-pan.aspx ରେ ପ୍ରକ୍ରିୟା ଗୁଡ଼ିକ ଦିଆଯାଇଛି । ଥରେ ଆପଣଙ୍କ ଦ୍ୱାରା ପ୍ରାପ୍ତ ହେବାପରେ ଦୟାକରି ନିଗମ ପାଖରେ ଆପଣଙ୍କର ଥିବା ରେକର୍ଡଗୁଡିକରେ PAN ଅପଡେଟ୍ କରିବାକୁ ଭୁଲନ୍ତୁ ନାହିଁ ।
   - 5.6 DEMAT ଆକାଉଣ୍ଟ ଗୁଡ଼ିକ ସମ୍ବନ୍ଧରେ, ଯଦି ଆପଣଙ୍କ ପାଖରେ ବର୍ତ୍ତମାନ ଏକ ବୈଧ DEMAT ଆକାଉଣ୍ଟ ନାହିଁ, ତେବେ ଆପଣ ନିଜ ଇଚ୍ଛାନୁସାରେ ଏବଂ ଆପଣଙ୍କ ଖର୍ଚ୍ଚରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବାକୁ ଚିନ୍ତା କରିବା ଉଚିତ୍ ଯଦି ଥାଏ: ଏକ ଡିପୋଜିଟୋରୀ ପାର୍ଟିସିପାଣ୍ଟ (DP) ସହିତ ଯୋଗାଯୋଗ କରନ୍ତୁ ଯିଏ ଆପଣଙ୍କ ଲାଭ ପାଇଁ ଏକ DEMAT ଖାତା ଖୋଲିବାରେ ଆପଣଙ୍କୁ ସାହାଯ୍ୟ କରିପାରିବେ । DEMAT ଖାତା ଖୋଲିବା ପାଇଁ ସମ୍ପୃକ୍ତ DPକୁ ବାଛିବା ପାଇଁ ଆପଣ ନିମ୍ନଲିଖିତ ଲିଙ୍କକୁ ଅନୁସରଣ କରିପାରିବେ –
     - (i) NSDL ସହିତ ପଞ୍ଜିକୃତ DP – https://www.sebi.gov.in/sebiweb/other/OtherAction.do?doRecognisedFpi=yes&intmId=19
     - (ii) CDSL ସହିତ ପଞ୍ଜିକୃତ DP – https://www.sebi.gov.in/sebiweb/other/OtherAction.do?doRecognisedFpi=yes&intmId=18

       ଯଦି ଆପଣଙ୍କର KYC ଏକ KRA (KYC ରେଜିଷ୍ଟ୍ରେସନ୍ ଏଜେନ୍ସି) ଯାଞ୍ଚ ହୋଇନଥାଏ, ତେବେ DEMAT ଖାତା ଖୋଲିବା ପାଇଁ ଆପଣଙ୍କୁ DPକୁ ନିମ୍ନଲିଖିତ ପ୍ରମୁଖ ଦଲିଲଗୁଡ଼ିକ ପ୍ରଦାନ କରିବାକୁ ପଡିବ:
       - ସାମ୍ପ୍ରତିକ ଫଟୋଗ୍ରାଫ
       - PAN କାର୍ଡ
       - ଠିକଣା ପ୍ରମାଣ
       - କ୍ୟାନସେଲ୍ ଚେକ୍
     - (iv) ସମ୍ପୃକ୍ତ DP ସେମାନଙ୍କର ଆଭ୍ୟନ୍ତରୀଣ ଆବଶ୍ୟକତାକୁ ଆଧାର କରି କିଛି ଅଧିକ ପ୍ରଯୁଜ୍ୟ ଡକ୍ୟୁମେଣ୍ଟ ମଧ୍ୟ ମାଗିପାରେ ।
     - (v) ଯଦି ଆପଣ କୌଣସି ସାହାଯ୍ୟ ଆବଶ୍ୟକ କରନ୍ତି, ତେବେ ଆପଣ ଦୟାକରି ଏହି ବିଷୟରେ ଆପଣଙ୍କର ବ୍ୟାଙ୍କର୍ କିମ୍ବା ବ୍ରୋକର ସହିତ ଯୋଗାଯୋଗ କରିବାକୁ ବିଚାର କରିପାରିବେ ।
6. ଆମେ ପୁଣି ଥରେ ଦୋହରାଉଛୁ ଯେ ଏହି ବିଜ୍ଞପ୍ତି କିମ୍ବା ଆମର ପଲିସୀଧାରକଙ୍କୁ ଦିଆଯାଇଥିବା କୌଣସି ବି ସୂଚନା ନିଗମର ଇକ୍ୱିଟୀ ଶେୟାର୍‌ର ଅଫର୍ ନୁହେଁ ଏବଂ ୟୁନାଇଟେଡ୍ ଷ୍ଟେଟ୍‌ସରେ ଇକ୍ୱିଟୀ ଶେୟାର୍‌ର କୌଣସି ସାର୍ବଜନୀନ ଅଫର୍ ହେବ ନାହିଁ । ଅତିରିକ୍ତ ରୂପେ, ଆପଣଙ୍କୁ ନିଜେ ଡିପଜିଟୋରୀ ପାର୍ଟିସିପେଣ୍ଟ ସହିତ ସମ୍ପର୍କ କରିବାକୁ ପଡିବ ଏବଂ ଆପଣ ଆପଣଙ୍କର DEMAT ଆକାଉଣ୍ଟ ଏବଂ ଏହାର କାର୍ଯ୍ୟକଳାପ ପାଇଁ କେବଳ ସ୍ୱୟଂ ଦାୟୀ ରହିବେ ।
7. ଏହି ଯୋଗାଯୋଗ ଏକ ସାର୍ବଜନୀନ ଅଫର୍‌ରେ କିମ୍ବା ଅନ୍ୟଥା ନିଗମର ଇକ୍ୱିଟୀ ଶେୟାରର ସବସ୍କ୍ରାଇବ୍ ପାଇଁ ଏକ ଅଫର କିମ୍ବା ନିମନ୍ତ୍ରଣ ନୁହେଁ । ଏପରି ପ୍ରସ୍ତାବିତ ସାର୍ବଜନୀନ ଅଫରର ସମୟସୀମା ଏବଂ ବିବରଣୀ ବର୍ତ୍ତମାନ ଅଜ୍ଞାତ ଅଟେ । ଏହାର ଢାଞ୍ଚା (ଏକ ପ୍ରତିଯୋଗିତାମୂଳକ ଭିତ୍ତିରେ ପଲିସୀଧାରକଙ୍କ ପାଇଁ ସଂରକ୍ଷଣ ସାମିଲ କରାଯିବ କି ନାହିଁ) ଏହାର ଅଂଶଧନକାରୀ ଏବଂ ନିଗମ ଦ୍ୱାରା ଏପର୍ଯ୍ୟନ୍ତ ଅନୁମୋଦନ ହୋଇନାହିଁ । ଏପରି କୌଣସି ନିଶ୍ଚିତତା ନାହିଁ ଯେ ସମସ୍ତ ପଲିସୀଧାରକଙ୍କୁ ପ୍ରସ୍ତାବିତ ଅଫରରେ ସେମାନେ ଆବେଦନ କରିଥିବା ଯେକୌଣସି କିମ୍ବା ସମସ୍ତ ଇକ୍ୱିଟୀ ଶେୟାର ବଣ୍ଟନ କରାଯିବ ଯଦି ସେହି ସାର୍ବଜନୀନ ଅଫର୍‌ରେ ପଲିସୀଧାରକଙ୍କ ପାଇଁ ସଂରକ୍ଷଣ କରାଯାଇଥାଏ, ଯେପରି ସଂରକ୍ଷଣ ଏକ ପ୍ରତିଯୋଗିତାମୂଳକ ଭିତ୍ତିରେ ହୋଇଥାଏ । କର୍ପୋରେସନ୍ ବା ନିଗମ ଏହାର ଇକ୍ୱିଟୀ ଶେୟାରଗୁଡିକର କାର୍ଯ୍ୟଦକ୍ଷତାକୁ ଗ୍ୟାରେଣ୍ଟୀ ଦିଏ ନାହିଁ ଏବଂ ଯେକୌଣସି ପ୍ରସ୍ତାବିତ ଅଫରରେ ଆବେଦନ କରୁଥିବା ବ୍ୟକ୍ତି ଇକ୍ୱିଟୀ ଶେୟାରରେ ବିନିଯୋଗ ଏବଂ ଫଳାଫଳର ଅସ୍ଥିରତା ସହିତ ଜଡିତ ବିପଦ ବିଷୟରେ ସଚେତନ ହେବା ଉଚିତ୍ ।

**DEMAT ଆକାଉଣ୍ଟ ଖୋଲିବା ଓ ତାକୁ ଚାଲୁ ରଖିବା ଏବଂ PAN ଆବେଦନ ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ଆପଣ ନିଜେ ବହନ କରିବେ । ଏହିପରି ସମସ୍ତ ଖର୍ଚ୍ଚ କେବଳ ଆପଣଙ୍କ ଦ୍ୱାରା ବହନ କରିବାକୁ ପଡିବ । ନିଗମ ଦ୍ୱାରା କୌଣସି ଖର୍ଚ୍ଚ ବହନ କରାଯିବ ନାହିଁ ।**

**ସମସ୍ତ ଆଇନଗତ ବିଷୟ ପାଇଁ ଏହି ବିଜ୍ଞପ୍ତି ର ଇଂରାଜୀ ସଂସ୍କରଣ ପ୍ରଯୁଜ୍ୟ ହେବ।**

ଶୁଭେଚ୍ଛା,
ଟିମ୍ ଏଲ୍ଆଇସି

LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
LIC/RKS/2021-22/38/ORI
IRDAI Regn No.: 512
ପ୍ରତି କ୍ଷଣ ଆପଣଙ୍କ ସାଥିରେ







# ଭାବା ଆଣବିକ ଗବେଷଣା କେନ୍ଦ୍ରରେ କଳାହାଣ୍ଡି ଛାତ୍ର



## ଗୌରବ ଆଣିଲେ ବାବାଜୀ

**ଭବାନୀପାଟଣା,୨।୧୨(ସ୍ୱ.ପ୍ର.)**

ବଡ଼ ହେଲେ ବୈଜ୍ଞାନିକ ହେବେ ବୋଲି ସେ ପିଲାଟି ଦିନରୁ ସ୍ୱପ୍ନ ଦେଖୁଥିଲେ। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଶେଷରେ ତାଙ୍କ ସ୍ୱପ୍ନ ପୂରଣ କରିଛନ୍ତି। ଜଣେ ସଫଳ ବୈଜ୍ଞାନିକ ଭାବେ ଏବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେ ହେଲେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ କର୍ଲାକୋଟ ଗ୍ରାମର ପ୍ରତିଭାବାନ ଛାତ୍ର ବାବାଜୀ ଚରଣ ସାହୁ। ମୁମ୍ବାଇସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ର (ଆଟୋମିକ ରିସର୍ଚ୍ଚ ସେଣ୍ଟର)ରେ ସାଇଣ୍ଟିଫିକ୍ ଅଫିସର ଭାବେ ଯୋଗ୍ୟ ବିବେଚିତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କ ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

ବାପା ଚନ୍ଦ୍ରଶେଖର ସାହୁ ଓ ମା' ସୁକାନ୍ତିଙ୍କ ଏକମାତ୍ର ପୁଅ ବାବାଜୀ। ପ୍ରାଥମିକ ଶିକ୍ଷା ଗାଁରୁ ଆରମ୍ଭ କରି ତରାପୁର ଉଚ୍ଚ ବିଦ୍ୟାଳୟରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପଦାର୍ଥବିଜ୍ଞାନ ସମ୍ମାନ ପାଠ୍ୟକ୍ରମରେ ଅଧ୍ୟୟନ କରିଥିଲେ। ଉଭୟରେ ଶ୍ରେଷ୍ଠ ଛାତ୍ର ଭାବେ ପୁରସ୍କୃତ ହୋଇଥିଲେ। ସିଏସ୍ଆଇଆର ଦ୍ୱାରା ହୋଇଥିବା ପ୍ରବେଶିକା ପରୀକ୍ଷାରେ ୧୭୦ ସ୍ଥାନ ଓ ଜିଏଟିଇ ପରୀକ୍ଷାରେ ସର୍ବଭାରତରେ ୬୫ତମ ସ୍ଥାନ ଅଧିକାର କରିଥିଲେ। ଏହାପରେ ପଦାର୍ଥ ବିଜ୍ଞାନରେ ଡକ୍ଟରେଟ ଉପାଧି ହାସଲ ପାଇଁ ଆଇଆଇଟି ପାଟଣାରେ ରିସର୍ଚ୍ଚ ସ୍କୋଲାର ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଫେଲୋଶିପ ପାଇବା ପାଇଁ ମଧ୍ୟ ସେ ଯୋଗ୍ୟ ବିବେଚିତ ହୋଇଥିଲେ। ବର୍ତ୍ତମାନ ସେ ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟରରେ ସାଇଣ୍ଟିଫିକ୍ ଅଫିସର ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପଛରେ ମା'ବାପା, ଗୁରୁଜନଙ୍କ ତଥା ଗୁରୁମାନଙ୍କ ହାତ ରହିଥିବା ବାବାଜୀ ପ୍ରକାଶ କରିଛନ୍ତି।

# ସାଇକୃପାର ଆଉ ୧୯ ଛାତ୍ରୀଛାତ୍ର ପଜିଟିଭ୍

**ଢେଙ୍କାନାଳ ଅଫିସ,୨।୧୨:** ଢେଙ୍କାନାଳ ସହର କୁଞ୍ଜକାନ୍ତ ଅଞ୍ଚଳରେ ଥିବା ସାଇକୃପା ଆବାସିକ ମହାବିଦ୍ୟାଳୟର ଆଉ ୧୯ ଛାତ୍ରୀଛାତ୍ର ଗୁରୁବାର କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଏହାକୁ ମିଶାଇ ଗତ ୩ଦିନ ମଧ୍ୟରେ ମୋଟ୍ ୫୬ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବାରୁ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଓ କର୍ମଚାରୀମାନେ କଲେଜ ସହ ହେଷ୍ଟେଲକୁ ସିଲ୍ କରିଦେଇଛନ୍ତି।




# ମହାପ୍ରଭୁଙ୍କୁ ଦର୍ଶନ କଲେ ଜଲି ମୁଖାର୍ଜୀ

**ପୁରୀ ଅଫିସ, ୨।୧୨**

ବଲିଉଡ୍‌ର ବିଶିଷ୍ଟ ଗାୟକ ଜଲି ମୁଖାର୍ଜୀ ଓ ତାଙ୍କ ସହଧର୍ମିଣୀ ସନ୍ଧ୍ୟା ମୁଖାର୍ଜୀ ଗୁରୁବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଜଲି ସସ୍ତ୍ରୀକ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ସେବାୟତଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ପତିତପାବନ ବାନା ଓ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ସେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ସାରି ଭିତର ବେଢ଼ାରେ ଥିବା ଦେବଦେବୀଙ୍କ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ସେ ନିଜକୁ ଧନ୍ୟ ମନେ କରୁଛନ୍ତି ବୋଲି କହିଥିଲେ।


ବଲିଉଡ୍‌ର ବିଶିଷ୍ଟ ଗାୟକ ଜଲି ମୁଖାର୍ଜୀ ଓ ତାଙ୍କ ସହଧର୍ମିଣୀ ସନ୍ଧ୍ୟା ମୁଖାର୍ଜୀ ଗୁରୁବାର ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।







































## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୪୦,୮୯,୫୮୪ | ୫୨,୪୬,୩୧୩ | ୨୩,୮୨,୯୬,୨୭୫ |
| ଭାରତ | ୩,୪୬,୦୬,୫୪୧ | ୪,୬୯,୭୨୪ | ୩,୪୦,୩୭,୦୫୪ |
| ଓଡ଼ିଶା | ୧୦,୪୯,୫୯୭ | ୮୪୧୫(+୫୩) | ୧୦,୩୮,୯୭୧ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ମମିତା ମେହେର ହତ୍ୟାକାଣ୍ଡ ଜାମିନ ଆବେଦନ କଲେ ଗୋବିନ୍ଦ

**ବଲାଙ୍ଗୀର ଅଫିସ, ୨।୧୨**

ମମିତା ମେହେର ହତ୍ୟାକାଣ୍ଡର ଅଭିଯୁକ୍ତ ଗୋବିନ୍ଦ ସାହୁ ତାଙ୍କ ଓକିଲଙ୍କ ଜରିଆରେ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଜାମିନ ଆବେଦନ କରିଛନ୍ତି। ଉକ୍ତ ଆବେଦନକୁ ଏଡିଜେ ଗ୍ରହଣ କରିଛନ୍ତି। ଆସନ୍ତା ୬ ତାରିଖରେ ଏହା ଉପରେ ଶୁଣାଣି କରାଯିବ ବୋଲି ଜଣାପଡ଼ିଛି। ଶୁଣାଣି ପାଇଁ ଆସନ୍ତା ୬ ତାରିଖ ସୁଦ୍ଧା ଉକ୍ତ ମାମଲାର କେସ୍ ଡାଇରି ଦେବାକୁ କଣ୍ଟାବାଞ୍ଜି ଏଡିଜେ କୋର୍ଟ ପକ୍ଷରୁ ବଙ୍ଗୋମୁଣ୍ଡା ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରଣୀ ଗ୍ରାମର ସୁଚନ୍ଦ୍ର ମେହେରଙ୍କ ଝିଅ ମମିତା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲରେ ଅଧକ୍ଷା ଭାବେ କାର୍ଯ୍ୟ କରୁଥିଲେ। ଗତ ଅକ୍ଟୋବର ୮ରେ ମମିତା ମହାଲିଙ୍ଗ ଅଭିମୁଖେ ଯାଇ ନିଖୋଜ ହୋଇଯାଇଥିଲେ। ପରେ ଉକ୍ତ ଘରୋଇ ସ୍କୁଲ ମାଲିକ ଗୋବିନ୍ଦ ସାହୁ ମମିତାଙ୍କୁ ଅପହରଣ କରି ହତ୍ୟା କରିଥିବା ଜଣାପଡ଼ିଥିଲା। ଅକ୍ଟୋବର ୧୯ରେ ଗୋବିନ୍ଦଙ୍କୁ ପୋଲିସ ଗିରଫ କରିଥିଲା। ସେହିଦିନରୁ ଅଭିଯୁକ୍ତ ଗୋବିନ୍ଦ ଓ ସହଅଭିଯୁକ୍ତ ରାଧେଶ୍ୟାମ ଚଣ୍ଡି ଓରଫ୍ ରାଧେଙ୍କୁ କଣ୍ଟାବାଞ୍ଜି ଉପକାରାଗାରରେ ବିଚାର ବିଭାଗୀୟ ହାଜତରେ ରଖାଯାଇଛି।

# 'ସରକାରୀ କାର୍ଯ୍ୟ କରିବାକୁ ସ୍ୱୀକୃତି ମିଳୁ'

**ଭୁବନେଶ୍ୱର,୨।୧୨(ବ୍ୟୁରୋ)**



ଭୁବନେଶ୍ୱର ପିଏମ୍‌ଜିଠାରେ ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷୟିତ୍ରୀମାନେ ମାଣବସା ପୂଜା କରୁଛନ୍ତି।

ସରକାରୀ ଅନୁଦାନ ପ୍ରଦାନ, ପୂର୍ଣ୍ଣ ଚାକିରି ସର୍ତ୍ତାବଳୀ ଲାଗୁ ସହ କେତେକ ଦାବି ନେଇ ବିଧାନସଭା ସମ୍ମୁଖରେ ଗତ ୨୯ ତାରିଖରୁ ରାଲି ସହିତ ଅହୋରାତ୍ର ଧାରଣାରେ ବସିଛନ୍ତି ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ। ଗୁରୁବାର ଧାରଣାସ୍ଥଳରେ ଅଧାପିକା ଓ ମହିଳା କର୍ମଚାରୀମାନେ ମାଣ ବସାଇ ଅଭିନବ ପ୍ରତିବାଦ କରିଛନ୍ତି। ୨୦୦୮ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ମଧ୍ୟରେ ନିଯୁକ୍ତି ପାଇଥିବା ୧୦୦୦ରୁ ଊର୍ଦ୍ଧ୍ୱ ଅଧାପକ ଓ କର୍ମଚାରୀ ଧାରଣାରେ ସାମିଲ ହୋଇଛନ୍ତି।

ବେସରକାରୀ ଅନୁଦାନ ଏବଂ ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଶିକ୍ଷକ ଓ ଅଣଶିକ୍ଷକ (+୨ ଏବଂ +୩) କର୍ମଚାରୀ ସଂଘ ସଭାପତି ସଭାପତି ଡ. ଦେବବିଜୟ ମିଶ୍ର ଓ ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ପ୍ରାୟ ୩ହଜାର ଅଧାପକ, ଅଧାପିକା ଓ ଅଣ ଶିକ୍ଷକ କର୍ମଚାରୀ ସ୍ୱଳ୍ପ ବେତନରେ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ୭ ଘଣ୍ଟାର ବାୟୋମେଟ୍ରିକ୍ ଦେଉଛନ୍ତି। ସରକାରୀ କାର୍ଯ୍ୟ ପରୀକ୍ଷା ପରିଚାଳନା, ଖାତା ମୂଲ୍ୟାୟନ, ରେଡ୍‌କ୍ରସ୍, ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ନିର୍ବାଚନ କାମରେ ନିୟୋଜିତ ହୋଇଥିଲେ ମଧ ସେମାନେ ଏଯାଏ ସରକାରୀ ସ୍ୱୀକୃତିର ଅଂଶୀଦାର ହୋଇନାହାନ୍ତି। ଦରମା ୩ହଜାର ଟଙ୍କା ମଧ୍ୟରେ ସୀମିତ ରଖାଯାଉଛି। ବହୁ ଚେଷ୍ଟା

### ମାଣବସାଇ ଧାରଣା ଦେଲେ ଅଧାପକ

ପରେ ୨୦୧୮ ସେପ୍ଟେମ୍ବର ୨୦ରେ ସଂଘ ସହିତ ଆଲୋଚନା କରାଯାଇଥିଲା। ୨୭୫୦ଜଣ କର୍ମଚାରୀଙ୍କ ପାଇଁ ୧ କୋଟି ୪୨ ଲକ୍ଷ ୧୬ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ୩ବର୍ଷ ବିତିଯାଇଥିଲେ ବି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଚାକିରି ସର୍ତ୍ତାବଳୀ ସହିତ ପୂର୍ଣ୍ଣ ଅନୁଦାନ ପାଇଁ ଦୀର୍ଘଦିନ ହେବ ଦାବି କରି ଆସୁଥିଲେ ମଧ କିଛି ସୁଫଳ ନ ମିଳିବାରୁ ସମ୍ପୃକ୍ତ ଶିକ୍ଷକ ଓ ଅଣଶିକ୍ଷକମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ସଭାପତି ମିଶ୍ର କହିଛନ୍ତି।

## ପୁରୀରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପାଇଁ ରାଜ୍ୟରୁ ପ୍ରସ୍ତାବ ନାହିଁ: କେନ୍ଦ୍ର

**ନୂଆଦିଲ୍ଲୀ, ୨।୧୨**

ପୁରୀରେ ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ପାଇ ନ ଥିବା କେନ୍ଦ୍ର ସରକାର ଗୁରୁବାର କହିଛନ୍ତି। ଲୋକ ସଭାରେ ବିଜେଡି ଏମ୍‌ପି ପିନାକୀ ମିଶ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଉପରୋକ୍ତ ସୂଚନା ଦେଇଛି। ମନ୍ତ୍ରଣାଳୟ କହିବା ଅନୁଯାୟୀ ଓଡ଼ିଶା ସରକାରଙ୍କ ଅନୁରୋଧକ୍ରମେ ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ)ର ଏକ ଟିମ୍ ଗତ ଜୁନ୍‌ରେ ପୁରୀ ପରିଦର୍ଶନ କରି ଗ୍ରୀନ୍‌ଫିଲ୍ଡ ବିମାନବନ୍ଦର ସ୍ଥାପନ ଲାଗି ରାଜ୍ୟ ଚିହ୍ନଟ କରିଥିବା ଜାଗା ଅନୁଧ୍ୟାନ କରିଥିଲା। ଟିମ୍ ଦାଖଲ କରିଥିବା ରିପୋର୍ଟକୁ ଅଗଷ୍ଟରେ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଥିଲା। ଏହା ପରେ ରାଜ୍ୟ ପକ୍ଷରୁ ଏପର୍ଯ୍ୟନ୍ତ ବିମାନବନ୍ଦର ନିର୍ମାଣ ଲାଗି କୌଣସି ପ୍ରସ୍ତାବ ଆସିନାହିଁ।

## ଆଜିଠୁ ଭୁବନେଶ୍ୱରରେ ଗୁଡ୍ ଗଭର୍ନାନ୍ସ ଉପରେ ସମ୍ମିଳନୀ

**ନୂଆଦିଲ୍ଲୀ, ୨।୧୨**

କେନ୍ଦ୍ରର ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ (ଡିଏଆର୍‌ପିଜି) ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟ ପକ୍ଷରୁ 'ରେପ୍ଲିକେଶନ ଅଫ୍ ଗୁଡ୍ ଗଭର୍ନାନ୍ସ ପ୍ରାକ୍ଟିସ୍' ବିଷୟବସ୍ତୁ ଉପରେ ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀର ଆୟୋଜନ କରାଯିବ। ଏହା ସେମିଭର୍ଚୁଆଲ ମୋଡ୍‌ରେ ଭୁବନେଶ୍ୱରରେ ଶୁକ୍ରବାର ଆରମ୍ଭ ହୋଇ ଶନିବାର ଶେଷ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କାର୍ମିକ, ସାଧାରଣ ଅଭିଯୋଗ, ପେନ୍‌ସନ, ବିଜ୍ଞାନ, ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଯୋଗ ଦେବେ। ଜାତୀୟ ଓ ରାଜ୍ୟସ୍ତରୀୟ ସରକାରୀ ପ୍ରଶାସନିକ ସଙ୍ଗଠନଗୁଡ଼ିକୁ ଗୋଟିଏ ମଞ୍ଚକୁ ଆଣି ପ୍ରଶାସନିକ ଅଭିଜ୍ଞତା ଓ ନୂଆ କାର୍ଯ୍ୟଧାରା ବାଣ୍ଟିବା, ଜୀବନ ମାନ ବଢ଼ାଇବା ଦିଗରେ ସୃଷ୍ଟି ଅସୁବିଧାକୁ ଦୂର କରିବା, ଇ-ଗଭର୍ନାନ୍ସ ଏବଂ ଡିଜିଟାଲ ଗଭର୍ନାନ୍ସକୁ ମଜଭୁତ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ରାଜ୍ୟର ଜିଲାପାଳ/ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜ ମତ ରଖିବେ।




## ସାତକୋଶିଆ ଗଣ୍ଡରେ ଛଡ଼ାଗଲା ୪ ଘଡ଼ିଆଳ କୁମ୍ଭୀର

**ଗଣିଆ/ବନ୍ତଲା,୨।୧୨(ଡି.ଏନ୍.ଏ.)**– ମହାନଦୀର ସାତକୋଶିଆ ଗଣ୍ଡରେ ଘଡିଆଳ କୁମ୍ଭୀରଙ୍କ ବଂଶବୃଦ୍ଧି ପାଇଁ ବନ୍ୟପ୍ରାଣୀ ବିଭାଗ ତରଫରୁ ଉଦ୍ୟମ ଜାରି ରହିଛି । ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଅର୍ଥାତ୍ ଗୁରୁବାର ନନ୍ଦନକାନନ ପ୍ରାଣୀଉଦ୍ୟାନରୁ ଅଣାଯାଇଥିବା ୪ ଘଡିଆଳ କୁମ୍ଭୀରକୁ ବୌଦ୍ଧ ଜିଲା କୁଶଙ୍ଗ ବନାଞ୍ଚଳଅଧୀନଶୀତଳପାଣିଫରେଷ୍ଟସେକ୍ସନରମହାନଦୀରସୁନାଖଣିଆଠାରେ ଛଡାଯାଇଛି । ଛଡାଯାଇଥିବା ଏହି କୁମ୍ଭୀରମାନଙ୍କ ମଧ୍ୟରେ ୩ଟି ମାଈ ଓ ଗୋଟିଏ ଅଣ୍ଡିରା ଘଡିଆଳ ପ୍ରଜାତିର କୁମ୍ଭୀର ରହିଛି। ବିଶେଷକରି ସାତକୋଶିଆ ଗଣ୍ଡ ଅଞ୍ଚଳରେ ମଗର ପ୍ରଜାତିର କୁମ୍ଭୀର ଦେଖାଯାଇଥାଏ। ଘଡିଆଳ ପ୍ରଜାତିର କୁମ୍ଭୀର ସଂଖ୍ୟା କମ୍ ରହିଛି। ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଅକ୍ଷୟ କୁମାର ପଟ୍ଟନାୟକ, ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ସମୀର କୁମାର ଶତପଥୀ, ନନ୍ଦନକାନନର ପ୍ରାଣୀ ବିଶେଷଜ୍ଞ ସୁଦର୍ଶନ ମହାରଣା , ରାଜେଶ କୁମାର ପଟ୍ଟନାୟକ, କୁଶଙ୍ଗ ବନାଞ୍ଚଳ ଅଧିକାରୀ ସଂସାରୀ ବର୍ଡ଼ିଆଙ୍କ ସମେତ ବନ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

ଧରିତ୍ରୀ DHARITRI
Wants aggressive and result oriented
**MARKETING EXECUTIVES**
- Fluency in Odia and English essential minimum 2 years experience in sales/ marketing.

Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

## ଡିବିଟିରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**


ଅରୁଣ ସାହୁ

### କୃଷି କ୍ଷେତ୍ର ପ୍ରଦର୍ଶନ ସମୀକ୍ଷା ବୈଠକ

କୃଷି କ୍ଷେତ୍ର ପ୍ରଦର୍ଶନର ରୂପାୟନ ସମ୍ପର୍କିତ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରି ୫-'ଟି' ମାଧ୍ୟମରେ କର୍ମକ୍ଷେତ୍ରରେ ସ୍ୱଚ୍ଛତା ଓ କର୍ମଚାରୀଙ୍କ ଦକ୍ଷତା ଉପରେ ଗୁରୁତ୍ୱାରୋପ କରିବା ସହ ଏହାର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି, ସ୍ୱଚ୍ଛତାକୁ ବିଭାଗୀୟ କାର୍ଯ୍ୟକ୍ରମରେ ପ୍ରତିଫଳିତ କରିବା ନିମନ୍ତେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ସମସ୍ତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ଆବଶ୍ୟକ କୃଷି ସହାୟତା ଯୋଗାଇବା ପଦ୍ଧତିକୁ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତରଣ (ଡିବିଟି) ଅନ୍ତର୍ଭୁକ୍ତ କରାଯାଇଛି। ଡିବିଟି ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ୍ ଜମାଖାତାକୁ ସିଧାସଳଖ ରିହାତି ଅର୍ଥ ପ୍ରଦାନ କରାଯାଉଛି। ଏପରି ବ୍ୟବସ୍ଥାରେ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମର କାର୍ଯ୍ୟଶୈଳୀ ଉତ୍ସାହଜନକ ନୁହେଁ। ଏଥିରେ ସୁଧାର ତଥା ଅଧିକ ଅଗ୍ରଗତି ନିମନ୍ତେ ପଦାଧିକାରୀଙ୍କୁ ମନ୍ତ୍ରୀ ସାହୁ ତାଗିଦ୍ କରିବା ସହ ଆସନ୍ତା ୧୭ ତାରିଖରେ ଅନ୍ୟଏକ ସମୀକ୍ଷା ବୈଠକ ଆୟୋଜନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡିବିଟିରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ଉତ୍ସାହଜନକ କାର୍ଯ୍ୟଶୈଳୀ ପ୍ରଦର୍ଶନ କରୁଥିବା ଅଧିକାରୀଙ୍କୁ ପୁରସ୍କୃତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଡିବିଟିରେ ଅନ୍ତର୍ଭୁକ୍ତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ଉପରେ ମତ ରଖି ଏଥିରେ ଅଧିକ ନିଷ୍ଠା ଓ ଆନ୍ତରିକତା ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେଇଥିଲେ। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସମସ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ, କୃଷି ଜିଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ଯୋଗଦେଇଥିଲେ। ବୈଠକରେ ମଧ ରାଜ୍ୟ ଯୋଜନା ଓ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯାଇଥିବାବେଳେ କ୍ଷେତ୍ରୀୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର ଧନ୍ୟବାଦ ଦେଇଥିଲେ।

## ବେଦାଙ୍ଗଦାସ ମହାନ୍ତିଙ୍କୁ 'ଇନ୍‌ଫୋସିସ୍ ପ୍ରାଇଜ୍'

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**



ବିଜ୍ଞାନ ଓ ଅନୁସନ୍ଧାନ କ୍ଷେତ୍ରରେ ଇନ୍‌ଫୋସିସ୍ ସାଇନ୍ସ ଫାଉଣ୍ଡେଶନ (ଆଇଏସ୍‌ଏଫ୍) ପକ୍ଷରୁ ଗୁରୁବାର ଇନ୍‌ଫୋସିସ୍ ପ୍ରାଇଜ୍-୨୦୨୧ ଘୋଷଣା କରାଯାଇଛି। ଇଞ୍ଜିନିୟରିଂ ଓ କମ୍ପ୍ୟୁଟର ସାଇନ୍ସ, ହ୍ୟୁମାନିଟିଜ୍, ଲାଇଫ୍ ସାଇନ୍ସ, ମାଥ୍‌ମେଟିକାଲ ସାଇନ୍ସ, ଫିଜିକାଲ ସାଇନ୍ସ ଓ ସୋସିଆଲ ସାଇନ୍ସରେ ବେଦାଙ୍ଗଦାସ ମହାନ୍ତି ଉତ୍ସର୍ଗୀକୃତ ଅବଦାନ ପାଇଁ ୬ଜଣଙ୍କୁ ପୁରସ୍କୃତ କରାଯାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଅଛନ୍ତି। ଭୁବନେଶ୍ୱରର ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚର ପ୍ରଫେସର ବେଦାଙ୍ଗଦାସଙ୍କୁ ପରମାଣୁ ଶକ୍ତି ଉପରେ ଅନୁସନ୍ଧାନ ତଥା ଫିଜିକାଲ ସାଇନ୍ସରେ ଉତ୍ସର୍ଗୀକୃତ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। ସୂଚନାଯୋଗ୍ୟ, ଭେଲୋରସ୍ଥିତ ଖ୍ରୀଷ୍ଟିଆନ ମେଡିକାଲ କଲେଜ ପ୍ରଫେସର ଗଗନଦୀପ୍ କାଙ୍ଗ୍ ବିଜେତାମାନଙ୍କୁ ପୁରସ୍କାର କରିଥିଲେ। ପୁରସ୍କାର ବାବଦରେ ସ୍ୱର୍ଣ୍ଣ ପଦକ, ପ୍ରମାଣପତ୍ର ଓ ୧ ଲକ୍ଷ ଡଲାର ପ୍ରଦାନ କରାଯାଇଥିଲା।

# ଓଡ଼ିଶାକୁ ଆବଣ୍ଟନଠାରୁ ଅନୁଦାନ କମ୍

**ବଲାଙ୍ଗୀର ଅଫିସ, ୨।୧୨**

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଣ୍ଠି

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ରାଜ୍ୟଗୁଡ଼ିକୁ ଅର୍ଥ ଆବଣ୍ଟନ ଓ ଅର୍ଥ ପ୍ରଦାନ ତଥ୍ୟକୁ ଅନୁଧ୍ୟାନ କଲେ କେନ୍ଦ୍ର ସରକାରଙ୍କ ରାଜନୈତିକ ଅଭିସନ୍ଧି ଜଳଜଳ ହୋଇ ଦିଶୁଛି। ଓଡ଼ିଶାକୁ ୫ ବର୍ଷରେ ଆବଣ୍ଟନ ଅନୁପାତ ତୁଳନାରେ ଅନୁଦାନ ରାଶି କମ୍ ରହିଛି। ଦେଶବ୍ୟାପୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ସ୍ଥିତି ଓ ପରିବୃଦ୍ଧି ସମ୍ବନ୍ଧରେ ସୂଚନା ଅଧିକାର ଆଇନ ବଳରେ କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ମଗାଯାଇଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି।

ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଧାନମନ୍ତ୍ରୀ ଆବାସ(ଗ୍ରାମୀଣ) ଯୋଜନା ସମ୍ବନ୍ଧୀୟ ତଥ୍ୟ ମାଗିଥିଲେ। ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ଗତ ୫ ବର୍ଷରେ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୨୪ ହଜାର ୫୧୫ କୋଟି ୪୧ ଲକ୍ଷ ୩୧ ହଜାର ୨୬୦ ଟଙ୍କା ଆବଣ୍ଟନ କରାଯାଇଥିଲା। ଏଥିରୁ ରିଲିଜ କରାଯାଇଥିବା ଅର୍ଥର ପରିମାଣ ମାତ୍ର ୧୩ ହଜାର ୫୬୦ କୋଟି ୭୩ ଲକ୍ଷ ୪୪ ହଜାର ୯ ଶହ ଟଙ୍କା । ଏଥିରୁ ରାଜ୍ୟକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କେନ୍ଦ୍ର ସରକାର ଅବହେଳା କରୁଥିବା ସ୍ପଷ୍ଟ ହୋଇଛି ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି। ୨୦୧୭-୨୦୧୮ ଓ ୨୦୧୮-୨୦୧୯ ମସିହାରେ ଆବଣ୍ଟନ ତୁଳନାରେ ଓଡ଼ିଶାକୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ୨୦୧୭-୨୦୧୮ ମସିହାରେ ୨ ହଜାର ୬୯୧ କୋଟି ୬୪ ଲକ୍ଷ ୩ହଜାର ୧୩୦ଟଙ୍କା ଓ ୨୦୧୮-୨୦୧୯ରେ ୨ ହଜାର ୨୩ କୋଟି ୩୫ ଲକ୍ଷ ୬ ହଜାର ୨୫୦ ଟଙ୍କା ଆବଣ୍ଟନ କରଯାଇଥିବାବେଳେ ଯଥାକ୍ରମେ ୩ ହଜାର ୧୨୪ କୋଟି ୫ଲକ୍ଷ ୯୦ ହଜାର ୩ ଶହ ଟଙ୍କା ଓ ୩ ହଜାର ୨୯୦ କୋଟି ୩୨ ଲକ୍ଷ ୪୨ ହଜାର ୭ ଶହ ଟଙ୍କା ରିଲିଜ କରାଯାଇଛି। ଓଡ଼ିଶା ବିଧାନସଭା ନିର୍ବାଚନ ହୋଇଥିବା ଆର୍ଥିକ ବର୍ଷ ଓ ପୂର୍ବବର୍ଷରେ ତଥା ୨୦୧୭-୨୦୧୮ ଓ ୨୦୧୮-୨୦୧୯ ବର୍ଷରେ ରାଜ୍ୟ ପାଇଁ ଆବଣ୍ଟିତ ପରିମାଣଠାରୁ ସର୍ବାଧିକ ଅର୍ଥ ରିଲିଜ କରାଯାଇଥିବା ତଥ୍ୟରୁ ଜଣାପଡିଛି । ଏହି ଦୁଇବର୍ଷ ବ୍ୟତୀତ ଅନ୍ୟ ବର୍ଷଗୁଡ଼ିକରେ ଅର୍ଥ ଆବଣ୍ଟନ ତୁଳନାରେ କମ୍ ଅର୍ଥ ପ୍ରଦାନ କରାଯାଇଛି। ଠିକ୍ ସେହିପରି ପଶ୍ଚିମବଙ୍ଗ ରାଜ୍ୟ ପାଇଁ ମଧ ୨୦୨୦-୨୦୨୧ ମସିହାରେ ଆବଣ୍ଟିତ ଅର୍ଥ ରାଶି ପରିମାଣଠାରୁ ଅଧିକ ଅର୍ଥ ପ୍ରଦାନ କରାଯାଇଛି। ଚଳିତବର୍ଷ ପଶ୍ଚିମବଙ୍ଗରେ ନିର୍ବାଚନ ହୋଇଛି। ରାଜନୈତିକ ସ୍ୱାର୍ଥକୁ ଆଧାର କରି ଗରିବଙ୍କ ସହାୟତା ପାଇଁ ଉଦ୍ଦିଷ୍ଟ ଯୋଜନାରେ କେନ୍ଦ୍ର ସରକାର ଅର୍ଥ ପ୍ରଦାନ କରିବା ଏକ ମାରାତ୍ମକ ଘଟଣା ବୋଲି ସେ କହିଛନ୍ତି । ଏହାକୁ ନେଇ ସୂଚନା ଅଧିକାର କର୍ମୀ ପଣ୍ଡା ପ୍ରଧାନମନ୍ତ୍ରୀଙ୍କଠାରେ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।




**PARAMEDICS & ALLIED HEALTH COURSES:** B.Sc (MLT | MRT | Clinical Microbiology | Emergency Medicine Tech Operation Theatre Tech | Anesthesia | Physiotherapy | Optometry | Forensic Science) | M.Sc (MLT | Optometry | Applied & Clinical Microbiology | Forensic Science | Cyber Security & Digital Forensic | Pharma in Industrial Pharmacy | Genomics Geoinformatics | Pharma in Pharmaceutics | Nutraceuticals | Botany | Zoology) | Pharmacy (B.Pharm | D.Pharm)

**B.TECH COURSES:** Aerospace | Mining | CSE (ML & Data Science, Cloud Tech, Cyber Security, Software Tech, AR/VR, Gaming) | Mechanical (Digital Manufacturing, Automotive Design, Welding & Inspection, Conventional Machining & CNC, Automobile, Computational Fluid Dynamics) | Civil (Smart City, Aerial Survey or Geo-Spatial Survey) Electrical & Electronics (Industrial Automation, Electrical Grid System & Transformer, Embedded System, Renewable Energy Applications) | ECE (Embedded Systems & IOT, Communication Systems, VLSI) | Dairy Technology (Food & Diary Processing) | Agriculture (Smart Machinery, Food Processing, Soil & Vertical Agriculture) | Biotechnology Phytopharmaceuticals (Nutraceuticals)

**B.SC COURSES:** Agriculture (Smart Ag, Vertical Ag, Organic Ag, Phytopharma, Food Processing) | Fishery Sciences (Aquaculture) | Physics (Laser & New Materials) | Botany (Genetics & Genomics, Nutraceuticals, Smart Ag, Food Processing) | Zoology (Aquaculture)

**OTHER COURSES:** Diploma | BBA | B.Com | BA (Digital Arts) | MBA (Marketing | HR | Finance | Digital Marketing Data Analytics | Agri Business Management | Rural & Urban Development Management) | M.Sc Ag | M.Tech (Power System and Control | Structural | Transportation | Data Science & ML) | M.Phil | Ph.D

CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA

**ଆଜିର ମନ୍ତବ୍ୟ**

"ଗୃହରେ ଅଗଣତାନ୍ତ୍ରିକ ବ୍ୟବହାରକୁ ତିରସ୍କାର କଲେ ତାକୁ ଅଗଣତାନ୍ତ୍ରିକ କହି ନିନ୍ଦା କରାଯାଇପାରିବ ନାହିଁ।

– ଏମ୍.ଭେଙ୍କାୟା ନାଇଡୁ, ରାଜ୍ୟ ସଭା ଅଧ୍ୟକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ହୋଇ ଯେବେ ନ ଥାଏ ବାସ**
**ଫୁଲାଣିଆ ଯେବେ ହୁଏ ନରେଶ**
**ଫନ୍ଦା କରି ଯେବେ କରିବ ହେଳା**
**କହେ ଦନାଇ ଏ ବୁଡିବ ଭେଳା।**

ବାସହୀନ ଫୁଲଟି ସାଧାରଣତଃ ମନକୁ ଆକୃଷ୍ଟ ବା ସନ୍ତୁଷ୍ଟ କରିପାରି ନ ଥାଏ। ରାଜା ଯଦି ଫୁଲାଣିଆ ବା ରସିକିଆ ହୁଏ ସେ ରାଜ୍ୟ ଶାସନକୁ ଅଯୋଗ୍ୟ ବୋଲି ବିବେଚିତ ହୋଇଥାଏ। ଠିକ୍ ସେହିଭଳି ଫନ୍ଦା କରିବାକୁ ଯଦି ହେଳା କରାଯାଏ ତେବେ ସଫଳତା ମିଳିପାରି ନ ଥାଏ। ଏହାହିଁ ଶାସ୍ତ୍ରସିଦ୍ଧ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**


# classifieds

**Everyday**
**0674-2580101, 2549302**




**HIRE**

JCB Machine Excavators 38T, 22T,20T,12T,10T,8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email- kttbbsr@gmail.com. D-22404




**SALE**

**Residential gharabari plot near English Medium School, Brahmanjharilo with boundarywall 7km. from Nakhara, Cuttack and 12km. to BBSR. Contact No.- 7809525452.** D-71825

Bhubaneswar ବରମୁଣ୍ଡାରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ 2400 ବର୍ଗଫୁଟକୁ 15,60,000/- (୨୦ଟା ପ୍ଲଟ୍ ବିକ୍ରିହେବ)। 9938016295. D-71745

**Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668.** D-71747

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

**ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952.** D-71746

6BHK duplex 52,00,000/- finishing Hanspal, ready to move simplex 34,00,000/- : 9668194157. D-70978

**Bhubaneswar, Patia, Bigbazar 2.5.k.m.distance 1200sqft. 8,40,000/-. Conatct: 8328864710.** D-71740

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

**2400sqft. (40x60) G.A. plot for sale at Bharatpur. Price 1.20cr, only genuine buyer can contact at 7978627900 (No agent).** D-71512

Bhubaneswar, ନଖରା, ତ୍ରିନାଥବଜାରରେ, ପ୍ରତାପନଗରୀରେ ପିଚୁରୋଡ୍‌କୁ ଲାଗି sqft.-499/-ରେ ପ୍ଲଟ୍ ଦିଆଯାଉଛି। 9776121547. D-22297

**Bhubaneswar infocity-2 200ft. road side near Cancer Hospital ପାଖରେ yellowzone ପ୍ଲଟ୍ ମିଳୁଛି। 9337284117.** D-71741

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

**ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542.** D-71742

**PURCHASE**

**ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। Only owners to Contact: 7978991126.** D-71826




**To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040.** D-22211




Refreshing your mind and body with the best therapy. 7873794731. D-71913

Newly open SPA positively health benefit with expert. Contact: 7749976301. D-71914

One hour any therapy by expert therapist @800 only. 9078484455. D-71443

Newly open full body massage ladies and gents. 8327740003. D-71824

Newly open SPA Offer Price @ 699/-, positively health benefits. 7846814019. D-71444

Newly open SPA Offer Price @ 599/-, positively health benefits. 8455987557. D-71445

**LOST**

ମୁଁ ଗୋକୁଳାନନ୍ଦ ଶବର, ପିତା- ଗଜେନ୍ଦ୍ର ଶବର ଲେଖି ଜଣାଉଛି କି ମୋର ମାଟ୍ରିକ ସାର୍ଟିଫିକେଟ୍ ହଜିଯାଇଛି। ରୋଲ ନମ୍ବର- 15PH102. Year of passing-2010. D-22446

**AFFIDAVIT**

By virtue of an affidavit dated 17.11.2021, I have changed my name from Pranayita Rana Mohapatra to Pranayita Dash. Hence, PRANAYITA RANA MOHAPATRA and PRANAYITA DASH are same and one person for all purposes. D-22447

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଭାରତରେ...

ରିପୋର୍ଟ ପଜିଟିଭ୍ ଆସିବା ପରେ ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା, ଯେଉଁଥିରୁ ସେ ଓମିକ୍ରନ୍ ଦ୍ୱାରା ଆକ୍ରାନ୍ତ ବୋଲି ଜଣାପଡ଼ିଛି। ଦକ୍ଷିଣ ଆଫ୍ରିକାରୁ ଆସିଥିବା ୬୬ ବର୍ଷୀୟ ଯାତ୍ରୀଙ୍କଠାରେ ୨୦ ତାରିଖରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲା। ଜିନୋମ୍ ସିକ୍ୱେନ୍ସିଂ ପରେ ସେ ଓମିକ୍ରନ୍‌ରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିବା ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ମୁଖ୍ୟ ଡ. ବଳରାମ ଭାର୍ଗବ କହିଛନ୍ତି। ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ୫ ଜଣଙ୍କ ଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛି। ଚିହ୍ନଟ ୨ ସଂକ୍ରମିତଙ୍କଠାରେ ଓମିକ୍ରନ୍‌ର ସାଧାରଣ ଲକ୍ଷଣ ଦେଖାଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ୍ ଅଗ୍ରୱାଲ କହିଛନ୍ତି। ଦକ୍ଷିଣ ଆଫ୍ରିକାରୁ ଆସିଥିବା ବ୍ୟକ୍ତି ଜଣକ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହେବା ପୂର୍ବରୁ ଗତ ୨୭ ତାରିଖରେ ୟୁଏଇ ପଳାଇଯାଇଛନ୍ତି। ୨୦ରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବାର ୭ ଦିନ ପରେ ସେ ଏକ ଘରୋଇ ଲାବ୍‌ରୁ ନେଭେଟିଭ୍ ରିପୋର୍ଟ ଦାଖଲ କରି ବିମାନ ଯୋଗେ ଦୁବାଇ ଚାଲିଯାଇଥିଲେ।

ବର୍ତ୍ତମାନ ସୁଦ୍ଧା ୨୯ ଦେଶରେ ମୋଟ ୩୭୩ ଓମିକ୍ରନ୍ ମାମଲା ଚିହ୍ନଟ ହେଲାଣି। ସଂକ୍ରମଣ ସ୍ଥିତି ଉପରେ ଭାରତ କଡ଼ା ନଜର ରଖିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଜନସାଧାରଣ ଭୟଭୀତ ନ ହୋଇ କୋଭିଡ୍-୧୯ ସତର୍କତା ନିୟମାବଳୀ ପାଳନ କରିବା ସହ ତୁରନ୍ତ ଟିକା ନେବା ପାଇଁ ପରାମର୍ଶ ଦିଆଯାଇଛି। ଡେଲ୍ଟା ତଥା ଅନ୍ୟ ଭାରିଆଣ୍ଟଠାରୁ ଓମିକ୍ରନ୍ ଅଧିକ ଗୁରୁତର ସଂକ୍ରମଣ କରିବ କି ବୋଲି ପ୍ରଶ୍ନର ଉତ୍ତରରେ ଅଗ୍ରୱାଲ କହିଥିଲେ, ନୂଆ ଭାରିଆଣ୍ଟ ଚିନ୍ତାଜନକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କହିସାରିଛି। ଗତ ସପ୍ତାହରେ ବିଶ୍ୱ କୋଭିଡ୍ ସଂକ୍ରମଣର ମାତ୍ର ୩.୧ ପ୍ରତିଶତ ଭାରତ ସମେତ ଦକ୍ଷିଣ-ପୂର୍ବ ଏସିଆରେ ଚିହ୍ନଟ ହୋଇଛି। ବର୍ତ୍ତମାନ ସୁଦ୍ଧା ଭାରତର ୮୪.୩ ପ୍ରତିଶତ ସାବାଳକ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଏବଂ ୪୯ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇଛନ୍ତି। କେରଳ ଏବଂ ମହାରାଷ୍ଟ୍ରରେ ସକ୍ରିୟ ମାମଲା ସଂଖ୍ୟା ୧୦,୦୦୦ରୁ ଅଧିକ ରହିଛି। ଅନ୍ୟ ୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସକ୍ରିୟ ମାମଲା ସଂଖ୍ୟା ୧,୦୦୦ରୁ ୧୦,୦୦୦ ମଧ୍ୟରେ ରହିଛି।

ନୂଆ ଭାରିଆଣ୍ଟ ଓମିକ୍ରନ୍ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଥିବାବେଳେ ସଂକ୍ରମଣ ରୋକିବା ଲାଗି ବିଭିନ୍ନ ଦେଶ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। କଣ୍ଟେନ୍‌ମେଣ୍ଟ କଟକଣାକୁ କଡ଼ାକଡ଼ି କରିବା ସହ ସଂକ୍ରମିତ ଦେଶରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖାଯାଇଛି। ସେମାନଙ୍କର କୋଭିଡ୍ ପରୀକ୍ଷା ଏବଂ ଜିନୋମ ସିକ୍ୱେନ୍ସିଂ କରାଇବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଅଧିକରୁ ଅଧିକ ଲୋକଙ୍କୁ ଟିକାକରଣରେ ସାମିଲ କରିବା ଲାଗି କୁହାଯାଇଛି। ଏଥିସହିତ ଜନସାଧାରଣ ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା କରିବା ଆଦି କୋଭିଡ୍ ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରବିବାର ସମସ୍ତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ସଂକ୍ରମଣର ହଟ୍‌ସ୍ପଟ୍ ଉପରେ ନଜର ରଖିବା, ଆବଦ୍ଧାଞ୍ଚଳ କଟକଣାକୁ ଜୋର୍‌ଦାର କରିବା, ପରୀକ୍ଷା ବଢ଼ାଇବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ବଢ଼ାଇବାକୁ କହିଥିଲେ। ଡିସେମ୍ବର ୧୫ରୁ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବାକୁ ଥିବାବେଳେ ଓମିକ୍ରନ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି।

## ସଂକ୍ରମିତ ଦେଶରୁ...

ବାହାରିଲେ, ତେବେ କିଛି ନିର୍ଦ୍ଦିଷ୍ଟ ମେଡିକାଲରେ ବ୍ୟବସ୍ଥା କରିବାକୁ ବନ୍ଦୋବସ୍ତ ଚାଲିଛି। କାରଣ ଏମାନେ ଅନ୍ୟ କୋଭିଡ୍ ରୋଗୀଙ୍କଠାରୁ ଅଲଗା ହୋଇ ଚିକିତ୍ସିତ ହେବେ। ଏବେଠାରୁ ସର୍ଭିଲାନ୍ସ ଆହୁରି ବଢ଼ିବ। ବିଶେଷକରି ବିଦେଶ ଫେରନ୍ତାଙ୍କ ଉପରେ ଆମେ ତୀକ୍ଷ୍ଣ ନଜର ରଖୁଛୁ ବୋଲି ଡା. ମିଶ୍ର କହିଛନ୍ତି।

ସେପଟେ କରୋନାର ଏହି ନୂଆ ଭୂତାଣୁ ସଂକ୍ରମଣ କରିବା ପୂର୍ବରୁ ସତର୍କ ରହିବା ସହ ଟିକାକରଣ କରିନେବା ଆବଶ୍ୟକ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪ କୋଟି ୩୮ ଲକ୍ଷ ୨୧ ହଜାର ୭୦୮ ଟିକା ଦିଆସରିଲାଣି। ଏଥିମଧ୍ୟରୁ ୮୬ ପ୍ରତିଶତ ଅର୍ଥାତ୍ ୨ କୋଟି ୭୯ ଲକ୍ଷ ୬ ହଜାର ୪୬୬ଜଣ ପ୍ରଥମ ଡୋଜ୍ ଟିକା ନେଇଛନ୍ତି ଓ ୪୯ ପ୍ରତିଶତ ଅର୍ଥାତ୍ ୧ କୋଟି ୫୯ ଲକ୍ଷ ୧୫ ହଜାର ୨୪୨ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୪୬ ଲକ୍ଷ ହିତାଧିକାରୀ ପ୍ରଥମ ଡୋଜ୍ ନେଇନାହାନ୍ତି। ସେହିପରି ୩୧ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି। ଯେଉଁମାନଙ୍କର ଟିକା ନେବାର ସମୟ ହୋଇଛି, ସେମାନେ ଯଥାଶୀଘ୍ର ଆସି ଟିକା ନେଇଯାଆନ୍ତୁ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

## ଭିତର ରତ୍ନଭଣ୍ଡାର...

ତେବେ ବାସ୍ତବରେ ସେହି ଲଫାପାରେ ଚାବି ରହିଥିଲା କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନ ବଳରେ ୨୦୧୮ ଅଗଷ୍ଟ ୬ରେ ତତ୍କାଳୀନ ଜିଲାପାଳ ପୁରୀ ଜିଲା କୋଷାଗାର କାର୍ଯ୍ୟାଳୟକୁ ଲେଖିଥିବା ଚିଠି ହସ୍ତଗତ ହୋଇଛି। ନକଲି ଚାବି ଜିଲା ଟ୍ରେଜେରିରେ ଦାଖଲ କରିବା ଉଦ୍ଦେଶ୍ୟରେ ଜିଲାପାଳ ଟ୍ରେଜେରିକୁ ଏହି ଚିଠି (ନଂ.୨୨୨୨/ଜିଆଇ) ଲେଖିଥିଲେ। ଏହି ଚିଠିରେ ଉଲ୍ଲେଖ ରହିଛି, ଶ୍ରୀମନ୍ଦିର ଏବଂ ରତ୍ନଭଣ୍ଡାର ସମ୍ପର୍କିତ ମୂଲ୍ୟବାନ ସାମଗ୍ରୀ ଓ ଦସ୍ତାବିଜ ଟ୍ରେଜେରିରେ ଦାଖଲ କରାଗଲା। ସମ୍ପୃକ୍ତ ମୂଲ୍ୟବାନ ସାମଗ୍ରୀ ନିର୍ଦ୍ଧାରିତ ଟିମ୍ ଦ୍ୱାରା ଖୋଜାଖୋଜି ପରେ ଜିଲା ରେକର୍ଡ ରୁମ୍‌ରୁ ୨୦୧୮ ଜୁନ ୧୩ ତାରିଖରୁ ମିଳିଥିବା ଚିଠିରେ ଉଲ୍ଲେଖ ରହିଛି। ଜିଲା ପ୍ରଶାସନ ସମ୍ପୃକ୍ତ ତାରିଖରେ ଭିତର ରତ୍ନଭଣ୍ଡାର ନକଲି ଚାବି ଖୋଜିଥିବା ନେଇ ପୂର୍ବରୁ ଦାବି କରିଥିବା ବେଳେ ଚିଠିରେ ଚାବି କିମ୍ବା ନକଲି ଚାବି ଦାଖଲ କରିଥିବା ସମ୍ପର୍କରେ ଉଲ୍ଲେଖ କରି ନ ଥିଲେ। ଚିଠିରେ ନକଲି ଚାବିକୁ କାହିଁକି ମୂଲ୍ୟବାନ ସାମଗ୍ରୀ ବୋଲି ଲେଖାଗଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ରେକର୍ଡ ରୁମ୍‌ରୁ ଚାବି ମିଳିବା ପରେ ସେ ଏହାକୁ ଜିଲା ଟ୍ରେଜେରିରେ ଦାଖଲ କରିଥିଲେ। ମାତ୍ର ଦାଖଲ କରିବା ବେଳେ ସେ ଯେଉଁ ଚିଠି ଟ୍ରେଜେରିକୁ ଲେଖିଲେ ସେଥିରେ ଚାବି ଶବ୍ଦ ଉଲ୍ଲେଖ ନାହିଁ। ବାସ୍ତବରେ ଯଦି ଚାବି ଥିଲା ତେବେ ଚାବି ବୋଲି ନ ଲେଖି ମୂଲ୍ୟବାନ ସାମଗ୍ରୀ ଲେଖାଯିବାର କ'ଣ ଆବଶ୍ୟକତା ପଡ଼ିଲା ତାହା ବୁଝାପଡୁନାହିଁ। ମନେହେଉଛି ଜିଲାପାଳ ସେସମୟରେ ପ୍ରଶାସନର ଦୋଷ ଘୋଡ଼ାଇବା ପାଇଁ ଚାପର ବଶବର୍ତ୍ତୀ ହୋଇ ଏଭଳି କରିଥାଇପାରନ୍ତି। ଏନେଇ ତଦନ୍ତ ହେବା ଉଚିତ। ସେହିପରି କଂଗ୍ରେସ ନେତା ସ୍ୱାଧୀନ ପଣ୍ଡା କହିଛନ୍ତି, ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଅନେକ ମିଛ କୁହାଯାଇଥିବା ଅନୁମାନ ହେଉଛି। ଚାବି ହଜିବା ନାଟକ କରି ରାଜ୍ୟ ସରକାର ଜଗନ୍ନାଥପ୍ରେମୀଙ୍କ ଭାବନା ସହ ଖେଳୁଛନ୍ତି। କିଏ ସତ କହୁଛି ତାହା ଜାଣିବା କଷ୍ଟକର ହେଲାଣି। ରାଜ୍ୟ ସରକାର ସମସ୍ତ ଦ୍ୱନ୍ଦ୍ୱ ଦୂର କରିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ପରିକ୍ରମା ଯୋଜନା କରି ରାଜ୍ୟବାସୀଙ୍କ ପ୍ରଶଂସା ସାଉଁଟୁଥିବା ସରକାର ରତ୍ନଭଣ୍ଡାର ଖୋଲିବାରେ କୁଣ୍ଠାବୋଧ ନ କରିବା ଦରକାର। ରତ୍ନଭଣ୍ଡାର ଛାତ ଓ କାନ୍ଥ ନଷ୍ଟ ହେବା ସହ ଲୁହାରଡ଼ ଦେଖାଯାଉଛି। ରତ୍ନଭଣ୍ଡାର ମରାମତି ଆବଶ୍ୟକ ଥିବା ୨୦୧୮ରେ ଉଭୟ ପ୍ରାଧିକୃତ କମିଟି ଏବଂ ଏଏସ୍ଆଇ ଟିମ୍ ପ୍ରସ୍ତାବ ଦେଇସାରିଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିଛି। ଅନ୍ୟପକ୍ଷରେ ଚଳିତ ବିଧାନସଭା ଶୀତକାଳୀନ ଅଧିବେଶନରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ରତ୍ନଭଣ୍ଡାର ସମ୍ପର୍କରେ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଅଣତାରକା ପ୍ରଶ୍ନ ପଚାରିଛନ୍ତି। ରତ୍ନଭଣ୍ଡାର ମରାମତି ସମ୍ପର୍କରେ ସରକାରଙ୍କ ସଂପୃକ୍ତି କ'ଣ, ଏଏସ୍ଆଇ କି ପଦକ୍ଷେପ ନେଇଛି, ଏଏସ୍ଆଇ ଓ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପ୍ରଶାସନ କ'ଣ ପରାମର୍ଶ ଦେଇଛି ଏବଂ ଅଗଣିତ ଭକ୍ତଙ୍କ ଭାବବେଗ ଦୃଷ୍ଟିରୁ ସରକାର କ'ଣ ନିଷ୍ପତ୍ତି ନେବେ ବୋଲି ପ୍ରଶ୍ନ କରାଯାଇଛି। ସେହିପରି ଚଳିତ ଶୀତ ଅଧିବେଶନରେ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାଇବେ ବୋଲି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି।

## ସ୍ୱାଭାବିକ ହୋଇପାରୁନି...

ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିବା ମାତ୍ରେ ଆରମ୍ଭ ହୋଇଯାଇଥିଲା ହଟ୍ଟଗୋଳ। ଭାଜପା ସଦସ୍ୟ ମୋହନ ଚରଣ ମାଝି, ମୁକେଶ ମହାଲିଙ୍ଗ, ବିଷ୍ଣୁଚରଣ ସେଠୀଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ିଆସି ହଟ୍ଟଗୋଳ ଓ ନାରାବାଜି କରିଥିଲେ। ଭାଜପା ସହିତ ତାଳଦେଇ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା, ତାରା ବାହିନୀପତି, ରମେଶ ଜେନା, ସୁରେଶ କୁମାର ରାଉତରାୟଙ୍କ ସମେତ ଦଳର ଅନ୍ୟ ସଦସ୍ୟ ହାତରେ ପୋଷ୍ଟର ବ୍ୟାନର ଧରି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବାଚସ୍ପତି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବିରୋଧୀ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚେଷ୍ଟା କରି ବିଫଳ ହେବାରୁ ବାଧ୍ୟ ହୋଇ ପ୍ରଥମେ ମାତ୍ର ଅଧମିନିଟ ପରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ପୁଣି ହଙ୍ଗାମା କରିଥିଲେ। ଭାଜପା ସଦସ୍ୟମାନେ କଳାଗାମୁଛା ଦେଖାଇବାବେଳେ କଂଗ୍ରେସ ସଦସ୍ୟମାନେ ବ୍ୟାନର ଧରି ପ୍ରତିବାଦ କରିଥିଲେ। ପାଟିତୁଣ୍ଡ ମଧ୍ୟରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ନିଜ ବିଭାଗର ପେପର ବିଧାନସଭାରେ ଉପସ୍ଥାପନ କରିଥିଲେ। ଏଥିସହିତ ଗୃହରେ କାର୍ଯ୍ୟ ପରାମର୍ଶଦାତା କମିଟି ରିପୋର୍ଟ, ଓଡ଼ିଶା ଲୋକାୟୁକ୍ତଙ୍କ ୨୦୨୦ ବାର୍ଷିକ ରିପୋର୍ଟ ମଧ୍ୟ ଗୃହରେ ଉପସ୍ଥାପିତ ହୋଇଥିଲା। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ଶୁକ୍ରବାର ସକାଳ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ।

ଅନ୍ୟପକ୍ଷରେ ବିଧାନସଭା ଅଚଳକୁ ନେଇ ଉଭୟ ବିରୋଧୀ ଓ ଶାସକ ଦଳ କାଦୁଅ ଫିଙ୍ଗାଫିଙ୍ଗି ହେଉଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି ଯେ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଛି। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ପାଇଁ ଆମେ ଦାବି କରି ଆସୁଛୁ । ସରକାର ତାଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଏହି ଘଟଣାର ସିବିଆଇ ତଦନ୍ତ ହେବା ଦରକାର। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ରାଜ୍ୟ ସରକାର ଜାଣିଶୁଣି ଏହି ସମସ୍ୟା ସୃଷ୍ଟି କରୁଛନ୍ତି। ମମିତା ମାମଲାରେ ଠିକ୍ ତଦନ୍ତ କରାଯାଉ ନାହିଁ। ମୁଖ୍ୟମନ୍ତ୍ରୀ ଯଦି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ବହିଷ୍କାର କରିଥାଆନ୍ତେ ତେବେ ଏ ଅବସ୍ଥା ହୋଇ ନ ଥାଆନ୍ତା। ଗରିବ ଲୋକଙ୍କ ଟିକସରେ ବିଧାନସଭା ଚାଲୁଛି। ବିଜେଡି ତରଫରୁ ବିଧାନସଭା ବନ୍ଦ କରାଯାଉଛି। ଲୋକେ ଠିକ୍ ଜବାବ ଦେବେ ବୋଲି ସେ କହିଛନ୍ତି। ବାଚସ୍ପତି ବିଜେଡିର ହାତବାରିସି ଭଳି କାମ କରୁଛନ୍ତି ବୋଲି ବାହିନୀପତି କହିଛନ୍ତି।

ବିଜେଡି ସଦସ୍ୟ ପ୍ରତାପ ଦେବ କହିଛନ୍ତି, ଭାଜପା ଓ କଂଗ୍ରେସ ରନ୍ଧନ ଗ୍ୟାସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଜନହିତକର ଯୋଜନା କିପରି ଆଲୋଚନା ହୋଇ ନ ପାରିବ ସେ ନେଇ ସୁଚିନ୍ତିତ ରଣନୀତି ପ୍ରସ୍ତୁତ କରିଛନ୍ତି। ସେଥିପାଇଁ କେବଳ ମମିତା ମେହେର ପ୍ରସଙ୍ଗ ଉଠାଇ ବିଧାନସଭାକୁ ଜାଣିଶୁଣି ଅଚଳ କରୁଛନ୍ତି।

## ପାଇକ ବିଦ୍ରୋହ...

ମନ୍ତ୍ରୀ ରେଡ୍ଡୀ କହିଛନ୍ତି। ପ୍ରକାଶ ଯେ, ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନ ଓ ଅତ୍ୟାଚାର ବିରୋଧରେ ଖୋର୍ଦ୍ଧାର ପାଇକ(ସାଧାରଣଭାବେ ପାରମ୍ପରିକ ଲଢ଼ୁଆ ବୋଲି କୁହାଯାଉଥିବା)ମାନେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଓଡ଼ିଶାରେ ବିଦ୍ରୋହ କରିଥିଲେ, ଯାହାକି ୧୮୫୭ରେ ହୋଇଥିବା ସିପାହି ବିଦ୍ରୋହର ବହୁ ପୂର୍ବରୁ। ତେଣୁ ୧୮୧୭ରେ ହୋଇଥିବା ପାଇକ ବିଦ୍ରୋହକୁ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଯୁଦ୍ଧ ଭାବେ ଘୋଷଣା କରିବାକୁ ରାଜ୍ୟ ସରକାର ପ୍ରଥମେ ୨୦୧୭ ଜୁଲାଇ ୧୯ରେ କେନ୍ଦ୍ରକୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ପରେ ୨୦୧୯ ଡିସେମ୍ବର ୮ରେ ଆଉ ଥରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିଥିଲେ।

## ତପସ୍ୱିନୀ-ସୁମିତ...

ପ୍ରକାଶ ଯେ, ଛତ୍ରପୁରର ତପସ୍ୱିନୀ ଓ ବ୍ରହ୍ମପୁରର ଡା. ସୁମିତଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟେ ଗତବର୍ଷ କୋର୍ଟରେ ବିବାହ କରିବା ସହ ଏକାଠି ରହିଥିଲେ। କିଛି ମାସ ହେବ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ତାଙ୍କୁ ନିର୍ଯାତନା ଦେଇଥିବା ନେଇ ତପସ୍ୱିନୀ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ସୁମିତଙ୍କ ପରିବାର ଲୋକେ ମାମଲା ଉଠାଇବା ପାଇଁ ତପସ୍ୱିନୀଙ୍କୁ ମନାଇବା ସହ ବାହାଘର କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ନଭେମ୍ବର ୨୨ରେ ଲଗ୍ନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଶ୍ୱଶୁର ଘର ଲୋକ କୌଣସି ଆୟୋଜନ କରି ନ ଥିବାରୁ ତପସ୍ୱିନୀ ବଧୂ ବେଶରେ ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀଙ୍କ ସହାୟତାରେ ଶ୍ୱଶୁର ଘର ଆଗରେ ଧାରଣା ଜାରି ରଖିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଆଜି ଆତ୍ମୀୟଙ୍କ ଉପରେ ଭୁଲ୍ ବୁଝାମଣା ହେତୁ ପାରିବାରିକ ସମସ୍ୟା ବଢ଼ିପାରେ। ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତି ପ୍ରାୟତଃ ଚଳନୀୟ ରହିପାରେ। ବ୍ୟବସାୟ, ଯାତ୍ରା, କୌଣସି କର୍ମ କ୍ଷେତ୍ରରେ ମଧ୍ୟମ ପ୍ରକାର ଫଳ ପାଇବେ।

**ବୃଷ**
ପ୍ରତିବନ୍ଧକ ଲାଗି ରହିଥିବା କାରଣରୁ ସ୍ଥଗିତ କାମ ଆରମ୍ଭ କରିବା କଷ୍ଟକର ହେବ। ପରିଜନଙ୍କ ସମ୍ବନ୍ଧରେ କୌଣସି ଶୁଭ ଖବର ଶୁଣି ଖୁସି ହେବେ। ଦିନ ଭରି କଠିନ ପରିଶ୍ରମ ଯୋଗୁ ରାତିରେ ଅନିଦ୍ରାଜନିତ ପୀଡ଼ା ଅନୁଭବ କରିପାରନ୍ତି। ସକାଳୁ ସକାଳୁ ବ୍ୟସ୍ତତା ମଧ୍ୟରେ ଯାତ୍ରାରେ କୌଣସି ଜିନିଷ ସାଙ୍ଗରେ ନେବାକୁ ଭୁଲି ଯାଇ ପାରନ୍ତି।

**ମିଥୁନ**
ସହକର୍ମୀଙ୍କ ସହ ସହମତିରେ କାମ କଲେ ଉପକୃତ ହେବେ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଲାଭବାନ ହେବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। ଆରର୍ଦ୍ରା ନକ୍ଷତ୍ରର ଅଧ୍ୟାତ୍ମ ବାତାବରଣ ମଧ୍ୟରେ ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଢିବ।

**କର୍କଟ**
ଭାବପ୍ରବଣତା ମଧ୍ୟରେ ମାନସିକ ଅସ୍ଥିରତା ସୃଷ୍ଟିହେବ। ଅତୀତ ସମସ୍ୟା ସମୀକ୍ଷା କରି ତଦନୁଯାୟୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ମନସ୍ଥ କରିପାରନ୍ତି। ନିର୍ମାଣାଧୀନ ଗୃହ କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ପୁଷ୍ୟା ନକ୍ଷତ୍ର ସକାଶେ ଯାନବାହନରେ ସତର୍କତା ବିଧେୟ।

**ସିଂହ**
ଆଜି ସାମାନ୍ୟ ବଚସାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପୂର୍ବାଫାଲଗୁନୀ ନକ୍ଷତ୍ର ପରିବାରର ଅସଜଡ଼ା ପରିସ୍ଥିତିକୁ ସଜାଡି ନେବେ। ପାଖ ପଡ଼ୋଶୀଙ୍କ ସହ ପିଲାମାନଙ୍କର କନ୍ଦଳକୁ କେନ୍ଦ୍ରକରି ସାଧାରଣ ଘଟଣାରେ ଉଚ୍ଚବାଚ ଘଟିପାରେ। ଯାତ୍ରାରେ ସଫଳତା ପାଇବେ ସତ କିନ୍ତୁ ଶ୍ରମଜନିତ କ୍ଳାନ୍ତିବୋଧ କରିବେ।

**କନ୍ୟା**
ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ପଡ଼ୋଶୀଙ୍କଠାରୁ କାମ ହାସଲ କରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ପାରସ୍ପରିକ ମତଭେଦ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଘଟିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ସମସ୍ୟାର ସମାଧାନ ହେବ।

**ତୁଳା**
ଆନୁଷ୍ଠାନିକ ଆଲୋଚନା କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବ୍ୟବସାୟରେ ମନାନ୍ତର ଦେଖା ଦେଇପାରେ କିନ୍ତୁ ବିଶେଷ କ୍ଷତି ହେବ ନାହିଁ। ମାଲିମକଦ୍ଦମାରେ ନିଜ ପକ୍ଷ ସବଳ ରହିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ବିଶାଖା ନକ୍ଷତ୍ର ପରିବାରରେ ଭୁଲ୍ କାମକରି ସଫେଇ ଦେଇପାରନ୍ତି।

**ବିଛା**
ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ। ପଡ଼ୋଶୀଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ନୂଆ ଯୋଜନାକୁ ବାସ୍ତବ ରୂପ ଦେବାରେ ଅବଶ୍ୟ ସଫଳ ହେବେ। ଜ୍ୟେଷ୍ଠା ନକ୍ଷତ୍ର ଆନୁଷ୍ଠାନିକ କ୍ଷେତ୍ରରେ ସାମୂହିକ ସମସ୍ୟାର ସରଳ ସମାଧାନ କରି ପରୋକ୍ଷ ଭାବରେ ବହୁ ପ୍ରଶଂସିତ ହେବେ।

**ଧନୁ**
ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାର ମଉକା ପାଇପାରିବେ। ବିଭିନ୍ନ ସମସ୍ୟାର ସମାଧାନ କରିବା ମଧ୍ୟରେ ମୂଳା ନକ୍ଷତ୍ରର ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ମକର**
ଆଜି ସକାଳୁ ଇଚ୍ଛା କରିଥିବା ଜିନିଷଟି ନ ପାଇବାରୁ ମାନସିକ ଶାନ୍ତି ବ୍ୟାହତ ହେବ। ଧନିଷ୍ଠା ନକ୍ଷତ୍ରର ବନ୍ଧୁଙ୍କ ଅନାଦର ଭାବ ଯୋଗୁ ସାମୟିକ ମନ ଦୁଃଖ ଘଟିବ। କର୍ମକ୍ଷେତ୍ରରେ ସରକାରୀ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବାର ସୂଚନା ମିଳିପାରେ। ଯାତ୍ରା ସମୟରେ ସତର୍କତା ଅଭାବରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**କୁମ୍ଭ**
ଆଜି ସକାଳୁ ସ୍ଥଗିତ କାମକୁ ପୂରାଦମ୍‌ରେ କରିଚାଲିବେ। ଶତଭିଷା ଅଟକି ରହିଥିବା କାମକୁ ଆରମ୍ଭ କରିବାକୁ ମନ ବଳାଇବେ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିଜ ଚତୁଃପାର୍ଶ୍ୱରେ ବିରୋଧ ମନୋଭାବ ପୋଷଣ କରୁଥିବା ଲୋକମାନେ ଶତ୍ରୁତା ଆଚରଣ କରିବେ।

**ମୀନ**
ରେବତୀ ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବିବାଦୀୟ ଘଟଣାରେ ଟେନ୍ସନ ଲାଗି ରହିଥିଲେ ମଧ୍ୟ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ। କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ, ଫଳତଃ ସ୍ୱାସ୍ଥ୍ୟହାନିର ସମ୍ଭାବନା ରହିଛି।

ନିୟତିର ପରୀକ୍ଷା ପାଇଁ ହେଉ ବା ତୁମର ଦୋଷତ୍ରୁଟି ଯୋଗୁ ହେଉ ଯଦି ତୁମେ ଧରାଶାୟୀ ହୋଇଥାଅ– ଯଦି ତୁମେ ଦୁଃଖ ଯନ୍ତ୍ରଣାର ଗଭୀର ଗହ୍ୱର ଭିତରେ ନିମଗ୍ନ ହୋଇଥାଅ– ସେଥିରେ ଦୁଃଖ କରନାହିଁ। କାରଣ– ସେହିଠାରେ ହିଁ ତୁମ ନିକଟକୁ ଉତୁରି ଆସିବ, ଭଗବାନଙ୍କ ସ୍ନେହ ଓ ଶ୍ରଦ୍ଧା। –ଶ୍ରୀମା

# ଅର୍ଥ ବ୍ୟବସ୍ଥାରେ ଡିଜିଟାଲ କରେନ୍ସି



ଶାଙ୍ଗ୍–ଜିନ୍ ୱି

ଟେସ୍‌ଲା ସିଇଓ ଏଲନ୍ ମସ୍କ ଡୋଜ୍‌କଏନ ଏବଂ ବିଟ୍‌କଏନ ଭଳି କ୍ରିପ୍ଟୋକରେନ୍ସିଗୁଡ଼ିକୁ ପ୍ରୋତ୍ସାହିତ କରୁଥିବାରୁ ତାହାର ମୂଲ୍ୟ ଖୁବ୍ ଶୀଘ୍ର ବୃଦ୍ଧିପାଉଛି। ଏହି ପ୍ରାଇଭେଟ ଡିଜିଟାଲ୍ ମନି ବା ବେସରକାରୀ ଭର୍ଚୁଆଲ ମୁଦ୍ରାଗୁଡ଼ିକୁ ଗ୍ରହଣ ନ କରି କେତେକ ଦେଶ ଏହାର ଗତିକୁ ଲକ୍ଷ୍ୟ କରିବା ସହ ପରିଣାମକୁ ଦେଖିବାକୁ ଅପେକ୍ଷା କରିଛନ୍ତି। ହେଲେ ଏଲ୍‌ସାଲ୍‌ଭାଡର ବିଟ୍‌କଏନକୁ ସରକାରୀ ମୁଦ୍ରା ଭାବେ ଗ୍ରହଣ କରିସାରିଛି। ନ୍ୟୁୟର୍କ ଷ୍ଟେଟ୍ ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସେସ୍ (ଏନ୍‌ୱାଇଡିଏଫ୍‌ଏସ୍) କିଛି ପାଦ ଆଗକୁ ବଢିଛି। ଯେଉଁମାନେ କ୍ରିପ୍ଟୋକେରନ୍ସିଗୁଡ଼ିକ ସୃଷ୍ଟି କରି ଏହାର କାରବାର କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଏହା ଲାଇସେନ୍ସ ପ୍ରଦାନ କରୁଛି। କିନ୍ତୁ ଚାଇନା ବିପରୀତ ଦିଗରେ ଯାଉଛି ଓ ନିକଟରେ ଉଭୟ କ୍ରିପ୍ଟୋକରେନ୍ସି ମାଇନିଂ ଏବଂ ଶେୟାର ବଜାରର କାରବାରର ମାଧ୍ୟମ ଭାବେ ତାହାର ବ୍ୟବହାରକୁ ବନ୍ଦ କରିଦେଇଛି। ଡିଜିଟାଲ କରେନ୍ସି ବା ଭର୍ଚୁଆଲ ମୁଦ୍ରାକୁ ନେଇ ବିଭିନ୍ନ ଦେଶର ବିପରୀତ ପ୍ରତିକ୍ରିୟା ରହିଥିବାରୁ ଭିନ୍ନ ଭିନ୍ନ କ୍ରିପ୍ଟୋକରେନ୍ସିଗୁଡ଼ିକର ସାମାଜିକ କ୍ଷତି କିମ୍ବା ଉପକାର ସମ୍ପର୍କରେ ଜାଣିବା ଆମ ପାଇଁ ମୁସ୍କିଲ। ତେବେ ବିନା ଆଇନଗତ ବାଧାରେ କୌଣସି ବ୍ୟବସ୍ଥା ଅଧୀନରେ ନରହି ମୁକ୍ତ ଭାବେ ବଜାରରେ ଚାଲୁଥିବା କ୍ରିପ୍ଟୋକରେନ୍ସି, ଷ୍ଟେବଲ୍‌କଏନ୍ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ୍ ଡିଜିଟାଲ କେରନ୍ସିଗୁଡ଼ିକ( ସିବିଡିସି) ସମ୍ପର୍କରେ ଆଲୋଚନା କରିବା । ଶେୟାର ବଜାରରେ ଚାଲୁଥିବା ଏଭଳି କ୍ରିପ୍ଟୋକରେନ୍ସିଗୁଡ଼ିକର ମୂଲ୍ୟ ବୃଦ୍ଧିର ଦୃଷ୍ଟାନ୍ତ ହେଉଛି ବିଟ୍‌କଏନ। ତାହାର ଦ୍ରୁତ ଅଭିବୃଦ୍ଧି ସତ୍ତ୍ୱେ, ଏହା ମନେରଖିବାକୁ ହେବ ଯେ, କ୍ରିପ୍ଟୋକରେନ୍ସିର କୌଣସି ଗୁରୁତ୍ୱପୂର୍ଣ୍ଣ ମୌଳିକ ମୂଲ୍ୟ ନାହିଁ ଓ ଏହାଦ୍ୱାରା ମୂଲ୍ୟ ହ୍ରାସ ଘଟିବାର ବହୁ ସମ୍ଭାବନା ରହିଛି। ଏବେ ପ୍ରଚଳିତ କ୍ରିପ୍ଟୋକରେନ୍ସିର ମୂଲ୍ୟକୁ ଲକ୍ଷ୍ୟକଲେ ସପ୍ତଦଶ ଶତାବ୍ଦୀର ନେଦରଲାଣ୍ଡ୍‌ର ଟୁଲିପ ପ୍ରାଇସ୍ ବବଲ ଘଟଣା ମନେପଡ଼ିଯାଏ। ଶେୟାର ବଜାରରେ ଏହାର ପ୍ରାରମ୍ଭିକ ମୂଲ୍ୟ ବୃଦ୍ଧି ହେବା ଫଳରେ ଏହା ମାର୍କେଟକୁ ଅଧିକ କ୍ରେତାଙ୍କୁ ଆକର୍ଷିତ କରିଥିଲା ଓ ମୂଲ୍ୟ ବୃଦ୍ଧି କରିଚାଲିଥିଲା। କିନ୍ତୁ ଟୁଲିପ ମାନିଆ ବେଶି ଦିନ ରହିଲା ନାହିଁ। ସେ କ୍ଷେତ୍ରରେ ଯେଭଳି ଘଟିଥିଲା ଭବିଷ୍ୟତରେ କ୍ରିପ୍ଟୋକରେନ୍ସି ବୃଦ୍ଧିରେ ଆକସ୍ମିକ ଭାବେ ପୂର୍ଣ୍ଣଚ୍ଛେଦ ପଡ଼ିପାରେ । ଏବେକାର କ୍ରିପ୍ଟୋକରେନ୍ସି ସୃଷ୍ଟିକର୍ତ୍ତାମାନେ ଅଧିକ ସଂଖ୍ୟାରେ ଶେୟାର ବଜାର ଛାଡ଼ିଗଲା ପରେ ଏହାର ମୂଲ୍ୟ ନିମ୍ନଗାମୀ ହେବା ନିଶ୍ଚିତ।

ନିବେଶକ ଏବଂ ଶେୟାର କ୍ରୟ କରୁଥିବା ବ୍ୟକ୍ତିମାନଙ୍କ ପାଇଁ କ୍ରିପ୍ଟୋକରେନ୍ସିଗୁଡ଼ିକର ଆକର୍ଷଣ ରହିଛି। ସେମାନେ ଏହାକୁ ଏକ ଲଟେରି ଟିକେଟ ଭାବେ ଦେଖୁଛନ୍ତି। ଏହା ପାଇଁ ଯାହା ଦେବ ସେଥିରେ ଅଧିକ କ୍ଷତି ହେବନାହିଁ ବରଂ ଅତ୍ୟଧିକ ଲାଭ ହେବ ବୋଲି ସେମାନେ ବିଚାର କରୁଛନ୍ତି। କେଉଁମାନେ କ୍ରିପ୍ଟୋକରେନ୍ସି କାରବାର କରୁଛନ୍ତି ସେ ସମ୍ପର୍କିତ ଠିକ୍ ତଥ୍ୟ ଆମ ପାଖରେ ନାହିଁ। ଗବେଷଣାରୁ ଜଣାପଡ଼ିଛି, ସ୍ୱଳ୍ପ ଧନୀ ନିବେଶକମାନେ କ୍ରିପ୍ଟୋକରେନ୍ସି ମାର୍କେଟ ପ୍ରତି ଆକର୍ଷିତ ହେବା ସମ୍ଭାବନା ରହିଛି। ଏକ ସୁରକ୍ଷିତ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଡିଜିଟାଲ କରେନ୍ସିର ଷ୍ଟୋରିଂ, ଟ୍ରାନ୍ସଫରିଂ ଏବଂ କାରବାର ଯେଭଳି ସୁରକ୍ଷିତ ରହିପାରୁଛି ସେହିଭଳି କ୍ରିପ୍ଟୋ ଏକ୍ସଚେଞ୍ଜରେ ଲଟେରି ଟିକେଟ କିଣିବାଠାରୁ ଆହୁରି ସହଜରେ କ୍ରିପ୍ଟୋକରେନ୍ସି କାରବାର ବ୍ୟବସ୍ଥା କରାଯାଉଛି। ଏଥିରେ ସର୍ବନିମ୍ନ ୨ ଡଲାରରୁ କାରବାର କରାଯାଇପାରୁଛି। ଅପରପଟେ ବିନା ବୈଧାନିକ ବାଧାରେ ଚାଲୁଥିବା କ୍ରିପ୍ଟୋକରେନ୍ସିକୁ ଆମେରିକୀୟ ଡଲାର କିମ୍ବା ଜାପାନିଜ ୟେନ୍ ହେଉ କିମ୍ବା ସୁନା ଅବା ତେଲ ଭଳି ମୂଲ୍ୟବାନ୍ ଜିନିଷ ହେଉ ;ଏହା ସହ କ୍ରିପ୍ଟୋକରେନ୍ସିର ମୂଲ୍ୟକୁ ଗୋଟିଏ ସ୍ତରରେ ଫିକ୍ସ କରାଯାଇ ଷ୍ଟେବଲ୍‌କଏନ୍ ଡିଜାଇନ କରାଯାଇଛି। ଏହାର ମୂଲ୍ୟ ମଧ୍ୟ ନିର୍ଦ୍ଧାରଣ କରାଯାଉଛି। ଏହାଦ୍ୱାରା କରେନ୍ସିଗୁଡ଼ିକର ମୂଲ୍ୟ ବୃଦ୍ଧି ପାଇଛି। କିନ୍ତୁ ଷ୍ଟେବଲ୍‌କଏନ ଜାରିକର୍ତ୍ତା ନିବେଶକଙ୍କ ସମ୍ପତ୍ତିର ଅନୁରୂପ କଏନ ମୂଲ୍ୟକୁ ପୂର୍ଣ୍ଣ ସହଯୋଗ କରୁଛନ୍ତି କି ନାହିଁ ତାହା ସେମାନେ ବୁଝିବା ଦରକାର। ଅନ୍ୟଥା ଷ୍ଟେବଲ୍‌କଏନର ମୂଲ୍ୟଜନିତ ବିପଦ ଦେଖାଦେବ। ଶେୟାର ବଜାରରେ ଆଖଦୃଶିଆ ହ୍ରାସ ଘଟିଲେ କଏନ ପ୍ରୋଭାଇଡର୍ ବା ପ୍ରଦାତାଙ୍କ ନିକଟରେ ପର୍ଯ୍ୟାପ୍ତ କଏନ ରହି ନ ପାରେ। ଫଳରେ ସେ ପ୍ରଦାନ କରିଥିବା ମୂଲ୍ୟ ନ କମାଇଲେ ତାଙ୍କର ସବୁ କଏନକୁ ଉଚ୍ଚ ମୂଲ୍ୟଯୁକ୍ତ ଆସେଟ୍‌କୁ ବଦଳାଇବାକୁ ସକ୍ଷମ ହେବେ ନାହିଁ। ଏଣୁ ସମ୍ପୂର୍ଣ୍ଣ ଗ୍ୟାରେଣ୍ଟି ବା ସିକ୍ୟୁରିଟି ଜାରି ରଖିବାକୁ ପ୍ରତିଶ୍ରୁତି ଷ୍ଟେବଲ୍‌କଏନ ପ୍ରଦାତାମାନେ ସେମାନଙ୍କ ଗଚ୍ଛିତ କଏନକୁ ନିୟମିତ ଏବଂ ସ୍ୱତନ୍ତ୍ର ଭାବେ ସମୀକ୍ଷା କରିବା ଉଚିତ। ଏନ୍‌ୱାଇଡିଏଫ୍‌ଏସ୍ ଭଳି ସଂସ୍ଥାଗୁଡ଼ିକ କଏନ ପ୍ରଦାତାଙ୍କୁ କାର୍ଯ୍ୟ କରିବା ଲାଗି ଲାଇସେନ୍ସ ପ୍ରଦାନ କରୁଛନ୍ତି। ହେଲେ ସେମାନେ ଏଭଳି କାର୍ଯ୍ୟ କରୁନାହାନ୍ତି।

ଉଚ୍ଚ ମୁଦ୍ରାସ୍ଫୀତି ରହିଥିବା ଲାଟିନ ଆମେରିକା ଏବଂ ଆଫ୍ରିକାରେ ଷ୍ଟେବଲ୍‌କଏନକୁ ଏକ୍ସଚେଞ୍ଜର ମାଧ୍ୟମ ଭାବେ ବ୍ୟବହାର କରାଯାଇପାରେ। କିନ୍ତୁ ଉତ୍ତମ ମୁଦ୍ରା ନୀତି ପ୍ରବନ୍ଧନ କରାଯାଇଥିବା ଅଧିକାଂଶ ଦେଶ ଲାଗି ଷ୍ଟେବଲ୍‌କଏନଗୁଡ଼ିକ ଆର୍ଥିକ ନୀତିର ପ୍ରଭାବକୁ ଦୁର୍ବଳ କରିଦେବ। ଯେଉଁଠି ଅର୍ଥବ୍ୟବସ୍ଥାରେ ସେଣ୍ଟ୍ରାଲ ବ୍ୟାଙ୍କ୍‌ର କମ୍ ନିୟନ୍ତ୍ରଣ ରହୁଛି ସେହି କ୍ଷେତ୍ରରେ ଏହା ଦେବାଳିଆ ସ୍ଥିତି ଉପୁଜାଇ ଆର୍ଥିକ ନୀତିକୁ ଭୁଶୁଡାଇ ଦେବ। ତେବେ ଏଭଳିସ୍ଥିତିରେ ଉଭୟ ଷ୍ଟେବଲ୍‌କଏନ ଓ ବିନା ବାଧାରେ ଚାଲୁଥିବା କ୍ରିପ୍ଟୋକରେନ୍ସିଗୁଡ଼ିକୁ କଳାଟଙ୍କା ଏବଂ ଅନ୍ୟ ଅବୈଧ ଆର୍ଥିକ କାରବାର ପାଇଁ ବ୍ୟବହାର କରାଯିବା ଆଶଙ୍କା ରହି। ଏବେ ବି ଏଭଳି ବେଆଇନ କାର୍ଯ୍ୟ ଚାଲୁରହିଛି। ଏହାଦ୍ୱାରା ଦେଶର ସ୍ୱାର୍ଥରେ ବାଧା ଆସୁଛି ଓ ଆଗକୁ ଆସିବ ମଧ୍ୟ। ଡିସେମ୍ବର୨୦୨୦ରେ ଏନ୍‌ୱାଇଡିଏଫ୍‌ଏସ୍ ୟେନ ସହ ଜଡ଼ିତ ଷ୍ଟେବଲ୍‌କଏନ(ଜିୱାଇଇଏନ୍)କୁ ଅନୁମୋଦନ ଦେଇଛି। ଜିୱାଇଏନ୍‌କୁ ଏକ ଡିଜିଟାଲ ଫାଇନାନ୍ସିଂ ଅଭିନବତ୍ୱ, ଯାହା ରାଜ୍ୟ ଲାଗି ଅଧିକ ରେଭିନ୍ୟୁ ଓ ରୋଜଗାର ସୃଷ୍ଟି କରିବ ବୋଲି ନ୍ୟୁୟର୍କ ଷ୍ଟେଟ୍ ବିଚାର କରୁଛି। କିନ୍ତୁ ଏହି ଷ୍ଟେବଲ୍‌କଏନ ଜାପାନ ଶେୟାର ବଜାରରେ ଯଦି ଏକ ପ୍ରମୁଖ ମାଧ୍ୟମ ଭାବେ ଉଭା ହୁଏ ତେବେ ଜାପାନର ପ୍ରଭୂତ କ୍ଷତି ହେବ। ଏହା ସେଠାକାର ଆର୍ଥିକ ନୀତିର ପ୍ରଭାବ ହ୍ରାସ କରିବା ସହ ରାଜସ୍ୱରେ ବ୍ୟାପକ କ୍ଷତି ଘଟାଇବ।

ସେଣ୍ଟ୍ରାଲ ବ୍ୟାଙ୍କ୍ ଡିଜିଟାଲ କରେନ୍ସି ( ସିବିଡିସି) ଏହା ଠାରୁ ଯଥେଷ୍ଟ ଭଲ। ସିବିଡିସି ଉପଯୋଗରେ ନୋଟ୍ ଏବଂ କଏନ୍‌ର ପ୍ରସ୍ତୁତି, ବଣ୍ଟନ ଓ ପରିଚାଳନାରୁ ମୁକ୍ତି ମିଳିବ । ଫଳରେ ସରକାରଙ୍କର ବହୁ ବିଲିୟନ ଡଲାର ବଞ୍ଚିବ। ନିକଟରେ ଆମେରିକା କଏନ୍ ଓ ନୋଟ ପ୍ରସ୍ତୁତ ପ୍ରକ୍ରିୟାରେ ଏବଂ ତାହାକୁ ସଞ୍ଚାଳନ କରିବାରେ ୧ ବିଲିୟନ ଡଲାରରୁ ଅଧିକ ବ୍ୟୟ କରିଛି। ବଡ଼ କଥା ହେଉଛି,ସରକାରୀ ସ୍ତରରେ ଏକ ଡିଜିଟାଲ ଡଲାର ବ୍ୟବହାର ଆରମ୍ଭ କଲେ ବହୁ ଅର୍ଥ ସଞ୍ଚିତ ହେବ। ଏହାକୁ ଅନ୍ୟ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକରେ ବିନିଯୋଗ କରାଯାଇପାରିବ। ୩୧.୧ ମିଲିୟନ ଆମେରିକୀୟ, ଯେଉଁମାନେ ଚିକିତ୍ସା ବୀମା ଯୋଜନା ଅନ୍ତର୍ଭୁକ୍ତ ହୋଇନାହାନ୍ତି ସେମାନଙ୍କୁ ମାଗଣାରେ ଚିକିତ୍ସା ସହାୟତା ଯୋଗାଇହେବ କିମ୍ବା ନ୍ୟାଶ୍‌ନାଲ ଏଣ୍ଡାଓମେଣ୍ଟ ଫର୍ ଆର୍ଟସ୍‌ର ପାଣ୍ଠି ୫ଗୁଣ ବୃଦ୍ଧି କରାଯାଇପାରିବ। ସିବିଡିସି ପେମେଣ୍ଟ ବା ଦେୟ ର ଏକ ମାଧ୍ୟମ ହୋଇଥିବା ଯୋଗୁ ଏହାକୁ କ୍ରେଡିଟ୍ କାର୍ଡ ଭାବେ ବ୍ୟବହାର କରାଯାଇପାରିବ। ଏବକାର ଦେୟ ପ୍ରଦାତାଙ୍କୁ ସକ୍ରିୟ ହେବା ଲାଗି ଚାପ ପକାଇବ ଏବଂ ସେମାନଙ୍କ କାରବାର ସମ୍ପର୍କିତ ଫିଗୁଡ଼ିକୁ ହ୍ରାସ କରିବ। ଫଳରେ ଉପଭୋକ୍ତା ଏବଂ ବିଜ୍‌ନେସ୍ ସମାନ ଭାବେ ଲାଭବାନ୍ ହେବେ।

ତେବେ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକ ଦ୍ୱାରା ଡିଜିଟାଲ କରେନ୍ସି ଜାରି କରାଯାଉଥିବାରୁ ସେମାନେ ଆର୍ଥିକ ନୀତିଗୁଡ଼ିକର ପ୍ରଭାବ ହ୍ରାସ ହେବା ଭଳି କାର୍ଯ୍ୟ କରିବେ ନାହିଁ। ସମସ୍ତ ଡିଜିଟାଲ ପେମେଣ୍ଟ ଓ କାରବାର ପ୍ରକ୍ରିୟାରେ ଡାଟା ଏବଂ ବ୍ୟକ୍ତିଗତ ତଥ୍ୟ ସୁରକ୍ଷାର ପ୍ରଶ୍ନ ଉଠୁଥିବାବେଳେ ସେଣ୍ଟ୍ରାଲ ବ୍ୟାଙ୍କଗୁଡ଼ିକର ସିବିଡିସି ଏକ ଉତ୍ତମ ବିକଳ୍ପ ଭାବେ ଏହି ସବୁ ସମସ୍ୟାକୁ ସମାଧାନ କରିପାରିବ। ସିବିଡିସି ଆର୍ଥିକ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରୁଥିବାବେଳେ କୌଣସି ବ୍ୟବସ୍ଥା ଅଧୀନରେ ରହୁ ନ ଥିବା କ୍ରିପ୍ଟୋକରେନ୍ସିଗୁଡ଼ିକର ଭବିଷ୍ୟତ ଭଲ ନୁହେଁ। ଏହା ଆର୍ଥିକ ଅସ୍ଥିରତା ସୃଷ୍ଟି କରିବ। ଷ୍ଟେବଲକଏନ୍‌ଗୁଡ଼ିର ପରିଣାମ ମଧ୍ୟ ଏତେ ଭଲ ନୁହେଁ। ଏହିସବୁ କାରଣ ଲାଗି ଆଗାମୀ କିଛି ବର୍ଷ ମଧ୍ୟରେ ଅନେକ ଦେଶ ଏକ୍ସଚେଞ୍ଜର ମାଧ୍ୟମ ଭାବେ ବ୍ୟବହୃତ କଟକଣାମୁକ୍ତ କ୍ରିପ୍ଟୋକରେନ୍ସିଗୁଡ଼ିକ ବନ୍ଦ କରି ସରକାରୀ ସ୍ତରରେ ଏକ ବୈଧ ଡିଜିଟାଲ କରେନ୍ସି ଆରମ୍ଭ କରିବେ। ଏହା ସହ ସବୁ ଷ୍ଟେବଲ୍‌କଏନ ଉପରେ କଡ଼ା ନିୟମ ମଧ୍ୟ ଲାଗୁ କରାଯିବ।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ୍**

# ସମ୍ଭାବ୍ୟ ବାତ୍ୟା ଓ ଚାଷୀ



ପ୍ରଦୋଷ କୁମାର ଦାସ

ଚଳିତ ବର୍ଷ ବିଳମ୍ବିତ ମୌସୁମୀର ଆଗମନ, ସ୍ୱଳ୍ପ ବୃଷ୍ଟିପାତ, ଲଗାଣ ବର୍ଷା, ଚକଡ଼ା ପୋକ ପରେ ଏବେ ମାଡ଼ିଆସୁଛି ବାତ୍ୟା 'ଜୱାଦ'। ତଥାପି ଜୟ ଯବାନ ପରି ଜୟ କିଷାନ ଓଡ଼ିଶାର କୃଷକ ଭାଇଙ୍କ ପାଇଁ ଅମଳ ରତରତ ଫସଲ ସୁରକ୍ଷା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ବାହ କରିବାରେ ଆସନ୍ନ ଏହି ବାତ୍ୟା ଏକ ପ୍ରକାର ଅଗ୍ନିପରୀକ୍ଷା ସଦୃଶ ।

ମାତ୍ର ଦୁଇମାସର ବ୍ୟବଧାନରେ ପୁଣି ଆମ ରାଜ୍ୟ ଓଡ଼ିଶାକୁ ଏକ ବାତ୍ୟାର ସାମ୍ନା କରିବାକୁ ପଡିବ! ଏହି ବାତ୍ୟା ପ୍ରଭାବରେ ୩ ତାରିଖରୁ ଗଜପତି, ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଏହିସବୁ ଜିଲାରେ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଉପରୋକ୍ତ ଜିଲା ସମେତ ନୟାଗଡ଼, ଖୋର୍ଦ୍ଧା, କଟକ, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର ଆଦି ଜିଲାରେ ଅତିପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ଏଠାରେ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତେବେ ଓଡ଼ିଶା ପାଣିପାଗ ବିଭାଗର ଆକଳନ ଅନୁଯାୟୀ ବାତ୍ୟା ପବନ ଅପେକ୍ଷା ଓଡ଼ିଶାର ଉପରୋକ୍ତ ଜିଲାଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରଖୁଛି। ଅନେକ ସ୍ଥାନରେ ଅତି ବର୍ଷିବା ଆଶଙ୍କା ପ୍ରକାଶ ପାଉଛି। ଓଡ଼ିଶାର ସମସ୍ତ ଉପକୂଳବର୍ତ୍ତୀ ଜିଲା ଓ ଆଖପାଖ ଅଞ୍ଚଳ ଆଗାମୀ ଲଘୁଚାପ ବର୍ଷାରେ ପ୍ରାୟ ବେହାଲ ହେବାର ପୂର୍ବାନୁମାନ କରାଯାଉଛି।

ଏହାକୁ ଲକ୍ଷ୍ୟ କଲେ ଓଡ଼ିଶା ଚାଷୀଙ୍କ ଅମଳ ହେବାକୁ ଥିବା ଧାନ ଫସଲର ସୁରକ୍ଷା ଚିନ୍ତା ଏବେ ବଢିଯାଇଛି। ଚଳିତ ଖରିଫ ଧାନ ଫସଲ ବିହନ ବୁଣା, ରୁଆ, ବଛା, ଖେଳୁଆ ବେଳକୁ ଆବଶ୍ୟକ ବର୍ଷାର ଘୋର ଅଭାବ ଦେଖାଦେଇଥିଲା। ବିଳମ୍ବରେ ବର୍ଷା ପରେ ଚାଷ କାର୍ଯ୍ୟ ଆଗେଇଲା ବେଳକୁ ଓଡ଼ିଶା ଚାଷୀ ବିଲରେ ଆବଶ୍ୟକ ସାର ଆଦିର ସଙ୍କଟରେ ଯୁଝି ହୋଇଥିଲେ। ଏପରି ସ୍ଥିତିରେ ଯତପରୋନାସ୍ତି ଚାଷ ଆଗେଇନେଇ ଏବେ ଫସଲ ଅମଳ ଆସନ୍ନ ହେଲାବେଳକୁ ବାତ୍ୟା ଭୟରେ ଚାଷୀ ସନ୍ତୁଳି ହେଉଛି।

ସୀମାରେ ଶତ୍ରୁକୁ ପ୍ରତି ମୁହୂର୍ତ୍ତରେ ସମ୍ଭାବ୍ୟ ଯୁଦ୍ଧର ସାମ୍ନା କରିବାକୁ ସତତ ଦୃଢ଼ମନା ଯବାନ ପରି ଚାଷୀଭାଇ ନିଜ ଚାଷର ସୁରକ୍ଷା ପାଇଁ ମନ ଦୃଢ଼ କରିବାକୁ ପଡ଼ିବ । ଆସନ୍ନ ବାତ୍ୟାକୁ ଡରି ନ ଯାଇ ନିଜର ଅମଳ ରତରତ ଧାନ ଫସଲର ସୁରକ୍ଷା ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରି ପଦକ୍ଷେପ ନେବା ଆବଶ୍ୟକ।

ସୂଚନାରୁ ପ୍ରକାଶ, ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଶତକଡ଼ା ୯୦ ଭାଗ ଧାନ ଏବଂ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଶତକଡ଼ା ୫୦ ଭାଗ ଧାନ କଟା ହେବାକୁ ବାକି ରହିଛି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ କୁହାଯାଇଛି ଯେ, ଶତକଡ଼ା ୮୫ ଭାଗ ପାଚିଯାଇଥିବା ଧାନକୁ ତୁରନ୍ତ କାଟି ସୁରକ୍ଷିତ ତଥା ଉଚ୍ଚ ସ୍ଥାନକୁ ନେଇ ପଲିଥିନ ଘୋଡ଼ାଇ ରଖାଯିବା ଉଚିତ। ସମ୍ଭବ ହେଲେ ସେସବୁକୁ ତତ୍କାଳ ବେଙ୍ଗଳା ବା ବିଲରୁ ଥ୍ରେସର ମେଶିନରେ ଅମଳ କରି ପବନ ଚଳାଚଳ ଥିବା ଶୁଖିଲା ଘରେ ସୁରକ୍ଷିତ ରଖିପାରିଲେ ଭଲ ହେବ। ଅତ୍ୟାବଶ୍ୟକ ହେଲେ ଧାନ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା ତୁରନ୍ତ କରାଇନେବା ଜରୁରୀ। ଧାନ ଗଛ ଶୋଇ ଯାଇଥିଲେ ତାକୁ ସଳଖି ଠିଆ କରାଇ ଦିଅନ୍ତୁ। କଟାଧାନ ବିଲରେ ରଖନ୍ତୁ ନାହିଁ। ବର୍ଷା ସମୟରେ କୌଣସି କୀଟନାଶକ ସିଞ୍ଚନ ନ କରି ମୁଗ, ବିରି, ପନିପରିବା ଫସଲ ହୋଇଥିବା ବିଲରୁ ସିଆର କରି ପାଣି କାଟିବା ବ୍ୟବସ୍ଥା କରନ୍ତୁ। ବର୍ଷା ପରବର୍ତ୍ତୀ ସମୟରେ ରୋଗପୋକ ସର୍ବେକ୍ଷଣ କରି ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିହାତି ଜରୁରୀ। ଏହି ସମୟରେ କପା ଫସଲରେ ପାକଳ ହୋଇଥିବା ବକରାଗୁଡିକୁ ତୋଳି ସୁରକ୍ଷିତ ସ୍ଥାନକୁ ନେଇଯିବା ଦରକାର। ବର୍ଷାର ପରବର୍ତ୍ତୀ ୩/୪ ଦିନ ଏହାକୁ ଶୁଖାଇ ରଖିବା ଉଚିତ। ସମସ୍ତ ପ୍ରକାର ରବି ଫସଲ ବିଶେଷକରି ଆଳୁ ଲଗାଇବାକୁ ସାମୟିକ ସ୍ଥଗିତ ରଖିବାକୁ ହେବ। ସର୍ବୋପରି ଆଳୁ ଆଦି ପନିପରିବା ଓ ଅନ୍ୟାନ୍ୟ ରବି ଫସଲରେ ଜଳ ନିଷ୍କାସନ ପାଇଁ ତୁରନ୍ତ ବ୍ୟବସ୍ଥା କରାଇନେବା ଉଚିତ। କୃଷିବିଭାଗର ଉପରୋକ୍ତ ପରାମର୍ଶ ସମେତ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କଲେ ଅଧିକ କ୍ଷତି ଦେବ ନାହିଁ।

**ନାରୁଣୀ, ଖୋର୍ଦ୍ଧା**
**ମୋ:୬୩୭୦୪୯୫୯୪୪**

## ଏଇ ଭାରତରେ

ଲକ୍‌ଡାଉନରେ ହାଇଦ୍ରାବାଦର ଏଚ୍‌ଆର୍ ମ୍ୟାନେଜର ଦୋସାପତି ରାମୁଙ୍କ ଜୀବନର ମୋଡ଼ ବଦଳିଯାଇଛି। ସେ ଏକ ରାଇସ୍ ଏଟିଏମ୍ ଖୋଲି ଗରିବଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ରାମୁ ତାଙ୍କ ଏଲ୍‌ବି ନଗର ସ୍ଥିତ ଘର ନିକଟରେ ଏହି ରାଇସ୍ ଏଟିଏମ୍ ରଖିଛନ୍ତି। ଲକ୍‌ଡାଉନ ସମୟରୁ ଏଯାବତ୍ ସେ ଏ ବାବଦରେ ନିଜ ପକେଟରୁ ୫୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଲେଣି। ଏଥିପାଇଁ ସେ ତାଙ୍କ ପ୍ରୋଭିଡେଣ୍ଟ ଫଣ୍ଡ୍‌ରୁ ଟଙ୍କା ଉଠାଇବା ସହ ଏକ ଜମି ମଧ୍ୟ ବିକ୍ରି କରିଛନ୍ତି। ଲକ୍‌ଡାଉନ ସମୟରେ ଆରମ୍ଭ କରାଯାଇଥିବା ଉକ୍ତ ଏଟିଏମ୍‌ରୁ ଏବେ ବି ଗରିବମାନଙ୍କୁ ସେ ଖାଦ୍ୟ ଯୋଗାଉଛନ୍ତି। ତାଙ୍କ ଆୟର ୭୫% ଏଥିରେ ବ୍ୟୟ କରିବାକୁ ସଂକଳ୍ପ ନେଇଛନ୍ତି। ରାମୁଙ୍କ ସ୍ତ୍ରୀ ଜଣେ ଗଣିତ ଶିକ୍ଷକ। ଏବେ ସୁଦ୍ଧା ତାଙ୍କ ରାଇସ୍ ଏଟିଏମ୍‌ରୁ ୨୫,୦୦୦ ଲୋକ ଉପକୃତ ହୋଇ ସାରିଲେଣି। ଆଗକୁ ଏହାକୁ ଚଳାଇବା ତାଙ୍କ ପକ୍ଷେ ହୁଏତ କଷ୍ଟକର ହୋଇପାରେ, ତଥାପି ରୋଜଗାର ଥିବାଯାଏ ଭୋକିଲାମାନଙ୍କୁ ଖାଲି ପେଟରେ ଶୋଇବାକୁ ଦେବେ ନାହିଁ ବୋଲି କହନ୍ତି ରାମୁ।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

**୩ ଡିସେମ୍ବର ୧୯୯୬**

- ଦ୍ୱିପାକ୍ଷିକ ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ଅର୍ଥନୈତିକ ସହଯୋଗ କ୍ଷେତ୍ରରେ ଉନ୍ନତି ଘଟାଇବା ପାଇଁ ପାକିସ୍ତାନ ଓ ଚାଇନା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ରୁଷିଆ ରାଷ୍ଟ୍ରପତି ବୋରିସ୍ ୟେଲ୍‌ଟ୍‌ସିନ୍ ଦେଶର ସେନାବାହିନୀ ମୁଖ୍ୟ ଜେନେରାଲ ଭ୍ଲାଦିମିର ସେମୁନୋଭଙ୍କୁ ବହିଷ୍କୃତ କରିଛନ୍ତି।
- ଆମ୍ବଲା କାଣ୍ଟନମେଣ୍ଟଠାରେ ଜମ୍ମୁ ଅଭିମୁଖେ ଯାତ୍ରା କରୁଥିବା ଝେଲମ୍ ଏକ୍ସପ୍ରେସ୍‌ରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୧୪ ମୃତ।
- ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ତାମିଲନାଡୁ ରାଜ୍ୟପାଳ ଡ. ଏମ୍. ଚେନ୍ନା ରେଡ୍ଡୀଙ୍କ ୭୮ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | 7 | | 8 | | | |
| | | | | | | 6 | 3 | |
| | 2 | 6 | | | | | | |
| | | | | 7 | 2 | 5 | 1 | 6 |
| | | | | | | 3 | | |
| | 5 | | 8 | | | | 2 | |
| | | 7 | 2 | 5 | | 4 | | |
| 4 | 9 | | 1 | | 3 | | | |
| | | | | | | | | 2 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 8 | 1 | 2 | 6 | 5 | 9 |
| 6 | 5 | 8 | 7 | 9 | 4 | 3 | 1 | 2 |
| 1 | 9 | 2 | 5 | 3 | 6 | 7 | 4 | 8 |
| 2 | 1 | 4 | 6 | 5 | 9 | 8 | 3 | 7 |
| 9 | 6 | 3 | 4 | 7 | 8 | 5 | 2 | 1 |
| 7 | 8 | 5 | 3 | 2 | 1 | 4 | 9 | 6 |
| 3 | 4 | 1 | 2 | 6 | 7 | 9 | 8 | 5 |
| 5 | 7 | 9 | 1 | 8 | 3 | 2 | 6 | 4 |
| 8 | 2 | 6 | 9 | 4 | 5 | 1 | 7 | 3 |

ଗତକାଲିର ଉତ୍ତର

# ଚିକିତ୍ସାରେ ଚିତ୍ରକଳା



ପ୍ରଫେସର ରମେଶ ଚନ୍ଦ୍ର ପରିଡା

ସୁନ୍ଦର ଚିତ୍ରକଳାଟିଏ ମନକୁ ବିମୋହିତ କରିଥାଏ। ଏହାର କାରଣ ବୁଝିବା ଆମ ପକ୍ଷେ ସମ୍ଭବ ହୋଇ ନ ପାରେ, କିନ୍ତୁ ଏ ଅନୁଭୂତି ସତ୍ୟ। ଅନ୍ୟପକ୍ଷରେ ଜଣେ କବି ବା ଦାର୍ଶନିକ ଭଳି ଅସାଧାରଣ ମାନସିକତା ସମ୍ପନ୍ନ ହୋଇଥିବା ଚିତ୍ରକର ଆମ ମନକୁ ଅତି ନିପୁଣ ଭାବେ ସ୍ପର୍ଶ କରିପାରେ। ତା' ଚିନ୍ତାର ଦୁନିଆ ସାଧାରଣ ଦୁନିଆଠାରୁ ଅନେକ ଊର୍ଦ୍ଧ୍ୱରେ। ତାହା ଏକ ସ୍ୱପ୍ନର ରାଜ୍ୟ, ଯାହାକି ସେ ହିଁ କେବଳ ଉପଲବ୍ଧି କରିପାରେ। କେବଳ ଚିତ୍ରକୁ ରୂପାନ୍ତରିତ ହେଲେ ଆମ ସାଧାରଣ ଚକ୍ଷୁ ତାହାକୁ ଦେଖିପାରେ ଏବଂ ମନ ଅନୁଭବ କରିପାରେ। ମନ ସହିତ ସମ୍ପୃକ୍ତ ଆମ ଚିନ୍ତାଶକ୍ତି ଏବଂ ତାହାକୁ ନିୟନ୍ତ୍ରଣ କରେ ମସ୍ତିଷ୍କ ଓ ତା'ର ସ୍ନାୟୁ ବ୍ୟବସ୍ଥା। ସେଥିପାଇଁ ଚିତ୍ରକରକୁ ଜଣେ ସ୍ନାୟୁବିଜ୍ଞାନୀ ବୋଲି ଅଭିହିତ କରିଛନ୍ତି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ଦୃଷ୍ଟିବିଜ୍ଞାନ ବିଜ୍ଞାନାଗାରର ନିର୍ଦ୍ଦେଶକ ପାଟ୍ରିକ କାଭାନାଘ। ଏହି ପ୍ରତିଷ୍ଠିତ ସ୍ନାୟୁ ତତ୍ତ୍ୱବିତ୍‌ଙ୍କ ମତରେ ଚିତ୍ରକର ତା' କଳାକୃତିରେ ଯେଉଁ ବିଶେଷତାମାନ ଖଞ୍ଜି ଦେଇଥାଏ ତାହା ଆମ ଚାକ୍ଷୁଷ ଅବବୋଧ ଅପେକ୍ଷା ଅନ୍ତର୍ଦୃଷ୍ଟିକୁ ଅଧିକ ସମ୍ପ୍ରସାରିତ କରେ।

ଦୃଷ୍ଟିପ୍ରକ୍ରିୟା ମସ୍ତିଷ୍କର ପ୍ରମସ୍ତିଷ୍କୀୟ ବହିସ୍ଥା (ସେରେବ୍ରାଲ କୋରଟେକ୍ସ)ର ଏକ ତୃତୀୟାଂଶ ଉପଯୋଗ କରେ ଏବଂ ଏଥିରେ ନିୟୋଜିତ ହୋଇଥିବା ପ୍ରାୟ ୩୦ ହଜାର ନିୟୁତ (ବିଲିୟନ) ସ୍ନାୟୁକୋଷର କିଛି ଅଂଶରେ ରଙ୍ଗର ଦୁନିଆ, ଚକ୍ଷୁଚଳନ ଏବଂ ଆପେକ୍ଷିକ ସ୍ଥିତି ଆଦି ବିଶ୍ଳେଷଣ କରିଥାଏ। ଏହି ଚାକ୍ଷୁଷ ସ୍ୱୟଂଚାଳିତ ବ୍ୟବସ୍ଥାଟି ଏତେ ଶକ୍ତିଶାଳୀ ଯେ, ଅଧିକାଂଶ ସମୟରେ ମସ୍ତିଷ୍କକୁ ଚିତ୍ରଟିଏ ଉତ୍ପନ୍ନ କରିବା ପାଇଁ କେବଳ ଆଭାସଟିଏ ଆବଶ୍ୟକ କରେ, ଯାହାକି ଏହା ମୁଖ୍ୟତଃ 'ସଞ୍ଚିତ ତଥ୍ୟ'ରୁ ପୁନରୁଦ୍ଧାର କରିଥାଏ। ପ୍ରଫେସର କାଭାନାଘ କହନ୍ତି ଯେ, ଏଥିରୁ ଚାକ୍ଷୁଷ–ମସ୍ତିଷ୍କ ଧାରଣାମାନ ଆକଳନ କରେ ଏବଂ କାହାଣୀଟି ତିଆରି କରେ। ତାଙ୍କ ମତରେ ଚିତ୍ରକରମାନେ ଅଧିକ ମାତ୍ରାରେ ପ୍ରକୃତଭୌତିକ ବିଜ୍ଞାନ ଅପେକ୍ଷା ଏଗୁଡ଼ିକର କାରବାର କରିଥାନ୍ତି।

ସେମାନେ ଉନ୍ମୋଚନ କରନ୍ତି ଯେ, ଆମ ଚାକ୍ଷୁଷ ମସ୍ତିଷ୍କ ବାସ୍ତବ ଦୁନିଆକୁ ଦେଖିବା ପାଇଁ ପ୍ରକୃତ ଭୌତିକ ବିଜ୍ଞାନ ଅପେକ୍ଷା ଭିନ୍ନ ଏକ ବିଜ୍ଞାନର ଉପଯୋଗ କରେ, ଯାହାକି ସ୍ମୃତି ସିଦ୍ଧାନ୍ତ ଉପରେ ନିର୍ଭର କରେ ଏବଂ ଖୁବ୍‌ଶୀଘ୍ର ତଥା ଦକ୍ଷଭାବେ ଅବବୋଧ(ସୂକ୍ଷ୍ମଦର୍ଶନ)ଟିଏ ସୃଷ୍ଟି କରେ। ସେଥିପାଇଁ ପ୍ରଫେସର କାଭାନାଘଙ୍କ ବର୍ଣ୍ଣନା ଅନୁସାରେ ସେମାନେ ବନବାସୀ ହୋଇଥିବା ସମୟରେ ଗୁମ୍ଫାଗୁଡ଼ିକରେ ଅଙ୍କନ କରୁଥିବା ଚିତ୍ରଗୁଡିକଠାରୁ ଆରମ୍ଭକରି ବର୍ତ୍ତମାନ ପର୍ଯ୍ୟନ୍ତ ସୁଦୀର୍ଘ ୪୦,୦୦୦ ବର୍ଷ ଧରି ପରୀକ୍ଷା ଚଳାଇ ଆସିଛନ୍ତି। ତେଣୁ ସେମାନଙ୍କୁ ସ୍ନାୟୁ ବିଜ୍ଞାନୀ ବୋଲି କୁହାଯାଇପାରିବ।

ସୁପ୍ରସିଦ୍ଧ ଗବେଷଣା ପତ୍ରିକା 'ନେଚର'ରେ ୨୦୦୫ ମସିହାରେ ଲିଖିତ ଏକ ନିବନ୍ଧରେ ସେ ସୂଚିତ କରିଥିଲେ ଯେ, ସମ୍ଭବତଃ ଚିତ୍ରକରମାନଙ୍କର ଶହ ଶହ ବର୍ଷ ଧରି ଆମ ଚାକ୍ଷୁଷ ମସ୍ତିଷ୍କ ସମ୍ପର୍କରେ କିଛି କୌତୂହଳପ୍ରଦ ଉପଲବ୍ଧି ଥିଲା, ଯାହାକି ଖୁବ୍ ନିକଟରେ ବୈଜ୍ଞାନିକ ପରୀକ୍ଷା ମାଧ୍ୟମରେ ପ୍ରତିଷ୍ଠିତ ହୋଇପାରିଛି। ସେଗୁଡ଼ିକ ହେଲା ପ୍ରତିଫଳନ, ଦର୍ପଣ ଏବଂ ଛାୟାକୃତି ସମ୍ପର୍କିତ ଧାରଣା। ଗୋଟିଏ ଚିତ୍ରକଳା ଯେ କୌଣସି ପ୍ରତିଫଳନଟିଏ ହେଲେ ଚଳିବ। ତେବେ ଏହାର ପ୍ରତିରୂପ ପ୍ରାକୃତିକ ଦୃଶ୍ୟମାନଙ୍କର ବିବିଧ ଧର୍ମ ସହିତ ଖାପ ଖାଇଲେ ହେଲା। ତାହା ହେଲେ ନିହାତି ଅସମ୍ଭବ ପ୍ରତିଫଳନ ମଧ୍ୟ ଦର୍ଶକ ଦ୍ୱାରା ସମ୍ପୂର୍ଣ୍ଣରୂପେ ଗୃହୀତ ହୋଇଥାଏ।

ଆଜିକାଲି ବଡ଼ ବଡ଼ ବେସରକାରୀ ଚିକିତ୍ସାଳୟରେ ରୋଗୀମାନଙ୍କ ଅପେକ୍ଷାଗୃହ, ସେମାନେ ସେଠାରେ ରହି ଚିକିତ୍ସିତ ହେଉଥିବା ପ୍ରକୋଷ୍ଠ ଏବଂ ଅନ୍ୟାନ୍ୟ ସ୍ଥାନର କାନ୍ଥରେ ସୁଦୃଶ୍ୟ ଚିତ୍ରମାନ ଅଙ୍କନ କରାଯାଉଛି, ତାହା ସୁନ୍ଦର ଦିଶିବା ପାଇଁ। ତେବେ କଷ୍ଟ ଭୋଗୁଥିବା ରୋଗୀମାନଙ୍କ ଯନ୍ତ୍ରଣା ହ୍ରାସ କରିବାରେ ଏହା ସହାୟକ ହୁଏ ବୋଲି ଏବେ ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ିଛି। ବିଗତ ୨୦୦୭ ମସିହାରେ ଡେନ୍‌ମାର୍କର କିଛି ବୈଜ୍ଞାନିକ 'ଦ ଇଣ୍ଟରନ୍ୟାଶନାଲ ଜର୍ନାଲ ଅଫ୍ କ୍ୱାଲିଟେଟିଭ ଷ୍ଟଡିଜ୍ ଅନ୍ ହେଲ୍‌ଥ ଏଣ୍ଡ ୱେଲବିଂ'ରେ ପ୍ରକାଶ କରିଥିଲେ ଏକ ଗବେଷଣାତ୍ମକ ନିବନ୍ଧ। ସେଥିରେ ସେମାନେ ଏହି ଚିତ୍ରଗୁଡ଼ିକ ରୋଗୀ ଓ ରୋଗକୁ କିପରି ପ୍ରଭାବିତ କରେ ସେଥି ସମ୍ପର୍କରେ ସମ୍ୟକ୍ ସୂଚନାଟିଏ ପ୍ରଦାନ କରିଛନ୍ତି।

ତାଙ୍କ ଦ୍ୱାରା ଏଥିପାଇଁ ଅନୁଷ୍ଠିତ ଅଧ୍ୟୟନରେ ସେମାନେ ନେଇଥିଲେ କିଛି ଦୀର୍ଘଦିନ ଧରି ଏକ ଚିକିତ୍ସାଳୟର ସାଧାରଣ ପ୍ରକୋଷ୍ଠରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କୁ। ପ୍ରଥମେ ସେଗୁଡ଼ିକର କାନ୍ଥ ଶୂନ୍ୟ ଥିଲା। ସେଠାରେ ରହୁଥିବା ରୋଗୀମାନେ ନିଜ ନିଜ ରୋଗଜନିତ ଦୁଃଖକୁ ନେଇ ମନମାରି ରହୁଥିଲେ। କ୍ୱଚିତ୍ ସେମାନେ ପରସ୍ପର ସହିତ କଥାବାର୍ତ୍ତା ହେଉଥିଲେ। କିନ୍ତୁ ସେଥିରେ ଚିତ୍ରମାନ ଅଙ୍କନ କରାଯିବା ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ତାହାକୁ ମନଧ୍ୟାନ ଦେଇ ଦେଖିବାକୁ ଲାଗିଲେ। ଫଳରେ ସେମାନଙ୍କ ଉଦାସଭାବ ହ୍ରାସ ପାଇବାକୁ ଲାଗିଲା। ସେମାନେ ମନମାରି ବସିବା ପରିବର୍ତ୍ତେ ଚତ୍ରଗୁଡ଼ିକୁ ନିଜ ନିଜ ଢଙ୍ଗରେ ବିଶ୍ଳେଷଣ କରିବାକୁ ଲାଗିଲେ ଏବଂ ତାହାକୁ ନେଇ ପରସ୍ପର ସହିତ ମତ ବିନିମୟ କରିବାକୁ ଲାଗିଲେ। ଏଣୁ ତାଙ୍କ ମଧ୍ୟରେ ବନ୍ଧୁତ୍ୱ ସ୍ଥାପନ ଆରମ୍ଭ ହେଲା। ଏହାପରେ ସେମାନେ ରୋଗ ଓ ଚିକିତ୍ସାଠାରୁ ଆରମ୍ଭକରି ପାରିବାରିକ ସମସ୍ୟା, ରାଜନୀତି ଇତ୍ୟାଦି ପର୍ଯ୍ୟନ୍ତ ନାନା ବିଷୟରେ ଆଲୋଚନା କରିବାକୁ ଲାଗିଲେ ଏବଂ ଡାକ୍ତର, ନର୍ସ ତଥା ଅନ୍ୟ ସେବାକାରୀମାନଙ୍କ ଉପଦେଶ ଅଧିକ ଧ୍ୟାନପୂର୍ବକ ଶୁଣିଲେ ଓ ସେଥି ଅନୁସାରେ କାର୍ଯ୍ୟ କଲେ। ଫଳରେ ତାଙ୍କ ଯନ୍ତ୍ରଣା ହ୍ରାସ ପାଇବା ଏବଂ ରୋଗ ଉପଶମ ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହେଲା। ଏହାପରେ ପରୀକ୍ଷାଟିକୁ ବାରମ୍ବାର ଦୋହରାଇ ତହିଁରୁ ଗବେଷକମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଚିତ୍ରକଳା ଏପରି ଏକ ପରିବେଶ ସୃଷ୍ଟି କରେ, ଯହିଁରେ ରୋଗୀମାନେ ନିଜକୁ ଅଧିକ ନିରାପଦ ମଣନ୍ତି। ଅତଏବ ତାଙ୍କର ମନର ବଳ ବଢ଼େ। 'ଇଣ୍ଟେନସିଭ କେୟାର ୟୁନିଟ୍' (ସଂଘ ବୈକଲ୍ୟ)ରେ ରହୁଥିବା ରୋଗୀମାନଙ୍କ ପାଇଁ ଏହା ବିଶେଷ ଭାବେ ପ୍ରଯୁଜ୍ୟ।

ବର୍ତ୍ତମାନ ୟୁରୋପୀୟ ସୋସାଇଟିରେ ମଧ୍ୟ ଏହା ଉପରେ ଅଧ୍ୟୟନ ଚାଲୁ ରହିଛି। ଏଣୁ ଆମ ଦେଶ ସମେତ ଅନ୍ୟତ୍ର ଏ କାର୍ଯ୍ୟ ଆରମ୍ଭ ହେବା ଦରକାର। ସମାଜସେବୀ, ମନୋବିଜ୍ଞାନୀ ଏବଂ ସମ୍ବେଦନଶୀଳ କଳାକାରମାନେ ଏଥିପାଇଁ ଡାକ୍ତରମାନଙ୍କ ସହିତ ପରାମର୍ଶ କରି ଚିତ୍ରଗୁଡ଼ିକ କି ପ୍ରକାରର ହେବା ଅଧିକ ଉପାଦେୟ ତାହା ସ୍ଥିର କରିବା ଉଚିତ। ଏପରିକି ଡାକ୍ତରୀପାଠ ପଢୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଚିତ୍ରକଳା ଶିକ୍ଷା କରିବା ଦରକାର ବୋଲି ମତପୋଷଣ କଲେଣି ଆମେରିକାର ଡକ୍ଟର ରୋବର୍ଟ ପ୍ଲାଟରଙ୍କ ସମେତ ଅନେକ ମନୋବିଜ୍ଞାନୀ। ଡାକ୍ତରୀ ଶିକ୍ଷାର ନୀତି ନିର୍ଦ୍ଧାରଣକାରୀମାନେ ଏହାକୁ ଗୁରୁତ୍ୱର ସହ ବିଚାର କରିବା ଉଚିତ।

**ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ଦେଶର କୃଷି ବଜାର

ମହାଶୟ,

ଆମ ଦେଶ ନଦୀବହୁଳ ଦେଶ ହୋଇଥିବାରୁ ବନ୍ୟଜୀବନରୁ କୃଷିଜୀବୀ ହେବା ସମୟରୁ କୃଷିକୁ ମୁଖ୍ୟ ବୃତ୍ତିଭାବରେ ଗ୍ରହଣ କରିଆସିଛି। ଫଳରେ ଆମ ଧର୍ମ, ସଂସ୍କୃତି, ପର୍ବପର୍ବାଣି ସବୁ କୃଷିଭିତ୍ତିକ ହୋଇଯାଇଛି। ବନ୍ୟା–ବାତ୍ୟା–ମରୁଡ଼ି–ରୋଗ–ପୋକ କୃଷି କ୍ଷେତ୍ରରେ ବାଧକ ହେଉଛି। ହେଲେ କୃଷି କ୍ଷେତ୍ରରେ ସବୁଜ ବିପ୍ଳବ ପ୍ରଭାବରେ ଅଧିକ ଅମଳକ୍ଷମ ବିହନ– ରାସାୟନିକ ସାର ଔଷଧ, କୃଷି ଯନ୍ତ୍ରପାତି ଯୋଗୁ କମ୍ ଜମିରୁ ଅଧିକ ଅମଳ ଅଳ୍ପ ସମୟରେ ହେଉଛି। କୃଷି ବୃତ୍ତି ନ ହୋଇ ବ୍ୟବସାୟ ହୋଇଯାଇଛି। ତେଣୁ କୃଷକ ବଜାର ଖୋଜୁଛି । ସତୁରି ଦଶକରେ ବଜାର ଆମ ଗାଁରେ ଥିଲା। କୃଷି କ୍ଷେତ୍ରରେ କାମ କରିଥିବା ମୂଲିଆ ମଜୁରି ଭାବରେ ଧାନ କିମ୍ବା ଚାଉଳ ନେଉଥିଲା, ଅଧିକ କିଛି କିଣୁଥିଲା। ଗାଁର ଚାଷୀ ମଣ୍ଡି ଖୋଜୁ ନ ଥିଲା । ଏବେ ଖାଦ୍ୟ ନିରାପତ୍ତା ନାମରେ ଦେଶରେ ଅଶୀ କୋଟି ଗରିବ ଏବଂ ସ୍ୱଚ୍ଛଳ ଚାଷୀ ପରିବାରକୁ ଜଣ ପିଛା ୫ କିଲୋ ଚାଉଳ ଦେଲେ ଗାଁରେ କେହି ଧାନ ଚାଉଳ କିଣୁ ନାହାନ୍ତି। ତେବେ ଚାଷୀ ଧାନ କିଣିବ କିଏ । ମାତ୍ର ୬% ଚାଷୀ ମଣ୍ଡିରେ ବିକ୍ରି କରୁଛନ୍ତି। ସରକାର ଯଦି ଚାଷ ଏବଂ ଚାଷୀଙ୍କର ଉନ୍ନତି ଚାହୁଁଛନ୍ତି ତେବେ ଟଙ୍କିକିଆ ଚାଉଳ ବନ୍ଦ କରନ୍ତୁ ନଚେତ ଚାଷ ଧ୍ୱଂସ ହୋଇଯିବ।

**–ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା**

## ଚିରନ୍ତନୀ

ପୃଥିବୀ-ଗ୍ରହର କୁହାଟ ଉଠେ
ସୌର ଜଗତ ମଥି
ସବୁଠାରୁ ବଡ଼ ଫଉଜ ହୋଇଛି ରଥୀ!
ଆଣବିକ ବୋମାଠାରୁ ବଳି ବଳୀୟାନ
ପଦନିକ୍ଷେପେ ପାହାଡ଼ ଲସଇ
ଅଗଣିତ ଆଗୁଆନ!
–(ଅଗଣିତ ଆଗୁଆନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୧୫୦ କୋଟି ଟଙ୍କାର ଇଥାନଲ ପ୍ରକଳ୍ପର ଶୁଭାରମ୍ଭ

**ଭୁବନେଶ୍ୱର,୨।୧୨:** ରପ୍ତାନି ଭିତ୍ତିକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣକାରୀ କୋଷ୍ଟାଲ କର୍ପୋରେସନ ତାହାର ଇଥାନଲ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ କରିଥିବା ସୂଚନା ମିଳିଛି। ୧୫୦ କୋଟିର ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ଜରିଆରେ ଏହାର ଉଦଘାଟନ କରିଥିଲେ। ଓଡ଼ିଶାର ଗଜପତି ଜିଲାର ମାରିଙ୍ଗୀ ଗ୍ରାମରେ ଉକ୍ତ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟ କରାଯାଇଛି। କୋଷ୍ଟାଲ କର୍ପୋରେସନ ଲିମିଟେଡର ପୂର୍ଣ୍ଣ ମାଲିକାନାଧୀନ ଏକ ସହଯୋଗୀ କମ୍ପାନୀ କୋଷ୍ଟାଲ ବାୟୋଟେକ ପ୍ରାଇଭେଟ ଲିମିଟେଡ ଉକ୍ତ ଇଥାନଲ ପ୍ରକଳ୍ପ ସ୍ଥାପନ କରିବ ଏବଂ ଏହାର ସ୍ଥାପିତ କ୍ଷମତା ୧୯୮୦୦୦ କେଏଲ ପିଡି ହେବ ବୋଲି ଜଣାପଡିଛି। ଏହି ପ୍ରକଳ୍ପ ୧୫୦ କୋଟି ଟଙ୍କା ବ୍ୟୟରେ ୩୦ ଏକର ପରିମିତ ଜମିରେ ବିକାଶ କାର୍ଯ୍ୟ କରାଯାଉଛି। ଏହି ପ୍ରକଳ୍ପରୁ ୨୦୨୩ ମାର୍ଚ୍ଚ ସୁଦ୍ଧା ଉତ୍ପାଦନ ଆରମ୍ଭ ହେବାର ସମ୍ଭାବନା ରହିଛି। ଏ ସମ୍ପର୍କରେ କୋଷ୍ଟାଲ କର୍ପୋରେସନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଏବଂ ଭାଇସ ଚେୟାରମ୍ୟାନ ଟି.ଭଲସାରାଜ କହିଛନ୍ତି 'ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଇଥାନଲ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହେବା ଆମପାଇଁ ଗୌରବର ବିଷୟ। ଦେଶର ବିକାଶ ଦିଗରେ ଆମ ପ୍ରତିବଦ୍ଧ ଏବଂ ସେ ଦିଗରେ କାର୍ଯ୍ୟ କରୁଛୁ। କାରଣ ଇଥାନଲ ମିଶ୍ରିତ ପେଟ୍ରୋଲ (ଇବିପି) ପ୍ରୟାସ କେବଳ ଦେଶର ତୈଳ ଆମଦାନୀ ଖର୍ଚ୍ଚ ଏବଂ ଅଙ୍ଗାକାମ୍ଳ ନିର୍ଗମନ ହ୍ରାସ କରିବାକୁ ଉଦ୍ଦିଷ୍ଟ ନୁହେଁ, ତାହା ସହିତ ଏହା ଶକ୍ତି ସୁରକ୍ଷା ଏବଂ ଆତ୍ମନିର୍ଭରତା ପ୍ରୟାସରେ ମଧ ଉନ୍ନତି ଆଣିବ ବୋଲି ସେ ମତବ୍ୟକ୍ତ କରିଥିଲେ।

### ବ୍ୟାଙ୍କ ଘରୋଇକରଣକୁ ସଂଘର ବିରୋଧ

**ଭୁବନେଶ୍ୱର,୨।୧୨:** କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁଭଳି ସହଯୋଗ ମିଳିବା କଥା ତା' ନ ମିଳିବାରୁ ସାରା ଦେଶର ବ୍ୟାଙ୍କର୍ସ ଆଗାମୀ ଦିନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିଶେଷକରି ଦୁଇ ସରକାରୀ ବ୍ୟାଙ୍କର ପ୍ରସ୍ତାବିତ ଘରୋଇକରଣ ବିରୋଧରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ (ୟୁଏଫ୍‌ବିୟୁ) ପକ୍ଷରୁ ଚଳିତ ମାସ ୧୬ ଓ ୧୭ ତାରିଖରେ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ବର୍ତ୍ତମାନ ୟୁଏଫ୍‌ବିୟୁ ଅଧୀନରେ ବ୍ୟାଙ୍କଗୁଡ଼ିକର ୯ ସଂଗଠନ କାର୍ଯ୍ୟ ଓ ସହଯୋଗ କରି ଆସୁଛି।

# ବିଶ୍ୱ ଅର୍ଥନୀତିକୁ ବିପଦ ଓମିକ୍ରନ୍

■ ପ୍ରଭାବିତ ହେବ ଯୋଗାଣ ଶୃଙ୍ଖଳ
■ ୨୦୨୩ରେ ଗ୍ଲୋବାଲ ଜିଡିପି ୩.୨% ହ୍ରାସ ଆଶଙ୍କା

ନୂଆଦିଲ୍ଲୀ, ୨।୧୨



କରୋନା ମହାମାରୀବେଳେ ତଳମୁହାଁ ହୋଇପଡ଼ିଥିବା ବିଶ୍ୱ ଅର୍ଥନୀତି ମୁଣ୍ଡ ଟେକିବାକୁ ଅଣ୍ଟା ଭିଡୁଥିବାବେଳେ କୋଭିଡ୍ ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ଯୋଗୁ ଏହା ପୁଣି ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଟିକା ଏହା ବିରୋଧରେ ପ୍ରଭାବୀ ନ ହୋଇପାରେ ବୋଲି ବୈଜ୍ଞାନିକ ତଥା ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଓମିକ୍ରନ୍‌କୁ 'ଚିନ୍ତାଜନକ ଭାରିଆଣ୍ଟ' ତାଲିକାରେ ରଖିବା ସହ ବିଭିନ୍ନ ଦେଶରେ ପୁଣି କଡ଼ା କଟକଣା ଫେରିଛି। ଏହାର ସିଧାସଳଖ ପ୍ରଭାବ ଅର୍ଥନୀତି ଉପରେ ପଡ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଦକ୍ଷିଣ ଆଫ୍ରିକାରେ ଓମିକ୍ରନ୍ ଚିହ୍ନଟ ହେବା ପରେ ଭାରତ ସମେତ ଅନେକ ଦେଶ ସେମାନଙ୍କ ଯାତ୍ରା ଗାଇଡ୍‌ଲାଇନ୍ ଘୋଷଣାକୁ ସ୍ଥଗିତ ରଖିଛନ୍ତି। ଓମିକ୍ରନ୍ ଉପରେ ଅଧିକ ଗବେଷଣା ଚାଲିଥିବାବେଳେ ଏହା ବିଶ୍ୱ ବାଣିଜ୍ୟ ଏବଂ ଅର୍ଥନୀତିରେ ଆସିଥିବା ସୁଧାରକୁ କିପରି ପ୍ରଭାବିତ କରିବ ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ସଂକ୍ରମଣ ନିୟନ୍ତ୍ରଣରେ ବିଫଳ ହେଲେ ବିଶ୍ୱସ୍ତରରେ ବହୁ ସଂଖ୍ୟାରେ ଲୋକ ଏଥିରେ ଆକ୍ରାନ୍ତ ହେବେ। ଟିକାକରଣ ହାର କମ୍ ଥିବା ଦେଶର ଜନସାଧାରଣ ଅଧିକ ପ୍ରଭାବିତ ହେବେ ଏବଂ ଡାକ୍ତରଖାନାରେ ଲୋକଙ୍କ ଗହଳି ବଢ଼ିବ। ଇକୋନୋମିକ୍ ଥିଙ୍କ୍‌ଟ୍ୟାଙ୍କ୍ ଅର୍ଥନୈତିକ ସହଯୋଗ ଏବଂ ବିକାଶ ସଙ୍ଗଠନ (ଓଇସିଡି) ମୁତାବକ, ଯଦି ଓମିକ୍ରନ୍ ଭାରିଆଣ୍ଟ ଏକ ବିଶ୍ୱସ୍ତରୀୟ ମନ୍ଥରତା ସୃଷ୍ଟି କରେ ତେବେ ପାଶ୍ଚାତ୍ୟ ସରକାର ବ୍ୟବସାୟ ଓ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଜରୁରିକାଳୀନ ଆର୍ଥିକ ସହାୟତା ଆଣିବାକୁ ବାଧ ହୋଇପାରନ୍ତି। ଯୋଗାଣ ଶୃଙ୍ଖଳ ପୁଣି ପ୍ରଭାବିତ ହୋଇପାରେ। ଏଥିଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ଜନିତ ସଙ୍କଟ ବଢ଼ିପାରେ, ଯାହା ଦ୍ୱାରା ବିଶ୍ୱ ଅର୍ଥନୀତିର ପୁନରୁଦ୍ଧାର ଆହୁରି କଷ୍ଟକର ହୋଇପଡ଼ିବ। ଦେଶଗୁଡ଼ିକରେ କଡ଼ା କଟକଣା ଲାଗୁ ହେଲେ ଦ୍ରବ୍ୟ ଏବଂ ସେବା ଚାହିଦା ପ୍ରଭାବିତ ହେବ। ଏଥିଯୋଗୁ ଶିଳ୍ପଜଗତ ବ୍ୟାପକ କ୍ଷତିଗ୍ରସ୍ତ ହେବ। ଜରୁରୀସ୍ଥିତିରେ ସରକାର ଏମର୍ଜେନ୍ସି ଫଣ୍ଡ ବ୍ୟବହାର କରିବାକୁ ବାଧ ହେବେ ବୋଲି ଓଇସିଡିର ପ୍ରମୁଖ ଅର୍ଥନୀତିଜ୍ଞ ଲୌରେନ୍ସ ବୋନେ କହିଛନ୍ତି।

ଗ୍ଲୋବାଲ ଜିଡିପି ଉପରେ ଓଇସିଡି ଏକ ରିପୋର୍ଟ ମଧ୍ୟ ପ୍ରକାଶ କରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ବିଶ୍ୱ ଜିଡିପି ୫.୬ % ବୃଦ୍ଧି ପାଇବାକୁ ଥିବାବେଳେ ୨୦୨୨ରେ ୪.୫ % ଏବଂ ୨୦୨୩ରେ ଏହା ୩.୨% ହ୍ରାସ ପାଇବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ମହାମାରୀ ଆରମ୍ଭରୁ ଜି-୨୦ ଗ୍ରୁପ୍‌ର ଦେଶଗୁଡ଼ିକ ଏମର୍ଜେନ୍ସି ସହାୟତା ଭାବେ ୧୦ ଟ୍ରିଲିୟନ ଡଲାର (୭୪,୯୪,୭୨,୫୦,୦୦,୦୦,୦୦୦ ଟଙ୍କା) ଖର୍ଚ୍ଚକରିସାରିଛନ୍ତି। ଯଦିବିଶ୍ୱବ୍ୟାପୀ ଟିକାକରଣ ସୁନିଶ୍ଚିତ ହୋଇଥାନ୍ତା ତେବେ ଏଥିପାଇଁ ମାତ୍ର ୫୦ ବିଲିୟନ ଡଲାର (୩୭,୪୭,୩୬,୨୫,୦୦,୦୦୦ ଟଙ୍କା) ଲାଗିଥାନ୍ତା ବୋଲି ବୋନେ କହିଛନ୍ତି।

## ରୁଚିର ଇଣ୍ଡିଆ ବେଷ୍ଟ ହୋମ୍ ସେଫ୍



**ଭୁବନେଶ୍ୱର,୨।୧୨:** ରୁଚି ଉଦ୍ୟୋଗ ପକ୍ଷରୁ ମହିଳାମାନଙ୍କୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଏକ ରୋଷେଇ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହାର ଅନ୍ତିମ କାର୍ଯ୍ୟକ୍ରମ ଗୁରୁବାର ମଧୁପାଟଣାସ୍ଥିତ ଫ୍ରୋଜିଟ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲୋକପ୍ରିୟ ସେଫ୍ ସୁନୀଲ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ରୁଚି-ଫ୍ରୋଜିଟ୍ ଇଣ୍ଡିଆ ବେଷ୍ଟ ହୋମ୍ ସେଫ୍-୨୦୨୧ର ପୁରସ୍କାର ବିତରଣୀ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରୁଚିର ମାର୍କେଟିଂ ମୁଖ୍ୟ ଦେବବ୍ରତ ପଟ୍ଟନାୟକ ଓ ଫ୍ରୋଜିଟ୍‌ର ଫାଇନାନ୍ସ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୁନୀଲ ପ୍ରାରମ୍ଭିକ ଅଭିଭାଷଣ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଦୁବାଇ, ଇଣ୍ଡୋନେସିଆ ଓ ମସ୍କାଟ୍ ସମେତ ଭାରତର ୧୫ଟି ରାଜ୍ୟରୁ ୧୦୦ଜଣ ପ୍ରତିଯୋଗୀଙ୍କୁ ସେ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ମଧୁସ୍ମିତା ସୋରେନ୍ ପ୍ରଥମ, ସୋନାଲି ରେ ଦ୍ୱିତୀୟ ଏବଂ ବନଜା ପାତ୍ର ଓ ରାଜସ୍ଥାନର ଗାୟତ୍ରୀ ରତନ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପରିଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ଯଥାକ୍ରମେ ୫୦୦୦, ୩୦୦୦ ଓ ୨୦୦୦ ଟଙ୍କାର ଅର୍ଥରାଶି ସହ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରୁଚିର ଉଲ୍ଲାସ ଚନ୍ଦ୍ର ବେହୁରା ସଂଯୋଜନା କରିଥିବା ବେଳେ ଦେବସ୍ମିତା ମିଶ୍ର, ଅମୃତରଂଜନ ଦାଶ, କୃଷ୍ଣଚନ୍ଦ୍ର ଦାଶ, ଜ୍ଞାନରଂଜନ ରାୟ, ସନ୍ତୋଷ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଏନ୍‌ଏଚ୍‌ଏଆଇ ସହ ବେଦାନ୍ତର ସହଭାଗିତା



**ଭୁବନେଶ୍ୱର,୨।୧୨:** ଓଡ଼ିଶାରେ ସବୁଜ ରାଜପଥ ନିର୍ମାଣ ପାଇଁ ଫ୍ଲାଏ ଆଶ୍ ଯୋଗାଣ ଲାଗି ବେଦାନ୍ତ ଲିମିଟେଡ୍‌ର ଝାରସୁଗୁଡ଼ା ୟୁନିଟ ପକ୍ଷରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ସହିତ ଦୀର୍ଘ ମିଆଦୀ ସହଭାଗିତା ସ୍ଥାପନ କରାଯାଇଛି। କମ୍ପାନୀର ତାପଜ ବିଦ୍ୟୁତ୍ କାରଖାନାରୁ ସୃଷ୍ଟି ହେଉଥିବା ଏକ ଉପ ଉତ୍ପାଦ ଫ୍ଲାଏ ଆଶ୍‌କୁ ରାଜପଥ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରିବା। ଏହି ସହଭାଗିତାର ଲକ୍ଷ୍ୟ ହେଉଛି ରାଜ୍ୟରେ ସବୁଜ ସଡ଼କ ଜରିଆରେ ଏକ ସଂଯୋଗୀକରଣ ଅର୍ଥନୀତି ସୃଷ୍ଟି କରିବା ଏବଂ ଅର୍ଥନୀତି କ୍ଷେତ୍ରରେ ଶିଳ୍ପର ଉପ ଉତ୍ପାଦର ଅର୍ଥପୂର୍ଣ୍ଣ ବ୍ୟବହାରକୁ ନିଶ୍ଚିତ କରିବା। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ (ଝାରସୁଗୁଡ଼ା ୟୁନିଟ)ର ଡେପୁଟି ସିଇଓ ଦୀପକ ପ୍ରସାଦ କହିଛନ୍ତି, ବେଦାନ୍ତ ଓ ଏନ୍‌ଏଚ୍‌ଏଆଇ ମଧ୍ୟରେ ହୋଇଥିବା ଦୀର୍ଘମିଆଦୀ ସହଭାଗିତା କେବଳ ବ୍ୟବସ୍ଥାରୁ ଉଲ୍ଲେଖନୀୟ ପରିମାଣର ବର୍ଜ୍ୟ ଦୂର କରିବ ନାହିଁ ବରଂ ଜାତୀୟ ରାଜପଥ ନିର୍ମାଣ ପ୍ରକଳ୍ପ ଲାଗି ଗୁଣାତ୍ମକ, ନିରନ୍ତରତା ଓ ଖର୍ଚ୍ଚ ଲାଭ ଥିବା ସୁବିଧା ପ୍ରଦାନ କରିବ।

## ଟିପିଏସ୍‌ଓଡିଏଲ୍‌ର ବାତ୍ୟା ପ୍ରସ୍ତୁତି

**ଭୁବନେଶ୍ୱର,୨।୧୨(ବ୍ୟୁରୋ):** 'ଜୱାଦ' ୪ତାରିଖ ସକାଳେ ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶା ଉପକୂଳରେ ପହଞ୍ଚିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏଥିରେ ଦକ୍ଷିଣ ଓଡ଼ିଶା ଅଧିକ ପ୍ରଭାବିତ ହେବ। ଏହାର ମୁକାବିଲା ପାଇଁ ଟାଟା ପାୱାର ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍)ର ବିଜନେସ୍ କଣ୍ଟିନ୍ୟୁଟି ଆଣ୍ଡ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ (ବିସିଡିଏମ୍) ପ୍ରସ୍ତୁତି ଆରମ୍ଭ କରିଛି। ଏହା ପୂର୍ବରୁ ମକ୍ ଡ୍ରିଲ୍ ସହ ଜରୁରୀକାଳୀନ ନମ୍ବର ଓ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବା ଲାଗି ଏକ ଟିମ୍ ଗଠନ କରାଯାଇଛି। ଜରୁରୀକାଳୀନ ସମୟରେ ଗ୍ରାହକ ପାୱାର୍ ସିଷ୍ଟମ୍ କଣ୍ଟ୍ରୋଲ ସେଣ୍ଟର (ପିଏସସିସି)କୁ ଫୋନ୍ ନମ୍ବର ୯୪୩୭୪ ୮୪୮୬୮ରେ କିମ୍ବା ୨୪ ଘଣ୍ଟିଆ କଲ୍ ସେଣ୍ଟର ନମ୍ବର ୧୮୦୦୩୪୫୬୭୯କୁ କଲ୍ କରି ନିଜ ସମସ୍ୟା ଜଣାଇପରିବେ ବୋଲି ଟିପିଏସ୍‌ଓଡିଏଲ୍ ସିଇଓ ଅରବିନ୍ଦ ସିଂହ କହିଛନ୍ତି।

## ନଭେମ୍ବରରେ ଓଡ଼ିଶାର ଜିଏସ୍‌ଟି ସଂଗ୍ରହ ୪୧୩୬ କୋଟି

ଭୁବନେଶ୍ୱର,୨।୧୨



ଓଡ଼ିଶାର ଜିଏସ୍‌ଟି ସଂଗ୍ରହରେ ୬୪% ଅଭିବୃଦ୍ଧି ହୋଇଛି। ଚଳିତ ବର୍ଷ ନଭେମ୍ବରରେ ଓଡ଼ିଶାର ୪,୧୩୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ଏହି ମାସରେ ରାଜ୍ୟର ଜିଏସ୍‌ଟି ସଂଗ୍ରହ ୬୪% ଅଭିବୃଦ୍ଧି କରିଛି। ଗତବର୍ଷ ନଭେମ୍ବରରେ ୨,୫୨୮ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। କ୍ରମାଗତ ୩ୟ ମାସ ପାଇଁ ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଜିଏସ୍‌ଟି ସଂଗ୍ରହ ସର୍ବାଧିକ ହୋଇଥିବାବେଳେ ଜିଏସ୍‌ଟି ପ୍ରଚଳନ ପରଠାରୁ ଏହା ହେଉଛି ଓଡ଼ିଶାର ସର୍ବାଧିକ ଅଭିବୃଦ୍ଧି। ଚଳିତ ଆର୍ଥିକ ବର୍ଷରେ ନଭେମ୍ବର ପର୍ଯ୍ୟନ୍ତ ରାଜ୍ୟ ମୋଟ ଜିଏସ୍‌ଟି ସଂଗ୍ରହ ୨୮୦୩୨.୯୮ କୋଟି ଟଙ୍କା ହୋଇଥିବା ବେଳେ ୨୦୨୦-୨୧ ନଭେମ୍ବର ପର୍ଯ୍ୟନ୍ତ ଏହା ଥିଲା ୧୭୨୨୯.୨୬ କୋଟି ଟଙ୍କା। ଫଳରେ ଏ କ୍ଷେତ୍ରରେ ୬୨.୭୧% ଅଭିବୃଦ୍ଧି ଘଟିଛି। ୨୦୧୯-୨୦ ଆର୍ଥିକ ବର୍ଷର ନଭେମ୍ବର ପର୍ଯ୍ୟନ୍ତ ଏହି ସଂଖ୍ୟା ଥିଲା ୧୯୩୬୬.୯୫ କୋଟି ଟଙ୍କା। ଚଳିତ ନଭେମ୍ବରରେ ରାଜ୍ୟ ଜିଏସ୍‌ଟି ବାବଦରେ ଓଡ଼ିଶା ୧୧୫୭.୬୯ କୋଟି ଟଙ୍କା ସଂଗ୍ରହ କରିଛି, ଯାହାକି ଗତ ବର୍ଷ ଏହି ସମୟରେ ୬୮୧.୯୬ କୋଟି ରହିଥିଲା। ଏ କ୍ଷେତ୍ରରେ ୬୯.୭୬% ଅଭିବୃଦ୍ଧି ଘଟିଛି। ନଭେମ୍ବରର ଜିଏସ୍‌ଟି ସଂଗ୍ରହ ଜିଏସ୍‌ଟି ଆଇନ ପ୍ରଚଳନ ପରଠାରୁ ସର୍ବାଧିକ ରହିଛି ବୋଲି ଜିଏସ୍‌ଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ୨୦୨୧-୨୨ ଆର୍ଥିକ ବର୍ଷର ନଭେମ୍ବର ପର୍ଯ୍ୟନ୍ତ ମୋଟ ରାଜ୍ୟ ଜିଏସ୍‌ଟି ବାବଦରେ ଓଡ଼ିଶା ୭୯୭୭.୬୦ କୋଟି ଟଙ୍କା ସଂଗ୍ରହ କରିଛି, ଯାହାକି ୨୦୨୦-୨୧ ବର୍ଷର ଏହି ସମୟ ପର୍ଯ୍ୟନ୍ତ ୬୦୧୩.୫୦ କୋଟି ଟଙ୍କା ଆଦାୟ ହୋଇଥିଲା। ଏ କ୍ଷେତ୍ରରେ ମଧ ୫୯.୧୨ % ଅଭିବୃଦ୍ଧି ହାସଲ କରିପାରିଛି। ୨୦୧୯-୨୦ ଆର୍ଥିକ ବର୍ଷର ନଭେମ୍ବର ମାସ ପର୍ଯ୍ୟନ୍ତ ମୋଟ ରାଜ୍ୟ ଜିଏସ୍‌ଟି ୫୬୬୧.୧୮ କୋଟି ଟଙ୍କା ରହିଥିଲା। ସର୍ବଭାରତୀୟ ସ୍ତରରେ ନଭେମ୍ବରରେ ୧,୩୧,୫୨୬ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ୨୦୧୭ ଜୁଲାଇରେ ଜିଏସ୍‌ଟି ଲାଗୁ ହେବା ପରଠାରୁ ଏହା ଦ୍ୱିତୀୟ ସର୍ବାଧିକ ମାସିକ ସଂଗ୍ରହ। ଏହା ପୂର୍ବରୁ ଚଳିତ ବର୍ଷ ଏପ୍ରିଲରେ ସର୍ବକାଳୀନ ସର୍ବାଧିକ ୧,୩୯,୭୦୮ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଥିଲା। ଏହି ସମୟସୀମା ମଧ୍ୟରେ ୨୩,୯୭୮ କୋଟି ଟଙ୍କାର କେନ୍ଦ୍ରୀୟ ଜିଏସ୍‌ଟି, ୩୧,୧୨୭ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି, ୬୬,୮୧୫ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି ଏବଂ ୯,୬୦୬ କୋଟି ଟଙ୍କାର ସେସ୍ ସଂଗ୍ରହ କରାଯାଇଛି। ଲଗାତର ଦ୍ୱିତୀୟ ମାସ ଲାଗି ୨୦୨୧ ନଭେମ୍ବରରେ ଜିଏସ୍‌ଟି ସଂଗ୍ରହ ୧ ଲକ୍ଷ ୩୦ ହଜାର କୋଟି ଟଙ୍କାରୁ ଅଧିକ ରହିଛି।

## ଫୁରସତ୍

# ସଫଳତା ଆଣିଦିଏ ଦୃଢ଼ ମନୋବଳ

**ଆଜି ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ**

ସଫଳତା ପାଇବାରେ ଦିବ୍ୟାଙ୍ଗତା ବାଧା ସୃଷ୍ଟି କରି ନ ଥାଏ। ମନୋବଳ ଦୃଢ଼ ଥିଲେ ଜୀବନ ଯୁଦ୍ଧରେ ବି ବିଜୟ ମିଳେ। ଦିବ୍ୟାଙ୍ଗଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି ସହିତ ସେମାନଙ୍କ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ଲାଗି ପ୍ରତିବର୍ଷ ଡିସେମ୍ବର ୩ରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଥାଏ।

୧୯୮୧ରେ ମିଳିତ ଜାତିସଂଘରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଏହା ଅନ୍ତର୍ଗତ ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲାଗି ସୁଯୋଗ ପ୍ରଦାନରେ ସମାନତା, ପୁନର୍ବାସ ଏବଂ ଅକ୍ଷମତା ରୋକିବା ଉପରେ ଗୁରୁତ୍ୱ ଦେବା ଲାଗି ଆହ୍ୱାନ ଦିଆଯାଇଥିଲା। ସମାଜରେ ଦିବ୍ୟାଙ୍ଗଙ୍କ ଜୀବନ ତଥା ବିକାଶ ପାଇଁ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡିସେମ୍ବର୧୯୮୨ରେ ମିଳିତ ଜାତିସଂଘର ସାଧାରଣ ସଭା ଦ୍ୱାରା ଗ୍ରହଣ କରାଯାଇଥିବା କେତେକ ପ୍ରସ୍ତାବ ଆଧାରରେ ଦିବ୍ୟାଙ୍ଗଙ୍କ ବିକାଶ କାର୍ଯ୍ୟକ୍ରମ ୧୯୮୩ରୁ ୧୯୯୩ ପର୍ଯ୍ୟନ୍ତ ଏକ ଦଶନ୍ଧି ଧରି ଚାଲିଥିଲା। ଜାତିସଂଘ ସାଧାରଣ ସଭାରେ ଆମେରିକାର ଶିକ୍ଷା ବିଭାଗର ସହକାରୀ ସଚିବ ରବର୍ଟ ଆର୍ ଡାଭିଲା ଡିସେମ୍ବର ୩ରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଲାଗି ପ୍ରସ୍ତାବ ଦେଇଥିଲେ। ଏହାପରେ ୧୯୯୨ଠାରୁ ପ୍ରତିବର୍ଷ ଡିସେମ୍ବର ୩ରେ ଏହି ଦିବସ ପାଳିତ ହୋଇଆସୁଛି। ଏହି ଦିବସ ପାଳନ ଅବସରରେ ଦିବ୍ୟାଙ୍ଗଙ୍କ ଅଧିକାର ଏବଂ ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଲାଗି ସଚେତନତା ସୃଷ୍ଟି କରାଯାଇଥାଏ।

# ବଲିଉଡ୍‌ରେ କାମ କରିବାକୁ ନିକ୍‌ଙ୍କ ଇଚ୍ଛା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କ ସ୍ୱାମୀ ନିକ୍ ଜୋନାସ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିବେ ବୋଲି ଚର୍ଚ୍ଚା ଜୋର ଧରିଛି। ନିକଟରେ ସେ ଏକ ସାକ୍ଷାତକାରରେ ବଲିଉଡ୍ ଫିଲ୍ମର ବେଶ୍ ପ୍ରଶଂସା କରିଛନ୍ତି। ଏଠାକାର ଫିଲ୍ମ ବେଶ୍ ପ୍ରେରଣାଦାୟକ ବୋଲି ସେ ପ୍ରକାଶ କରିଛନ୍ତି। ଯଦି ତାଙ୍କୁ ଭଲ ଚରିତ୍ର ପାଇଁ ଅଫର ମିଳେ, ତେବେ ସେ ଏଥିପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ୨୯ ବର୍ଷୀୟ ନିକ୍ କହିଛନ୍ତି। ଗତ କିଛି ବର୍ଷ ଧରି ପ୍ରିୟଙ୍କାଙ୍କ ସହ ରହି ସେ ବଲିଉଡ୍‌ର ବହୁତ ନିକଟତର ହୋଇ ଯାଇଛନ୍ତି। ଏଠାରେ ତାଙ୍କର ଅନେକ ଭଲ ସାଙ୍ଗ ମଧ୍ୟ ହୋଇଯାଇଛନ୍ତି। ବଲିଉଡ୍ ଇଣ୍ଡଷ୍ଟ୍ରିକୁ ସେ ଏକ ଚମତ୍କାର ଇଣ୍ଡଷ୍ଟ୍ରି ବୋଲି ମଧ୍ୟ କହିଛନ୍ତି। କେବଳ ଏତିକି ନୁହେଁ, ସେ ହିନ୍ଦୀ ଗୀତର ଖୁବ୍ ପ୍ରଶଂସା କରିବା ସହ ନିଜ ଘରୋଇ ପାର୍ଟିରେ କେବଳ ହିନ୍ଦୀ ଗୀତ ବଜାନ୍ତି। ନିକ୍ ଏବଂ ପ୍ରିୟଙ୍କା ୨୦୧୮ ଡିସେମ୍ବରରେ ଯୋଧପୁରର ଉମେଦ ଭବନ ପ୍ୟାଲେସ୍‌ରେ ବିବାହ କରିଥିଲେ। 'ଦ ମାଟ୍ରିକ୍ସ ରିସରେକ୍ସନ'ରେ ପ୍ରିୟଙ୍କାଙ୍କୁ ଦେଖିବାକୁ ମିଳିବ। ଏଥିରେ ସେ ସତୀ ଚରିତ୍ରରେ ଅଭିନୟ କରିଛନ୍ତି। ଏହା ବ୍ୟତୀତ ଫରହାନ୍ ଅଖତରଙ୍କ 'ଜି ଲେ ଜରା'ରେ ଆଲିଆ ଭଟ୍ଟ ଏବଂ କ୍ୟାଟ୍ରିନା କୈଫ ସହ ମଧ୍ୟ ନଜର ଆସିବେ।

Invitation to become a Health Partner of
TATA 1mg
Join India's trusted e-Health platform to spread the message of Tata 1mg to your community and earn on every order you help generate.
Visit: 1mg.com/healthpartner to know more & apply
9311124394
affiliate@1mg.com

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ରେବତି ହରିଚନ୍ଦନ
ସ୍ୱାମି- ଡ଼ା.ବିମଳଚନ୍ଦ୍ର ହରିଚନ୍ଦନ
ସିଜୁଆ, ପାତ୍ରପଡା, ଭୁବନେଶ୍ୱର
ଆବିର୍ଭାବ- ୧୦.୦୯.୧୯୪୯
ତିରୋଧାନ- ୨୪.୧୧.୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଚରଣ କମଳରେ ଶୋକଭରା ହୃଦୟରେ ବିନମ୍ର ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-: ଶୋକସନ୍ତପ୍ତ :-
ସମସ୍ତ ବନ୍ଧୁ ବାନ୍ଧବ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୭୧୪୪୬

## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

ADMISSION OPEN 2021-23
Acharya Nagarjuna University
B.Ed
Admission in Top 15 B.Ed Colleges (Guntur Township) with current NCTE & University affiliation.
MBA,MCA,M.Sc,M.Com,MA & PG Dip.
Odisha's Most Reliable
KALINGA B.ED ACADEMY
H.O. 359, 2nd Floor, Rupali Square, BBSR
Ph : 8895760756, 9937233156
Branch - PURI, Ph- 7008529726

FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧରେ ଯୋଗାଇ ଦିଆ ଯାଉଛି।
DK Small Finance Ltd
Navi Mumbai
www.dksfl.in
7684939383

କେମିତି ମଦ ଛାଡିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ. ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ. ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

TELECOM 4G (SMS JOB)
Telecom 4G Company मे (SMS- JOB) करके लड़के, लड़कियाँ गृहणियाँ घर बैठे कमाये 15000- 25000 महीना Laptop+ Mobile Free आवेदन हेतु नाम पता sms/whatsapp/ call करें
Call/what 9831771154, 9831772379

LOAN DHAMAKA
AADARSH FINANCE
ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ଲକ୍ଷ ରୁ ୫୦ଲକ୍ଷ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋନ୍ ଯୋଗାଇଦେଉଛି।
2%Interest, 40% Subsidy
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ।
ଯୋଗାଯୋଗ : 9432985505
: 9432985505

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।






# ସମ୍ଭାବ୍ୟ ବାତ୍ୟାକୁ ନେଇ ଚିନ୍ତା

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଏବେ ଚାଲିଛି ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ। ଏହି ମେଗା ପ୍ରତିଯୋଗିତା ୫ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ତେବେ ସମ୍ଭାବ୍ୟ ବାତ୍ୟା 'ଜୱାଦ'କୁ ନେଇ ଚିନ୍ତା ବଢ଼ିଛି। ବାତ୍ୟା କେଉଁଠି ଲ୍ୟାଣ୍ଡଫଲ୍ କରିବ ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ଶୁକ୍ରବାରଠାରୁ ବର୍ଷା ସହ ମଧ୍ୟରାତ୍ରିରୁ ପବନର ବେଗ ବଢ଼ିବା ସମ୍ଭାବନା ରହିଛି। ଏପରିକି ଘଣ୍ଟାପ୍ରତି ୧୦୦ କି.ମି. ବେଗରେ ମଧ୍ୟ ପବନ ହେବା ଆକଳନ କରାଯାଉଛି। ଏପରିସ୍ଥଳେ କଳିଙ୍ଗ ଷ୍ଟାଡିୟମରେ ମ୍ୟାଚକୁ ନେଇ ଚିନ୍ତା ବଢ଼ିଛି। କାରଣ ୩ ତାରିଖ ଅର୍ଥାତ୍ ଶୁକ୍ରବାର ୪ଟି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ଣ ୧୦ଟା ୩୦ ଓ ଅପରାହ୍ଣ ୧ଟା ୩୦ରେ ୨ଟି କ୍ଲାସିଫିକେଶନ ମ୍ୟାଚ ସହ ଅପରାହ୍ଣ ୪ଟା ୩୦ ଓ ରାତି ୭ଟା ୩୦ରେ ୨ଟି ସେମିଫାଇନାଲ ମ୍ୟାଚ ଖେଳାଯିବ। ଭାରତ ଓ ଜର୍ମାନୀ ସେମିଫାଇନାଲ ମ୍ୟାଚ ୭ଟା ୩୦ରେ ଅନୁଷ୍ଠିତ ହେବ। ୪ ତାରିଖରେ ମଧ୍ୟ ୪ଟି ମ୍ୟାଚ ଖେଳାଯିବ। ଏହା ବ୍ୟତୀତ ୫ ତାରିଖ ରାତି ୭ଟା ୩୦ରେ ଫାଇନାଲ ସହ ଅପରାହ୍ଣ ୪ଟା ୩୦ରେ ବ୍ରୋଞ୍ଜ ପଦକ ପାଇଁ ମ୍ୟାଚ ଏବଂ ପୂର୍ବାହ୍ଣ ୧୦ଟା ୩୦ ଓ ଅପରାହ୍ଣ ୧ଟା ୩୦ରେ ୨ଟି କ୍ଲାସିଫିକେଶନ ମ୍ୟାଚ ଖେଳାଯିବ। ତେବେ ପବନ ସହ ବର୍ଷା ହେଲେ କିପରି ଖେଳ ହେବ ତା'କୁ ନେଇ ଚିନ୍ତା ରହିଛି। ବାତ୍ୟା ହେଲେ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଅନ୍ତର୍ଜାତୀୟ ହକି ଫେଡେରେଶନ କିମ୍ବା ହକି ଇଣ୍ଡିଆ ପକ୍ଷରୁ କୌଣସି ନିଷ୍ପତ୍ତି ନିଆ ଯାଇନାହିଁ।

# ୫ରୁ ୮ ସ୍ଥାନ ପାଇଁ କ୍ରସ୍ ଓଭର

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି): ଜୁନିୟର ହକି ବିଶ୍ୱକପ୍‌ରେ ଶୁକ୍ରବାର ୫ରୁ ୮ମ ସ୍ଥାନ ପାଇଁ ୨ଟି କ୍ରସ୍ ଓଭର ମ୍ୟାଚ ଅନୁଷ୍ଠିତ ହେବ। କ୍ୱାର୍ଟରରେ ପରାଜିତ ୪ ଦଳ ଏହି ୨ଟି ମ୍ୟାଚ ଖେଳିବେ। ପୂର୍ବାହ୍ଣ ୧୦ଟା ୩୦ରେ ବେଲଜିୟମ-ସ୍ପେନ ଏବଂ ଅପରାହ୍ଣ ୧ଟା ୩୦ରେ ମାଲେସିଆ-ନେଦରଲାଣ୍ଡ ମଧ୍ୟରେ ମୁକାବିଲା ହେବ। କ୍ୱାର୍ଟରରେ ଭାରତଠାରୁ ବେଲ୍‌ଜିୟମ, ଜର୍ମାନୀଠାରୁ ସ୍ପେନ, ଫ୍ରାନ୍ସ ନିକଟରୁ ମାଲେସିଆ ଓ ଆର୍ଜେଣ୍ଟିନାଠାରୁ ନେଦରଲାଣ୍ଡ ପରାଜିତ ହୋଇଥିଲା।

# ୨୦ ବର୍ଷ ପରେ ଭାରତ-ଜର୍ମାନୀ ଭେଟ

ଭୁବନେଶ୍ୱର,୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ୨ଟି ଯାକ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଫ୍ରାନ୍ସ-ଆର୍ଜେଣ୍ଟିନା ଓ ଦ୍ୱିତୀୟ ସେମିଫାଇନାଲରେ ଭାରତ ଓ ଜର୍ମାନୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟର ଇତିହାସରେ ଜର୍ମାନୀ ସବୁଠାରୁ ସଫଳ ଏବଂ ଭାରତ ଦ୍ୱିତୀୟ ସଫଳ ଦଳ। ତେଣୁ ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

## ଜର୍ମାନୀ ୫, ଭାରତ ୩

ରେକର୍ଡ ଅନୁସାରେ ଭାରତ ଓ ଜର୍ମାନୀ ମଧ୍ୟରେ ଏହା ପୂର୍ବରୁ ମୋଟ ୧୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସେଥିରୁ ଜର୍ମାନୀ ୫ଟିରେ ବିଜୟୀ ହୋଇଥିବାବେଳେ ଭାରତ ୩ଟି ମ୍ୟାଚ ଜିତିଛି ଏବଂ ଅବଶିଷ୍ଟ ୬ଟି ମ୍ୟାଚ ଡ୍ର ରହିଛି। ଶେଷଥର ପାଇଁ ଭାରତ ଓ ଜର୍ମାନୀ ମଧ୍ୟରେ ୨୦୦୧ ମସିହାରେ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ସେଥିରେ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ୨ୟ



ଭାରତୀୟ ଦଳର ଅଭ୍ୟାସ।

ମିନିଟରେ କନୱଲପ୍ରୀତ ସିଂ, ୨୩ ମିନିଟରେ ଇନ୍ଦରଜିତ ସିଂ ଏବଂ ୩୪ ମିନିଟରେ ଅର୍ଜୁନ ହଲାପ୍ପା ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତକୁ ୩-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଜର୍ମାନୀ ପ୍ରଭାବୀ ପ୍ରଦର୍ଶନ କରି ୨ଟି ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲା। ଏହି ଦଳର ଫ୍ଲୋରିଆନ କେଲର ୫୨ ଓ

**ଆଜି ସେମିଫାଇନାଲ**

ମାଥିଆସ ୱିଥାଉସ ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଫାଇନାଲରେ ଭାରତ ୬-୧ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ଚାମ୍ପିୟନ ହୋଇଥିଲା। ଏହାପରେ ୨୦୦୫, ୨୦୦୯, ୨୦୧୩ ଓ ୨୦୧୬ ବିଶ୍ୱକପ୍‌ରେ ଆଉ ଭାରତ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହୋଇନାହିଁ। ତେଣୁ ଦୀର୍ଘ ୨୦ ବର୍ଷ ବ୍ୟବଧାନରେ ଭାରତ ଓ ଜର୍ମାନୀ ମଧ୍ୟରେ ମୁକାବିଲା ହେବାକୁ ଯାଉଛି।

## ସଫଳ ଦଳ ଜର୍ମାନୀ

ଟୁର୍ନାମେଣ୍ଟ ଇତିହାସ ଦେଖିଲେ ଜର୍ମାନୀ ସବୁଠାରୁ ସଫଳ ଦଳଭାବେ ଉଭା ହୋଇଛି। ପ୍ରତିଯୋଗିତାର ଗତ ୧୧ ସଂସ୍କରଣ ମଧ୍ୟରୁ ଜର୍ମାନୀ ୬ ଥର ଚାମ୍ପିୟନ ହୋଇଛି। ଏହି ଦଳ ୧୯୮୨, ୧୯୮୫, ୧୯୮୯, ୧୯୯୩, ୨୦୦୯ ଓ ୨୦୧୩ରେ ଟାଇଟଲ ହାସଲ କରିଛି। କେବଳ ସେତିକି ନୁହେଁ ଏହି ଦଳ ୧୯୭୯ରେ ରନର୍ସଅପ୍ ହେବା ସହିତ ୧୯୯୭, ୨୦୦୧ ଓ ୨୦୧୬ରେ ବ୍ରୋଞ୍ଜ ପଦକ ହାସଲ କରିଛି। ଅର୍ଥାତ୍ ୧୧ ସଂସ୍କରଣରୁ ଜର୍ମାନୀ ୧୦ଥର ପୋଡିୟମ ମଣ୍ଡନ କରିଛି। କେବଳ ୨୦୦୫ରେ ଏହି ଦଳ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ସେହି ତୁଳନାରେ ଦେଖିବାକୁ ଗଲେ ଭାରତ ବହୁ ପଛରେ ରହିଛି। ଭାରତ ୨୦୦୧ ଓ ୨୦୧୬ରେ ଚାମ୍ପିୟନ ହୋଇଥିବାବେଳେ ୧୯୯୭ରେ ରନର୍ସଅପ୍ ହୋଇଛି। ୨୦୦୫ରେ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ ହେଁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ଭାରତ ୧୯୭୯, ୧୯୮୨, ୧୯୮୫ରେ ୫ମ, ୨୦୦୫ରେ ଚତୁର୍ଥ, ୨୦୦୯ରେ ୯ମ ଏବଂ ୨୦୧୦ରେ ୧୦ମ ସ୍ଥାନରେ ରହିଥିଲା।

## ୨୦୨୧ ପ୍ରଦର୍ଶନ

ଟୁର୍ନାମେଣ୍ଟର ଚଳିତ ସଂସ୍କରଣରେ ଜର୍ମାନୀ ପୁଲ୍ 'ଡି'ରେ ପାକିସ୍ତାନକୁ ୫-୨, ଆର୍ଜେଣ୍ଟିନାକୁ ୩-୨ ଓ ଇଜିପ୍ଟକୁ ୧୧-୦ ଗୋଲରେ ହରାଇ ଅପରାଜେୟ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସ୍ପେନ ବିପକ୍ଷ ତୀବ୍ର ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଜର୍ମାନୀ ଶୁଟ୍‌ଆଉଟ ୩-୧ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ପୁଲ୍ 'ବି'ରେ ଖେଳିଥିବା ଭାରତ ପ୍ରଥମ ମ୍ୟାଚରେ ଫ୍ରାନ୍ସ ନିକଟରୁ ପରାଜୟ ସ୍ୱାଦ ଚାଖିଥିଲା। ମାତ୍ର ପରବର୍ତ୍ତୀ ୨ଟି ମ୍ୟାଚରେ ୱାଇଲ୍ଡକାର୍ଡଧାରୀ କାନାଡାକୁ ୧୩-୧ ଓ ପୋଲାଣ୍ଡକୁ ୮-୨ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲା। ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ଘରୋଇ ଦଳ ୧-୦ ଗୋଲରେ ବେଲଜିୟମକୁ ପରାସ୍ତ କରି ସେମିଫାଇନାଲ ଖେଳିବାକୁ ଯାଉଛି। ଭାରତ ପକ୍ଷରୁ ସଞ୍ଜୟ ୮ଟି ଗୋଲ ଦେଇ ତାଲିକାର ତୃତୀୟ ସର୍ବାଧିକ ଗୋଲ ସ୍କୋରର ସ୍ଥାନରେ ରହିଛନ୍ତି। ନେଦରଲାଣ୍ଡର ମାଇଲ୍ସ ବୁକେନ୍ସ ୧୧ ଓ ଫ୍ରାନ୍ସର ଟିମୋଥି କ୍ଲିମେଣ୍ଟ ୧୧ ଗୋଲ ଦେଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି।



କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ଚିଲି-ଇଜିପ୍ଟ କ୍ରସ୍‌ଓଭର ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆମେରିକାକୁ ହରାଇଲା କାନାଡା

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ କ୍ରସ୍‌ଓଭର ମ୍ୟାଚରେ କାନାଡା ୪-୦ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ କାନାଡାର ଏହାଥିଲା

**କ୍ରସ୍ ଓଭର ମ୍ୟାଚ**

ପ୍ରଥମ ବିଜୟ। ପ୍ରଥମ କ୍ୱାର୍ଟରେ ଗୋଲଶୂନ୍ୟ ରହିବା ପରେ ୨୦ତମ ମିନିଟରେ ଅଧିନାୟକ କ୍ରିଷ୍ଟୋଫର ଟର୍ଡିଫ ପେନାଲ୍ଟି କର୍ନରରୁ ଗୋଲ ସ୍କୋର କରି କାନାଡାକୁ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ ଆଲେକଜାଣ୍ଡର ବାର୍ଡ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ କାନାଡା ୨-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଟିଏ ଗୋଲ ହୋଇଥିଲା। ୩୮ତମ ମିନିଟରେ କାନାଡାର ଫ୍ଲିନ ମ୍ୟାକକୁଲୋକ ଗୋଟିଏ ଗୋଲ ଦେଇଥିଲେ। ଏହି ଗୋଲଟି ପେନାଲ୍ଟି କର୍ନରରୁ ଆସିଥିଲା। ଅନ୍ତିମ କ୍ୱାର୍ଟରରେ ମଧ୍ୟ କାନାଡା ଗୋଟିଏ ଗୋଲ ସ୍କୋର କରିଥିଲା। ୫୨ତମ ମିନିଟରେ ଦଳକୁ ଏକ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଆଲେକଜାଣ୍ଡର ବାର୍ଡ।

ପେନାଲ୍ଟି କର୍ନର ମିଳିଥିଲା। ଏହାକୁ କନଭର୍ସନ ସମୟରେ ଆମେରିକା ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ କାନାଡାକୁ ପେନାଲ୍ଟି ଷ୍ଟ୍ରୋକ୍ ସୁଯୋଗ ଦିଆଯାଇଥିଲା। ବାର୍ଡ ଏହାକୁ ଗୋଲରେ ପରିଣତ କରିଥିଲେ। ଫଳରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୪ର୍ଥ ଗୋଲ ସ୍କୋର କରିଥିଲେ। ତେଣୁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୫ ଓ ୧୬ ସ୍ଥାନ ପାଇଁ ହେବାକୁଥିବା ମ୍ୟାଚରେ ଆମେରିକା ସହିତ ଇଜିପ୍ଟର ମୁକାବିଲା ହେବ। ୧୩ ଓ ୧୪ତମ ସ୍ଥାନ ପାଇଁ ଚିଲିକୁ ଭେଟିବ କାନାଡ଼ା।

# ଫ୍ରାନ୍ସ-ଆର୍ଜେଣ୍ଟିନା ତୃତୀୟ ମୁକାବିଲା

ଭୁବନେଶ୍ୱର, ୨।୧୨(କ୍ରୀଡ଼ା ପ୍ରତିନିଧି): ଜୁନିୟର ହକିବିଶ୍ୱକପ୍‌ରେ ଶୁକ୍ରବାର ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ଆର୍ଜେଣ୍ଟିନା ଥରେ ଚାମ୍ପିୟନ ହୋଇଥିବାବେଳେ ଫ୍ରାନ୍ସ କେବେହେଲେ ଟାଇଟଲ ସ୍ୱାଦ ଚାଖିନାହିଁ। ଜୁନିୟର ହକିବିଶ୍ୱକପ୍‌ରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ମୋଟ ୨ ଥର ଭେଟ ହୋଇଛି। ଏହା ମଧ୍ୟରୁ ଫ୍ରାନ୍ସ ଗୋଟିଏ ଓ ଆର୍ଜେଣ୍ଟିନା ଗୋଟିଏ ମ୍ୟାଚରେ ବିଜୟୀ ହୋଇଛି। ତେଣୁ ଆଗାମୀ ମୁକାବିଲା ରୋଚକ ହେବା ଆଶା କରାଯାଉଛି। ଚଳିତ ଟୁର୍ନାମେଣ୍ଟରେ ଫ୍ରାନ୍ସ ଉତ୍ସାହୀ ପ୍ରଦର୍ଶନ କରି ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ପୁଲ୍ ପର୍ଯ୍ୟାୟରେ ଦଳ ଏହାର ପ୍ରଥମ ମ୍ୟାଚରେ ଭାରତକୁ ହରାଇବା ପରେ ମନୋବଳ ଖୁବ୍ ଉଚ୍ଚାରେ ରହିଛି। ପରବର୍ତ୍ତୀ ୨ଟି ମ୍ୟାଚରେ ପୋଲାଣ୍ଡ ଓ କାନାଡାକୁ ହରାଇଥିବା ଫ୍ରାନ୍ସ କ୍ୱାର୍ଟର ଫାଇନାଲରେ ମାଲେସିଆକୁ ୪-୦ ଗୋଲରେ ପରାସ୍ତ କରିଛି। ଅନ୍ୟପକ୍ଷରେ ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚରେ ୧୪-୦ ଗୋଲରେ ଇଜିପ୍ଟକୁ ହରାଇବା ପରେ ଜର୍ମାନୀଠାରୁ ୨-୩ ଗୋଲରେ ପରାସ୍ତ ହୋଇଥିଲା। ତେବେ ଅନ୍ତିମ ଲିଗ୍‌ରେ ପାକିସ୍ତାନକୁ ୪-୩ ଗୋଲରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲା ଏବଂ ନେଦରଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଥିଲା।

# ଚିଲିର ପ୍ରଥମ ବିଜୟ

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ ଏକ କ୍ରସ୍‌ଓଭର ମ୍ୟାଚରେ ଚିଲି ୧-୦ ଗୋଲରେ ଇଜିପ୍ଟକୁ ହରାଇ ଦେଇଛି। ଚଳିତ ଟୁର୍ନାମେଣ୍ଟରେ ଚିଲିର ଏହାଥିଲା ପ୍ରଥମ ବିଜୟ। ୪୬ତମ ମିନିଟରେ ଚିଲିର ରାଇମୁଣ୍ଡୋ ଭାଲେନଜୁଇଲା ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଭାଲେନଜୁଇଲାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ପୂର୍ବରୁ ଚିଲି ପୁଲ୍ ପର୍ଯ୍ୟାୟରେ ମାଲେସିଆଠାରୁ ୧-୨, ଦକ୍ଷିଣ ଆଫ୍ରିକାଠାରୁ ୧-୫ ଓ ବେଲଜିୟମଠାରୁ ୦-୩ ଗୋଲରେ ହାରିଥିଲା।

# ଦକ୍ଷିଣ କୋରିଆ ବିଜୟୀ

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପର ଗୁରୁବାର ଅନୁଷ୍ଠିତ କ୍ରସ୍ ଓଭର ମ୍ୟାଚରେ ଦକ୍ଷିଣ କୋରିଆ ୩-୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ଫଳରେ କୋରିଆ ୯ ଓ ୧୦ମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ସେହିପରି ପୋଲାଣ୍ଡ ୧୧ ଓ ୧୨ତମ ସ୍ଥାନ ପାଇଁ ହେବାକୁଥିବା ମ୍ୟାଚରେ ପାକିସ୍ତାନ ସହ ମୁକାବିଲା କରିବ। ୪ ତାରିଖରେ ଏହି ମ୍ୟାଚ ଦୁଇଟି ଅନୁଷ୍ଠିତ ହେବ।

କୋରିଆ ମ୍ୟାଚର ୧୨ତମ ମିନିଟରେ ହୋଙ୍ଗ୍ ଜିନ୍‌ୟଙ୍ଗଙ୍କ ଗୋଲ ସହାୟତାରେ ଅଗ୍ରଣୀ ନେଇଥିଲେ ହେଁ ପୋଲାଣ୍ଡ ୨୧ ଓ ୨୬ତମ ମିନିଟରେ ୨ଟି ଗୋଲ ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୨ଟି ଯାକ ଗୋଲ ଓଜଚିକ୍ ରୁଟ୍‌କୋୱସ୍କି ସ୍କୋର କରିଥିଲେ। ୨୧ତମ ମିନିଟରେ ସେ ଫିଲ୍ଡ ଗୋଲ ଦେଇଥିବାବେଳେ ୨୬ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ତେବେ ଏହାର ୧ ମିନିଟ ପରେ ଅର୍ଥାତ୍ ୨୭ତମ ମିନିଟରେ କୋରିଆର କିମ୍ ହ୍ୟୁନ୍‌ଓ (ଫିଲ୍ଡ ଗୋଲ) ଗୋଲଟି ପରିଶୋଧ କରିଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୩୩ତମ ମିନିଟରେ ହ୍ୟୁନ୍‌ଓ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୩ୟ ଗୋଲ ଦେଇ କୋରିଆକୁ ଅଗ୍ରଣୀ କରାଇଥିଲେ। ଅବଶିଷ୍ଟ ୨୭ ମିନିଟ ଜୋରଦାର ସଂଘର୍ଷ ହୋଇଥିଲେ ହେଁ ପୋଲାଣ୍ଡ ଗୋଲଟି ପରିଶୋଧ କରିପାରି ନ ଥିଲା। କୋରିଆର ଡବଲ ଗୋଲ ସ୍କୋରର ହ୍ୟୁନ୍‌ଓ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଶୁଟ୍ ଆଉଟରେ ହାରିଲା ପାକିସ୍ତାନ

ଭୁବନେଶ୍ୱର, ୨।୧୨ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ୍‌ର ଗୁରୁବାର ଅନୁଷ୍ଠିତ କ୍ଲାସିଫିକେଶନ କ୍ରସ୍ ଓଭର ମ୍ୟାଚରେ ପାକିସ୍ତାନ ଶୁଟ୍‌ଆଉଟ ୧-୪ ଗୋଲରେ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଛି। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୦ରେ ଅଗ୍ରଣୀ ଥିଲେ ହେଁ ପାକିସ୍ତାନ ଏହାର ଫାଇଦା ଉଠାଇ ପାରି ନ ଥିଲା। ଦ୍ୱିତୀୟାର୍ଦ୍ଧରେ ସଫଳ ପ୍ରତ୍ୟାବର୍ତ୍ତନ କରି ଦକ୍ଷିଣ ଆଫ୍ରିକା ମ୍ୟାଚକୁ ନିର୍ଦ୍ଧାରିତ ସମୟରେ ୩-୩ ଗୋଲରେ ଡ୍ର ରଖିଥିଲା। ପାକିସ୍ତାନ ପକ୍ଷରୁ ୫ମ ମିନିଟରେ ଆବୁଜାର, ୨୫ମିନିଟରେ ଅବଦୁଲ ଶହୀଦ ଓ ୩୭ ମିନିଟରେ ଅବଦୁଲ ରହମନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୩ଟି ଯାକ ଫିଲ୍ଡ ଗୋଲ ଥିଲା। ଦକ୍ଷିଣ ଆଫ୍ରିକାର ସେଞ୍ଜୱିସ୍‌ଲେ ଏନ୍‌ଗୁବାନେ ୩୨, ଅଧିନାୟକ ଗୟ ମୋର୍ଗାନ ୩୭ ଓ ଇଦ୍ରିସ ଅବଦୁଲା ୩୮ ମିନିଟରେ ଗୋଲ ସ୍କୋର କରିଥିଲେ। ୪ର୍ଥ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ଗୋଲ ସ୍କୋର କରିପାରି ନ ଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକାର କାମେରନ ଲି ଫର୍ଷ୍ଟର, ଟ୍ରେଭର ଡି'ଲୋରା, ମର୍ଭିନ ସିମନ୍ସ ଓ ସେଞ୍ଜୱିସ୍‌ଲେ ଏନ୍‌ଗୁବାନେ ଗୋଲ ଦେଇଥିଲେ। ପାକିସ୍ତାନ ପକ୍ଷରୁ କେବଳ ଆଦିଲ ଲତିଫ ଗୋଲ ଦେଇଥିବାବେଳେ ମୋଇନ ଶକିଲ ଓ ଅବଦୁଲ ରାଣା ବିଫଳ ହୋଇଥିଲେ। ଲତିଫ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲଟି ଦେଇଥିଲେ। ଦକ୍ଷିଣ ଆଫ୍ରିକା ଗୋଲକିପର ଟେନ ବାର୍ଡ ପାକିସ୍ତାନ ଖେଳାଳିଙ୍କୁ ଚକ୍‌ମା ଦେବାରେ ସଫଳ ହୋଇଥିଲେ। ନିର୍ଦ୍ଧାରିତ ସମୟରେ ଓ ଶୁଟ୍‌ଆଉଟ ପର୍ଯ୍ୟାୟରେ ଗୋଲ ଦେଇଥିବା ସେଞ୍ଜୱିସ୍‌ଲେ ଏନ୍‌ଗୁବାନେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପରାଜୟ ଯୋଗୁ ପାକିସ୍ତାନ ୧୧ ଓ ୧୨ତମ ସ୍ଥାନ ପାଇଁ ଏବଂ ବିଜୟୀ ଦକ୍ଷିଣ ଆଫ୍ରିକା ୯ମ ଓ ୧୦ମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ ଖେଳିବ।



ଶୁଟ୍ ଆଉଟରେ ପାକିସ୍ତାନକୁ ହରାଇବାପରେ ଉଲ୍ଲସିତ ଦକ୍ଷିଣ ଆଫ୍ରିକା ଦଳର ଖେଳାଳି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

48

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୩/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Friday, December 3/2021 | ପୃଷ୍ଠା-୧



**ଅଞ୍ଜୁ ବବି ଜର୍ଜ ପୁରସ୍କୃତ**

ଭାରତର କିମ୍ବଦନ୍ତୀ ଲଙ୍ଗ୍ ଜମ୍ପର ଅଞ୍ଜୁ ବବି ଜର୍ଜ ୱାର୍ଲ୍ଡ ଆଥଲେଟିକ୍ସ ଦ୍ୱାରା ଦିଆଯାଉଥିବା 'ଓମ୍ୟାନ ଅଫ୍ ଇୟର'ପୁରସ୍କାର ଜିତିଛନ୍ତି। ୦୮

୦୩ **ପ୍ରିଭେସି ଲଢ଼େଇ ଜିତିଲେ ମେଘାନ**

ନିଜ ପ୍ରିଭେସି ବଜାୟ ପାଇଁ ଅଦାଲତରେ ଚାଲିଥିବା ଲଢ଼େଇ ଜିତିଛନ୍ତି ଡଚେସ୍ ଅଫ୍ ସକ୍‌ସେସ୍ ମେଘାନ ମର୍କେଲ।



## ଦାରିଙ୍ଗବାଡ଼ିରେ ୭ ଡିଗ୍ରୀକୁ ଖସିଲା ପାରଦ

**ଦାରିଙ୍ଗବାଡି, ୨।୧୨(ଡି.ଏନ.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ଗତ ୩ଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି। ଗୁରୁବାର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସକୁ ହ୍ରାସ ପାଇଛି, ଯାହାକି ଚଳିତ ବର୍ଷର ଏ ପର୍ଯ୍ୟନ୍ତ ସବୁଠାରୁ କମ୍ ତାପମାତ୍ରା ବୋଲି ବିଡିଓ ଗଦାଧର ପାତ୍ର ସୂଚନା ଦେଇଛନ୍ତି। ଗତ ମଙ୍ଗଳ ଓ ବୁଧବାର ତାପମାତ୍ରା ୮ ଡିଗ୍ରୀ ରହିଥିଲା। ଦାରିଙ୍ଗବାଡିର ୨୫ ପଞ୍ଚାୟତ ସମେତ ସମଗ୍ର ଜିଲାରେ ଏବେ ଅସହ୍ୟ ଶୀତ ଯୋଗୁ ଲୋକଙ୍କ ଦୈନନ୍ଦିନ ଚଳନି ପ୍ରଭାବିତ ହେଉଛି। କେବଳ ରାତି ନୁହେଁ ଦିନରେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି। କୋହଲା ପବନ ଯୋଗୁ ଶୀତ ଦ୍ୱିଗୁଣିତ ହୋଇଛି। ଅନ୍ୟପକ୍ଷରେ ପର୍ଯ୍ୟଟକମାନେ ଶୀତର ମଜା ନେବାପାଇଁ ଦାରିଙ୍ଗବାଡି ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଭିଡ଼ ଜମାଉଛନ୍ତି।

**୩ ନିର୍ବାହୀ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର**

........୨........

# ୧୦୦ ବେଗରେ ବହିପାରେ ପବନ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା 'ଜୱାଦ' ଆସିଲେ ଘଣ୍ଟା ପ୍ରତି ସର୍ବାଧିକ ୧୦୦ କି.ମି. ବେଗରେ ପବନ ହେବ। ଏହାଠାରୁ ଆଉ ଅଧିକ ହେବାର ସମ୍ଭାବନା ନାହିଁ ବୋଲି ଗୁରୁବାର ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଗୁରୁବାର ସକାଳେ ୱେଲ୍-ମାର୍କଡ୍ ଲୋ-ପ୍ରେସରରେ ପରିଣତ ହେବା ସହ ଅପରାହ୍ନ ସାଢ଼େ ୫ଟାରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତର ରୂପ ନେଇଛି। ୨୪ ଘଣ୍ଟାରେ ଏହା ଘୂର୍ଣ୍ଣିଝଡ଼ର ରୂପ ନେବାର ସମ୍ଭାବନା ରହିଛି। ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତିକରି ୪ ତାରିଖ ସକାଳେ ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ନିକଟ ସମୁଦ୍ରରେ କେନ୍ଦ୍ରୀଭୂତ ହେବ। ଏହାପରେ ଏହା ଦିଗ ପରିବର୍ତ୍ତନ କରିବ। ତେବେ ବାତ୍ୟା କେଉଁଆଡ଼େ ମୁହାଁଇବ, କେଉଁଠି ଲ୍ୟାଣ୍ଡଫଲ୍ କରିବ ସେନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନି। ଡିପ୍ରେସନରେ ପରିଣତ ହେବା ପରେ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'ଜୱାଦ' ପ୍ରଭାବରେ ୩ ତାରିଖ ଶୁକ୍ରବାରଠାରୁ ବର୍ଷା ଆରମ୍ଭ ହେବ। ପ୍ରଥମେ ଦକ୍ଷିଣ ଓଡ଼ିଶା ଓ ତା'ପରେ ଉତ୍ତର ଓଡ଼ିଶା ଆଡ଼କୁ ବର୍ଷା, ପବନ ଗତି କରିବ। ଶୁକ୍ରବାର ମଧ୍ୟରାତ୍ରି ପରେ ପବନ ବେଗ ବଢ଼ିବାକୁ ଲାଗିବ। ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ଆରମ୍ଭ ହୋଇ ୪ ତାରିଖ ଶନିବାର ଅପରାହ୍ନ ବେଳକୁ ୭୦ରୁ ୯୦ କି.ମି. ପର୍ଯ୍ୟନ୍ତ ବଢ଼ିବ ବୋଲି ସୂଚନା ଦିଆଯାଇଛି।

ଏପଟେ ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ପ୍ରସ୍ତୁତି ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି, ସ୍ଥିତିର ମୁକାବିଲା ପାଇ ୬୦ଟି ଓଡ୍ରାଫ, ୧୭ଟି ଏନ୍‌ଡିଆର୍‌ଏଫ୍ ଟିମ୍ ଓ ୧୭୨ଟି ଅଗ୍ନିଶମ ଟିମ୍ ମଧ୍ୟ ପ୍ରସ୍ତୁତ ଅଛନ୍ତି। ସେହିପରି ବାତ୍ୟା ନେଇ ମତ୍ସ୍ୟ ବିଭାଗ ଓ କୃଷି ବିଭାଗକୁ ସତର୍କ ମଧ୍ୟ ସତର୍କ କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ମତ୍ସ୍ୟଜୀବୀ ସମୁଦ୍ର ଭିତରେ ନାହାନ୍ତି। ଚିଲିକାରେ କିଛି ମତ୍ସ୍ୟଜୀବୀ ରହିଛନ୍ତି, ସେମାନଙ୍କୁ ଶୁକ୍ରବାର ସୁଦ୍ଧା ଫେରାଇ ଆଣିବାକୁ ଚେଷ୍ଟା ଚାଲିଛି। ସେହିପରି ଅମଳ ଶସ୍ୟକୁ ଯଥାଶୀଘ୍ର ଆଣିବାକୁ ଚାଷୀମାନଙ୍କୁ କୁହାଯାଇଛି। କଚ୍ଚା ଘରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମୁଦ୍ର କୂଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି। ପାନୀୟ ଜଳ ପାଇଁ ଜିଲାପାଳଙ୍କୁ ସତର୍କ କରାଯାଇଛି। ୨ଦିନ ପାଇଁ ପାନୀୟ ଜଳ ଗଚ୍ଛିତ ରଖିବାକୁ ଲୋକଙ୍କୁ ନିବେଦନ କରାଯାଇଥିବା ପ୍ରଦୀପ ଜେନା ସୂଚନା ଦେଇଛନ୍ତି।

ସେହିପରି ବାତ୍ୟାଜନିତ କ୍ଷତିରୁ ମତ୍ସ୍ୟଜୀବୀଙ୍କ ସୁରକ୍ଷା ନିମନ୍ତେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୁରୁବାର ନିର୍ଦ୍ଦେଶନାମା ଜାରି ହୋଇଛି। ସାରା ରାଜ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ଚିଲିକାରେ ମାଛଧରାକୁ ବାରଣ କରାଯାଇଛି। ମତ୍ସ୍ୟଜୀବୀଙ୍କ ଜୀବନକୁ ଗୁରୁତ୍ୱ ଦେଇ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଏସବୁ ସ୍ଥାନରେ ମାଛ ଧରିବାକୁ ବାରଣ କରାଯାଇଛି।

## ଅବପାତ ରୂପ ନେଲା ଲଘୁଚାପ




- **ସ୍ପଷ୍ଟ ହୋଇପାରୁନି ଲ୍ୟାଣ୍ଡଫଲ୍ ସ୍ଥିତି**
- **ଦକ୍ଷିଣ ଓଡ଼ିଶାରୁ ଉତ୍ତରକୁ ମୁହାଁଇବ ବର୍ଷା, ପବନ**
- **ସତର୍କ କଲେ ରାଜ୍ୟ ସରକାର, ସୁରକ୍ଷିତ ସ୍ଥାନାନ୍ତର ନିର୍ଦ୍ଦେଶ**

## ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨।୧୨**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଆସନ୍ତା ୪ ତାରିଖରେ ସାମୁଦ୍ରିକ ଝଡ଼ ଜୱାଦ ଆନ୍ଧ୍ର ପ୍ରଦେଶ-ଓଡ଼ିଶା ଉପକୂଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଥିବାବେଳେ ଦୁଇ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ବାତ୍ୟା ସ୍ଥିତି ଓ ମୁକାବିଲା ନିମନ୍ତେ ରାଜ୍ୟ, କେନ୍ଦ୍ର ମନ୍ତ୍ରଣାଳୟ ଏବଂ ସମ୍ବନ୍ଧିତ ଏଜେନ୍ସିଗୁଡ଼ିକର ପ୍ରସ୍ତୁତିକୁ ସମୀକ୍ଷା କରିଛନ୍ତି। ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ସୁରକ୍ଷିତ ଭାବେ ☞ପୃଷ୍ଠା-୬

# ୨୪ ଘଣ୍ଟାରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରସ୍ତାବ ଆଣ

**କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

- **ଦିଲ୍ଲୀରେ ପୁଣି ବନ୍ଦ ହେଲା ସ୍କୁଲ**

**ନୂଆଦିଲ୍ଲୀ, ୨।୧୨(ପି.ଟି.)**

ଦିଲ୍ଲୀ ତଥା ଜାତୀୟ ରାଜଧାନୀ ଅଞ୍ଚଳରେ ବାୟୁ ମାନ ଖରାପ ହେବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବାରୁ ସୁପ୍ରିମକୋର୍ଟ ଗୁରୁବାର ଅସନ୍ତୋଷ ବ୍ୟକ୍ତ କରିବା ସହ ୨୪ ଘଣ୍ଟା ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ପ୍ରସ୍ତାବ ଆଣିବାକୁ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ୟା ସମାଧାନ ପାଇଁ ସରକାର ଅଦାଲତ କାନ୍ଧରେ ବନ୍ଧୁକ ରଖି ଫୁଟାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ପ୍ରଶାସନର ଉଦ୍ଦେଶ୍ୟ ଜଣାପଡୁନାହିଁ। ସରକାର ଯଦି ପ୍ରଦୂଷଣ ନିୟନ୍ତ୍ରଣରେ ବିଫଳ ହୁଅନ୍ତି, ତେବେ ଆମକୁ କିଛି କରିବାକୁ ପଡ଼ିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି। ପ୍ରଦୂଷଣ ସ୍ତରକୁ ହ୍ରାସ କରିବାକୁ ହେଲେ ଗମ୍ଭୀରତାର ସହ ପଦକ୍ଷେପ ଗ୍ରହଣ କରାଯିବା ଆଶା କରାଯାଉଛି ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ସୂର୍ଯ୍ୟ କାନ୍ତଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରଦୂଷଣ ବଢ଼ିଚାଲିଥିବାରୁ ସରକାର କିଛି କରୁ ନ ଥିବା ଭଳି ଜଣାପଡୁଛି। ଆମେ କେବଳ ସମୟ ନଷ୍ଟ କରୁଛୁ। ଏବେ ୨୪ ଘଣ୍ଟା ସମୟ ଦିଆଯାଉଛି। ସ୍ଥିତିର ଗମ୍ଭୀରତାକୁ ଚାହିଁ ଏହାର ସମାଧାନର ସୂତ୍ର ବାହାର କରିବାକୁ ଖଣ୍ଡପୀଠ ଉଭୟ କେନ୍ଦ୍ର ଓ ଦିଲ୍ଲୀ ସରକାରଙ୍କୁ କହିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଗୋଟିଏ ଦିନ ସମୟ ମାଗିବାରୁ ଖଣ୍ଡପୀଠ କହିଥିଲେ, ୨୪ ଘଣ୍ଟା ସମୟ ଦିଆଯାଉଛି। ଏହି ସମୟ ମଧ୍ୟରେ ଗୁରୁତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆମେ ପଦକ୍ଷେପ ନେବୁ।

ପ୍ରଦୂଷଣ ବଢୁଥିବାବେଳେ ଦିଲ୍ଲୀ ସରକାର ସ୍କୁଲ ଖୋଲିଥିବାରୁ ଖଣ୍ଡପୀଠ ଭର୍ତ୍ସନା କରିଥିଲେ। ☞ପୃଷ୍ଠା-୬



ସମ୍ଭାବ୍ୟ ବାତ୍ୟା 'ଜୱାଦ' ଯୋଗୁ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯିବା ପରେ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ କୂଳକୁ ଫେରିଥିବା ମତ୍ସ୍ୟଜୀବୀଙ୍କ ଜାଲରେ ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ପଡ଼ିଛି।

## କଲେଜରେ ପଶିଲା ଚିତାବାଘ: ଛାତ୍ର ଆହତ

**ଆଲିଗଡ଼, ୨।୧୨**

ଉତ୍ତରପ୍ରଦେଶର ଆଲିଗଡ଼ସ୍ଥିତ ଚୌଧୁରୀ ନିହାଲ ସିଂ ଇଣ୍ଟର କଲେଜ ଶ୍ରେଣୀଗୃହରେ ବୁଧବାର ଏକ ଚିତାବାଘ ପଶିଆସିବାରୁ ଆତଙ୍କ ଖେଳିଯାଇଥିଲା। ଚିତାବାଘ ଆକ୍ରମଣରେ ଜଣେ ଛାତ୍ର ଆହତ ହୋଇଛନ୍ତି। ସିସିଟିଭିରେ ଉତ୍ତୋଳନ ହୋଇଥିବା ଫୁଟେଜ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆଇପିଏସ୍ ଅଫିସର କଳାନିଧି ନୈଥାନି ଟୁଇଟରରେ ଶେୟାର କରିଥିବା ଉକ୍ତ ଭିଡିଓରେ ଚିତାବାଘଟି ଶ୍ରେଣୀଗୃହରେ ବୁଲୁଥିବା ଦେଖାଯାଇଛି। ଆକ୍ରମଣରେ ଆହତ ଛାତ୍ରଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଥିବା ସ୍କୁଲ ପରିଦର୍ଶକ ଧର୍ମେନ୍ଦ୍ର ଶର୍ମା କହିଛନ୍ତି। ଖବର ପାଇ ପୋଲିସ ଓ ବନ କର୍ମଚାରୀ କଲେଜରେ ପହଞ୍ଚିଥିଲେ। ସ୍ଥାନୀୟ ଖବର ଅନୁଯାୟୀ ଚିତାବାଘଟି ବୁଧବାର ସକାଳ ପ୍ରାୟ ସାଢ଼େ ୮ଟା ବେଳେ କଲେଜ କ୍ୟାମ୍ପସ୍‌ରେ ପ୍ରବେଶ କରିଥିଲା। ୧୦ଟା ବେଳକୁ ଏହା ଛାତ୍ର ଜଣଙ୍କୁ ଆକ୍ରମଣ କରିଥିଲା। ଖବର ପାଇଁ ସ୍ଥାନୀୟ ଅଞ୍ଚଳରୁ ବହୁସଂଖ୍ୟାରେ ଲୋକ ବାଘ ଦେଖିବାକୁ ଧାଇଁଆସିଥିଲେ। କିଛି ଘଣ୍ଟାର ଉଦ୍ୟମ ପରେ ଚିତାବାଘକୁ କାବୁ କରାଯାଇ କଲେଜ ବାହାରକୁ ନିଆଯାଇଥିଲା।



ଆଲିଗଡ଼ସ୍ଥିତ ଚୌଧୁରୀ ନିହାଲ ସିଂ ଇଣ୍ଟର କଲେଜ ଶ୍ରେଣୀଗୃହରେ ବୁଧବାର ଏକ ଚିତାବାଘ ପଶିଆସିଛି।

## ଇଚ୍ଛା ମୃତ୍ୟୁ ଲାଗି ରାଷ୍ଟ୍ରପତିଙ୍କୁ ଚିଠି

**ବିଞ୍ଝାରପୁର, ୨।୧୨(ଡି.ଏନ.ଏ.)**



ରାକେଶ ଦାସ

ଦାରିଦ୍ର୍ୟର ତାଡ଼ନା ସାଙ୍ଗକୁ ଅସହ୍ୟ ଋଣଭାର ସହି ନ ପାରି ଜଣେ ଯୁବକ ରାଷ୍ଟ୍ରପତିଙ୍କୁ ଇଚ୍ଛାମୃତ୍ୟୁ ଲାଗି ଚିଠି ଲେଖିଛନ୍ତି। ଯାହାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଆଉଁରୀ ପଞ୍ଚାୟତର ବିଭୂତିଭୂଷଣ ଦାସଙ୍କ ପୁଅ ରାକେଶ ଦାସ(୩୬)। ରାକେଶ ଗରିବ ପରିବାରରେ ଜନ୍ମ ହୋଇଥିବା ବେଳେ ବହୁ କଷ୍ଟରେ ବି.କମ୍ ପାସ୍ କରିଛନ୍ତି। ଭାବିଥିଲେ ଉଚ୍ଚ ଶିକ୍ଷା ଲାଭକରି ପରିବାର ପାଇଁ କିଛି କରିବେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଯୋଗୁ ଗ୍ରାମ ନିକଟରେ କ୍ରିକେଟ ଖେଳୁଥିବା ବେଳେ ଆଖିରେ ଉଇକେଟ ବାଜିଥିଲା। ଚିକିତ୍ସା ଅଭାବ ଯୋଗୁ ତାଙ୍କର ଗୋଟିଏ ଆଖି ନଷ୍ଟ ହୋଇଯାଇଛି।

ପରିବାରର ଦୁଃଖ ଦେଖି ରାକେଶ ପାଠପଢ଼ା ଛାଡିବାକୁ ବାଧ୍ୟ ହୋଇଥିଲେ। ଗାଁରେ କୁକୁଡା ଚାଷକରି ଦିପଇସା ରୋଜଗାର କରିବାକୁ ଯାଇ ୨୦୧୬ରେ ବିଭିନ୍ନ ସଂସ୍ଥାରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କରଜ ଆଣି କୁକୁଡ଼ା ଫାର୍ମ କରିଥିଲେ। ଏହାପରେ ଗ୍ରାମର ଜଣେ ରାଜନୈତିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଉକ୍ତ ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ଫାର୍ମ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ବିଞ୍ଝାରପୁର ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ତହସିଦାରଙ୍କ

**ଋଣଭାର ଅସହ୍ୟ**

ନିର୍ଦ୍ଦେଶ ନ ମାନି ରାକେଶ ଫାର୍ମ କାମ କରିଚାଲିଥିଲେ। ଏହାପରେ ପୂର୍ବତନ ଉପଜିଲାପାଳ କୁକୁଡା ଫାର୍ମର ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ସେତେବେଳକୁ ରାକେଶ ବହୁ ଟଙ୍କା କରଜକରି ଖର୍ଚ୍ଚ କରିସାରିଥିଲେ। କୁକୁଡା ଫାର୍ମ ନିର୍ମାଣତ ହେଲାନି କିନ୍ତୁ, କରଜ କରିଥିବା ଟଙ୍କାର ସୁଧ ବଢ଼ିଚାଲିଛି। ଏବେ ରାକେଶଙ୍କ ମୁଣ୍ଡରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କରଜ ରହିଛି। କରଜ ଦେଇଥିବା ବ୍ୟକ୍ତି ତାଙ୍କୁ ବ୍ୟସ୍ତ କରୁଛନ୍ତି। କରଜ ଶୁଝିବେ କେମିତି ସେ ନେଇ ଚିନ୍ତାରେ ରାକେଶ। ଅନ୍ୟପଟେ ମାଟିଘର ଭାଙ୍ଗି ଗଲାଣି, ମୁଣ୍ଡ ଗୁଞ୍ଜିବେ କେଉଁଠି। କରଜ ସମସ୍ୟା ସାଙ୍ଗକୁ ବୃଦ୍ଧ ବାପାଙ୍କ ଉପରେ ବୋଝ ହୋଇ ରହିବାକୁ ସେ ଆଉ ଚାହୁଁନାହାନ୍ତି। ତେଣୁ ରାକେଶ ଜୀବନ ହାରିଦେବାକୁ ମନସ୍ଥ କରିଥିବା ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

# ୩ ନିର୍ବାହୀ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର

- ଜଣେ ଆର୍‌ଆଇ ବହିଷ୍କୃତ
- ୨ ପୂର୍ବତନ ଅଧିକାରୀଙ୍କ ପେନ୍‌ସନ ବନ୍ଦ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଜୀବନ କ୍ଷେତ୍ରରେ ଉଚ୍ଚ ନୈତିକତା ଓ ସାଧୁତା ବଜାୟ ରଖିବା ଉପରେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଅପାରଗ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ସବୁବେଳେ ଶୂନ୍ୟ ସହିଷ୍ଣୁତା ଆଭିମୁଖ୍ୟ ଉପରେ ଜୋର ଦେଇ ଆସିଛନ୍ତି। ଜନସାଧାରଣଙ୍କୁ ସ୍ୱଚ୍ଛ, ଦକ୍ଷ ଏବଂ ଉତ୍ତରଦାୟୀ ପ୍ରଶାସନ ମାଧ୍ୟମରେ ସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିରନ୍ତର ପ୍ରଚେଷ୍ଟା ଜାରି ରଖିଛନ୍ତି।

ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟ ଅନୁଯାୟୀ ଆଉ ୩ ଜଣ ଅଧିକାରୀଙ୍କୁ ଗୁରୁବାର ବାଧ୍ୟତାମୂଳକ ଅବସର ଦିଆଯାଇଛି । ଜଣେ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଏହା ସହିତ ଦୁଇ ଜଣ ଅଧିକାରୀଙ୍କ ପେନ୍‌ସନ ମଧ୍ୟ ସ୍ଥାୟୀ ଭାବରେ ବନ୍ଦ କରାଯାଇଛି।

ବାଧ୍ୟତାମୂଳକ ଅବସର ପାଇଥିବା ୩ ଜଣଙ୍କ ମଧ୍ୟରୁ ସମ୍ବଲପୁର ମହାନଗର ନିଗମର କମ୍ୟୁନିଟି ଅର୍ଗାନାଇଜର ତଥା ଜଟଣୀ ମ୍ୟୁନିସିପାଲିଟି ଓ ଛତ୍ରପୁର ଏନ୍‌ଏସିର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତା କପୁରଙ୍କ ନାମରେ ଦୁଇଟି ଦୁର୍ନୀତି ଅଭିଯୋଗ ରହିଛି। ସରକାରୀ ଅର୍ଥ ଆତ୍ମସାତ କରିବା ସହିତ ଆହୁରି ଅନେକ ଦୁର୍ନୀତି ଅଭିଯୋଗ ତାଙ୍କ ନାମରେ ରହିଛି । ବେଲପାହାଡ଼ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀଙ୍କୁ ମଧ୍ୟ ଅପାରଗତା ଓ ଅସାଧୁତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି ଝାରସୁଗୁଡ଼ା ମ୍ୟୁନିସିପାଲିଟିର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନଙ୍କୁ ଅପାରଗତା, ଅସାଧୁତା ଓ ଆର୍ଥିକ ଅନିୟମିତତା ଯୋଗୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ପୁରୀ ଜିଲା ବେତାଲ ଆରଆଇ ସର୍କଲର ରାଜସ୍ୱ ନିରୀକ୍ଷକ ମନୋଜ କୁମାର ପରିଡ଼ାଙ୍କୁ ଦୁର୍ବ୍ୟବହାର, ବିଶୃଙ୍ଖଳା ଆଚରଣ ଓ କର୍ତ୍ତବ୍ୟରେ ଅବହେଳା ଏବଂ ଉଚ୍ଚପଦାଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ଯୋଗୁ ଚାକିରିରୁ ବହିଷ୍କୃତ କରାଯାଇଛି। ଉପରୋକ୍ତ ୪ ଜଣଙ୍କ ସମ୍ପର୍କରେ ମଧ୍ୟ ମୋ ସରକାର ଫିଡ୍‌ବ୍ୟାକ୍‌ରେ ଜନସାଧାରଣ ପ୍ରତିକୂଳ ମତାମତ ଦେଇଥିଲେ। ଏଥିସହିତ ଓଡ଼ିଶା ପୋଲିସ ସେବା ଅଧିକାରୀ ବଲାଙ୍ଗୀରର ପୂର୍ବତନ ଅତିରିକ୍ତ ଏସ୍‌ପି ତଥା ହୋମ୍‌ଗାର୍ଡର ପୂର୍ବତନ ଡିଏସ୍‌ପି ଶ୍ରୀକାନ୍ତ ମିଶ୍ର ଏବଂ ଗଞ୍ଜାମ ବେଲଗୁଣ୍ଠା ବ୍ଲକ ପୂର୍ବତନ ଏଏଫ୍‌ଓ ଏପିଲି ଉଦୟନାଥଙ୍କର ପେନ୍‌ସନକୁ ସ୍ଥାୟୀ ଭାବରେ ବନ୍ଦ କରାଯାଇଛି। ସେମାନଙ୍କ ନାମରେ ଥିବା ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ଯୋଗୁ ଏହି ପଦକ୍ଷେପ ନିଆଯାଇଛି।

# ନଦୀବନ୍ଧ ସୁରକ୍ଷା ଲାଗି ରାଜ୍ୟ ସକ୍ଷମ: ବିଜେଡି

ନୂଆଦିଲ୍ଲୀ, ୨।୧୨

ନଦୀବନ୍ଧ ସୁରକ୍ଷା ବିଲ୍, ୨୦୧୯କୁ ବିଜେଡି ବିରୋଧ କରି ଏହା ସହଯୋଗ ସଂଘବାଦ ନୀତିର ପରିପନ୍ଥୀ ବୋଲି କହିଛି। ରାଜ୍ୟଗୁଡ଼ିକ ସେମାନଙ୍କ ଅଞ୍ଚଳରେ ଥିବା ନଦୀବନ୍ଧର ଯତ୍ନ ନେବା ଲାଗି ଯଥେଷ୍ଟ ସମର୍ଥ। କେନ୍ଦ୍ର ସରକାର କ'ଣ ପାଇଁ ଏଥିରେ ହସ୍ତକ୍ଷେପ କରୁଛନ୍ତି ତାହା ବୁଝାପଡୁନାହିଁ ବୋଲି ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଉକ୍ତ ବିଲ୍‌ରେ ଥିବା ବ୍ୟବସ୍ଥାଗୁଡ଼ିକର ପୁନର୍ବିଚାର ଲାଗି ସେ ଦାବି କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟର କ୍ଷମତା ପରିସର ମଧ୍ୟରେ ହସ୍ତକ୍ଷେପ କରୁଛନ୍ତି। ବିଦେଶରେ ନଦୀବନ୍ଧ ନିରାପତ୍ତା ଓ ପରିଚାଳନା ସ୍ଥାନୀୟ ସରକାରଙ୍କ ନିୟନ୍ତ୍ରଣରେ ଥାଏ ବୋଲି ଆଚାର୍ଯ୍ୟ କହିଥିଲେ। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାର ବ୍ୟାରେଜ ନିର୍ମାଣ କରୁଛନ୍ତି। ଏଥିପାଇଁ ସେମାନେ କେନ୍ଦ୍ରଠାରୁ ଅନୁମତି ପାଇଛନ୍ତି କି ନାହିଁ ଜଣାନାହିଁ। କିନ୍ତୁ ଏଥିପାଇଁ ଓଡ଼ିଶା ସରକାରଙ୍କ ସହ ପରାମର୍ଶ କରାଯାଇ ନାହିଁ। ଉକ୍ତ ବ୍ୟାରେଜ ନିର୍ମାଣ ଯୋଗୁ ହୀରାକୁଦ ନଦୀବନ୍ଧ ଗୁରୁତର ପ୍ରଭାବିତ ହୋଇଥିବା ସେ କହିଥିଲେ। ବିଜେଡି ସମେତ ବିଭିନ୍ନ ଦଳର ବିରୋଧ ସତ୍ତ୍ୱେ ଗୁରୁବାର ରାଜ୍ୟ ସଭାରେ ନଦୀବନ୍ଧ ସୁରକ୍ଷା ବିଲ୍ ଗୃହୀତ ହୋଇଛି।










































ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ଡିସେମ୍ବର, ୨୦୨୧



# ୭ ବର୍ଷରେ ୭ ଲକ୍ଷରୁ କମ୍ ନିଯୁକ୍ତି

**୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଆଗ୍ରାର ଏକ ସଭାରେ ଭାଜପାର ତତ୍କାଳୀନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦି ବର୍ଷକୁ ୧ କୋଟି ଲୋକଙ୍କୁ ନିଯୁକ୍ତି ପ୍ରଦାନର ପ୍ରତିଶ୍ରୁତି ଦେଇଥିଲେ। ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ୨୦୧୪ ମେ'ରେ କ୍ଷମତାକୁ ଆସିବା ପରଠାରୁ ପ୍ରତିଶ୍ରୁତି ମୁତାବକ ୭ ବର୍ଷରେ ୭ କୋଟି କର୍ମଚାରୀଙ୍କୁ ନିଯୁକ୍ତି ମିଳିବା କଥା। କିନ୍ତୁ କେନ୍ଦ୍ର ପକ୍ଷରୁ ୭ ଲକ୍ଷ ଲୋକଙ୍କୁ ମଧ ସରକାରୀ ଚାକିରି ଦିଆଯାଇ ନାହିଁ।**



ନୂଆଦିଲ୍ଲୀ,୨।୧୨

କେନ୍ଦ୍ରର ମୋଦି ସରକାର ବିଗତ ୭ ବର୍ଷ ମଧ୍ୟରେ ୭ ଲକ୍ଷରୁ କମ୍ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଅର୍ଥାତ୍ ବର୍ଷକୁ ଲକ୍ଷେ ଆଶାୟୀଙ୍କୁ ମଧ ଚାକିରି ମିଳିନାହିଁ। ପାର୍ଲାମେଣ୍ଟରେ ଗୁରୁବାର କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏହି ବିଷୟ ସ୍ୱୀକାର କରିଛନ୍ତି। ତେବେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ତୁଳନାରେ ଏହି ସଂଖ୍ୟା ଅଧିକ ବୋଲି ବାହାବା ନେବାକୁ ମଧ ସେ ପଛାଇନାହାନ୍ତି।

ରାଜ୍ୟ ସଭାରେ ଶୂନ୍ୟକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନ୍‌ସନ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ, ଉପା ସରକାର ଅମଳରେ ଶେଷ ୭ ବର୍ଷରେ ୬.୧୯ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୦୭-୦୮ରୁ ୨୦୧୩-୧୪ ମଧ୍ୟରେ ତିନୋଟି ବଡ଼ ଏଜେନ୍ସି ଷ୍ଟାଫ୍ ସିଲେକ୍ସନ କମିଶନ, କେନ୍ଦ୍ରୀୟ ଲୋକ ସେବା ଆୟୋଗ ଏବଂ ରେଲୱେ ରିକ୍ରୁଇଟ୍‌ମେଣ୍ଟ ବୋର୍ଡ ଜରିଆରେ ୬,୧୯,୦୨୭ ଜଣ ନିଯୁକ୍ତି ପାଇଥିଲେ। ଏହା ପରେ ୨୦୧୪ରୁ ବିଭିନ୍ନ ବିଭାଗରେ ୬.୯୮ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ ସହ ନୂଆ ପଦବୀ ସୃଷ୍ଟି ପାଇଁ ମଧ ଉଦ୍ୟମ କରିଛନ୍ତି। ଗତ ୭ ବର୍ଷରେ ୬,୯୮,୦୧୧ ଜଣ ନିଯୁକ୍ତି ପାଇଥିବାବେଳେ ୨୦୨୦ରେ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୪୦,୦୪,୯୪୧କୁ ବୃଦ୍ଧି କରାଯାଇଛି। ୨୦୧୪ରେ ଏହା ୩୬,୪୫,୫୮୪ ଥିଲା ବୋଲି ଜିତେନ୍ଦ୍ର ସୂଚନା ଦେଇଛନ୍ତି। କର୍ମଚାରୀଙ୍କ ଅବସର, ଇସ୍ତଫା, ମୃତ୍ୟୁ ଓ ପଦୋନ୍ନତି ସମେତ ଅନ୍ୟ କିଛି କାରଣରୁ ଏହି ପଦବୀଗୁଡ଼ିକ ଖାଲି ପଡ଼ିଥାଏ। ଏହା ଏକ ନିରନ୍ତର ପ୍ରକ୍ରିୟା। ଖାଲି ପଦବୀରେ ନିଯୁକ୍ତି ଦିଆଯିବା ବେଳକୁ ପୁଣି କିଛି ନୂଆ ପଦବୀ ଖାଲି ହୋଇଯାଏ ବୋଲି ସେ କହିଛନ୍ତି।




ଶୀତ ଅଧିବେଶନର ଚତୁର୍ଥ ଦିନରେ ଟିଆର୍‌ଏସ୍ ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗ ନେଇ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

## ସରକାରୀ ଚାକିରି ନାହିଁ, ଯୁବପିଢ଼ି ହତାଶ



ସରକାରୀ ନିଯୁକ୍ତିର ଅଭାବ ଯୁବପିଢ଼ିଙ୍କ ମଧରେ ହତାଶାଭାବ ସୃଷ୍ଟି କରିଛି। ଚାକିରି ମିଳୁ ନ ଥିବାବେଳେ କୌଣସି ସୁଯୋଗ ଆସିଲେ ବର୍ଷ ବର୍ଷ ଧରି ପରୀକ୍ଷାଫଳ ବାହାରୁ ନାହିଁ ଅଥବା ସ୍କାମ୍ ଯୋଗୁ ତାହା ରଦ୍ଦ ହୋଇଯାଉଛି। ଦୁଇବର୍ଷ ହେଲା ୧.୨୫ କୋଟିରୁ ଊର୍ଦ୍ଧ୍ୱ ଯୁବତୀଯୁବକ ରେଲୱେ ଗ୍ରୁପ୍ ଡି ଚାକିରିର ପରୀକ୍ଷାଫଳକୁ ଅନେଇ ବସିଛନ୍ତି। ସେନା ନିଯୁକ୍ତିରେ ମଧ ସମାନ ଅବସ୍ଥା। ଆଶାୟୀମାନେ ଆଉ କେତେଦିନ ଧୈର୍ଯ୍ୟ ଧରି ଅପେକ୍ଷା କରିବେ।

**-ବରୁଣ ଗାନ୍ଧୀ, ଭାଜପା ଏମ୍‌ପି, ପିଲିଭିଟ୍**

## ପରିବାରର ୪ ଜଣଙ୍କୁ ହତ୍ୟା

କୋଲକାତା, ୨।୧୨(ଆଇଏଏନ୍‌ଏସ୍)

ପଶ୍ଚିମବଙ୍ଗର ହୁଗ୍‌ଲି ଜିଲା ଅନ୍ତର୍ଗତ ସିଙ୍ଗୁର ଅଞ୍ଚଳରେ ଗୋଟିଏ ପରିବାରର ୪ ଜଣଙ୍କୁ ଗୁରୁବାର ସକାଳେ ତାଙ୍କର ଜଣେ ସମ୍ପର୍କୀୟ ହତ୍ୟା କରିଥିବା ଅଭିଯୋଗ ହୋଇଛି। ସମ୍ପତ୍ତି କିମ୍ବା ଟଙ୍କାକୁ ନେଇ ନନ୍ଦବଜାର ଅଞ୍ଚଳର ପଟେଲ ପରିବାରର ୪ ଜଣଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତକମାନେ ହେଲେ ଦିନେଶ ପଟେଲ(୫୦), ତାଙ୍କ ସ୍ତ୍ରୀ ଅନସୂୟା(୪୫), ଦିନେଶଙ୍କ ବାପା ମାଭଜି(୮୦) ଏବଂ ପୁଅ ଭାବିକ (୨୩)। ସେମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ହସ୍ପିଟାଲ ନେଇଥିଲେ। ସେଠାରେ ଦିନେଶ ଓ ତାଙ୍କ ସ୍ତ୍ରୀଙ୍କୁ ମୃତ ଘୋଷଣା କରାଯାଇଥିବାବେଳେ ଏସ୍‌ଏସ୍‌କେଏମ୍‌ରେ ଚିକିତ୍ସିତ ହେଉଥିବା ଅନ୍ୟ ଦୁଇଜଣଙ୍କର ଅପରାହ୍ନରେ ମୃତ୍ୟୁ ଘଟିଛି। ପୋଲିସ ଅଭିଯୁକ୍ତ ଯୋଗେଶ ଧଓ୍ୱାନୀଙ୍କୁ ଖୋଜୁଛି।

## ପ୍ରିଭେସି ଲଢ଼େଇ ଜିତିଲେ ମେଘାନ



**ଲଣ୍ଡନ, ୨।୧୨:** ପ୍ରିଭେସି ଏବଂ କପି ରାଇଟ୍ସ ବଜାୟ ରଖିବା ନିମନ୍ତେ ଅଦାଲତରେ ଚାଲିଥିବା ଲଢ଼େଇରେ ଜିତିଛନ୍ତି ଡଚେସ୍ ଅଫ୍ ସକ୍‌ସେସ୍ ମେଘାନ ମର୍କେଲ। ମେଘାନ ତାଙ୍କ ବାପାଙ୍କ ନିକଟକୁ ଲେଖିଥିବା ଏକ ଚିଠିକୁ ପ୍ରକାଶିତ କରିବା ପ୍ରିଭେସିର ଉଲ୍ଲଂଘନ ବୋଲି କହି ଖବର ପ୍ରକାଶନ ୱେବସାଇଟ୍ 'ମେଲ୍' ପବ୍ଲିଶରଙ୍କ ବିରୋଧରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ବ୍ରିଟେନର ଏକ ଅଦାଲତ ଏହି ମାମଲାରେ ମେଘାନଙ୍କ ସପକ୍ଷରେ ରାୟ ଶୁଣାଇଛନ୍ତି। କାହାର ବ୍ୟକ୍ତିଗତ କଥାକୁ ସାର୍ବଜନୀନ କରିବା ଠିକ୍ ନୁହେଁ ବୋଲି କହି ପୂର୍ବରୁ ମଧ ଏକ ହାଇକୋର୍ଟ ମେଘାନଙ୍କ ସପକ୍ଷରେ ଯାଇଥିଲେ। ତେବେ ଏହି ରାୟକୁ ସମ୍ପୃକ୍ତ ନ୍ୟୁଜ ପ୍ରକାଶନ ସଂସ୍ଥା ପକ୍ଷରୁ ଆଉ ଏକ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ୨୦୧୮ରେ ବ୍ରିଟେନ୍ ପ୍ରିନ୍ସଙ୍କୁ ବିବାହ କରିବା ପରେ ମେଘାନ ତାଙ୍କ ବାପାଙ୍କୁ ଲେଖିଥିବା ଏକ ଚିଠିର କିଛି ଅଂଶ ଉକ୍ତ ୱେବସାଇଟରେ ପ୍ରକାଶ ପାଇଥିଲା।

## ବଡ଼ପୁଅଙ୍କ ସମର୍ଥନରେ କାମ୍ବୋଡିଆ ପ୍ରଧାନମନ୍ତ୍ରୀ



ହୁନ୍ ମାନେଟ୍

**ନମ୍‌ପେନ୍, ୨।୧୨:** ଦୀର୍ଘ ୩୬ ବର୍ଷ ଧରି କାମ୍ବୋଡିଆ ପ୍ରଧାନମନ୍ତ୍ରୀ ରହିଥିବା ହୁନ୍ ସେନ୍ ତାଙ୍କ ଉତ୍ତରାଧିକାରୀ ଭାବେ ଗୁରୁବାର ବଡ଼ ପୁଅ ତଥା ସେନା କମାଣ୍ଡର ହୁନ୍ ମାନେଟ୍‌ଙ୍କ ପ୍ରତି ନିଜ ସମର୍ଥନ ଘୋଷଣା କରିଛନ୍ତି। ୱେଷ୍ଟ ପଏଣ୍ଟ ଗ୍ରାଜୁଏଟ ୪୪ ବର୍ଷୀୟ ମାନେଟ୍ ସେନା ମୁଖ୍ୟ ରହିବା ସହ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟରେ ମଧ ଅଛନ୍ତି। ରୟାଲ କାମ୍ବୋଡିଆନ୍ ଆର୍ମଡ୍ ଫୋର୍ସେସ୍‌ର ଡେପୁଟି କମାଣ୍ଡର-ଇନ୍-ଚିଫ୍ ରହିଛନ୍ତି। ସେ ବାପା ସେନ୍‌ଙ୍କ ଇଲାଇଟ ଅଙ୍ଗରକ୍ଷୀ ୟୁନିଟ୍‌ର ଡେପୁଟି କମାଣ୍ଡର ଏବଂ ଦେଶର ଆତଙ୍କବାଦ ନିରୋଧୀ ଫୋର୍ସର ମୁଖ୍ୟ ମଧ ଅଛନ୍ତି।

## ୨୦୨୪ ସୁଦ୍ଧା ୯ ଆଣବିକ ରିଆକ୍ଟର

**ନୂଆଦିଲ୍ଲୀ, ୨।୧୨:** ୨୦୨୪ ସୁଦ୍ଧା ଦେଶରେ ନଅଟି ଆଣବିକ ରିଆକ୍ଟର ରହିବ। ହରିୟାଣାର ଗୋରଖପୁରରେ ଏକ ନୂତନ ଆଣବିକ ପ୍ରକଳ୍ପ କରାଯିବ ବୋଲି କେନ୍ଦ୍ର ସରକାର ଗୁରୁବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ୨୦୨୪ ସୁଦ୍ଧା ଦେଶରେ ନଅଟି ଆଣବିକ ରିଆକ୍ଟର ରହିବ। କୋଭିଡ ସମୟରେ ୧୨ ଟି ଅତିରିକ୍ତ ରିଆକ୍ଟରକୁ ଅନୁମୋଦନ କରାଯାଇଛି। ସେଗୁଡ଼ିକର କ୍ଷମତା ୯୦୦୦ ମେଗାୱାଟ ହେବ। ଏଥିନିମନ୍ତେ ଦେଶର ବିଭିନ୍ନ ସ୍ଥାନରେ ପାଞ୍ଚଟି ନୂତନ ସାଇଟ୍ ମଧ ଚିହ୍ନଟ କରାଯାଉଛି। ପୂର୍ବର ନ୍ୟୁକ୍ଲିଆର ପ୍ଲାଣ୍ଟ ଆନ୍ଧ୍ରପ୍ରଦେଶ, ତାମିଲନାଡୁ ପରି କିଛି ରାଜ୍ୟରେ ସୀମିତ ଥିଲା। ବର୍ତ୍ତମାନ ଉତ୍ତର ଭାଗକୁ ଏହାକୁ ବଢ଼ାଯିବାକୁ ଯୋଜନା ହୋଇଛି। ବିଦ୍ୟୁତ୍ ଚାହିଦା ବୃଦ୍ଧି ଯୋଗୁ ପରମାଣୁ ଶକ୍ତି ଏକ ଭଲ ବିକଳ୍ପ ହୋଇପାରିବ।

## ପରମବୀର ସିଂ ନିଲମ୍ବିତ



**ମୁମ୍ବାଇ, ୨।୧୨:** ମହାରାଷ୍ଟ୍ର ସରକାର ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂଙ୍କୁ ଗୁରୁବାର ନିଲମ୍ବନ କରିଛନ୍ତି। କେତେକ ଅନିୟମିତତା ଓ ତ୍ରୁଟି ପାଇଁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ତାଙ୍କ ନିଲମ୍ବନ ନିର୍ଦ୍ଦେଶନାମାକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଅନୁମୋଦନ କରିଥିଲେ।

ପରମବୀରଙ୍କୁ ମହାରାଷ୍ଟ୍ର ହୋମ୍‌ଗାର୍ଡ ଡିଜି ନିଯୁକ୍ତ କରାଯିବା ପରେ ୬ ମାସ ହେଲା ତାଙ୍କୁ ଦେଖିବାକୁ ମିଳି ନ ଥିଲା। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ଅଗଷ୍ଟ ୨୯ ଯାଏ ଛୁଟି ଦିଆଯାଇଥିଲା। ଏହା ପରେ ସେ ଡ୍ୟୁଟିରେ ଯୋଗ ଦେଇ ନ ଥିଲେ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରେ ପରମବୀର ରାଜ୍ୟର ତତ୍କାଳୀନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ଦେଶମୁଖ କେତେଜଣ ପୋଲିସ ଅଫିସରଙ୍କ ଜରିଆରେ ମୁମ୍ବାଇର ବିଭିନ୍ନ ବାର୍, ରେଷ୍ଟୁରାଣ୍ଟରୁ ମାସିକ ୧୦୦ କୋଟି ଟଙ୍କା ବଟି ସଂଗ୍ରହ କରୁଥିବା ଅଭିଯୋଗ କରିଥିଲେ। ଏହି ଦୁର୍ନୀତି ମାମଲାରେ ୱାରେଣ୍ଟ ଜାରି ସତ୍ତ୍ୱେ ପରମବୀର ହାଜର ନ ହେବାରୁ ସ୍ଥାନୀୟ ଏକ ଅଦାଲତ ତାଙ୍କୁ ପଳାତକ ଘୋଷଣା କରିଥିଲେ।




## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସତ୍ୟଭାମା ଦେବୀ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସତ୍ୟଭାମା ଦେବୀ ଫର ହିୟରିଂ କ୍ୟାମ୍ପସ ପରିସର, କ୍ୱାର୍ଟର ନଂ.ଭିଆର-୫୬, ୟୁନିଟ-୬, ସକାଳ ୮ଟା।
- ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଆଡମିନିଷ୍ଟ୍ରେଶନ ପକ୍ଷରୁ ଜାତୀୟ ସେମିନାର, ଇନୋଭେଶନ ଆଣ୍ଡ ଇନକ୍ୟୁବଶନ ସେଣ୍ଟର, ଉତ୍କଳ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ରେଡ ସ୍ୱସ୍ତିକ ସଂଗଠନ ପକ୍ଷରୁ ଭିନ୍ନକ୍ଷମଙ୍କୁ ମାଗଣା କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରଦାନ, ରୁମ ନଂ.୧୦୪, ପାରାମିଟ ସଫଓ୍ୱେର ବିଲ୍ଡିଂ, ଏନ୍‌୪/୧୫୩, ଆଇଆର୍‌ସି ଭିଲେଜ, ପୂର୍ବାହ୍ନ ୧୧ଟା।

# କେନ୍ଦ୍ରର ଆଭିମୁଖ୍ୟ କୁଠାରାଘାତ ସଦୃଶ

## ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଅଗ୍ରାହ୍ୟ ପ୍ରସଙ୍ଗ

**ଭୁବନେଶ୍ୱର, ୨।୧୨ (ବ୍ୟୁରୋ):** ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ୧୮୧୭ ମସିହାରେ ଓଡ଼ିଶାର ଖୋର୍ଦ୍ଧାରେ ହୋଇଥିବା ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବାକୁ କେନ୍ଦ୍ର ସରକାର ମନା କରି ଦେଇଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡି ଗୁରୁବାର ରାଜ୍ୟ ସଭାରେ ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏହା କହିଛନ୍ତି। ଐତିହାସିକ ଦୃଷ୍ଟିକୋଣରୁ ଏହି ବିଦ୍ରୋହ ଦେଶର ଆଭିଜାତ୍ୟ ଓ ସାଧାରଣ ଲୋକଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା, ଯାହାକୁ କି ପରେ ଏହାକୁ ଅନୁକରଣ କରାଯାଇ ପାରିବ ବୋଲି କେନ୍ଦ୍ରମନ୍ତ୍ରୀ ମତ ଦେଇଛନ୍ତି। ଏହି ମନ୍ତବ୍ୟ ସାଢ଼େ ୪କୋଟି ଓଡ଼ିଆଙ୍କ ପାଇଁ କୁଠାରାଘାତ ସଦୃଶ।

### ପାଇକ ବିଦ୍ରୋହ ଓଡ଼ିଶାର ବୋଲି ଅଣଦେଖା



ପାଇକ ବିଦ୍ରୋହ ଓଡ଼ିଶାରେ ହୋଇଥିବାରୁ ଏହାକୁ ଉପଯୁକ୍ତ ଗୁରୁତ୍ୱ ଦିଆଯାଉନାହିଁ। ଉତ୍ତର ଭାରତରେ ସୋରିଷ ଫୁଟିଲେ ବିରାଟ ଆକାର ଧାରଣ କରୁଛି। ମାତ୍ର ଓଡ଼ିଶାରେ ବୋମା ଫୁଟିଲେ ବି ତାହା ଅଣଦେଖା ହେଉଛି। ପାଇକ ବିଦ୍ରୋହ ପ୍ରକୃତରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ। କଉଡ଼ି ବନ୍ଦଠାରୁ ଆରମ୍ଭ କରି ଲବଣ ମାରିବା ପର୍ଯ୍ୟନ୍ତ ବିଶେଷକରି ପାଇକମାନେ ଅସନ୍ତୁଷ୍ଟ ହୋଇଥିଲେ। ବିଭିନ୍ନ କାରଣରୁ ଜନଅସନ୍ତୋଷ ସୃଷ୍ଟି ହେବା ପରେ ଇଂରେଜଙ୍କ ବିରୋଧରେ ବିଦ୍ରୋହ ସ୍ୱତଃପ୍ରବୃତ୍ତ ଭାବେ ଆରମ୍ଭ ହୋଇଥିଲା। ବିଶୋୟୀ ସମ୍ପ୍ରଦାୟଙ୍କଠାରୁ ଆରମ୍ଭ କରି କୁଜଙ୍ଗ ରାଣୀ, ଅନେକ ରାଜା, ବହୁ ଜମିଦାର, ଦଳବେହେରା, କନ୍ଧ ସମ୍ପ୍ରଦାୟ, ପାଇକ ସମସ୍ତ ଶ୍ରେଣୀର ଲୋକେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଭଳି ବିଦ୍ରୋହ ଆଗରୁ କେବେ ହୋଇଥିବା ଇତିହାସରେ ନାହିଁ।

-ନୀହାର ରଞ୍ଜନ ପଟ୍ଟନାୟକ, ଐତିହାସିକ

### ଏଭଳି ଖାମଖିଆଲ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦାୟକ



କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରଥମେ ଇତିହାସ ପଢ଼ନ୍ତୁ। ରାଜ୍ୟ ସଭା ଭଳି ପବିତ୍ର ସ୍ଥାନରେ ଏଭଳି ଖାମଖିଆଲ ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁଃଖଦାୟକ। ଏହି ବିଦ୍ରୋହରେ ଦେଶର ଆଭିଜାତ୍ୟ ଓ ସାଧାରଣ ବର୍ଗର ଲୋକମାନେ ସାମିଲ ହୋଇଥିଲେ। ଇଂରେଜମାନଙ୍କ ବିରୋଧରେ ସେତେବେଳେ ଏହି ବିଦ୍ରୋହ ଭବିଷ୍ୟତ ପାଇଁ ଉଦାହରଣ ପାଲଟିଥିଲା। ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ସବୁ ମହଲ୍‌ରେ ବିରୋଧ କରାଯିବା ଆବଶ୍ୟକ। ଭବିଷ୍ୟତରେ ସେ କେବେ ଓଡ଼ିଶା ଆସିଲେ ତାଙ୍କୁ ଅହିଂସା ପଥରେ ବିରୋଧ କରାଯିବ।

- ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବରିଷ୍ଠ କଂଗ୍ରେସ କର୍ମୀ

### କେନ୍ଦ୍ର ସରକାର ମନା କଲେ ସତ୍ୟ ବଦଳିବ ନାହିଁ



୧୮୧୭ର ପାଇକ ବିଦ୍ରୋହ ପ୍ରକୃତ କ୍ଷେତ୍ରରେ ତଥ୍ୟ ଅନୁଯାୟୀ ଓ ସତ୍ୟତା ଅନୁଯାୟୀ ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାକୁ ଆମେ ରାଜ୍ୟବାସୀ ମାନୁଛୁ, ଏହା ପୂର୍ବରୁ କେନ୍ଦ୍ରରୁ ଆସିଥିବା ଅନେକ ମନ୍ତ୍ରୀ ମଧ୍ୟ ମାନିଛନ୍ତି। ଏପରିକି ଏକ ମେମୋରିଆଲ କରିବା ପାଇଁ ମଧ୍ୟ ପୂର୍ବତନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବର୍ଷକ ତଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଆଜି ତାହା ପବିତ୍ର ଗୃହରେ ମନା କରୁଛନ୍ତି। କେନ୍ଦ୍ର ସରକାର ମନା କଲେ ମଧ୍ୟ ଏହି ସତ୍ୟ ବଦଳିଯିବ ନାହିଁ। ଦିଲ୍ଲୀରେ ଯେଉଁ ପ୍ରତିନିଧିମାନେ ଅଛନ୍ତି, ସେମାନେ ଦଳଗତ ଊର୍ଦ୍ଧ୍ୱକୁ ଯାଇ ଏହାକୁ ପ୍ରତିପାଦନ କରିବା ପାଇଁ ଚେଷ୍ଟା କରନ୍ତୁ।

- ଲେଲିନ୍ ମହାନ୍ତି, ବିଜେଡି ମୁଖପାତ୍ର

## ନାରୀମାନେ ସମାଜ ଗଢ଼ନ୍ତୁ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**

ରମାଦେବୀଙ୍କ ତ୍ୟାଗ ଓ ସଂଗ୍ରାମର କାହାଣୀ ହେଉଛି ଆଧୁନିକ ଓଡ଼ିଶାର କାହାଣୀ। କିଛି ବ୍ୟକ୍ତିଙ୍କ ନାମ ତାଙ୍କ ସମୟର ପରିଚୟ ପାଲିଟିଛି। ସେମାନଙ୍କ ମଧ୍ୟରୁ ରମାଦେବୀ ଅନ୍ୟତମ। ସ୍ୱାଧୀନତା ଆନ୍ଦୋଳନ ସମୟରେ ଗାନ୍ଧୀ ଅତି ସାଧାରଣ ମହିଳାଙ୍କୁ ଅସାଧାରଣ ଭାବେ ଗଢି ତୋଳିଥିଲେ। ଏବେ ପୁରୁଷମାନେ ସମାଜକୁ ତାଙ୍କ ବାଟରେ ଗଢି ଚାଲିଛନ୍ତି, ନାରୀମାନେ ମଧ୍ୟ ତାଙ୍କ ଅନୁଯାୟୀ ସମାଜ ଗଢନ୍ତୁ ବୋଲି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସର୍ବଭାରତୀୟ ଅଧ୍ୟକ୍ଷ କୁମାର ପ୍ରଶାନ୍ତ କହିଛନ୍ତି। ଗୁରୁବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର 'ଓଡ଼ିଶାରେ ଗାନ୍ଧୀ' ଶୀର୍ଷକ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନ କରି ପ୍ରଶାନ୍ତ କହିଲେ, ଯୁବପିଢୀର ମହିଳାମାନେ ଗାନ୍ଧୀ ଓ ରମାଦେବୀଙ୍କ ଆଦର୍ଶରେ ସମାଜ ଗଠନ କରିପାରିବେ। ଏହାର ପ୍ରାସଙ୍ଗିକତା ଆଜି ଅଧିକ ରହିଛି। ବିଶ୍ୱବିଦ୍ୟାଳୟ କୁଳପତି ଅପରାଜିତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରିଷ୍ଣା ମହାନ୍ତି, ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, କୁଳସଚିବ ଶ୍ୟାମଳୀ ମହାପାତ୍ର, ପିଜି କାଉନ୍‌ସିଲ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଲୋକସମ୍ପର୍କ ଅଧିକାରୀ ଡ. ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିଖା ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପୋଲାଭରମ ପ୍ରକଳ୍ପ ହେଲେ ମାଲକାନଗିରିର ୩୪୬୯ ହେକ୍ଟର ଜଙ୍ଗଲ ଜମି ବୁଡ଼ିବ

**ଭୁବନେଶ୍ୱର, ୨।୧୨ (ବ୍ୟୁରୋ):** ପୋଲାଭରମ ପ୍ରକଳ୍ପ ହେଲେ ମାଲକାନଗିରି ଜିଲାର ୨୫ଟି ଗ୍ରାମର ୬,୯୨୩ ଲୋକ ପ୍ରଭାବିତ ହେବେ। ଏଥିସହିତ ୬,୭୭୧ ହେକ୍ଟର ଚାଷ ଜମି ଓ ୩,୪୬୯ ହେକ୍ଟର ଜଙ୍ଗଲ ଜମି ବୁଡ଼ିଯିବ। ୨୦୦୬ରେ କେନ୍ଦ୍ରୀୟ ଜଳ ଆୟୋଗ ପୋଲାଭରମ ପ୍ରକଳ୍ପର ବନ୍ୟା ଜଳ ପରିମାଣକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକ ପର୍ଯ୍ୟନ୍ତ ବୃଦ୍ଧି କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଗୁରୁବାର ବିଧାନସଭାରେ କହିଛନ୍ତି। ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

## ମ୍ୟୁଜିକ୍ ଭିଡିଓ 'ସାଇକେଲ'ର ଶୁଭମୁକ୍ତି

**ଭୁବନେଶ୍ୱର,୨।୧୨(ବ୍ୟୁରୋ) :** ସାଇକେଲ ସହ ଯୋଡ଼ି ହୋଇଥାଏ ପିଲା ଦିନର ସ୍ମୃତି। ରୋମାଞ୍ଚକର ସ୍ମୃତି ସହ ସାଇକେଲର ଚକ ଗଡ଼ୁଛି ଆଗକୁ। ଋତୁ ପରିବର୍ତ୍ତନ ସହ ଜୀବନରେ ଆଗକୁ ବଢ଼ିବା ଓ ଏକ ସୁନ୍ଦର ପ୍ରେମ କାହାଣୀକୁ ନେଇ ନିର୍ମାଣ ହୋଇଛି ମ୍ୟୁଜିକ ଭିଡିଓ 'ସାଇକେଲ'। ଗୁରୁବାର ଏହାର ଶୁଭମୁକ୍ତି ହୋଇଛି। ଦେବଦାସ ଛୋଟରାୟ ଏହାର ରଚନା କରିଥିବାବେଳେ ସୁସ୍ମିତା ଦାସ କଣ୍ଠଦାନ କରିଛନ୍ତି। ସହ ନିର୍ଦ୍ଦେଶକ ଦେବ ମେହେର ଓ ବିଶ୍ୱଜିତ ମହାପାତ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଭିଡିଓରେ ଚରିତ୍ରକୁ ଖାପଖୁଆଇ ନିଖୁଣ ଅଭିନୟ କରିଛନ୍ତି ଅଭିନେତ୍ରୀ ଶୀତଲ ପାତ୍ର। ପୁରୁଣା ସମୟର ଏକ ନୂଆ ଯାତ୍ରା 'ସାଇକେଲ' ପୁଣି ଥରେ ସମସ୍ତଙ୍କୁ ପିଲାବେଳର ସ୍ମୃତିକୁ ତାଜା କରିଦେବ ବୋଲି ଗାୟିକା ଦାସ କହିଛନ୍ତି। ଅରୋମିରା ପ୍ରଯୋଜନାରେ ଭିଡିଓ 'ସାଇକେଲ' ସହ ଅଇଗିରି ନନ୍ଦିନୀ, ପୃଥିବୀ ମନ୍ଥନ, ନୂଆ ଠିକଣାକୁ ଓ ଅନ୍ୟାନ୍ୟ ମ୍ୟୁଜିକ ଭିଡିଓ ଏବେବି ଲୋକପ୍ରିୟତା ହାସଲରେ ଶୀର୍ଷ ସ୍ଥାନରେ ରହିଛି।

# ୭ଦିନରେ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କାରବାର



## ବୟନିକା ହସ୍ତତନ୍ତ ବଜାର ପରିଦର୍ଶନ କଲେ ମନ୍ତ୍ରୀ

**ଭୁବନେଶ୍ୱର, ୨।୧୨ (ବ୍ୟୁରୋ)**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସହାୟତାରେ ଏକାମ୍ର ହାଟରେ 'ବୟନିକା' ଦ୍ୱାରା ହସ୍ତତନ୍ତ ବଜାର ଖୋଲିଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ବଜାର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୭ଦିନରେ ଅର୍ଥାତ୍ ୧ ତାରିଖ ସୁଦ୍ଧା ହସ୍ତତନ୍ତ ବଜାରରେ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବିକ୍ରୟ ହୋଇଥିବା ସୂଚନା ଦିଆଯାଇଛି। ଗୁରୁବାର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏହି ବଜାର ପରିଦର୍ଶନ କରିଥିଲେ। ତାଙ୍କ ସହିତ ବିଭାଗୀୟ ଶାସନ ସଚିବ ଶୁଭା ଶର୍ମା, ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

ବଜାରରେ 'ବୟନିକା' ବ୍ୟତୀତ ୧୪ ବୟନମଣ୍ଡଳର ୩୩ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶିତ ଓ ବିକ୍ରୟ ହେଉଛି । ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାର ବାନ୍ଧ ସିଲ୍କ ଶାଢ଼ି, ବମକେଇ ଶାଢ଼ି, ବରଗଡ଼ ଜିଲାର କଟନ୍ ବାନ୍ଧ ଶାଢ଼ି, ବେଡ୍‌ସିଟ୍, ଆଠଗଡ଼ର ଖଣ୍ଡୁଆ ଓ ମାଣିଆ ବନ୍ଧ ଶାଢ଼ି, କଟକ ଗୋପାଳପୁରର ଟସର ବସ୍ତ୍ର, ବ୍ରହ୍ମପୁର ସୂତା ଶାଢ଼ି ଏବଂ କୋରାପୁଟ ଜିଲାର କୋଟପାଡ଼ ବସ୍ତ୍ର ଇତ୍ୟାଦି ଉପଲବ୍ଧ ହେଉଛି । ଏତଦ୍ ବ୍ୟତୀତ ଖୋର୍ଦ୍ଧା ଓ ନୟାଗଡ଼ ଜିଲାରୁ ଉତ୍ପାଦିତ ବସ୍ତ୍ର ମଧ୍ୟ ପ୍ରଦର୍ଶନ ସହ ବିକ୍ରୟ କରାଯାଉଛି । ମନ୍ତ୍ରୀ ଦିଆନ ଓ ବିଭାଗୀୟ ଶାସନ ସଚିବ ପ୍ରତ୍ୟେକ ଷ୍ଟଲ ବୁଲି ବୁଣାକାରମାନେ ପ୍ରସ୍ତୁତ କରିଥିବା ନୂତନ ଡିଜାଇନ୍‌ର ବସ୍ତ୍ରଗୁଡ଼ିକ ଦେଖିବା ସହିତ ନୂତନ ଡିଜାଇନ୍‌ର ବସ୍ତ୍ର ବୁଣି ବୁଣାକାରମାନେ ଅଧିକ ଉପାର୍ଜନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ଏହା ବ୍ୟତୀତ ଏକାମ୍ର କୁଟୀରରେ ଅନ୍ୟ ୪୪ଟି ପ୍ରାଥମିକ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ବଜାରରେ ୧୫ ତାରିଖ ପର୍ଯ୍ୟନ୍ତ ଅଂଶଗ୍ରହଣ କରିବାର ବ୍ୟବସ୍ଥା କରାଯାଇଛି। ବୁଣାକାରଙ୍କ ଗଚ୍ଛିତ ଲୁଗା ବିକ୍ରି ହେବାରେ ଏହା ସହାୟକ ହୋଇଛି ବୋଲି ବୁଣାକାରମାନେ ମତ ଦେଇଛନ୍ତି।

## କୋଭିଡ୍ ପରିଚାଳନା ନେଇ ସନ୍ତୋଷ ପ୍ରକାଶ କଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିନିଧି

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**

କୋଭିଡ୍-୧୯ର ପରିଚାଳନା ନେଇ ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଛି। ବୈଠକରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିନିଧିମାନେ ଯୋଗଦେଇ କହିଲେ, କୋଭିଡ୍ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ଓ ଦୃଷ୍ଟି ଆକର୍ଷଣ କରିପାରିଛି। ତେବେ ଏହାର ଠିକ୍ ଭାବେ ଡକ୍ୟୁମେଣ୍ଟେଶନ ହେଲେ ଅନ୍ୟମାନେ ତାହାକୁ ଅନୁସରଣ କରିପାରିବେ। ଏହି ଅବସରରେ ବାଲେଶ୍ୱର ଜିଲା ଗସ୍ତ ସମ୍ପର୍କରେ ଅନୁଭୂତି ବର୍ଣ୍ଣନା କରିବା ସହ ଜିଲାରେ କୋଭିଡ୍-୧୯ ପରିଚାଳନା କ୍ଷେତ୍ରରେ ଆଖିଦୃଶିଆ କାର୍ଯ୍ୟ ହୋଇଥିବା କହିଥିଲେ। ବାଲେଶ୍ୱରରେ ଥିବା ଅକ୍‌ଜିଲାରି ସ୍ୱାସ୍ଥ୍ୟକେନ୍ଦ୍ର (ଏଏଚ୍ଏଫ୍)ଗୁଡ଼ିକରେ କୋଭିଡ୍ ପରିଚାଳନା ବ୍ୟତୀତ ଏବେ ଟିକାଦାନ, ସ୍ୱାସ୍ଥ୍ୟସେବା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର ଓ ଆବଶ୍ୟକ ସ୍ଥଳେ ଆଶ୍ରୟ କେନ୍ଦ୍ର ଇତ୍ୟାଦି ପରିଚାଳନା କରାଯାଇପାରୁଛି। ଏହି କେନ୍ଦ୍ରଗୁଡ଼ିକ ବହୁମୁଖୀ ସେବା ପ୍ରଦାନରେ ସହାୟକ ହୋଇପାରୁଛି। ବିପର୍ଯ୍ୟୟ ସମୟରେ ସ୍ୱାସ୍ଥ୍ୟସେବା ପରିଚାଳନା ସମ୍ପର୍କରେ ମଧ୍ୟ ଏହି ଅବସରରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଡା. ନିହାର ରଞ୍ଜନ ରାୟ, ଡା. ସୌରଭ ଓ ଡା. ମନୀଷ ଉପସ୍ଥିତ ଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଅଜିତ କୁମାର ମହାନ୍ତି ଓ ଡା. ଦୀନବନ୍ଧୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦସ୍ତଖତ ଅଭିଯାନରେ ସାମିଲ ହେଲେ ଯୁବତୀ ଓ ମହିଳା

**ଭୁବନେଶ୍ୱର, ୨।୧୨ (ବ୍ୟୁରୋ)**

ସମାଜରୁ ବାଲ୍ୟବିବାହ ହଟିବା ସହିତ ଯୁବତୀ ଓ ମହିଳାମାନେ ନିଜର ଅଧିକାର ବାବଦରେ ସଚେତନତା ହେବା ଆବଶ୍ୟକ। ଚୁପ୍ ନରହି ନିଜର ସ୍ୱର ଉତ୍ତୋଳନ କରିବା ଜରୁରୀ। ଯୁବତୀ ଓ ମହିଳା ମାନଙ୍କ ପାଇଁ ସୁରକ୍ଷିତ ପରିବେଶ ଜରୁରୀ ନେଇ ସ୍ଥାନୀୟ ୱାର୍ଡ ନମ୍ବର ୧୨ ଅଧିନସ୍ଥ ଧିରିଙ୍କୁଟି ସାହିଠାରେ ସି.ସି.ଡବ୍ଲ୍ୟୁ.ଡି, ଆକ୍ସନଏଡ୍, ଭୁବନେଶ୍ୱର ୟଙ୍ଗ ଅର୍ବାନ ୱିମେନ ଫୋରମ୍ ତରଫରୁ ଆୟୋଜିତ ୧୬ ଦିବସୀୟ ଲିଙ୍ଗଭିତ୍ତିକ ହିଂସା ବିରୋଧୀ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ଦସ୍ତଖତ ଅଭିଯାନରେ ଏହି ବିଷୟରେ ଆଲୋଚନା କରାଯାଇଛି। ଫୋରମ୍‌ର ପ୍ରତିନିଧି ପୂଜା ବେହେରା, ଜୀବନ ଜ୍ୟୋତି ବେହେରା, ଲିପସା ପ୍ରଧାନ, ବର୍ଷା ପ୍ରଧାନ, ବିଦ୍ୟୁସ୍ମିତା ପତି, ସନ୍ତୋଷୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# 'ଗଣତନ୍ତ୍ରରେ ସୁସ୍ଥ ଗଣମାଧ୍ୟମ ଜରୁରୀ'

## 'ସକାଳ'ର ପ୍ରଥମ ଜନ୍ମବାର୍ଷିକୀ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**



ଭାରତବର୍ଷର ଅଧିକାଂଶ ଗଣମାଧ୍ୟମ ବର୍ତ୍ତମାନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୌଣସି ରାଜନୈତିକ ଦଳ କିମ୍ବା କର୍ପୋରେଟ୍ ହାଉସ ଦ୍ୱାରା ପରିଚାଳିତ। କେତେକ ଉତ୍ତମ କ୍ଷୁଦ୍ର ଗଣମାଧ୍ୟମ ସଂସ୍ଥା ମଧ୍ୟ ଦେଶ ତଥା ଆଞ୍ଚଳିକସ୍ତରରେ କାର୍ଯ୍ୟ କରୁଛନ୍ତି। ଅନେକ ଖବରଦାତା ଭଲ କାମ କରୁଛନ୍ତି। ସୁସ୍ଥ ଗଣତନ୍ତ୍ରରେ ସୁସ୍ଥ ଗଣମାଧ୍ୟମ ରହିବା ଜରୁରୀ ବୋଲି ଗୁରୁବାର ଭୁବନେଶ୍ୱରରେ ଅନୁଷ୍ଠିତ 'ସକାଳ'ର ପ୍ରଥମ ଜନ୍ମବାର୍ଷିକୀ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ଦି ପ୍ରିଣ୍ଟ'ର ପ୍ରତିଷ୍ଠାତା ସମ୍ପାଦକ ପଦ୍ମଭୂଷଣ ଶେଖର ଗୁପ୍ତା ମତବ୍ୟକ୍ତ କରିଛନ୍ତି। ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ କହିଥିଲେ, କେଉଁ ଖବର କାଗଜ କିପରି ଖବରକୁ ସଜାଏ ଏବଂ ତା'ର ସମୀକ୍ଷା କିପରି ଭାବରେ ପାଠକ ଆଗରେ ଉପସ୍ଥାପନ କରେ, ତାହା ଉପରେ ଉକ୍ତ କାଗଜର ପ୍ରଭାବ ନିର୍ଭର କରେ। ଛାପା ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଏଥିପ୍ରତି ଯତ୍ନଶୀଳ ହେବା ଦରକାର ବୋଲି ବାଗ୍‌ଚୀ କହିଛନ୍ତି। 'ସକାଳ' ସମ୍ପାଦକ ଉମାକାନ୍ତ ମିଶ୍ର ବର୍ଷକ ମଧ୍ୟରେ ଆମେ ଲୋକଙ୍କ ପାଖରେ ଠିକ୍ ଓ ତାଜା ଖବର ପହଞ୍ଚାଇବା ଲାଗି ଅବିରତ ଉଦ୍ୟମ କରିଛୁ ବୋଲି କହିଥିଲେ। କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦ୍ର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସିଇଓ ସୁବ୍ରତ ଦାସ 'ସକାଳ'ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତା, ପଦାର୍ଥ ବିଜ୍ଞାନୀ ଜ୍ଞାନଦେବ ମହରଣା ଏବଂ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଜୀବନ ବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ସ୍ମରଣିକା 'ସୃଷ୍ଟି'କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ, ସୂଚନା ଲୋକ ସମ୍ପର୍କ ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ନନ୍ଦିଘୋଷ ଟିଭିର ସିଇଓ ଜବର ସିଂ ପନୱାର, ମୁଖ୍ୟ ସମ୍ପାଦକ ଶିଶିର ଭଞ୍ଜମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟା ମୁକାବିଲା ପାଇଁ ପୂର୍ବତଟ ରେଳପଥ ପ୍ରସ୍ତୁତ

**ଭୁବନେଶ୍ୱର,୨।୧୨**

ପୂର୍ବତଟ ରେଳପଥ ବାତ୍ୟା 'ଜୱାଦ'ର ପ୍ରଭାବକୁ ଏଡ଼ାଇବା ପାଇଁ ଆହ୍ୱାନମୂଳକ ପଦକ୍ଷେପ ଗ୍ରହଣ କରିଛି। ୨୪ ଘଣ୍ଟିଆ ବିପର୍ଯ୍ୟୟ ପରିଚାଳନା ସେଲ୍ ମୁଖ୍ୟାଳୟଠାରେ ଖୋଲାଯାଇଛି। ଡିଭିଜନାଲ ମୁଖ୍ୟାଳୟ ଯଥା ବିଶାଖାପାଟଣା, ଖୋର୍ଦ୍ଧାରୋଡ ଓ ସମ୍ବଲପୁରରେ ମଧ୍ୟ ଅନ୍ୟ ୟୁନିଟ ସ୍ଥାପନ କରାଯାଇଛି। ଆପଦ ହୀନ ଟ୍ରେନ ଚଳାଚଳ ପାଇଁ ପଦକ୍ଷେପ ଗ୍ରହଣ କରିଛି। ଟ୍ରାକ୍ ସୁରକ୍ଷା, ଓଭରହେଡ଼ ବିଦ୍ୟୁତ୍ ଟ୍ରାକ, ସିଗନାଲିଂ ପଦ୍ଧତି ଓ ବିଦ୍ୟୁତିକରଣ ତୁରନ୍ତ ପୁନଉଦ୍ଧାର ପାଇଁ ସ୍ୱତବ ଟିମକୁ ନିୟୋଜିତ କରିଛି। ଡିଜି ସେଟ, ଜେନେରେଟର ପ୍ରସ୍ତୁତ କରି ରଖାଯାଇଛି। ପାଣି ଟାଙ୍କିରେ ପାଣି ଭର୍ତ୍ତି ଓ ପମ୍ପକୁ ପ୍ରମୁଖ ସ୍ଥାନରେ ରଖାଯାଇଛି। ପୂର୍ବତଟ ରେଳପଥର ମୁଖ୍ୟାଳୟରେ ଅନୁଷ୍ଠିତ ଉଚ୍ଚ ସ୍ତରୀୟ ବୈଠକରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର କୌଣସି ଜରୁରୀ କାଳୀନ ପରିସ୍ଥିତି ଯଥା ରେଳ ଟ୍ରାକ ନିକଟରେ ବନ୍ୟା ସ୍ଥିତି ପ୍ରତି ସଜାଗ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆର୍‌ପିଏଫ୍ ଜରୁରୀକାଳୀନ ଆବଶ୍ୟକତା ଅନୁସାରେ ସହଯୋଗ ପାଇଁ ଏନ୍‌ଡିଆରଏଫ୍ ସହ ସର୍ବଦା ସଂପର୍କ ସ୍ଥାପନ କରିବ। ସବୁ ଷ୍ଟେଶନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ଓ ରେଳ କଲୋନୀ ଓ ଷ୍ଟେଶନ ଅଞ୍ଚଳରେ ଆର୍‌ପିଏଫ ଜବାନମାନଙ୍କୁ ନିୟୋଜିତ କରାଯିବ। ଜରୁରୀକାଳୀନ ଟ୍ରେନ ଚଳାଚଳ ପାଇଁ ଡିଜେଲ ଇଞ୍ଜିନକୁ କାର୍ଯ୍ୟକାରୀ କରାଯିବ। ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ୍ ଓ ଉପକରଣକୁ ପ୍ରସ୍ତୁତ କରି ରଖାଯିବ। ପୂର୍ବତଟ ରେଳପଥ ସର୍ବଦା ପାଣିପାଗ ବିଭାଗର ପୂର୍ବାନୁମାନ ପ୍ରତି ସଜାଗ ରହିଥିବା କୁହାଯାଇଛି।

## ନିର୍ମାଣ ବର୍ଜ୍ୟବସ୍ତୁ କଣିକାରୁ ବାୟୁ ପ୍ରଦୂଷଣ

**ଭୁବନେଶ୍ୱର, ୨।୧୨(ବ୍ୟୁରୋ)**

ଭିତ୍ତିଭୂମି ଓ ଗୃହ ନିର୍ମାଣ ଉତ୍ସରୁ ନିର୍ଗତ ବର୍ଜ୍ୟବସ୍ତୁର କଣିକା ପଦାର୍ଥରୁ ବାୟୁ ପ୍ରଦୂଷଣ ବୃଦ୍ଧି ହେଉଛି। ଓଡ଼ିଶା ପରିବେଶ ସମିତି ପକ୍ଷରୁ ଗୁରୁବାର ଅନୁଷ୍ଠିତ 'ପ୍ରଦୂଷଣ ରୋକିବା ଏବଂ ନିୟନ୍ତ୍ରଣ ପାଇଁ ସଚେତନତା ସୃଷ୍ଟି' ଶୀର୍ଷକ ୱେବିନାରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମୁଖ୍ୟ ପରିବେଶ ଇଞ୍ଜିନିୟର ଡ. ନିହାର ରଞ୍ଜନ ସାହୁ ଏହା କହିଛନ୍ତି। ଓଇଏସ୍ ସଭାପତି ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା, ସମ୍ପାଦକ ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଯୁଗ୍ମ ସମ୍ପାଦକ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।



ଏସ୍.ଇ.ଏମ୍. ଉଚ୍ଛେଦ କରି ଗ୍ରାମ୍ୟ ଜଳଯୋଗାଣ କର୍ମଚାରୀର ମାନ୍ୟତା ସହ କେତେକ ଦାବି ନେଇ ଏସ୍ଇଏମ୍ ଓ ଗ୍ରାମୀଣ ପାନୀୟ ଜଳ ଯୋଗାଣ କର୍ମଚାରୀମାନଙ୍କ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।




ଜନସ୍ୱାର୍ଥ ବିରୋଧୀ ବିଦ୍ୟୁତ୍ ବିଲ୍-୨୦୦୩, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୧ ବାତିଲ ସହ ବିଭିନ୍ନ ଦାବି ନେଇ ଗୁରୁବାର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ ଅବସରରେ ରାଜଭବନ ସମ୍ମୁଖରେ ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ କର୍ମକର୍ତ୍ତା।



ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କରେ ଆୟୋଜିତ କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗୁରୁବାର କଳାକାରମାନେ ସତ୍ତ୍ରିୟା ନୃତ୍ୟ ପରିବେଷଣ କରୁଛନ୍ତି।

## ସ୍କୁଲରେ ପଶି ବନ୍ଧୁକ ଦେଖାଇ ଲୁଟ୍

ବାରିପଦା ଅଫିସ,୨।୧୨- ସ୍କୁଲରେ ପଶି ବନ୍ଧୁକ ଦେଖାଇ ୨ ଶିକ୍ଷୟିତ୍ରୀଙ୍କଠାରୁ ଦୁର୍ବୃତ୍ତମାନେ ସୁନା ଗହଣା ଲୁଟି ନେବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୁରୁବାର ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ବାଉରା ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ, ଦ୍ୱିପ୍ରହର ସମୟରେ ଶିକ୍ଷୟିତ୍ରୀ ନମିତା ମହାନ୍ତ ଓ ସ୍ୱର୍ଣ୍ଣଲତା ସୋରେନ ସ୍କୁଲରେ ବସିଥିବା ବେଳେ ହଠାତ୍ ୨ ଦୁର୍ବୃତ୍ତ ବାଇକ୍ ଯୋଗେ ସେଠାରେ ପହଞ୍ଚି ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ପରେ ଦୁଇ ଶିକ୍ଷୟିତ୍ରୀଙ୍କଠାରୁ ୨ଟି ମଙ୍ଗଳସୂତ୍ର, ୨ଟି କାନଫୁଲ ଓ ଏକ ହଳ ପଲା ଆଦି ଲକ୍ଷାଧିକ ଟଙ୍କାର ଗହଣା ଲୁଟି ନେଇ ପଳାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ବାତ୍ୟା ଆଳରେ ବଢ଼ିଲା ଦର

ଭୁବନେଶ୍ୱର,୨।୧୨(ବ୍ୟୁରୋ)

କିଛି ଦିନ ହେବ ବାତ୍ୟାକୁ ନେଇ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଜୋରସୋର ପ୍ରସାର କରାଯାଉଛି। ବାତ୍ୟା ଆସୁଥିବା ଭୟ ଦେଖାଇ ଅସାଧୁ ବ୍ୟବସାୟୀମାନେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି କରିଚାଲିଛନ୍ତି। ପନିପରିବା ଦର କିଲୋ ପ୍ରତି ୧୦ରୁ ୧୫ ଟଙ୍କା ବୃଦ୍ଧି ପାଇଥିବା ବେଳେ ଆଳୁ ଓ ପିଆଜ ମହଙ୍ଗା ହୋଇଛି। ଆଳୁ ହୋଲସେଲ ଦର କୁଇଣ୍ଟାଲ ପ୍ରତି ୧୫୦୦ ଟଙ୍କା ରହିଥିବା ବେଳେ ଖୁଚୁରା ବଜାରରେ କିଲୋ ୨୨ରୁ ୨୫ ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ପିଆଜ କିଲୋ ହୋଲସେଲ ଦାମ ୨୨ ଟଙ୍କା ଥିବାବେଳେ ବଜାରରେ ୪୦ ଟଙ୍କାରେ ମିଳୁଛି। ଗ୍ରାହକଙ୍କ ଠାରୁ ବ୍ୟବସାୟୀମାନେ କିଲୋ ପ୍ରତି ୫ରୁ ୧୫ ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଆଳୁ ଓ ପିଆଜ କିଲୋ ପ୍ରତି କିଣା ଦାମଠାରୁ ୩ରୁ ୪ ଟଙ୍କା ଉପରକୁ ନ ବିକିବା ନେଇ ସରକାରୀ ନିର୍ଦ୍ଦେଶନାମା ରହିଥିବା ବେଳେ ଏହାକୁ ବ୍ୟବସାୟୀମାନେ ମାନୁନାହାନ୍ତି। ଖାଉଟି ରାଜ କିଶୋର ଦାଶ କହିଛନ୍ତି ସରକାରଙ୍କର ବଜାର ଉପରେ କୌଣସି ନିୟନ୍ତ୍ରଣ ନାହିଁ। ବେପାରୀମାନେ ମନଇଚ୍ଛା ଦର ନେଉଛନ୍ତି। ଆମେ କେବଳ ଶୋଷିତ ହେବା ଛଡା ଅନ୍ୟ ଉପାୟ ନାହିଁ।

# ମାଓବାଦୀଙ୍କ ପିଏଲ୍‌ଜିଏ ସପ୍ତାହ

ଜୟପୁର/ରାୟଗଡ଼ା ଅଫିସ,୨।୧୨(ନି.ପ୍ର.)

ମାଓବାଦୀମାନେ ଗୁରୁବାରଠାରୁ ପିଏଲ୍‌ଜିଏ (ପିପୁଲ୍ସ ଲିବରେଶନ ଗେରିଲା ଆର୍ମି) ସପ୍ତାହ ପାଳନ କରୁଛନ୍ତି। ଏଥିଯୋଗୁ ଅବିଭକ୍ତ କୋରାପୁଟ ଜିଲାରେ ହାଇ ଆଲର୍ଟ ଜାରି କରାଯାଇଛି। ଛତିଶଗଡ଼-ଆନ୍ଧ୍ର-ଓଡ଼ିଶାରେ ସୁରକ୍ଷା କର୍ମୀ ମାଓବାଦୀଙ୍କ ଗତିବିଧି ଉପରେ କଡ଼ା ନଜର ରଖିଛନ୍ତି। କୋମ୍ବିଂ ଅପରେଶନକୁ ଜୋର୍‌ଦାର ଓ ତଲାସି ଅଭିଯାନକୁ ବ୍ୟାପକ କରାଯାଇଛି। ସପ୍ତାହକୁ ସଫଳ କରିବା ଲାଗି ମାଓବାଦୀ କୋରାପୁଟ ମାଲକାନଗିରି, ରାୟଗଡ଼ା ଜିଲାର ସୀମାନ୍ତ ଅଞ୍ଚଳରେ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ସୁରକ୍ଷା ଦୃଷ୍ଟିରୁ ଅବିଭକ୍ତ କୋରାପୁଟ ଜିଲାରେ ୨ରୁ ୮ ତାରିଖ ଯାଏ ବସ୍ ଚଳାଚଳ ବନ୍ଦ ରଖାଯାଇଛି। ଜୟପୁର-ମାଲକାନଗିରି ବସ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଅବିଭକ୍ତ କୋରପୁଟ ଜିଲାରେ ୩୫ରୁ ଅଧିକ ସରକାରୀ ବସ୍ ଚଳାଚଳକୁ ବନ୍ଦ କରାଯାଇଛି। ସୀମାନ୍ତ ଅଞ୍ଚଳକୁ ସିଲ୍ କରିବା ସହ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।

# ୫ ପାନ୍ଥ ନିବାସ ଘରୋଇ ସଂସ୍ଥାକୁ ଟେକିଦେଲେ ସରକାର

ଭୁବନେଶ୍ୱର, ୨।୧୨ (ବ୍ୟୁରୋ)

ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ପାନ୍ଥନିବାସ, ପାନ୍ଥିକା ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ ସମ୍ଭାଳି ନ ପାରି ଘରୋଇ ସଂସ୍ଥା ହାତକୁ ଟେକି ଦେଉଛନ୍ତି। ବାଲେଶ୍ୱର, ଗୋପାଳପୁର, ତପ୍ତପାଣି ଏବଂ ଭଦ୍ରକ ପାନ୍ଥନିବାସକୁ ଘରୋଇକରଣ କରାଯାଇଥିବବେଳେ ସାତପଡ଼ା ଯାତ୍ରୀନିବାସ, ଝାରସୁଗୁଡ଼ା ଟିଆର୍‌ସି, କୋଣାର୍କ ଯାତ୍ରୀ ନିବାସ, ଦାରିଙ୍ଗବାଡି ଟୁରିଷ୍ଟ କମ୍ପ୍ଲେକ୍ସ, ପାରଳାଖେମୁଣ୍ଡି ବିଏନ୍ ପ୍ୟାଲେସ୍ ଏବଂ ଧଉଳି ପାନ୍ଥିକାକୁ ସରକାରୀ ଘରୋଇ ଭାଗୀଦାର (ପିପିପି) ମୋଡ୍‌ରେ ଚଳାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଜେଡି ସଦସ୍ୟ ନବ ଚରଣ ମାଝୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ପର୍ଯ୍ୟଟନ ନୀତି-୨୦୧୬ ଅନୁଯାୟୀ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକୁ ଓଟିଡିସି ଜରିଆରେ ପିପିପି ମୋଡ୍‌ରେ ପରିଚାଳନା କରିବା



ପାଇଁ ନିଷ୍ପତ୍ତି ହୋଇଥିଲା। ଉତ୍ତମ ସେବା ଓ ପରିଚାଳନା ସହିତ ପର୍ଯ୍ୟଟକଙ୍କୁ ଆଶାନୁରୂପ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସରକାର ପର୍ଯ୍ୟାୟକ୍ରମେ ଘରୋଇକରଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

## ୨୦୧୭-୧୯ରେ ୩୩୫ ବ୍ଲାକ୍ ସ୍ପଟ ଚିହ୍ନଟ

ଭୁବନେଶ୍ୱର, ୨।୧୨ (ବ୍ୟୁରୋ)

ରାଜ୍ୟରେ ୨୦୧୫ରୁ ୨୦୧୭ ମଧ୍ୟରେ ୩୦ଟି ଜିଲାରେ ୪୩୫ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ ହୋଇଥିବାବେଳେ ୨୦୧୭ରୁ ୨୦୧୯ ମଧ୍ୟରେ ୩୩୫ ବ୍ଲାକ୍ ସ୍ପଟ ଚିହ୍ନଟ ହୋଇଛି। ଏହିସବୁ ସ୍ଥାନରେ ଅଧିକ ଦୁର୍ଘଟଣା ହେଉଛି। ଦ୍ରୁତଗତିରେ ଗାଡ଼ି ଚାଳନା, ମଦ୍ୟପାନ ଓ ମୋବାଇଲ୍ ବ୍ୟବହାର କରି ଗାଡ଼ି ଚଳାଇବା ଯୋଗୁ ଦୁର୍ଘଟଣା ଘଟୁଛି। ଭାଜପା ସଭ୍ୟ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୁରୁବାର ବିଧାନସଭାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ସୂଚନା ଦେଇଛନ୍ତି।

## ଭାରତର ୭ ଏୟାରପୋର୍ଟରେ ବ୍ରାଣ୍ଡିଙ୍ଗ କରିବ ଓଡ଼ିଶା ପର୍ଯ୍ୟଟନ

ଭୁବନେଶ୍ୱର,୨।୧୨(ବ୍ୟୁରୋ)

କରୋନା ମହାମାରୀ ପାଇଁ ରାଜ୍ୟର ପର୍ଯ୍ୟଟନ ଶିଳ୍ପର ଯେଉଁ କ୍ଷତି ହୋଇଥିଲା ତାହାର ଭରଣା କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କୋଭିଡ୍ ପରବର୍ତ୍ତୀ ସମୟରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ରହଣିକୁ ନଜରରେ ରଖି ଓଡ଼ିଶା ଭ୍ରମଣ ପାଇଁ ଏକ ନିରାପଦ ସ୍ଥାନ ବୋଲି ପ୍ରଚାର କରାଯାଉଛି। ସେହିପରି ଆଭ୍ୟନ୍ତରୀଣ ପର୍ଯ୍ୟଟନ ସ୍ଥଳୀକୁ ରୋଡ୍ ମାଧ୍ୟମରେ ଭ୍ରମଣ କରିବା ପାଇଁ ଓଡ଼ିଶା ବାଏ ରୋଡ୍ କ୍ୟାମ୍ପେନିଂ ଆରମ୍ଭ କରାଯାଇଛି। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଭାରତର ୭ଟି ଏୟାରପୋର୍ଟରେ ବ୍ରାଣ୍ଡିଙ୍ଗ୍ କରାଯାଇଛି। ଆଗାମୀ ଦିନରେ ଏହାକୁ ବଢାଯିବା ନେଇ ଯୋଜନା ରହିଛି। ଆଉଟ୍‌ଡୋର ବ୍ରାଣ୍ଡିଙ୍ଗ୍, ଡିଜିଟାଲ ମାର୍କେଟିଙ୍ଗ୍ ତଥା ସୋସିଆଲ ମିଡିଆରେ ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯାଉଛି ବୋଲି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଲିଖିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପରିବେଶ ପର୍ଯ୍ୟଟନରେ ନିଯୁକ୍ତି ପାଇଥିବା ୪୨୪ଜଣ ପରିଚାଳକ ଓ ଗୋଷ୍ଠୀ ସଦସ୍ୟଙ୍କୁ କୋଭିଡ୍‌ର ପ୍ରତିରୋଧ ଓ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଇଛି। ଚଳିତ ବର୍ଷ ଆଉ ୨ଟି ନୂତନ ସ୍ଥାନ ସମେତ ୭ଟି ସ୍ଥାନରେ ଇକୋ ରିଟ୍ରିଟ୍ କରାଯିବାର ଯୋଜନା ରହିଛି।

**ପ୍ରଥମ ପୃଷ୍ଠାରୁ...**

## ସମୀକ୍ଷା କଲେ ...

ସ୍ଥାନାନ୍ତର କରିବା ସହ ସ୍ୱାସ୍ଥ୍ୟ, ପିଇବା ପାଣି, ଜରୁରୀ ଔଷଧ ମହଜୁଦ, ବିକଳ୍ପ ମାଧ୍ୟମରେ ବିଦ୍ୟୁତ୍ ସେବା, ଯୋଗାଯୋଗ ଆଦି ଅତ୍ୟାବଶ୍ୟକ ସେବାର ବ୍ୟବସ୍ଥା କରିବା ନିମନ୍ତେ ଉଭୟ ରାଜ୍ୟର ପ୍ରମୁଖ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ କୁହାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ପ୍ରଭାବିତ ହେବାକୁ ଥିବା ରାଜ୍ୟଗୁଡ଼ିକ ସହ ଯୋଗାଯୋଗରେ ଅଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ଫୋର୍ସ(ଏନ୍‌ଡିଆର୍‌ଏଫ୍)ର ୨୯ଟି ଟିମ୍‌କୁ ସମ୍ପୃକ୍ତ ରାଜ୍ୟରେ ମୁତୟନ କରାଯାଇଛି। ଆଉ ୩୩ ଟିମ୍ ଆବଶ୍ୟକସ୍ଥଳେ ନିୟୋଜନ ନିମନ୍ତେ ପ୍ରସ୍ତୁତ ଅଛନ୍ତି। ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ନୌସେନା ପକ୍ଷରୁ ଜାହାଜ ଏବଂ ହେଲିକପ୍ଟର ମୁତୟନ ହୋଇଛି। ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ବିପର୍ଯ୍ୟୟ ରିଲିଫ୍ ଏବଂ ମେଡିକାଲ ଟିମ୍ ମଧ୍ୟ ସଜାଗ ରହିଛନ୍ତି। ସେବା ନିରନ୍ତର ରଖିବାକୁ ଯୋଗାଯୋଗ, ଶକ୍ତି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରିନ୍ସିପାଲ ସେକ୍ରେଟାରୀ, କ୍ୟାବିନେଟ ସଚିବ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ, ଏନ୍‌ଡିଆର୍‌ଏଫ୍ ଡିଜି, ଆଇଏମ୍‌ଡି ଡିଜି ପ୍ରମୁଖ ଉପସ୍ଥିତ ଥିଲେ।

## ୨୪ ଘଣ୍ଟାରେ ପ୍ରଦୂଷଣ ...

କର୍ମଚାରୀ ଘରେ ରହି ଅଫିସ୍ କାର୍ଯ୍ୟ କରୁଥିବାବେଳେ ପିଲାମାନଙ୍କୁ କ'ଣ ପାଇଁ ସ୍କୁଲ ଯିବାକୁ କୁହାଯାଉଛି ବୋଲି ଖଣ୍ଡପୀଠ ସରକାରଙ୍କୁ ପ୍ରଶ୍ନ କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ତାଗିଦ୍ ପରେ ଦିଲ୍ଲୀ ସରକାର ପୁଣିଥରେ ସମସ୍ତ ସ୍କୁଲକୁ ବନ୍ଦ ଘୋଷଣା କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍କୁଲ୍‌ଗୁଡ଼ିକ ବନ୍ଦ ରହିବ। ତେବେ କାର୍ଯ୍ୟସୂଚୀ ଅନୁଯାୟୀ ବୋର୍ଡ ପରୀକ୍ଷା ହେବ ଏବଂ ଅନ୍‌ଲାଇନ୍ ଜରିଆରେ ପାଠପଢ଼ା ଚାଲିବ ବୋଲି ସରକାର କହିଛନ୍ତି। ଆଗକୁ ବାୟୁ ମାନରେ ଉନ୍ନତି ଆସିବ ବୋଲି ପାଣିପାଗ ବିଭାଗର ପୂର୍ବାନୁମାନ କ୍ରମେ ସ୍କୁଲ ଖୋଲିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ପ୍ରଦୂଷଣ ସ୍ତର ପୁଣି ଉପରମୁହାଁ ହେବାରୁ ଶୁକ୍ରବାରଠାରୁ ସ୍କୁଲ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି। ନଭେମ୍ବର ୧୩ରୁ ଦିଲ୍ଲୀରେ ସ୍କୁଲ୍ କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ପରେ ଗତ ସୋମବାରଠାରୁ ପାଠପଢ଼ା ଆରମ୍ଭ ହୋଇଥିଲା।


**OFFICE OF THE PANCHAYAT SAMITI, PATNA**

DIST.- KEONJHAR, PIN - 758030 (ODISHA)

No. i-234 E-mail: ori-patna@nic.in

**TENDER CALL NOTICE No. 04/Pat/2021-22**

| | | |
|---|---|---|
| Date & time of availability of tender | : | Dt.03.12.2021 to 13.12.2021 upto 01 P.M. |
| Last date/time of receipt of tender | : | Dt.13.12.2021 till 5.00 P.M. |
| Date of Opening of tender | : | Dt.14.12.2021 at 03.00 P.M. |
| Number of Work | : | 02 Nos. |
| Class of Contractor | : | D & C |
| Mode of receive of tender paper | : | Registered/Speed Post only |

Further details of the Tender Call Notice can be seen from the District website: **https://kendujhar.nic.in**. Any corrigendum/ addendum/cancellation of tender can be seen in the newspaper & also in district website.

The authority reserves the right to reject any/all tenders without assigning any reason thereof.

**Sd./- Block Development Officer, Patna, Keonjhar**

OIPR-19047/11/0004/2122



**OFFICE OF THE SUPERINTENDENT**

**SARDAR VALLAVBHAI PATEL POST GRADUATE INSTITUTE OF PEDIATRICS**

HEALTH & F.W. DEPARTMENT, GOVT. OF ODISHA

Cuttack - 753002, Tel/Fax: 0671-2508978

E-mail ID: svppgip_cuttack@rediffmail.com

www.svppgip.org

**TENDER CALL NOTICE**

**No. 5018** **Date: 29.11.2021**

No. E-679: The Superintendent SVPPGIP, Cuttack invites a tender call notice for procurement of Medical Books and Medical Journals of latest edition form the registered publisher/suppliers for the year 2021-22. This tender is two bid systems (Technical & Financial). The last date of submission of tender paper within 21 dyas from the date of publication in newspapers excluding Government holidays. The tender paper cost is Rs.1500/- (One thousand five hundred) only. The details of term and conditions, list of books and journals etc. are mentioned in the tender paper which can be downloaded from the website of this institution **www.svppgip.org**. The tender paper should send by Speed Post/Registered Post only.

**Sd./- Superintendent**
**SVPPGIP, Cuttack**

OIPR-10017/11/0017/2122



**ନିଲାମ ସୂଚନା**

No.MM-263:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲର କାଜୁବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁସାରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ନିଲାମ ଶେଷ ହେବା ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ଉପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ କଟକ ବନଖଣ୍ଡ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମିଳିପାରିବ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧୧।୦୧।୨୦୨୨ | ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ କାର୍ଯ୍ୟାଳୟ | ଆଗ୍ରାହାଟ୍, ଚଣ୍ଡିଖୋଲ, କାଳିଆମ୍ବା, ଜଲୁକା | ଦିବା ୧୧ ଘଟିକା |

ତା୧୧।୦୧।୨୦୨୨ ରିଖ ନିଲାମ ଫଳପ୍ରଦ ନ ହେଲେ ପୁନଃ ନିଲାମ ତା୧୮।୦୧।୨୦୨୨ରିଖ ଉପରୋକ୍ତ ନିଲାମ ସ୍ଥାନ / ସମୟରେ ଅନୁଷ୍ଠିତ ହେବ ।

**ସ୍ୱା./- ବନଖଣ୍ଡ ଅଧିକାରୀ**
**କଟକ ବନଖଣ୍ଡ, କଟକ**

OIPR-08063/11/0007/2122



GOVERNMENT OF ODISHA No. B-724

**OFFICE OF THE CHIEF CONSTRUCTION ENGINEER, PHULBANI (R&B) CIRCLE, PHULBANI**

Phone: 06842-254004, Email: sernbphulbani@gmail.com

**INVITATION FOR BIDS (IFB)**

**SHORT TENDER CALL NOTICE**

Bid Identification No. CCE-(R&B)-PLB-09/2021-22

**No. 1540** **Dated: 30.11.2021**

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road work as detailed in the table below from eligible contractors. | | |
| 2 | Nature of work | : | Road work |
| 3 | No. of tenders | : | 1 No. |
| 4 | Tender Cost | : | Rs.10,000/- (through online) only |
| 5 | Class of Contractor | : | B Class & A Class |
| 6 | Date & time of sale & receipt of bids | : | 10.00 A.M. of 04.12.2021 to 5.00 P.M. of 14.12.2021. |
| 7 | Date of Opening of Bid | : | 11.00 A.M. of 15.12.2021 |
| 8 | The bidders shall have to participate in online bidding only. Further details can be seen from the website **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website. The authority reserves the right to reject any or all bids without assinging any reason. | | |

**Sd./- Chief Construction Engineer**
**Phulbani (R&B) Circle, Phulbani**

OIPR-34129/11/0013/2122



**OFFICE OF THE ANGUL MUNICIPALITY, ANGUL**

No.C-1455:- **e-Procurement Notice**

**Tender ref. No.EO/RFP/AGLM-17/2021-22**

**e-mail ID- angulmunicipality@gmail.com**

**No.6090 Date 29.XI.21**

**2nd CORRIGENDUM**

The bidders are requested that details can be seen inthe corrigendum from the e-procurement portal **https:/tendersodisha.gov.in**.

**Sd./- G.S. Mallick, Executive Officer, Angul Municipality**

OIPR-13085/11/0049/2122



**OFFICE OF THE EXECUTIVE ENGINEER, LIFT IRRIGATION DIVISION, DHENKANAL**

**e-TENDER NOTICE**

**Bid Identification No. EE DKL (OLIC) 01/2021-22 / 29.11.2021**

**No. CAD-2118:-** Installation and Energisation of 21 Nos. of RL Projects under Dhenkanal District.

| | | | |
|---|---|---|---|
| 1. | **Execution of project works at DHENKANAL, BHUBAN, GONDIA, HINDOL, KAMAKYANAGAR, KANKADAHAD & PARJANG Blocks under Dhenkanal District.** | | |
| 2. | Cost of Projects | - | 12.00 lakhs to 31.00 lakhs |
| 3. | Class of contractors | - | Valid Civil 'D' to 'B' Class with HT Licence. |
| 4. | Availability of Bid in portal | - | 06.12.21 to 18.12.21 up to 5.30 P.M. |
| 5. | Bid conference | - | On 10.12.21 during office hour in the office of Executive Engineer |
| 6. | Bid Opening | - | 20.12.21 at 11 A.M (Technical), Financial and Bid opening / Cover-II to be declared after technical evaluation. |

**Mandatory instruction :-**

**The bidders are requested to go through the DTCN including points below No. 01 & 02 before bidding in portal or else the bidders must not have any claim on rejection.**

1. The bidders who have awarded the works vide this office Tender Call Notice all previous but not started or not completed are debarred to participate in the Bid.
2. Completion report of the works under all previous T.C. must be certified by the concern J.E. & A.E. which will be scanned in the portal failing which the bidding will be out rightly rejected.

**Sd./- Er. P.K. Jena**

OIPR-32141/11/0004/2122 **Executive Engineer, L.I. Divn., Dhenkanal.**



**OFFICE OF THE EXECUTIVE ENGINEER, L.I. DIVISION, BERHAMPUR**

**e-mail: eeolicbam@ymail.com**

**e-Procurement Notice**

**Bid Identification No. 05/2021-22 OLIC (BAM)/** **Dt.29/11/2021**

**No. CAD-2199:-** The Executive Engineer, Lift Irrigation Division, Berhampur on behalf of OLIC invites Percentage Rate bids in single Cover system to be received in Online Mode only for the work "Revival and Energisation of Defunct LIPs/Installation & Energisation of Cluster Shallow Tube Wells under different Blocks in Ganjam District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways / C.P.W.D. for execution of Civil Works with valid Electrical (H.T.) License issued by ELBO Odisha as single or having joint venture with proper registration, through On-Line in the Govt. website **www.tendersodisha.gov.in**. The bidders should have necessary portal enrolment with own digital signature certificate. The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.

| | |
|---|---|
| 1. Numbers of Package | 24 Numbers |
| 2. Estimated Cost | Rs.5.30 to 27.87 lakhs |
| 3. Tender Cost | As per DTCN |
| 4. Class of Contractor | As per DTCN |
| 5. Date & time of publication | Dt.03.12.2021 from 11.00 hrs |
| 6. Date & time of closing | Dt.13.12.2021 at 17.00 hrs |
| 7. Date & time of opening of bid | Dt.14.12.2021 at 12.00 A.M. |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender, if any, can be seen in the said website.

OIPR-32311/11/0005/2122 **Sd./- EXECUTIVE ENGINEER**



**ZILLA SWASTHYA SAMITI, BHADRAK**

**DISTRICT PROGRAMME MANAGEMENT UNIT, NHM**

**O/O. CDM & PHO, DIST.- BHADRAK**

**NOTICE**

**Advt. No. 14/2021** **Date: 02.12.2021**

**Expression of Interests are invited from individuals for Empanelment of Part time Specialist in AMA - Clinic (Geriatric & Non-Geriatric) at UPHCs & Physiotherapist at PHC-HWCs (District: Bhadrak)**

No. E-678: Expression of Interests are invited from individuals for empanelment of Part time Specialist (O&G, Paediatric & Skin VD/ENT/ Dental/Medicine/Eye) for AMA Clinic (Non-Geriatric) **(See Section-I)** & Part time Specialist (Medicine, Physiotherapist & Nutritionist) for AMA Clinic (Geriatric) at UPHCs **(See Section-II)** and Physiotherapist at PHC-HWCs **(See Section-III)** for Bhadrak district.

The application format & other details can be obtained from the district website **www.bhadrak.nic.in** and the application should reach to the **Office of the Chief District Medical & Public Health Officer, Bhadrak, PIN - 756100 by Dt.16.12.2021 (Upto 5.30 P.M.) through Registered/ Speed Post only. The envelope containing the application should be superscribed clearly the name of the post applied for .......... ref. advt. No. ............** Application received after due date and time will not be considered. Incomplete application in any form is liable for rejection. No personal correspondences/enquiry will be entertained in this matter. The undersigned reserves the right to accept/reject any application and modify/ cancel the advertisement without assigning any reason thereof. The above positions are purely temporary and co-terminus with the scheme. This office will not be responsible for any postal delay. Candidates are requested to visit the district website regularly to know status of their application. No personal communication will be made to any candidates through any other media.

**Sd./- Chief District Medical & Public Health Officer, Bhadrak**

OIPR-10123/11/0016/2122



**ODISHA PUBLIC SERVICE COMMISSION**

**CUTTACK**

**NOTICE**

**No. 8761/PSC, (1R-78-21-22) (DR-V),** **Dt. 2.12.21**

**No. D-215:-** It is for information of all concerned that, document verification of candidates having **PPSAN** mentioned below for the post of **Professor in Vyakarana** pursuant to advertisement No.10 of 2021-22 shall be held on **18.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 18.12.2021 | 10.30 AM | 00112062, 00109927 & 00110305 = 03 Candiates |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-

i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0151/2122 **Sd./- Secretary**



**ODISHA PUBLIC SERVICE COMMISSION**

**CUTTACK**

**NOTICE**

**No. 8778/PSC, (1R-79-21-22) (DR-V),** **Dt. 2.12.21**

**No. D-219:-** It is for information of all concerned that, document verification of candidates having **PPSAN** mentioned below for the post of **Professor in Veda** pursuant to advertisement No.10 of 2021-22 shall be held on **15.12.2021** as per the following programme in the office of the Commission at 19, Dr. P. K. Parija Road, Cuttack -753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 15.12.2021 | 2.30 P.M. | 00110460 = 1 Candiate |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs**.
3. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
4. Duly filled in forms "**Appendix-I & II**" to be downloaded from the website of the Commission.
5. Ph. D. Thesis.
6. Certificate of teaching experience.
7. Following documents in Original (as per table-2 of Appendix-II of UGC regulation-2018)
   a. All original Research Publications/Books.
   b. Creation of ICT mediated Teaching/ Learning/ Pedagogy.
   c. Research guidance.
   d. Patents if any.
   e. Invited lectures/ resource Person/paper presentation in Seminar/Conference.

Besides:-

i. Copies of the 1st pages of each Research Publications/Papers - **01 Set**
ii. Copies of front and back cover pages of the Published Books - **01 Set**

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time.

OIPR-12002/11/0155/2122 **Sd./- Secretary**



**OFFICE OF THE CHIEF DISTRICT MEDICAL & PHO-CUM-DISTRICT MISSION DIRECTOR**

**DISTRICT PROGRAMME MANAGEMENT UNIT, DPMU, NHM, BARGARH**

**Advt. No: 11884/DPMU/NHM, Bargarh** **Date:30.11.2021**

**ADVERTISEMENT**

**WALK-IN-INTERVIEW FOR IN-HOUSE REPOSITIONING**

No. E-677: Walk in Interview will be conducted for the contractual employees currently working under NHM in the same position of OSH & FW Society in other district, desiring to be posted in BARGARH District against the vacant post mentioned below.

| Sl. No. | Name of the Post | Vacancy | Date of Walk-in-Interview |
|---|---|---|---|
| 1 | Block Programme Manager | 1 No. | Dt.10.12.2021 Regd. Time: 10.30 A.M. to 12.00 P.M. |
| 2 | Block Accounts Manager | 1 No. | |
| 3 | Social Worker DEIC | 1 No. | |

Interested in-house candidates of NHM may login **www.bargarh.nic.in** for details terms and conditions & application form etc. The eligible candidates may attend at Office of the **Chief District Medical & Public Health Officer, Bargarh on Dt.10.12.2021 from 10.30 A.M. to 12.00 P.M.** along with the required documents along with application form. No candidates will be allowed beyond the schedule time. The undersigned reserves the right to cancel/reject any or all the applications without assigning any reason thereof.

**Sd./- Chief District Medical & PHO cum DMD, Bargarh**

OIPR-10124/11/0016/2122

# କୋଭିଡ୍ ପରିଚାଳନାରେ କେନ୍ଦ୍ରର ଭେଦଭାବ

## ପାର୍ଲାମେଣ୍ଟରେ ଘେରିଲେ ବିରୋଧୀ

ନୂଆଦିଲ୍ଲୀ,୨।୧୨

କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହର ବେଳେ କେନ୍ଦ୍ର ସରକାର ଏହାର ମୁକାବିଲା କ୍ଷେତ୍ରରେ ପକ୍ଷପାତ କରିଥିବା ଗୁରୁବାର ଲୋକ ସଭାରେ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଏଥିସହ ନୂଆ ଭାରିଆଣ୍ଟ ଓମିକ୍ରନ୍‌ର ଭୟାବହତାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ବିମାନ ଚଳାଚଳ ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି।

ଶୀତ ଅଧିବେଶନ ଚତୁର୍ଥ ଦିନରେ ଲୋକ ସଭା ଶୂନ୍ୟକାଳରେ ଶିବସେନା ସଦସ୍ୟ ବିନାୟକ ରାଉତ୍ କହିଥିଲେ, ମହାମାରୀ ଆସିବାର ୨୧ ମାସ ପରେ ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗିଥିବାବେଳେ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଉଛି। ଓମିକ୍ରନ୍ ଭାରିଆଣ୍ଟକୁ ନେଇ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ମଧ୍ୟରେ ସମନ୍ୱୟ ରହିବା ଜରୁରୀ। କେନ୍ଦ୍ର ସରକାର ଭାଜପା ଶାସିତ ରାଜ୍ୟଗୁଡ଼ିକୁ ଅତ୍ୟଧିକ ଭାକ୍ସିନ ଯୋଗାଇ ଦେଉଥିବାବେଳେ ଅଣଭାଜପା ରାଜ୍ୟଗୁଡ଼ିକୁ ଅଣଦେଖା କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୩୦ କୋଟି ଲୋକଙ୍କୁ ଉତ୍ତରଦାୟୀ ହେବା ଉଚିତ। ମହାରାଷ୍ଟ୍ରକୁ ଊଣା କରି ଗୁଜରାଟକୁ ସାହାଯ୍ୟ କରିବା ଯୁକ୍ତିଯୁକ୍ତ ନୁହେଁ। ଉତ୍ତର ପ୍ରଦେଶରେ ନିର୍ବାଚନ ହେବାକୁ ଥିବାରୁ ସେହି ରାଜ୍ୟକୁ ସର୍ବାଧିକ ଟିକା ଦେବା ଅନୁଚିତ। ରାଜ୍ୟଗୁଡ଼ିକୁ ଜନସଂଖ୍ୟା ଆଧାରରେ ଟିକା ବଣ୍ଟନ କରାଯାଉ ବୋଲି ସେ ଦାବି କରିଥିଲେ। କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ କହିଥିଲେ, ଦ୍ୱିତୀୟ ଲହର ନେଇ ସତର୍କତା ସତ୍ତ୍ୱେ ସରକାର ଏହାକୁ ଅଣଦେଖା କରିଥିଲେ। ଏଥିଯୋଗୁ ହସ୍ପିଟାଲଗୁଡ଼ିକରେ ବେଡ୍, ଅକ୍ସିଜେନ୍ ଓ ଭାଣ୍ଟିଲେଟର ସଙ୍କଟ ସୃଷ୍ଟି ହୋଇଥିଲା। ଗରିବଙ୍କ ଦୁଃଖ ବହୁଗୁଣିତ ହୋଇଥିବାବେଳେ ବହୁ ଲୋକ ରୋଜଗାର ହରାଇଥିଲେ। ସରକାର ସେମାନଙ୍କୁ ସହାୟତା ଦେବା ପରିବର୍ତ୍ତେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ସିଲିଣ୍ଡର ଦାମ୍ ବଢ଼ାଉଛନ୍ତି। ସରକାର ଭିଷ୍ଟା ପ୍ରୋଜେକ୍ଟ ନିର୍ମାଣ ପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଗରିବଙ୍କ ପାଇଁ ଟଙ୍କା ନାହିଁ ବୋଲି ଗୋଗୋଇ ସମାଲୋଚନା କରିଥିଲେ। ସେହିପରି ତୃଣମଳ କଂଗ୍ରେସ, ସମାଜବାଦୀ ପାର୍ଟି ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ କୋଭିଡ୍ ପରିଚାଳନା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ସେହିପରି ୧୨ ସଦସ୍ୟଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ନେଇ ରାଜ୍ୟ ସଭାରେ ବିରୋଧୀ ହଟ୍ଟଗୋଳ କରିଥିଲେ। ଏହାକୁ ନେଇ ଉଚ୍ଚ ସଦନ ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ କହିଥିଲେ। ଗୃହରେ ଅଗଣତାନ୍ତ୍ରିକ ବ୍ୟବହାରକୁ ତିରସ୍କାର କଲେ ତାକୁ ଅଗଣତାନ୍ତ୍ରିକ ବୋଲି ନିନ୍ଦା କରାଯାଇପାରିବ ନାହିଁ। ରାଜ୍ୟ ସଭାରେ ଜଳଶକ୍ତିମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ପୂର୍ବରୁ ଲୋକ ସଭାରେ ଗୃହୀତ ହୋଇଥିବା ଡ୍ୟାମ୍ ସୁରକ୍ଷା ବିଲ୍, ୨୦୧୯ ଉପରେ ବକ୍ତବ୍ୟ ରଖୁଥିବାବେଳେ ଅନ୍ୟ ବିରୋଧୀ ଏହାକୁ ଅସାମ୍ବିଧାନିକ ଓ ରାଜ୍ୟ ଅଧିକାର ଉପରେ ହସ୍ତକ୍ଷେପ ଭାବେ ଅଭିହିତ କରି ସିଲେକ୍ଟ କମିଟିନିକଟକୁପଠାଇବାକୁଦାବିକରିଥିଲେ।

## ୭ ରାଜ୍ୟରେ ଦିଆଯିବ ଜାଇକୋଭ୍-ଡି ଟିକା

ଜାଇଡସ୍ କାଡିଲାର କରୋନା ଟିକା ଜାଇକୋଭ୍-ଡି ପ୍ରାରମ୍ଭିକ ପର୍ଯ୍ୟାୟରେ ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଞ୍ଜାବ ଓ ପଶ୍ଚିମବଙ୍ଗରେ ବ୍ୟବହାର କରାଯିବ। ଏ ପର୍ଯ୍ୟନ୍ତ କୋଭିଡ୍ ଟିକାର ସିଙ୍ଗଲ ଡୋଜ୍ ନେଇ ନ ଥିବା ବ୍ୟକ୍ତିଙ୍କ ସଂଖ୍ୟା ଯେଉଁ ଜିଲାଗୁଡ଼ିକରେ



ଅଧିକ ରହିଛି ତାହାକୁ ଚିହ୍ନଟ କରିବାକୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ କୁହାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଗୁରୁବାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସହ 'ହର୍ ଘର ଦସ୍ତକ' ଅଭିଯାନର ସମୀକ୍ଷା କରିବା ଅବସରରେ ଉପରୋକ୍ତ ୭ ରାଜ୍ୟଗୁଡ଼ିକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ୧୨ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଟିକାକରଣ ନିମନ୍ତେ ଜାଇକୋଭ୍-ଡିକୁ ଭାରତର ଡ୍ରଗ୍ସ ନିୟନ୍ତ୍ରକ ମଞ୍ଜୁରୀ ଦେଇଥିଲେ। ଜାଇକୋଭ୍-ଡି ବ୍ୟବହାର ପାଇଁ ଜାତୀୟ ସ୍ତରରେ ତାଲିମ୍ ପ୍ରୋଗ୍ରାମ ଶେଷ ହୋଇଛି। ଜାଇକୋଭ୍-ଡି ଭାରତର ପ୍ରଥମ ଡିଏନ୍ଏ ପ୍ଲାଜମିଡ୍ ଭାକ୍ସିନ। ବିନା ଛୁଞ୍ଚି ବ୍ୟବହାରରେ 'ଫାର୍ମାଜେଟ୍' ଆପ୍ଲିକେଟର ଜରିଆରେ ଏହି ଟିକା ଦିଆଯିବ। ୨୮ ଦିନ ବ୍ୟବଧାନରେ ଭାକ୍ସିନର ୩ଟି ଡୋଜ୍ ନେବାକୁ ପଡ଼ିବ। ଜାଇଡସ୍ କାଡିଲା ୧ କୋଟି ଟିକା ଡୋଜ୍ ଯୋଗାଣ ପାଇଁ ଭାରତ ସରକାରଙ୍କଠାରୁ ଅର୍ଡର ନେଇଥିବା ବାବଦରେ ଗତ ନଭେମ୍ବର ୮ରେ ସୂଚନା ଦେଇଥିଲା।

## ଲକ୍ଷେ ତଳକୁ ଖସିଲା ସକ୍ରିୟ ମାମଲା

**ନୂଆଦିଲ୍ଲୀ, ୨।୧୨:** ଦୀର୍ଘ ୫୪୮ ଦିନ ପରେ ଭାରତରେ କୋଭିଡ୍-୧୯ ସକ୍ରିୟ ମାମଲା ସଂଖ୍ୟା ବୁଧବାର ୧ ଲକ୍ଷ ତଳକୁ ଖସିଛି। ୨୦୨୦ ଜୁନ୍ ୨ରେ ସକ୍ରିୟ ମାମଲା ସଂଖ୍ୟା ୧ ଲକ୍ଷ ଟପିଥିଲା। ସେହିବର୍ଷ ସେପ୍ଟେମ୍ବର ପର୍ଯ୍ୟନ୍ତ ସଂକ୍ରମଣ ବୃଦ୍ଧି ପାଇ ସର୍ବାଧିକ



୧୦,୧୧,୧୦୪ରେ ପହଞ୍ଚିବା ପରେ ଖସିବା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ସଂକ୍ରମଣ କମିବା ପରେ କୋଭିଡ୍‌ର ଦ୍ୱିତୀୟ ଲହର ଆରମ୍ଭ ହୋଇଥିଲା ଓ ଦୈନିକ ସଂକ୍ରମଣ ୪ ଲକ୍ଷ ଟପିଯାଇଥିଲା। ମେ' ୭ ବେଳକୁ ସକ୍ରିୟ ମାମଲା ସଂଖ୍ୟା ୩୭ ଲକ୍ଷରୁ ଅଧିକ ରହିଥିଲା। ବୁଧବାର ସକ୍ରିୟ ମାମଲା ସଂଖ୍ୟା ୯୯,୦୨୩କୁ ଖସିଥିବାବେଳେ ଗୁରୁବାର ସକାଳ ସୁଦ୍ଧା ଏହା ୭୪୦ ବୃଦ୍ଧି ପାଇ ୯୯, ୭୬୩ରେ ପହଞ୍ଚିଛି।

## ଦକ୍ଷିଣ ଆଫ୍ରିକାରେ ଦିନକରେ ୨ ଗୁଣା ସଂକ୍ରମଣ

**ଜୋହାନ୍ସବର୍ଗ, ୨।୧୨:** କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ଦକ୍ଷିଣ ଆଫ୍ରିକାରେ ବୁଧବାର ଗୋଟିଏ ଦିନରେ ଦୁଇଗୁଣ ହୋଇଥିବା ଜଣାପଡ଼ିଛି। ଗତ ସପ୍ତାହରେ ବୈଜ୍ଞାନିକମାନେ ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଏହି ଭାରିଆଣ୍ଟ ଚିହ୍ନଟ କରିଥିଲେ। ଗୋଟିଏ ଦିନରେ ସଂକ୍ରମଣ ଦୁଇଗୁଣ ହେବା ଘଟଣାରୁ ଏହାର ସଂକ୍ରମଣ ତୀବ୍ରତା ସ୍ପଷ୍ଟ ହୋଇଯାଇଛି। ସରକାରୀ ତଥ୍ୟ ଅନୁଯାୟୀ ଦିନକ ପୂର୍ବରୁ ସେଠାରେ ୪,୩୭୩ ମାମଲା ଥିବାବେଳେ ବୁଧବାର ୮,୫୪୧ରେ ପହଞ୍ଚିଛି। ଆଗାମୀ ଦିନରେ ଏହା ଆହୁରି ଦ୍ରୁତ ବେଗରେ ବ୍ୟାପିପାରେ ବୋଲି ଡବ୍ଲ୍ୟୁଏଚ୍‌ଓର ଆଞ୍ଚଳିକ ଭାଇରୋଲୋଜିଷ୍ଟ ଡ. ନିକ୍ସି ଗୁମେଡେ-ମୋଏଲେଟ୍‌ସି କହିଛନ୍ତି। ନଭେମ୍ବର ପ୍ରଥମ ଭାଗରେ ନୂଆ ଭାରିଆଣ୍ଟ ସଂକ୍ରମଣ ହାର ୧ ପ୍ରତିଶତ ରହିଥିବାବେଳେ ବୁଧବାର ଏହା ୧୬.୫ ପ୍ରତିଶତରେ ପହଞ୍ଚିଛି। ୬ କୋଟି ଜନସଂଖ୍ୟା ବିଶିଷ୍ଟ ଦକ୍ଷିଣ ଆଫ୍ରିକାରେ ମୋଟ କୋଭିଡ୍ ସଂକ୍ରମଣ ମାମଲା ୨୯ ଲକ୍ଷରୁ ଅଧିକ ରହିବା ସହ ୯୦ ହଜାର ଲୋକଙ୍କ ମୃତ୍ୟୁ ଘଟିଛି।





**ପଞ୍ଚାୟତ ସମିତି, କୋଷାଗୁମୁଡ଼ା (ଜିଲ୍ଲା: ନବରଙ୍ଗପୁର)**

**ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା: ୨୦୨୦-୨୧**

୧. ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ କୋଷାଗୁମୁଡ଼ା ବ୍ଲକ ଅଧୀନ ୨୬ ପଞ୍ଚାୟତରେ କୃଷି ଓ କୃଷକର ଉନ୍ନତି ପାଇଁ ଚଳିତ ଆର୍ଥିକ ବର୍ଷରେ ମୋ ପୋଖରୀ ଯୋଜନାରେ ୨୬ଗୋଟି ଓ ପଥର କୂପ ଯୋଜନାରେ ୧୫ଗୋଟି ପ୍ରକଳ୍ପ ଶେଷ ହୋଇଅଛି।
୨. ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରତି ପଞ୍ଚାୟତରେ ୬୪ଗୋଟି ରାସ୍ତା ସଂଯୋଗୀକରଣ ପ୍ରକଳ୍ପ ଚାଲୁଅଛି।
୩. ଜଳ ଜଙ୍ଗଲ ଜମି (MGNREGA) କାର୍ଯ୍ୟକୁ ଅଧିକ ଗୁରୁତ୍ୱାରୋପ କରି ଏହି ପଞ୍ଚାୟତ ସମିତି ଜିଲ୍ଲାରେ ସଫଳ ରୂପାୟନ କରିଅଛି।
୪. ସେହିପରି, ମହାମାରୀ କରୋନା ସମୟରେ ମୋଟ ୧୧,୧୭,୯୬୩ ଶ୍ରମ ଦିବସ ସୃଷ୍ଟି ହୋଇପାରିଛି ଏବଂ ଜିଲ୍ଲାରେ ଆର୍ଥିକ ଶ୍ରମ ଦିବସ କରିବାରେ ସଫଳ ହୋଇପାରିଛୁ।
୫. ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସଫଳ ରୂପାୟନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ଅକ୍ଷମିତା କାର୍ତ୍ତିକ, AE - ଶ୍ରୀ ଭଗବାନ ବେହେରା, APO - ଶ୍ରୀ ଜ୍ୟୋତି ରଞ୍ଜନ ବେହେରା, ସମସ୍ତ GRS, ସମସ୍ତ BFTଙ୍କ ଅବଦାନ ରହିଛି।



ଗୀତାମଣି ସମରଥ
ଅଧ୍ୟକ୍ଷା, ପଞ୍ଚାୟତ ସମିତି, କୋଷାଗୁମୁଡ଼ା



ଅକ୍ଷମିତା କାର୍ତ୍ତିକ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଷାଗୁମୁଡ଼ା




GAYATRI
GROUP OF INSTITUTIONS
• BHUBANESWAR • BRAHMAPUR • KEONJHAR • BOLANGIR • ROURKELA • BHAWANIPATNA
COURSES OFFERED: +2 SCIENCE, +3 SCIENCE, B.Tech in Engg., B.Sc. BIOTECH / BCA / BBA / M.Sc. BIOTECH / M.Sc. COMP. SC.
Nursery to Std. XII (CBSE Affiliated)
HEAD OFFICE: NH-316, DHAULI CHHAKA, BHUBANESWAR: 94370 07103, 94370 61807
BRANCHES: BRAHMAPUR & KEONJHAR : 94379 62526 • BOLANGIR & BHAWANIPATNA: 94370 61807 • ROURKELA : 7683877267













































# ପାଗ, ଦଳ ଚୟନ ନେଇ ଚିନ୍ତା

**ମୁମ୍ବାଇ,୨।୧୨**

ଭାରତ ଓ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ଟେଷ୍ଟ ମ୍ୟାଚ୍‌ରେ ଅଧିନାୟକ କୋହଲି ଦଳକୁ ପ୍ରତ୍ୟାବର୍ତ୍ତନ କରିବେ। ବେଶ୍ କିଛିଦିନ ବିଶ୍ରାମ ନେବା ପରେ କୋହଲି ପୁଣି ଥରେ ଟେଷ୍ଟ ଖେଳିବେ। କାନପୁରରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ନାଟକୀୟ ଢଙ୍ଗରେ ଡ୍ର ରହିବା ଫଳରେ ଭାରତ ନିରାଶ ହୋଇଥିଲା। ତେବେ ଏହି ମ୍ୟାଚ୍ ଜିତି ଭାରତ ସିରିଜ

## ଆଜିଠାରୁ ଦ୍ୱିତୀୟ ଟେଷ୍ଟ

ହାତେଇବାକୁ ପ୍ରୟାସ କରିବ।

ମ୍ୟାଚ୍‌ର ପ୍ରଥମ ଦିବସରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆଉଟ ଫିଲ୍ଡ ଓଦା ହେବା ସହିତ ପିଚ୍‌ରେ ଆର୍ଦ୍ରତା ରହିବ। ତେଣୁ ବଲ୍ ଏକ୍ସଟ୍ରା ବାଉନ୍ସ କରିବ। ଏଭଳି ସ୍ଥିତିରେ ନିଲ ୱାଗନରଙ୍କ ସମେତ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଘାତକ ସାବ୍ୟସ୍ତ ହେବେ। ପାରମ୍ପରିକ ଭାବେ ଘରୋଇ ମାଟିରେ ଭାରତ ସିରିଜ୍ ମଝିରେ ଦଳରେ ପରିବର୍ତ୍ତନ କରି ନ ଥାଏ। ତେବେ ଦଳରେ ଦୁଇଜଣ ବ୍ୟାଟର ରନ୍ ସ୍କୋର କରିବାରେ ବିଫଳ ହୋଇଛନ୍ତି। ତେଣୁ ଅଧିନାୟକ କୋହଲି ଓ ନୂଆ କୋଚ୍ ଦ୍ରାବିଡ଼୍ ଏହି



ଅଭ୍ୟାସ ଅବସରରେ ଅଧିନାୟକ ବିରାଟ କୋହଲି, ଶୁବମନ ଗିଲ, କୋଚ୍ ରାହୁଲ ଦ୍ରାବିଡ଼୍।

ମ୍ୟାଚ୍ ପାଇଁ ଦଳ ଚୟନ ନେଇ ଚିନ୍ତିତ ଥିବେ। କାନପୁରରେ ପଦାର୍ପଣ କରି ପ୍ରଥମ ଇନିଂସରେ ୧୦୫ ଓ ଦ୍ୱିତୀୟ ଇନିଂସରେ ୬୫ ରନ କରି ରେକର୍ଡ କରିଥିବା ଶ୍ରେୟାସ ଆୟାରଙ୍କ ସ୍ଥାନ ଦଳରେ ନିଶ୍ଚିତ ନୁହଁ। ସେ ଦ୍ୱିତୀୟ ଟେଷ୍ଟ ଖେଳିବା ନିଶ୍ଚିତ ନୁହେଁ। ପୂର୍ବରୁ ମଧ୍ୟ ଏପରି ହୋଇଛି। ୨୦୧୬ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ଚେନ୍ନାଇରେ ଅନୁଷ୍ଠିତ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ କର୍ଣ୍ଣାଟକ ବ୍ୟାଟର କରୁନ ନାୟାର ୩୦୩ ରନର ଅପରାଜିତ ତ୍ରିଶତକୀୟ ପାଳି ଖେଳିଥିଲେ ମଧ୍ୟ ପର ସିରିଜରୁ ବାଦ୍ ପଡିଥିଲେ।

୨୦୧୨ ରେ ଅଜିଙ୍କ୍ୟ ରାହାନେ କ୍ରମାଗତ ଦ୍ୱାଦଶଥର ପାଇଁ ବ୍ୟାଟିଂରେ ଫେଲ ମାରିଛନ୍ତି। ତେବେ ସେ ଗତ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଥିବାରୁ ତାଙ୍କୁ ଦୁର୍ବଳ ଫର୍ମ କାରଣରୁ ଦଳରୁ ବାଦ୍ ଦେବା ଉଚିତ ମନେ ହେଉନାହିଁ। ପୁଣି ଘରୋଇ ପିଚ୍‌ରେ ସେ ଭଲ ଖେଳିବେ ବୋଲି ଆଶା କରାଯାଉଛି। ସେହିପରି ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ମଧ୍ୟ ଖରାପ ଫର୍ମ ଦେଇ ଗତି କରୁଛନ୍ତି। କ୍ରମାଗତ ଭାବେ କେତୋଟି ସିରିଜରେ ସେ ବିଫଳ ହୋଇ ଆସୁଛନ୍ତି। ଗତ ଇଂଲଣ୍ଡ ଗସ୍ତରେ ମଧ୍ୟ ସେ ଆଶାନୁରୂପ ଖେଳିପାରି ନ ଥିଲେ। ଚଳିତ ସିରିଜରେ ଘରୋଇ ମାଟିରେ ମଧ୍ୟ ସେ ବିଫଳ ହୋଇଛନ୍ତି। ତେବେ ଆଗାମୀ ଦକ୍ଷିଣ ଆଫ୍ରିକା ଗସ୍ତରେ ପୂଜାରା ଏକମାତ୍ର ବ୍ୟାଟର ଭାବେ କାଗିସୋ ରାବାଡ଼ା ଓ ଅନରିଚ ନୋର୍ଜଙ୍କ କୋକାବୁରା ବଲ୍‌କୁ ସଫଳତାର ସହ ମୁକାବିଲା କରିବାର କ୍ଷମତା ରଖୁଛନ୍ତି ବୋଲି କୋହଲି ଜାଣିଛନ୍ତି। ତେଣୁ ପୂଜାରା ଓ ରାହାନେ ଏହି ମ୍ୟାଚ୍ ଖେଳିବା ଏକପ୍ରକାର ନିଶ୍ଚିତ। ତେବେ ଇଞ୍ଜୁରି ହେଲେ ଏମାନେ ଦଳରୁ ବାଦ୍ ପଡ଼ିପାରନ୍ତି। ଦୁଇ ବର୍ଷ ହେବ ରାହାନେ ରନ ସଂଗ୍ରହ କରିପାରୁ ନ ଥିଲେ ମଧ୍ୟ କୋହଲି ମଧ୍ୟ ଦୁଇବର୍ଷ ହେବ କୌଣସି ଫର୍ମାଟ୍‌ରେ ଶତକ ହାସଲ କରିପାରିନାହାନ୍ତି। ଏପରି ସ୍ଥଳେ ମୟଙ୍କ ଅଗ୍ରୱାଲଙ୍କୁ ଦଳରୁ ବାଦ୍ ଦିଆଯାଇପାରେ। ଓପନର ଶୁବମନ ଗିଲ କାନପୁରରେ ପ୍ରଥମ ଇନିଂସରେ ଆକ୍ରମଣାତ୍ମକ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ମୟଙ୍କ ସ୍ଥାନରେ କୋହଲି ଦଳକୁ ଫେରିବେ ବୋଲି ଆଶା କରାଯାଉଛି। ଯଦି ମୟଙ୍କ ବାଦ୍ ପଡନ୍ତି ତେବେ ଶୁବମନଙ୍କ ସହ କିଏ ଇନିଂସ ଓପନ କରିବ ସେ ନେଇ ପ୍ରଶ୍ନ ଉଠୁଛି। ତେଣୁ ପୂଜାରା କିମ୍ବା ଉଇକେଟକିପର ବ୍ୟାଟର କେ.ଏସ. ଭରତ ଏବେ ବିକଳ୍ପ ଭାବେ ଉଭା ହୋଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଭରତ ସର୍ବାଧିକ ୩୦୮ ରନ ସଂଗ୍ରହ କରିଛନ୍ତି। ଋଦ୍ଧିମାନ ଶାହାଙ୍କ ବେକରେ ବଲ୍ ବାଜିବା କାରଣରୁ ଭରତ କିଛି ସମୟ ପାଇଁ କିପିଂ କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଦଳକୁ ନିଲ ୱାଗନର ପ୍ରତ୍ୟାବର୍ତ୍ତନ କରୁଛନ୍ତି। ତେଣୁ ସ୍ପିନର ଓ ପେସରଙ୍କୁ ନେଇ ନ୍ୟୁଜିଲାଣ୍ଡ ବୋଲିଂ ବିଭାଗ ଆହୁରି ଦୃଢ ହେବ ବୋଲି ଆଶା କରାଯାଉଛି। ୱାଗନର ଦଳକୁ ଫେରିଲେ ୱିଲ ସମରଭିଲ ବାଦ୍ ପଡିବେ। ଅଭିଜ୍ଞ ଦ୍ରୁତ ବୋଲର ଈଶାନ୍ତ ଶର୍ମା ଲୟରେ ନ ଥିବାରୁ ତାଙ୍କ ସ୍ଥାନରେ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଦଳରେ ସାମିଲ କରାଯାଇପାରେ। ଦଳରେ ୩ ସ୍ପିନର ସ୍ଥାନ ବଜାୟ ରଖିବେ। ସିରିଜ ହାତେଇବା ପାଇଁ ଉଭୟ ଦଳ ପାଖରେ ସୁଯୋଗ ଥିବାରୁ ଏହି ମ୍ୟାଚ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ମ୍ୟାଚ୍ ଆରମ୍ଭ: ସକାଳ ୯.୩୦**
**ସ୍ଥାନ: ୱାଙ୍ଖେଡେ, ମୁମ୍ବାଇ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଅଞ୍ଜୁ ବବି 'ଓମ୍ୟାନ ଅଫ୍ ଇୟର'

**ମନୋକୋ, ୨।୧୨ (ପି.ଟି.)**

ଭାରତର କିମ୍ବଦନ୍ତୀ ଲଙ୍ଗ ଜମ୍ପର ଅଞ୍ଜୁ ବବି ଜର୍ଜ ୱାର୍ଲ୍ଡ ଆଥଲେଟିକ୍ସ ଦ୍ୱାରା ଦିଆଯାଉଥିବା 'ଓମ୍ୟାନ ଅଫ୍ ଇୟର'ପୁରସ୍କାର ଜିତିଛନ୍ତି। ଅଞ୍ଜୁ ଦେଶରେ ଅନେକ ନୂଆ ପ୍ରତିଭା ସୃଷ୍ଟି କରିଥିବା ବେଳେ ଲିଙ୍ଗଗତ ସମାନତା ସପକ୍ଷରେ ଯୁକ୍ତି ବାଢ଼ି ଆସୁଛନ୍ତି। ୪୪ ବର୍ଷୀୟା ଅଞ୍ଜୁ ବିଶ୍ୱ ଚାମ୍ପିୟନଶିପ୍‌ର ଏକମାତ୍ର ଭାରତୀୟ ଭାବେ ପଦକ ଜିତିଛନ୍ତି। ୨୦୦୩ ସଂସ୍କରଣରେ ସେ ଲଙ୍ଗଜମ୍ପରେ ବ୍ରୋଞ୍ଜ ପଦକ ପାଇଥିଲେ। ବୁଧବାର ଭର୍ଚୁଆଲି ଅନୁଷ୍ଠିତ ୱାର୍ଲ୍ଡ ଆଥଲେଟିକ୍ସର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ତାଙ୍କୁ 'ଓମ୍ୟାନ ଅଫ୍ ଇୟର' ଭାବେ ସମ୍ମାନିତ କରାଯାଇଛି। କ୍ରୀଡ଼ା ବିଶ୍ୱ ପରିଷଦର ବାର୍ଷିକ ପୁରସ୍କାର ଉତ୍ସବରେ ସମ୍ମାନିତ ହେବାରେ ଅଞ୍ଜୁ ପ୍ରଥମ ଭାରତୀୟ ହୋଇପାରିଛନ୍ତି। ଆଥଲେଟ୍ସ ପ୍ରତି ନିଜ ଜୀବନକୁ ସମର୍ପିତ କରିଥିବା ମହିଳାଙ୍କୁ ସ୍ୱୀକୃତି ପାଇଁ ଏହି ପୁରସ୍କାର ୨୦୧୯ରୁ ଦିଆଯାଉଛି। ଏହି ପୁରସ୍କାର ଲାଭ



ଅଞ୍ଜୁ ବବି ଜର୍ଜ

କରିବାରେ ଅଞ୍ଜୁ ହେଉଛନ୍ତି ଦ୍ୱିତୀୟ ମହିଳା। ପୂର୍ବରୁ ଇଥିଓପିଆର ଡବଲ ଅଲିମ୍ପିକ ଚାମ୍ପିୟନ ଦେରାର୍ଟୁ ଟୁଲୁ ଏହି ପୁରସ୍କାର ପାଇଥିଲେ। ସ୍ପ୍ରିଣ୍ଟ କିମ୍ବଦନ୍ତୀ ପି.ଟି. ଉଷା ୨୦୧୯ରେ ବିଶ୍ୱ ଆଥଲେଟିକ୍ସ ପରିଷଦ ଦ୍ୱାରା ଭେଟେରାନ ପିନ୍ ପୁରସ୍କାର ପାଇଥିଲେ। କ୍ରୀଡ଼ାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ୨୦୧୪ରୁ ୨୦୧୮ ପର୍ଯ୍ୟନ୍ତ ଏହିଭଳି ଦିଆଯାଉଥିବା ଏକ ପୁରସ୍କାରର ନାମ 'ଓମ୍ୟାନ ଇନ୍ ଆଥଲେଟିକ୍ସ ଆୱାର୍ଡ' ରହିଥିଲା। କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା, ଏହାର ବିକାଶ କ୍ଷେତ୍ରରେ କାର୍ଯ୍ୟକରିବା ଏବଂ କ୍ରୀଡ଼ାର ସବୁସ୍ତରରେ ବାଳିକା ଓ ମହିଳାଙ୍କୁ ଅଂଶଗ୍ରହଣ ପାଇଁ ଉତ୍ସାହିତ କରୁଥିବା ମହିଳାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଉଥିଲା। ସୂଚନାଯୋଗ୍ୟ, ଭାରତର ପୂର୍ବତନ ଅନ୍ତର୍ଜାତୀୟ ଲଙ୍ଗଜମ୍ପ ଷ୍ଟାର ଏବେ ମଧ୍ୟ କ୍ରୀଡ଼ା ସହ ସମ୍ପୃକ୍ତ ଅଛନ୍ତି। ୨୦୧୬ରେ ସେ ବାଳିକାମାନଙ୍କ ଲାଗି ଏକ ଏକାଡେମୀ ପ୍ରତିଷ୍ଠା କରିଥିଲେ। ଇତିମଧ୍ୟରେ ଏହି ଏକାଡେମୀର ଜଣେ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତି ସାରିଛନ୍ତି ବୋଲି ୱାର୍ଲ୍ଡ ଆଥଲେଟିକ୍ସ ପ୍ରକାଶ କରିଛି। ଅଞ୍ଜୁ ବର୍ତ୍ତମାନ ଭାରତୀୟ ଆଥଲେଟିକ୍ସ ଫେଡେରେଶନର ଜଣେ ସିନିୟର ଭାଇସ୍ ପ୍ରେସିଡେଣ୍ଟ ଅଛନ୍ତି। ସ୍କୁଲ ବାଳିକାମାନଙ୍କର ସେ ଜଣେ ମେଣ୍ଟର ଭାବେ କାର୍ଯ୍ୟ କରୁଛନ୍ତି।

# ଶୁଭ୍ରାଂଶୁଙ୍କୁ ଓଡ଼ିଶାର ନେତୃତ୍ୱ

**ଭୁବନେଶ୍ୱର,୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଆଗାମୀ ବିଜୟ ହଜାରେ ଟ୍ରଫି ପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ରାଜ୍ୟ ଚୟନ କମିଟି ଅଧ୍ୟକ୍ଷ ପ୍ରଭଞ୍ଜନ ମଲିକ ଏକ ୨୧ ଜଣିଆ ଦଳ ଘୋଷଣା କରିଛନ୍ତି। ଶୁଭ୍ରାଂଶୁ ସେନାପତିଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ଦେଶର ଏହି ସର୍ବବୃହତ୍ ଦିନିକିଆ ଫର୍ମାଟ ଟୁର୍ଣ୍ଣାମେଣ୍ଟ ମୁମ୍ବାଇରେ ଆୟୋଜନ ହେବ। ଆସନ୍ତା ୮ ତାରିଖରେ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ଆନ୍ଧ୍ର ପ୍ରଦେଶକୁ ଭେଟିବ। ଓଡ଼ିଶା ଦଳ ୩ରୁ ୫ ତାରିଖ ମଧ୍ୟରେ ସେଠାରେ କ୍ୱାରାଣ୍ଟାଇନରେ ରହିବ। ଏହାପରେ ୬ ଓ ୭ ତାରିଖରେ ଦଳ ଅଭ୍ୟାସ କରିବ। ଏଲିଟ୍ ଗ୍ରୁପ୍ ଏ'ରେ ଓଡ଼ିଶା ଆନ୍ଧ୍ର ପ୍ରଦେଶ, ଗୁଜରାଟ, ହିମାଚଳ ପ୍ରଦେଶ, ଜମ୍ମୁ କଶ୍ମୀର ଓ ବିଦର୍ଭ ବିପକ୍ଷରେ ମ୍ୟାଚ୍ ଖେଳିବ। ଓଡ଼ିଶା ୮ରେ ଆନ୍ଧ୍ର, ୯ରେ ଗୁଜରାଟ, ୧୧ରେ ବିଦର୍ଭ, ୧୨ରେ ଜମ୍ମୁ କଶ୍ମୀର ଓ ୧୪ରେ ହିମାଚଳକୁ ଭେଟିବ।

**ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡ଼ଙ୍ଗୀ,

## ବିଜୟ ହଜାରେ ଟ୍ରଫି

ବିପ୍ଳବ ସାମନ୍ତରାୟ, ରାଜେଶ ଧୂପର (ଉଇକେଟକିପର), ସୁଜିତ ଲେଙ୍କା, ଶାନ୍ତନୁ ମିଶ୍ର, ଅଭିଷେକ ରାଉତ, ଅଭିଷେକ ଯାଦବ, ସନ୍ଦୀପ ପଟ୍ଟନାୟକ, ଶୁଭଙ୍କର ବିଶ୍ୱାସ, ଦେବବ୍ରତ ପ୍ରଧାନ, ଆଶିଷ ରାୟ, ସୁନୀଲ କୁମାର ରାଉଳ, ଜୟନ୍ତ କୁମାର ବେହେରା, ପପୁ ରାୟ, ଶୁଭମ ନାୟକ, ବିକାଶ ରାଉତ, ତାରିଣୀ ଶ, ପ୍ରୟାସ ସିଂ ଠାକୁର ଓ ରାଜେଶ ମହାନ୍ତି।

# ନକ୍‌ଆଉଟ୍‌ରେ ସିନ୍ଧୁ

**ବାଲି, ୨।୧୨ (ପି.ଟି.):** ଭାରତର ଡବଲ ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସର ନକଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ କିଦାମ୍ବି ଶ୍ରୀକାନ୍ତ ତାଙ୍କ ଦ୍ୱିତୀୟ ଗ୍ରୁପ୍ ମ୍ୟାଚ ହାରିଯିବା ପରେ ତାଙ୍କ ଭାଗ୍ୟ ଝୁଲନ୍ତା ଅବସ୍ଥାରେ ରହିଛି। ୨୬ ବର୍ଷୀୟା ସିନ୍ଧୁ ଏକମାତ୍ର ଭାରତୀୟ ଭାବେ ୨୦୧୮ରେ ଏଠାରେ ସମ୍ମାଜନକ ଟାଇଟଲ ହାସଲ କରିଥିଲେ। ବର୍ଷକ ପୂର୍ବରୁ ସେ ଫାଇନାଲରେ ମଧ୍ୟ ପ୍ରବେଶ କରିଥିଲେ। ଗୁରୁବାର ସେ ତାଙ୍କ ଦ୍ୱିତୀୟ ଗ୍ରୁପ୍ ଏ' ମ୍ୟାଚରେ ଜର୍ମାନୀର ବିଶ୍ୱର ୨୩ ନମ୍ବର ମାନ୍ୟତାପ୍ରାପ୍ତ ୱାଇଭୋନ୍ ଲିଙ୍କୁ ୩୧ ମିନିଟ୍‌ରେ ୨୧-୧୦, ୨୧-୧୩ରେ ପରାସ୍ତ କରିଥିଲେ।

# ଅଚ୍ୟୁତ କେନ୍ଦ୍ରୀୟ ଏସିଆ ଭଲିବଲ ସଂଘ ସଦସ୍ୟ



**ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** କନ୍ଧମାଳ ଏମପି ତଥା ଭାରତୀୟ ଭଲିବଲ ସଂଘର ସଭାପତି ଅଚ୍ୟୁତ ସାମନ୍ତ କେନ୍ଦ୍ରୀୟ ଏସିଆ ଭଲିବଲ ସଂଘର ପ୍ରଶାସନକି ବୋର୍ଡ (କାଭା) ସଦସ୍ୟ ମନୋନୀତ ହୋଇଛନ୍ତି। ଗୁରୁବାର ନୂଆଦିଲ୍ଲୀଠାରେ ଭର୍ଚୁଆଲରେ ଅନୁଷ୍ଠିତ କାଭା କାର୍ଯ୍ୟକାରିଣୀ ବୈଠକରେ ସାମନ୍ତଙ୍କୁ ଏହାର ପ୍ରଶାସନିକ ବୋର୍ଡ ସଦସ୍ୟ ମନୋନୀତ କରାଯାଇଛି। ୧୪ଟି ଦେଶର ଭଲିବଲ ସଂଘର ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିବା ବେଳେ ଅଚ୍ୟୁତ ସାମନ୍ତ ଭାରତୀୟ ଭଲିବଲ ସଂଘର ସଭାପତି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଏସିଆ ଭଲିବଲ ସଂଘର ସଭାପତି ମହମଦ ଲଥିଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୨୨ରେ ହେବାକୁ ଥିବା କେନ୍ଦ୍ରୀୟ ଏସିଆ ମହିଳା ଭଲିବଲ ଚାମ୍ପିୟନଶିପ ଆୟୋଜନ ଅଧିକାର ଭାରତକୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ରୀୟ ଏସିଆ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ଭାରତ ସମେତ ଇରାନ, ଶ୍ରୀଲଙ୍କା, ପାକିସ୍ତାନ, କାଜାକିସ୍ତାନ ଏବଂ ଚାମ୍ପିୟନଶିପ ପାଇଁ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ୩ଟି ଦଳ ଅଂଶଗ୍ରହଣ କରିବେ।

# ୩୦ ଜଣିଆ ଓଡ଼ିଶା ଦଳ ଭାଗନେବ

**ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସବ୍ୟୁରୋ)**

ମଧ୍ୟପ୍ରଦେଶ ଭୋପାଳର ଭାଉରିସ୍ଥିତ ଏମ୍‌ପି ପୋଲିସ୍ ଏକାଡେମୀଠାରେ ୩୦ତମ ଜାତୀୟ ଉଷୁ ଚାମ୍ପିୟନଶିପ୍ ଆସନ୍ତା ୪ରୁ ୧୦ତାରିଖ ମଧ୍ୟରେ ଆୟୋଜନ

## ଜାତୀୟ ଉଷୁ ଚାମ୍ପିୟନଶିପ୍

ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏକ ୩୦ ଜଣିଆ ଓଡ଼ିଶା ଦଳ ଭୋପାଳ ଯାତ୍ରା କରିଛି। ଏହ ଦଳରେ ୨୫ଜଣ ଖେଳାଳି ଓ ୫ ଜଣ ଅଫିସିଆଲ ସାମିଲ ହୋଇଛନ୍ତି। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଦଳର ନେତୃତ୍ୱ ନେବେ। ଜାତୀୟ ଜଜ୍ ଭାବେ ଅନୁରାଧା ଦୋରା ଦାୟିତ୍ୱ ନେବେ। ବିଶାଖା ପ୍ରିୟଦର୍ଶିନୀ ଟିମ୍ ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ପଙ୍କଜ ମହନ୍ତ, ସୁଜନ ରଥ ଟିମ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ଗୁରୁବାର ଦଳ ଯାତ୍ରା କରିଛି ଓ ୧୦ ତାରିଖରେ ପ୍ରତ୍ୟାବର୍ତ୍ତନ କରିବ। ଉଷୁ ଆସୋସିଏଶନ ଅଫ ଓଡ଼ିଶା ସଭାପତି ଏସ୍.ଏସ୍. ହରିଚନ୍ଦନ ଓ ଏଓକେଏ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ବେହେରା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ଓଡ଼ିଶା ଉଷୁ ଦଳ।

# ଓଡ଼ିଶା-ବିଦର୍ଭ ମ୍ୟାଚ ଡ୍ର

**ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ପୁଣେର ଆଜାମ କ୍ୟାମ୍ପସ୍‌ରେ ଅନୁଷ୍ଠିତ ଓଡ଼ିଶା-ବିଦର୍ଭ ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଗୁରୁବାର ଚତୁର୍ଥ ଦିବସ ଓ ବୁଧବାର ତୃତୀୟ ଦିବସ ଖେଳ ବର୍ଷା ଯୋଗୁ ବାତିଲ ହେବା ଫଳରେ ମ୍ୟାଚ ଡ୍ର ହୋଇଛି। ବୁଧବାର ଲଗାତର ବର୍ଷା ଓ ଓଦା ଆଉଟ ଫିଲ୍ଡ ଯୋଗୁ ଖେଳ ସମ୍ଭବ ହୋଇ ନ ଥିଲା। ଗୁରବାର ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଥିଲା। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୬ ତାରିଖରେ ଆସାମକୁ ପୁଣେରେ ଭେଟିବ। କ୍ରମାଗତ ଦୁଇଦିନ ବର୍ଷା ଯୋଗୁ ଖେଳ ଧୋଇଯାଇଛି। ଟସ୍ ହାରି ବିଦର୍ଭ ପ୍ରଥମ ଇନିଂସରେ ୭୬.୨ ଓଭରରେ ୩୫୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଓଡ଼ିଶା ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୯୫ ଓଭରରେ ୭ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରିଥିଲା। ଫଳରେ ଓଡ଼ିଶା ୩ ଉଇକେଟ ହାତରେ ଥାଇ ୮୧ ରନ ପଛରେ ପଡିଥିଲା।

# ଜାତୀୟ ମହିଳା ଫୁଟବଲ: କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର,୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

କେରଳର କୋଝିକୋଡରେ ଚାଲିଥିବା ସିନିୟର ମହିଳା ଜାତୀୟ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଆଉ ଏକ ବିଜୟ ହାସଲ କରିଛି। କାଲିକଟ ମେଡିକାଲ କଲେଜରେ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୨-୧ ଗୋଲରେ ହରିୟାଣାକୁ ପରାସ୍ତ କରିଛି। ଏଥିସହିତ କ୍ରମାଗତ ୩ଟି ବିଜୟ ହାସଲ କରି ଓଡ଼ିଶା ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଓଡ଼ିଶା ପାଇଁ ବନ୍ୟା କବିରାଜ ଓ ଦୀପା ନାୟକ ଯଥାକ୍ରମେ ୭୪ ଓ ୧୯ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ହରିୟାଣା ତରଫରୁ ପରବୀନ ୩୪ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଗତ ମ୍ୟାଚ୍‌ରେ ଓଡ଼ିଶା ୭-୦ ଗୋଲରେ ଗୁଜରାଟକୁ ହରାଇଥିଲା।



ଦୀପା ନାୟକ



ବନ୍ୟା କବିରାଜ

# ଧନଞ୍ଜୟଙ୍କ ଶତକ

**ଗାଲେ,୨।୧୨:** ଧନଞ୍ଜୟ ଡି ସିଲଭାଙ୍କ ଅପରାଜିତ ଶତକ (୧୫୩ରନ) ସହାୟତାରେ ଶ୍ରୀଲଙ୍କା ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପ୍ରତ୍ୟାବର୍ତ୍ତନ କରିଛି। ଦ୍ୱିତୀୟ ଇନିଂସ ଆରମ୍ଭ କରି ଶ୍ରୀଲଙ୍କା ଗୁରୁବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୧୧୯ ଓଭରରେ ୮ ଉଇକେଟ ହରାଇ ୩୨୮ ରନ ସଂଗ୍ରହ କରିଛି। ଶ୍ରୀଲଙ୍କା ୨୭୯ ରନର ଅଗ୍ରଣୀ ହାସଲ କରିଛି।

# ଆନ୍ତଃଜିଲା ଜୁନିୟର କ୍ରିକେଟ: ଭୁବନେଶ୍ୱର-ବି ଚାମ୍ପିୟନ




ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଭୁବନେଶ୍ୱର ବି' ଦଳ।

**ଭୁବନେଶ୍ୱର, ୨।୧୨ (ସ୍ପୋର୍ଟ୍ସବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ଜୁନିୟର ବାଳକ ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏଥର ଭୁବନେଶ୍ୱର ବି' ଟାଇଟଲ ହାସଲ କରିଛି। କଟକର ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଦୁଇଦିନିଆ ଫାଇନାଲ ମ୍ୟାଚ୍‌ରେ ଗୁରୁବାର ଭୁବନେଶ୍ୱର ବି' ୧୦୮ ରନରେ ଭୁବନେଶ୍ୱର ଏ' ଦଳକୁ ୧୦୮ ରନରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ଜିତି ଭୁବନେଶ୍ୱର ବି' ପ୍ରଥମେ ବ୍ୟାଟିଂ କରି ୮୫.୩ ଓଭରରେ ୨୦୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭୁବନେଶ୍ୱର ଏ' ୩୪.୨ ଓଭରରେ ୯୪ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇ ରନର୍ସଅପ ହୋଇଥିଲା। ଏ' ଦଳ ତରଫରୁ ଆୟୁଷ ସୁତାର ୨୯, ଅଭିଷେକ ମହନ୍ତ ୨୮, ଶାଶ୍ୱତ ରାଉତ ୧୬ ରନ ସଂଗ୍ରହ କରିଥିବା ବେଳେ ବି' ଦଳ ତରଫରୁ ବିଶାଲ କୁମାର ଓ ଶୁଭ୍ରକାନ୍ତ ପରିଡା ୫ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୁରସ୍କାର ବିତରଣ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ) ତଥା ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥିରୂପେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ କୁମାର ବେହେରା ଏହି ଅବସରରେ ଉପସ୍ଥିତ ଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

କୃଷ୍ଣପ୍ରସାଦ,୨।୧୨(ଡିଏନ୍.ଏ.): ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗୁରୁବାର କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଦିଲ୍ଲୀପ କୁମାର ସ୍ୱାଇଁ, ସିଡିପିଓ ମନୋରମା ଦେବୀ, କୃଷି ଅଧିକାରୀ ରବିନ୍ଦ୍ର ମହାପାତ୍ର, ବିଆରସିସି ସତ୍ୟବ୍ରତ ସାହୁ, ଯୋଗାଣ ଅଧିକାରୀ ଦେବଜ୍ୟୋତି ଦାସ, ଚିଲିକା ନୂଆପଡା ଫାଣ୍ଡି ଅଧିକାରୀ ବଟ କିଶୋର ସାହୁ, ସୋମେଶ ବୈଶାଖ୍, ପୂର୍ଣ୍ଣେନ୍ଦୁ ଶେଖର ମିଶ୍ର, କମଳାକାନ୍ତ ବାସ୍କେ, ଶଶାଙ୍କ ଶେଖର ନାୟକ, ତପନ ରାଉତରାୟ, ଅଭିନ୍ନ ପଲେଇଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବାତ୍ୟା ଆଶ୍ରୟସ୍ଥଳୀ, ସ୍କୁଲ ଘର, ଅଙ୍ଗନୱାଡି ଗୃହ ପ୍ରସ୍ତୁତ ରଖିବାକୁ ବିଡିଓ ନାୟକ ନିର୍ଦ୍ଦେଶ ଦେଇଥିଲେ। ଆଶ୍ରୟସ୍ଥଳୀରେ ବିଦ୍ୟୁତ୍, ପାନୀୟଜଳ, ଶୌଚାଳୟ ପରିଷ୍କାର କରିବା ପାଇଁ ତହସିଲଦାର ସେଠୀ ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ମାସ୍କ, ସାନିଟାଇଜର ଓ ସାମାଜିକ ଦୂରତ୍ୱ ଉପରେ ବିଡିଓ ନାୟକ ଗୁରୁତ୍ୱ ଦେଇଥିଲେ।

### ଶିକ୍ଷକ ସଂଘ ପକ୍ଷରୁ ଡିଇଓଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା ଅଫିସ,୨।୧୨: ଖୋର୍ଦ୍ଧା ଜିଲାରେ ୧୩୮୬ ପ୍ରାଥମିକ ଶିକ୍ଷକ ପଦୋନ୍ନତି ପାଇଛନ୍ତି। ଏନେଇ ଖୋର୍ଦ୍ଧା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲା ଶିକ୍ଷାଧିକାରୀ(ଡିଇଓ)ବନ୍ଦନା ମହାପାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଶିକ୍ଷକ ସଂଘ ବ୍ଲକର ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଜିଲା ଶିକ୍ଷା କାର୍ଯ୍ୟାଳୟଠାରେ ଡିଇଓ ମହାପାତ୍ରଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ସ୍ନିଗ୍ଧା ମିଶ୍ର ଓ ଅମିତା ପ୍ରୀତିନନ୍ଦା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅମୀୟ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ମହାପାତ୍ର, ଉପସଭାପତି ସୁକାନ୍ତି ଦେବୀ, ମଙ୍ଗୁଳି ନିଶଙ୍କ, ସହସମ୍ପାଦକ ରଶ୍ମି ଦାସ, ଭୀମସେନ ପରିଡ଼ା, ରବି ନାରାୟଣ ପଣ୍ଡା, ଦିବ୍ୟସିଂହ ସୁବୁଦ୍ଧି, ନବ କିଶୋର ମହାପାତ୍ର, ସତ୍ୟାନନ୍ଦ ବେହେରା, ମନୋଜ ଦାସ, ରବୀନ୍ଦ୍ର ପ୍ରଧାନ, ସସ୍ମିତା ମିଶ୍ର, ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜପଥରୁ ଟଙ୍କା ଲୁଟ୍ ଘଟଣାରେ ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨।୧୨(ଡିଏନ୍.ଏ.): ଜାତୀୟ ରାଜପଥରେ ଟଙ୍କା ଲୁଟ୍ ଘଟଣାରେ ଟାଙ୍ଗୀ ଥାନା ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ କରଟାଲି ଗ୍ରାମ ମରାଠୀ ସାହିର ଶ୍ରୀକାନ୍ତ ଦାସ(୨୫)। ସୂଚନାଥାଉ କି, ଗତ ୨୨ତାରିଖରେ ଏହି ଥାନା ଅନ୍ତର୍ଗତ ଜରିଆ ଗ୍ରାମର ମୁରଲୀଧର ପଲାଇ ବ୍ୟାଙ୍କରୁ ୮୦ହଜାର ଟଙ୍କା ଉଠାଇ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଦୁଇଜଣ ଦୁର୍ବୃତ୍ତ ଏକ ପଲସର(ଓଡି ୩୨ଏଫ୍ ୫୫୦୨)ରେ ଆସି ତାଙ୍କୁ ଧକ୍କା ଦେଇ ସମସ୍ତ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୬୭/୨୧)ରୁଜୁକରି ତଦନ୍ତ ଚଳାଇଥିଲା।

### ବିସ୍ଥାପିତଙ୍କୁ ମିଳିଲା ସାମଗ୍ରୀ

କୃଷ୍ଣପ୍ରସାଦ,୨।୧୨(ଡିଏନ୍.ଏ.): ବ୍ରହ୍ମପୁରରୁ ବିତାଡ଼ିତ ୪୮ପରିବାର ନାଥପୁରରେ ଆଶ୍ରୟ ନେଇଥିଲେ। ସେଠାରେ ଗଣ୍ଡଗୋଳ ସହ ସଂଘର୍ଷ ଘଟିବା ପରେ ବିସ୍ଥାପିତମାନେ କେଉଁଆଡେ ପଳାଇଯାଇଥିଲେ। ଗତ ୨୮ ତାରିଖରେ ପ୍ରଶାସନ ଏମାନଙ୍କୁ ଏକତ୍ରିତ କରି କିଛି ଦିନ ପାଇଁ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଖିରିସାହି ବାତ୍ୟା ଆଶ୍ରୟସ୍ଥଳୀରେ ଥଇଥାନ କରିଛି। ପ୍ରଶାସନ ପକ୍ଷରୁ ପ୍ରତ୍ୟହ ରନ୍ଧା ଖାଦ୍ୟ ଦିଆଯାଉଥିବା ବେଳେ ଶୀତ ବସ୍ତ୍ର, ପଟି, ଶିଶୁ ଓ ବୃଦ୍ଧାବୃଦ୍ଧଙ୍କ ନିମନ୍ତେ ଔଷଧ ଅଭାବ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଗୁରୁବାର ଜିଲା ସମାଜ ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, କୃଷ୍ଣପ୍ରସାଦ ଆଇଆଇସି ଦିଲିପ କୁମାର ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ନିତ୍ୟ ବ୍ୟବହୃତ ଆବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ। ବିସ୍ଥାପିତଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥିବାରୁ ପ୍ରଶାସନକୁ ବିସ୍ଥାପିତମାନେ ସାଧୁବାଦ ଜଣାଇଛନ୍ତି।

# ସ୍ଥାନାନ୍ତର ପୂର୍ବରୁ କୋଭିଡ୍ ଟେଷ୍ଟିଂକୁ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨।୧୨



ଭର୍ଚୁଆଲ ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀ।

**ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ**
- ଜିଲାପାଳଙ୍କ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ
- ସରକାରୀ କର୍ମଚାରୀଙ୍କ ୩ଦିନ ଛୁଟି ବାତିଲ
- ଗର୍ଭବତୀ ନିକଟ ମେଡିକାଲକୁ ସ୍ଥାନାନ୍ତର ହେବେ

ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲା ପାଇଁ ଗୁରୁବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଭର୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସ୍ଥାନାନ୍ତର ହେବାକୁ ଥିବା ଲୋକଙ୍କ କୋଭିଡ୍ ଟେଷ୍ଟ କରାଯିବ। ଚିଲିକା, ବାଣପୁର ଏବଂ ଟାଙ୍ଗୀ ବ୍ଲକ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଅମଳକ୍ଷମ ଧାନ କାଟି ସୁରକ୍ଷିତ ସ୍ଥାନରେ ରଖିବା ଲାଗି ପରାମର୍ଶ ଦିଆଯାଇଛି। ବାତ୍ୟା ସମୟରେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଅଗ୍ନିଶମ କର୍ମଚାରୀ ପ୍ରସ୍ତୁତ ରହିଛନ୍ତି। ଗର୍ଭବତୀଙ୍କୁ ନିକଟ ମେଡିକାଲକୁ ସ୍ଥାନାନ୍ତର ଉପରେ ପ୍ରାଥମିକତା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ସମସ୍ତ ସରକାରୀ କର୍ମଚାରୀଙ୍କ ୩ଦିନ ଛୁଟି ବାତିଲ କରାଯାଇଛି ବୋଲି ଜିଲାପାଳ ମହାପାତ୍ର କହିଛନ୍ତି।

ଜିଲାର ଚିଲିକା ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ସ୍ଥାନୀୟ ପ୍ରଶାସନ ଏହାର ତଦାରଖ କରିବେ। ଜିଲାରେ ବହୁମୁଖୀ ଓ ଅତିରିକ୍ତ ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ବିଦ୍ୟୁତ୍, ପାନୀୟଜଳ ଓ ଆନୁଷଙ୍ଗିକ ବ୍ୟବସ୍ଥା ନିଶ୍ଚିତ କରାଯାଇଛି। ଆଶ୍ରୟସ୍ଥଳରେ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯିବ। ବାତ୍ୟା ସମ୍ପର୍କିତ ଖବର ଏବଂ ନିୟନ୍ତ୍ରଣ ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ(କଣ୍ଟ୍ରୋଲ ରୁମ) କାର୍ଯ୍ୟ କରିବ। କୋଭିଡ୍‌ର ତୃତୀୟ ଲହରକୁ ଦୃଷ୍ଟିରେ ରଖି ମାସ୍କ, ସାନିଟାଇଜ ଏବଂ ସାମାଜିକ ଦୂରତ୍ୱ, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ସମ୍ଭାବନା ଥିବା ବ୍ଲକଗୁଡ଼ିକରେ ଲୋକଙ୍କ ରାପିଡ ଆଣ୍ଟିଜେନ ଟେଷ୍ଟ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ୟବସ୍ଥା କରିବେ। ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ସଦରମହକୁମା ଚିକିତ୍ସାଳୟରେ ଆବଶ୍ୟକ ଔଷଧ ଏବଂ ଓଆରଏସ ପ୍ୟାକେଟ ମହଜୁଦ ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତି କହିଛନ୍ତି। କମ୍ୟୁନିଟି ରେଡିଓ ଏବଂ ଡାକବାଜି ଯନ୍ତ୍ର ମାଧ୍ୟମରେ ଚାଷୀଙ୍କୁ ସଚେତନତା, ପ୍ରଚାର କରାଯାଇଛି। ୮୫ପ୍ରତିଶତ ପାଚି ଯାଇଥିଲେ ଧାନକୁ ତୁରନ୍ତ କାଟି ନେଇ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ଧାନ କାଟି ବିଲରେ ନ ଶୁଖାଇବା ଲାଗି ସଚେତନ କରାଯାଇଥିବା ଜିଲା କୃଷି ଅଧିକାରୀ ସୂଚନା ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ(ଭୁବନେଶ୍ୱର) ଦେବବ୍ରତ ସାହୁ, ଉପଜିଲାପାଳ(ଖୋର୍ଦ୍ଧା) ଆଇ.ଗୌରବ ଶିବାଜୀ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଆଶିଷ ଶତପଥୀ, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଜଳସେଚନ ଅଧୀକ୍ଷଣ ଯନ୍ତ୍ରୀ ଖୋର୍ଦ୍ଧା ଡିଭିଜନ, ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ଖୋର୍ଦ୍ଧା ଡିଭିଜନ, ସମସ୍ତ ବ୍ଲକର ବିଡିଓ, ତହସିଲଦାର, ମ୍ୟୁନିସିପାଲିଟି ଓ ଏନ୍ଏସିର ନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ମାଲ୍ ପରିବହନ କ୍ଷେତ୍ରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଶୀର୍ଷରେ

ଜଟଣୀ,୨।୧୨(ଡିଏନ୍.ଏ.)

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ (ଜଟଣୀ)ଚଳିତ ଆର୍ଥିକ ବର୍ଷରେ ୧୦୦ ମିଲିୟନ୍ ଟନ୍ ମାଲ ପରିବହନ ଲୋଡିଂରେ ଭାରତୀୟ ରେଲୱେରେ ପ୍ରଥମ ସ୍ଥାନ ଅଧିକାର କରିଛି। ସୂଚନା ମୁତାବକ, ଏପ୍ରିଲ ୧ ରୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ୧୦୦.୬୫ ମିଲିୟନ୍ ଟନ୍ ଏବଂ ନଭେମ୍ବର ୨୦୨୧ରେ ୧୨.୭୫ ମିଲିୟନ୍ ଟନ୍ ମାଲ ପରିବହନ କରିଛି। ୨୪୩ ଦିନରେ ୧୦୦ମିଲିୟନ୍ ଟନ୍ ମାଲ ପରିବହନ ଲୋଡିଂ କରିବାରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପ୍ରଥମ। ଗତ ବର୍ଷ ମାଲ ପରିବହନ ଠାରୁ ୨୨% ଅଧିକ। ମାଲ ପରିବହନରେ ତାଳଚେର, ପାରାଦୀପ, ଧାମରା, ନୟାଗଡ଼, ମେରାମଣ୍ଡଳି, ସୁକିନ୍ଦା ଆଦି ଲୋଡିଂ ପଏଣ୍ଟର ପ୍ରମୁଖ ଅବଦାନ ରହିଛି। କୋଇଲା, ଲୁହାପଥର, ସାର, ପେଟ୍ରୋଲିୟମ ଉତ୍ପାଦ, କଞ୍ଚାମାଲ ସାମଗ୍ରୀ ଲୋଡିଂ କରାଯାଇ ଦେଶରେ ବିଭିନ୍ନ ପାୱାର ହାଉସ୍, ଉତ୍ପାଦନକାରୀ କମ୍ପାନୀକୁ ପରିବହନ କରାଯାଇଥିଲା। ଖୋର୍ଦ୍ଧା ରୋଡ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟଙ୍କ ନିର୍ଦ୍ଦେଶନା ଏବଂ କର୍ମଚାରୀଙ୍କ ପରିଶ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ରେଳ ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୩ଦିନ ମତ୍ସ୍ୟଜୀବୀଙ୍କୁ ଚିଲିକା ମନା

ବାଲୁଗାଁ,୨।୧୨(ଡିଏନ୍.ଏ.): ସମ୍ଭାବ୍ୟ ବାତ୍ୟା 'ଜୱାଦ' ଲାଗି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଚିଲିକା ତଟବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ନଜର ରଖାଯାଇଛି। ଶୁକ୍ରବାର ଠାରୁ ୫ ତାରିଖ ପର୍ଯ୍ୟନ୍ତ ଚିଲିକା ଭିତରକୁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ ବାରଣ କରାଯାଇଛି। ଶୁକ୍ରବାର ସକାଳେ ପରିସ୍ଥିତି ଅନୁଧାନ ପରେ ଚିଲିକା ତଟାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ। ସ୍ଥାନାନ୍ତର ପୂର୍ବରୁ ଲୋକଙ୍କ କୋଭିଡ୍ ଟେଷ୍ଟ କରାଯିବ। ପଜିଟିଭ ରିପୋର୍ଟ ଥିବା ଲୋକଙ୍କୁ ସଙ୍ଗରୋଧ କେନ୍ଦ୍ରକୁ ପଠାଯିବା ବ୍ୟବସ୍ଥା ହୋଇଛି ବୋଲି ତହସିଲଦାର ପୁନମ୍ ମହାପାତ୍ର କହିଛନ୍ତି। ଏଥିସହ ଓଡ୍ରାଫ, ଏନଡିଆରଏଫ୍, ଅଗ୍ନିଶମ କର୍ମଚାରୀ ଏବଂ ନୌସେନା ମଧ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସଜାଗ ରହିଛନ୍ତି।



ଖୋର୍ଦ୍ଧା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ଜିଲା ଶିକ୍ଷା ଅଧିକାରୀ ବନ୍ଦନା ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

## ଉତ୍ତମ ବ୍ୟକ୍ତିତ୍ୱ ଗଠନରେ ଖବରକାଗଜ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବେଗୁନିଆ,୨।୧୨(ଡିଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଛତ୍ରପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗଡ଼ମାଣତୀରସ୍ଥିତ ରାଧାବଲ୍ଲଭ ପାଠାଗାର ଓ ଛାତ୍ର ପ୍ରତିଭା ବିକାଶ ଗବେଷଣା କେନ୍ଦ୍ର ପକ୍ଷରୁ ବିଦ୍ୟାର୍ଥୀର 'ବୌଦ୍ଧିକ ବିକାଶରେ ଖବରକାଗଜର ଭୂମିକା ଶୀର୍ଷକ' ଆଲୋଚନା କରାଯାଇଥିଲା। ଶିକ୍ଷକ ଫକିର ଚରଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ଚଗଲା ପଣ୍ଡା ଉପସ୍ଥିତ ଥିଲେ। ବିଦ୍ୟାର୍ଥୀଙ୍କ ବୌଦ୍ଧିକ ବିକାଶ ଓ ସାଧାରଣ ଜ୍ଞାନ ଆହରଣ କରିବାରେ ଖବରକାଗଜର ଭୂମିକା କ'ଣ ରହିଥାଏ ସେ ସମ୍ପର୍କରେ ଶିକ୍ଷାବିତ୍ ବଳରାମ ରଣସିଂହ ବିବରଣୀ ପ୍ରଦାନ କରିଥିଲେ। ପିଲାଙ୍କ ଜ୍ଞାନର ପରିସରକୁ ବୃଦ୍ଧି କରିବାରେ ଖବରକାଗଜ ଭିଟାମିନ୍ ଭଳି ସାହାଯ୍ୟ କରିଥାଏ। ଉତ୍ତମ ବ୍ୟକ୍ତିତ୍ୱ ଗଠନରେ ଖବରକାଗଜର ଭୂମିକା ଶୀର୍ଷରେ ବୋଲି ମୁଖ୍ୟ ଅତିଥି ଦାଶ କହିଥିଲେ। ବଳରାମ ରଣସିଂହଙ୍କ ଦ୍ୱାରା ଖବରକାଗଜ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଭାଷାର ୨୨୫ପ୍ରକାର ଖବରକାଗଜ ସ୍ଥାନ ପାଇଥିଲା। ନିରଞ୍ଜନ ବେହେରା ସ୍ୱାଗତ ଭାଷଣ, ଶୁଭସ୍ମିତା ଚମ୍ପତି ଅତିଥି ପରିଚୟ, ତ୍ରିଲୋଚନ ବାଘସିଂହ ଧନ୍ୟବାଦ ଦେଇଥିଲେ।

## ବୋମାମାଡ଼, ବନ୍ଧୁକ ଦେଖାଇ ସୁନା ଦୋକାନରୁ ଲୁଟ୍

ବେଗୁନିଆ,୨।୧୨(ଡିଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳରେ ଗୁରୁବାର ରାତିରେ ବଡ଼ଧରଣର ଲୁଟ୍ ହୋଇଛି। ଧଳାପଥର ବଜାରସ୍ଥିତ ଏକ ସ୍ୱର୍ଣ୍ଣ ଅଳଙ୍କାର ଦୋକାନ ଆଗରେ ୫ଜଣ ଦୁର୍ବୃତ୍ତ ବୋମାମାଡ଼ କରିବା ସହ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଲୁଟି ନେଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୮ଟା ୪୦ରେ ଦୁଇଟି ବାଇକରେ ୫ଜଣ ଦୁର୍ବୃତ୍ତ ଧଳାପଥର ବଜାରସ୍ଥିତ ନାରାୟଣୀ ସୁନାରୁପା ଦୋକାନ ଆଗରେ ପହଞ୍ଚିଥିଲେ। ହଠାତ୍ ଦୁର୍ବୃତ୍ତମାନେ ବୋମାମାଡ଼ କରିଥିଲେ। ଫଳରେ ସେଠାରେ ଉପସ୍ଥିତ ଲୋକେ ଭୟଭୀତ ହୋଇପଡ଼ିଥିଲେ। ପରେ ଦୁର୍ବୃତ୍ତମାନେ ଦୋକାନ ମାଲିକ ରତିକାନ୍ତ ବେହେରା ଓ ସେଲ୍ସମ୍ୟାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଅଳଙ୍କାର ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ଦୋକାନୀ ମାଲିକଙ୍କ ଅଭିଯୋଗ ପରେ ଖୋର୍ଦ୍ଧା ଡିଏସ୍‌ପି, ବେଗୁନିଆ ଥାନା ଓ ଧଳାପଥର ଫାଣ୍ଡି ପୋଲିସ, କଟକ ଜିଲା ବୈଦେଶ୍ୱର ଥାନା ପୋଲିସ ପହଞ୍ଚି ଧଳାପଥରକୁ ସଂଯୋଗ କରୁଥିବା ୩ଟି ମୁଖ୍ୟ ପଥକୁ ପୋଲିସ ସିଲ୍ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଶୁକ୍ରବାର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବ ବୋଲି ଜଣାପଡ଼ିଛି।

## ଓଜନ ମାପ, ଗ୍ରାହକଙ୍କ ଅଧିକାର ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨।୧୨

**ଗ୍ରାହକ ସଚେତନତା କାର୍ଯ୍ୟକ୍ରମ**

ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଗୁରୁଜଙ୍ଗସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁରେଶ କୁମାର ପାଣିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ସଂଯୋଜକ(ପ୍ରଶିକ୍ଷଣ ଓ ଅନୁସନ୍ଧାନ) ଅନିରୁଦ୍ଧ ପରିଡ଼ା ଗ୍ରାହକ ଅଧିକାର ଓ କର୍ତ୍ତବ୍ୟ ଉପରେ ସଚେତନତା କରାଇଥିଲେ। ବିଭାଗର ପ୍ରକଳ୍ପ ସଂଯୋଜକ ସେକ୍ ଇଜାଜ୍ ଏକବଲ ମୁଖ୍ୟ ଅତିଥି, ଖୋର୍ଦ୍ଧା ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସରୋଜ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାହକଙ୍କ ଅଧିକାର, କର୍ତ୍ତବ୍ୟ, ଓଜନ ମାପ ଏବଂ ହଲମାର୍କ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ବୈଧ ମାପ ଯନ୍ତ୍ର ଇନ୍ସପେକ୍ଟର ପ୍ରଗତି ନାୟକ ଓଜନ ମାପ ଉପରେ ସଚେତନତା କରିଥିଲେ। ସ୍ୱପ୍ନିଳ ପ୍ରତାପ ଗୁଣ ମାନକ ଓ ଶୁଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଭାରତ ସରକାରଙ୍କ ଦ୍ୱାରା ନୂଆ ନିୟମ ଅନୁଯାୟୀ ସମସ୍ତ ସୁନାଗହଣା ଉପରେ ହଲମାର୍କ ବ୍ୟବସ୍ଥା ବାଧ୍ୟତାମୂଳକ ରହିଛି। ଏହା ୧ ଜୁନ ୨୦୨୧ ଠାରୁ କାର୍ଯ୍ୟକାରୀ ହୋଇଛି। ସମସ୍ତ ସୁନାଗହଣା ଦୋକାନୀ ଓ ବିକ୍ରେତାଙ୍କୁ ବିଆଇଏସରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଅଛି ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଜାଲରେ ପଡ଼ିଲା ୨୦ କୁଇଣ୍ଟାଲ ମାଛ

କୃଷ୍ଣପ୍ରସାଦ,୨।୧୨(ଡିଏନ୍.ଏ.)

ସମ୍ଭାବ୍ୟ ବାତ୍ୟା 'ଜୱାଦ' ପାଇଁ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳବାସୀ ଭୟଭୀତ ହୋଇ ରହିଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ବଙ୍ଗୋପସାଗରକୁ ମାଛ ଧରିବାକୁ ଯାଇଥିବା କେତେଜଣ ମତ୍ସ୍ୟଜୀବୀଙ୍କ ଜାଲରେ ୨୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ମାଛ ପଡ଼ିଥିବା ଜଣାପଡ଼ିଛି। ମତ୍ସ୍ୟଜୀବୀ ଏସ୍. ମାଧେୟା କହିଛନ୍ତି, ଏତେ ପରିମାଣର ମାଛକୁ କୂଳକୁ ଟାଣି ଆଣିପାରିଲୁ ନାହିଁ। ଶେଷରେ ମାଛ ଲାଗିଥିବା ଜାଲ ଅଧାରୁ କାଟି ସମୁଦ୍ରରେ ଫିଙ୍ଗି ଦେଇଥିଲୁ। ସେହିପରି ରାମଲେଙ୍କା ନୋଳିଆ ପାଟଣାର କାର୍‌କୁ ମାଶାନୀ, ଜେ.ଗାରିଆ, ଜି.ବୈରାଗୀ କୁହନ୍ତି, ବହୁ ବର୍ଷ ଧରି ସମୁଦ୍ରରୁ ମାଛ ଧରୁଥିଲେ ମଧ୍ୟ ଏଭଳି ଏକାଥରକେ ବିପୁଳ ପରିମାଣର ମାଛ ପଡ଼ିବା କେବେ ଦେଖି ନ ଥିଲୁ। ଏହି ଖବର ପ୍ରଚାରିତ ହେବା ପରେ ମାଛ ଦେଖିବା ପାଇଁ ସମୁଦ୍ର କୂଳରେ ଲୋକଙ୍କ ଭିଡ଼ ଜମିଥିଲା। ସମ୍ଭାବ୍ୟ ବାତ୍ୟା ପାଇଁ ୩ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି।

## ନୁରାନୀ କ୍ଲବ ଚାମ୍ପିୟନ

ବୋଲଗଡ଼,୨।୧୨(ଡିଏନ୍.ଏ.)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି କଲେଜ ଖେଳପଡ଼ିଆରେ ଚାଲିଥିବା ରାଇଜିଂଷ୍ଟାର କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପିମ୍ପଳର ମହାବୀର କ୍ଲବକୁ ୮୭ ରନରେ ହରାଇ କୁଶୁପଲ୍ଲାର ନୁରାନୀ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ନୁରାନୀ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେବା ସହ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ବିନିମୟରେ ୧୫୨ରନ ସଂଗ୍ରହ କରିଥିଲା। ଜବାବରେ ମହାବୀର କ୍ଲବ ୧୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୬୫ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଦେଉଳି ରଘୁନାଥ ଜୁନିୟର କଲେଜ ଅଧ୍ୟକ୍ଷ ଡ.ତପନ ଜେନାଙ୍କ ସଭାପତିତ୍ୱରେ ବିଜେଡି ନେତା ପ୍ରଦୀପ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଟିମକୁ ଟ୍ରଫି ସହ ୫ହଜାର ଓ ରନର୍ସ ଅପ ଟିମକୁ କପ୍ ସହ ୩୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ନୁରାନୀ କ୍ଲବର ବଣ୍ଟି ମ୍ୟାନ ଅଫ ଦି ସିରିଜ ଏବଂ ମହାବୀର କ୍ଲବର କାହ୍ନାଙ୍କୁ ମ୍ୟାନ ଆଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ଦେଉଳି ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ସାହୁ ଯୋଗଦେଇଥିଲେ। ପ୍ରଫୁଲ୍ଲ ପୂଜାରୀ ଓ ସୁନୀଲ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ରାକେଶ ନାୟକ, ପ୍ରଶାନ୍ତ ବେହେରା, ଜମ୍ବେଶ୍ୱର ସାହୁ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

# କେନ୍ଦ୍ରର ଆଭିମୁଖ୍ୟ କୁଠାରାଘାତ ସଦୃଶ

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଅଗ୍ରାହ୍ୟ ପ୍ରସଙ୍ଗ**

ଭୁବନେଶ୍ୱର, ୨।୧୨ (ବ୍ୟୁରୋ)- ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ୧୮୧୭ ମସିହାରେ ଓଡ଼ିଶାର ଖୋର୍ଦ୍ଧାରେ ହୋଇଥିବା ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଦେବାକୁ କେନ୍ଦ୍ର ସରକାର ମନା କରି ଦେଇଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷାନ ରେଡ୍ଡି ଗୁରୁବାର ରାଜ୍ୟ ସଭାରେ ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏହା କହିଛନ୍ତି। ଐତିହାସିକ ଦୃଷ୍ଟିକୋଣରୁ ଏହି ବିଦ୍ରୋହ ଦେଶର ଆଭିଜାତ୍ୟ ଓ ସାଧାରଣ ଲୋକଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲା, ଯାହାକୁ କି ପରେ ଏହାକୁ ଅନୁକରଣ କରାଯାଇ ପାରିବ ବୋଲି କେନ୍ଦ୍ରମନ୍ତ୍ରୀ ମତ ଦେଇଛନ୍ତି। ଏହି ମନ୍ତବ୍ୟ ସାଢ଼େ ୪କୋଟି ଓଡ଼ିଆଙ୍କ ପାଇଁ କୁଠାରାଘାତ ସଦୃଶ।

### ପାଇକ ବିଦ୍ରୋହ ଓଡ଼ିଶାର ବୋଲି ଅଣଦେଖା



"ପାଇକ ବିଦ୍ରୋହ ଓଡ଼ିଶାରେ ହୋଇଥିବାରୁ ଏହାକୁ ଉପଯୁକ୍ତ ଗୁରୁତ୍ୱ ଦିଆଯାଉନାହିଁ। ଉତ୍ତର ଭାରତରେ ସୋରିଷ ଫୁଟିଲେ ବିରାଟ ଆକାର ଧାରଣ କରୁଛି। ମାତ୍ର ଓଡ଼ିଶାରେ ବୋମା ଫୁଟିଲେ ବି ତାହା ଅଣଦେଖା ହେଉଛି। ପାଇକ ବିଦ୍ରୋହ ପ୍ରକୃତରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ। କଉଡ଼ି ବନ୍ଦଠାରୁ ଆରମ୍ଭ କରି ଲବଣ ମାରିବା ପର୍ଯ୍ୟନ୍ତ ବିଶେଷକରି ପାଇକମାନେ ଅସନ୍ତୁଷ୍ଟ ହୋଇଥିଲେ। ବିଭିନ୍ନ କାରଣରୁ ଜନଅସନ୍ତୋଷ ସୃଷ୍ଟି ହେବା ପରେ ଇଂରେଜଙ୍କ ବିରୋଧରେ ବିଦ୍ରୋହ ସ୍ୱତଃପ୍ରବୃତ୍ତ ଭାବେ ଆରମ୍ଭ ହୋଇଥିଲା। ବିଶୋୟୀ ସମ୍ପ୍ରଦାୟଙ୍କଠାରୁ ଆରମ୍ଭ କରି କୁଜଙ୍ଗ ରାଣୀ, ଅନେକ ରାଜା, ବହୁ ଜମିଦାର, ଦଳବେହେରା, କନ୍ଧ ସମ୍ପ୍ରଦାୟ, ପାଇକ ସମସ୍ତ ଶ୍ରେଣୀର ଲୋକେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଭଳି ବିଦ୍ରୋହ ଆଗରୁ କେବେ ହୋଇଥିବା ଇତିହାସରେ ନାହିଁ।

–ନୀହାର ରଞ୍ଜନ ପଟ୍ଟନାୟକ, ଐତିହାସିକ

### ଏଭଳି ଖାମଖିଆଲ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦାୟକ

"କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି.କିଷାନ ରେଡ୍ଡୀ କିଛି କହିବା ଆଗରୁ ପ୍ରଥମେ ଇତିହାସ ପଢ଼ନ୍ତୁ। ରାଜ୍ୟ ସଭା ଭଳି ପବିତ୍ର ସ୍ଥାନରେ ଏଭଳି ଖାମଖିଆଲ ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁଃଖଦାୟକ। ଏହି ବିଦ୍ରୋହରେ ଦେଶର ଆଭିଜାତ୍ୟ ଓ ସାଧାରଣ ବର୍ଗର ଲୋକମାନେ ସାମିଲ ହୋଇଥିଲେ। ଇଂରେଜମାନଙ୍କ ବିରୋଧରେ ସେତେବେଳେ ଏହି ବିଦ୍ରୋହ ଭବିଷ୍ୟତ ପାଇଁ ଉଦାହରଣ ପାଲଟିଥିଲା। ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ସବୁ ମହଲ୍‌ରେ ବିରୋଧ କରାଯିବା ଆବଶ୍ୟକ। ଭବିଷ୍ୟତରେ ସେ କେବେ ଓଡ଼ିଶା ଆସିଲେ ତାଙ୍କୁ ଅହିଂସା ପଥରେ ବିରୋଧ କରାଯିବ।



– ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବରିଷ୍ଠ କଂଗ୍ରେସ କର୍ମୀ

### କେନ୍ଦ୍ର ସରକାର ମନା କଲେ ସତ୍ୟ ବଦଳିବ ନାହିଁ

"୧୮୧୭ର ପାଇକ ବିଦ୍ରୋହ ପ୍ରକୃତ କ୍ଷେତ୍ରରେ ତଥ୍ୟ ଅନୁଯାୟୀ ଓ ସତ୍ୟତା ଅନୁଯାୟୀ ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାକୁ ଆମେ ରାଜ୍ୟବାସୀ ମାନୁଛୁ, ଏହା ପୂର୍ବରୁ କେନ୍ଦ୍ରରୁ ଆସିଥିବା ଅନେକ ମନ୍ତ୍ରୀ ମଧ୍ୟ ମାନିଛନ୍ତି। ଏପରିକି ଏକ ମେମୋରିଆଲ କରିବା ପାଇଁ ମଧ୍ୟ ପୂର୍ବତନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବର୍ଷକ ତଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ଆଜି ତାହା ପବିତ୍ର ଗୃହରେ ମନା କରୁଛନ୍ତି। କେନ୍ଦ୍ର ସରକାର ମନା କଲେ ମଧ୍ୟ ଏହି ସତ୍ୟ ବଦଳିଯିବ ନାହିଁ। ଦିଲ୍ଲୀରେ ଯେଉଁ ପ୍ରତିନିଧିମାନେ ଅଛନ୍ତି, ସେମାନେ ଦଳଗତ ଊର୍ଦ୍ଧ୍ୱକୁ ଯାଇ ଏହାକୁ ପ୍ରତିପାଦନ କରିବା ପାଇଁ ଚେଷ୍ଟା କରନ୍ତୁ।



– ଲେଲିନ୍ ମହାନ୍ତି, ବିଜେଡି ମୁଖପାତ୍ର

## ୫ ବଖରା ଜଳିଗଲା

ସାକ୍ଷୀଗୋପାଳ,(ଡି.ଏନ.ଏ): ସତ୍ୟବାଦୀ ବ୍ଲକ ଅଳଗୁମ ପଞ୍ଚାୟତର ବାରୁଳିପଡା ଗ୍ରାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୫ ବଖରା ପୋଡ଼ିଯାଇଛି। ଗ୍ରାମର ଅଲେଖ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ସୁଶାନ୍ତ ପ୍ରଧାନ, କନକ ପ୍ରଧାନଙ୍କ ଘର ଭସ୍ମୀଭୂତ ହୋଇଯାଇଛି। ଖବରପାଇ ସତ୍ୟବାଦୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘର ସହ ଧାନ, ଚାଉଳ, ଆସବାବପତ୍ର, ଖଟ, ଟିଭି, କଂସାବାସନ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଠିକ ଭାବେ ଜଣା ପଡ଼ି ନ ଥିବାବେଳେ ଶର୍ଟସର୍କିଟ ଯୋଗୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ସତ୍ୟବାଦୀ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅଧିକାରୀମାନେ ପହଞ୍ଚି ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୨।୨୦୨୧

| | |
|---|---|
| ୨,୭୩,୩୩୯ ଟଙ୍କା | |
| ସୁନା | ୩.୬୦୦ ଗ୍ରାମ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

କୋଣାର୍କ

- କୋଣାର୍କ ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ ଓ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ, ଚନ୍ଦ୍ରଭାଗା, ସନ୍ଧ୍ୟା ୬ଟା।

# ସତ୍ତ୍ରିୟା ନୃତ୍ୟ, ବିଭୁ ବନ୍ଦନାରେ ମଞ୍ଚ ଭକ୍ତିମୟ

କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା



କୋଣାର୍କ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରଙ୍କ ନୃତ୍ୟ ପରିବେଷଣ।

କୋଣାର୍କ,୨।୧୨(ଡି.ଏନ୍.ଏ.)

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କରେ ଆୟୋଜିତ କୋଣାର୍କ ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏଥିରେ ଅତିଥି ଭାବେ ରାଜ୍ୟ ପୋଲିସ ମହାନର୍ଦ୍ଦେଶକ ଅଭୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ଓ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଶାସ୍ତ୍ରୀୟ ସତ୍ତ୍ରିୟା ନୃତ୍ୟ ଓ ବିଭୁବନ୍ଦନାର ଆଧାତ୍ମ୍ୟ ଭାବର ପ୍ରକାଶ ମୁକ୍ତାକାଶ ରଙ୍ଗମଞ୍ଚକୁ ଭକ୍ତିମୟ କରିଥିଲା। ସତ୍ତ୍ରିୟା ନୃତ୍ୟଗୁରୁ ଅନୀତା ଶର୍ମା ଓ ଅଭିନୟ ଡ୍ୟାନ୍ସ ଏକାଡେମୀର ଶିଳ୍ପୀ କୃଷ୍ଣ ବନ୍ଦନା–ସୁତ୍ରଧରୀ ନୃତ୍ୟରୁ ଆରମ୍ଭ କରିଥିଲେ କାର୍ଯ୍ୟକ୍ରମ। ପରେ ସତ୍ତ୍ରିୟା ନୃତ୍ୟର ପ୍ରସିଦ୍ଧ ଚାଲି ନାଚ ଲୀଳା ଗୋବିନ୍ଦମ ଶୁଦ୍ଧନୃତ୍ୟ ରାଜଘୋରିୟା ଚାଲି ଓ ଗଜେନ୍ଦ୍ର ମୋକ୍ଷ ପରିବେଷଣ ସହ ଏକ ସମର୍ପଣ ଆବେଗ ସୃଷ୍ଟି କରିଥିଲେ ଶିଳ୍ପୀଗଣ। ଭାସ୍କରଜ୍ୟୋତି ଓଝାଙ୍କ ସଙ୍ଗୀତ ସଂଯୋଜନା ଓ ଗୁରୁ ଅନୀତା ଶର୍ମାଙ୍କ ନୃତ୍ୟ ସଂଯୋଜନା ଦର୍ଶକଙ୍କୁ ଅଭିଭୂତ କରିଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶୀ ନୃତ୍ୟର ପ୍ରସିଦ୍ଧ ଗୁରୁ ନିରଞ୍ଜନ ରାଉତ ଓ ନୂପୁର ଅନୁଷ୍ଠାନ, ଭୁବନେଶ୍ୱରର ଶିଳ୍ପୀଗଣ ପୁରାଣ ଆଧାରିତ ସୂର୍ଯ୍ୟଦେବଙ୍କ ଉପାସନାକୁ ନେଇ ପ୍ରସ୍ତୁତ କରିଥିଲେ ନୃତ୍ୟ ସ୍ତବକ। ଦ୍ୱିତୀୟ ଉପସ୍ଥାପନାରେ ଓଡ଼ିଶୀ ଶିଳ୍ପୀ ମଞ୍ଚସ୍ଥ କରିଥିବା ଓଡ଼ିଶୀ ନୃତ୍ୟ ପର୍ଯ୍ୟାୟ ଅନ୍ତର୍ଗତ ଶୁଦ୍ଧ ନୃତ୍ୟ ପଲ୍ଲବୀ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଓଡ଼ିଶୀର ଅନ୍ତିମ ପ୍ରସ୍ତୁତିରେ ରହିଥିଲା ଦଶମହାବିଦ୍ୟା ଅନ୍ତର୍ଗତ ଦେବୀ। ଗୁରୁ ରାମହରି ଦାସଙ୍କ ସଙ୍ଗୀତ, ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ତାଳବାଦ୍ୟ ଓ ଗୁରୁ ନିରଞ୍ଜନ ରାଉତଙ୍କ ନୃତ୍ୟ ସଂଯୋଜନାରେ ଉପସ୍ଥାପନା ଖୁବ ଉଚ୍ଚକୋଟୀର ଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣିଙ୍କ ମଞ୍ଚ ଉପସ୍ଥାପନାରେ ପରିଚାଳିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ରୀନା ମହାପାତ୍ର, ଓଟିଡିସି ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ ମହାନ୍ତି, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗୀତ ନାଟକ ଏକାଡେମୀ ଅଧ୍ୟକ୍ଷ ଅରୁଣା ମହାନ୍ତି ଓ ସଚିବ ପ୍ରବୋଧ ରଥଙ୍କ ସହ ଡ. ସଙ୍ଗୀତା ଗୋସାଇଁ ସହାୟତା କରିଥିଲେ। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀର ଦ୍ୱିତୀୟ ଦିନରେ ମାଣବସା ଓ ପରିବେଶ ପର୍ଯ୍ୟଟନ ସଂକ୍ରାନ୍ତ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା। ଏହା ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।

## ଐତିହ୍ୟ, ସଂସ୍କୃତିକୁ ନେଇ ଆଲୋଚନା

କୋଣାର୍କସ୍ଥିତ ଅର୍ବାନ ହାଟ ପରିସରରେ ଷଷ୍ଠ କୋଣାର୍କ ପୁସ୍ତକ ମେଳାର ବୁଧବାର ଥିଲା ଦ୍ୱିତୀୟ ଦିବସ। କୋଣାର୍କ ପୁସ୍ତକ ମେଳା ପରିଚାଳନା କମିଟି ସଭାପତି ଉମେଶ ଚନ୍ଦ୍ର ସାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆମ ଐତିହ୍ୟ ଆମ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରକୁ ପୂର୍ବତନ ପ୍ରାଧ୍ୟାପକ କ୍ଷୀରୋଦ ରାୟ ମହାପାତ୍ର ଶୁଭାରମ୍ଭ କରିଥିଲେ। ଆଲୋଚନାଚକ୍ରରେ ଅନ୍ୟ ଅତିଥିଭାବେ ପୂର୍ବତନ ପ୍ରାଧ୍ୟାପକ ଡ.ଗୋପୀନାଥ କର, ଡ. ସନ୍ତୋଷ ମିତ୍ର, ପ୍ରାକ୍ତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ଓ ଅଧ୍ୟାପକ ଅରବିନ୍ଦ ସାହୁ ପ୍ରମୁଖ ଯୋଗଦେଇ ଆମ ଐତିହ୍ୟ ଓ ସଂସ୍କୃତି ଅତୀବ ପ୍ରାଚୀନ ଓ ବିଶ୍ୱରେ ଅନନ୍ୟ ବୋଲି ଆଲୋକପାତ କରିଥିଲେ। ପୁସ୍ତକ ମେଳା ପରିଚାଳନା କମିଟି ସମ୍ପାଦକ ପ୍ରତାପ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଭଗବତୀ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ଐତିହ୍ୟ ଓ ସଂସ୍କୃତି ଉପରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପୁସ୍ତକ ମେଳା ପରିଚାଳନା କମିଟି ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବରାଳ, ପଞ୍ଚାନନ ବରାଳ ଓ ବାମଦେବ ଆଲୁକ ପ୍ରମୁଖ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଚନ୍ଦ୍ରଭାଗା ବେଳାଭୂମି ସଫେଇ, ସଚେତନତା

କୋଣାର୍କ,୨।୧୨(ଡି.ଏନ୍.ଏ.)

ସଂପ୍ରତି ଅଲିଭ ରିଡଲେଙ୍କ ପ୍ରଜନନ ଋତୁରେ ଚନ୍ଦ୍ରଭାଗା ବେଳାଭୂମିରେ ଅଲିଭ ରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଜାରିରହିଛି। କୋଣାର୍କରେ ଏବେ ଉତ୍ସବ ଚାଲିଥିବାରୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକଙ୍କ ଗହଳି ରହୁଛି। ବେଳାଭୂମିକୁ ପଲିଥିନ ମୁକ୍ତ, ସ୍ୱଚ୍ଛ, ସ୍ୱାସ୍ଥ୍ୟପ୍ରଦ ଏବଂ ଅଲିଭ ରିଡଲେଙ୍କ ସୁରକ୍ଷା ଉଦ୍ଦେଶ୍ୟରେ କୋଣାର୍କ ବନାଞ୍ଚଳ ଓ କୋଣାର୍କର ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ଗୁରୁବାର ବେଳାଭୂମିକୁ ସଫା କରାଯାଇଛି। କୋଣାର୍କ ରେଞ୍ଜ ଅଫିସର ବେଣୁଧର ବେହେରା ଓ କୋଣାର୍କ ସେବା ସଂଗଠନର ସଭାପତି କୁନାଲ ପାତ୍ରଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀଙ୍କ ସହିତ ମିଶି ସ୍ୱେଚ୍ଛାସେବୀ ପ୍ରିୟରଞ୍ଜନ ରଥ, ବ୍ରଜବନ୍ଧୁ ବିଶ୍ୱାଳ, ପ୍ରଶାନ୍ତ ରାଉତ ପ୍ରମୁଖ ସଫେଇ କରି କରିଥିଲେ। ଖବରଦାତା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସମିତିସଭ୍ୟ କାଶିନାଥ ନାୟକ ଓ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇଥିଲେ। ସ୍ୱେଚ୍ଛାସେବୀମାନେ ସ୍ଥାନୀୟ ନୋଳିଆ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ବିରଳ ଅଲିଭ ରିଡଲେଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ପ୍ରତିବନ୍ଧକ ନ ହୋଇ ସେମାନଙ୍କୁ ସୁରକ୍ଷା ଦେବାକୁ ନିବେଦନ କରିଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ, ୨ ଗିରଫ

ଡେଲାଙ୍ଗ,୨।୧୨(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅଧୀନ ଜୋକନଭୁଆରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ବୁଧବାର ଉଭୟ ପକ୍ଷରୁ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ରବୀନ୍ଦ୍ର ସ୍ୱାଇଁ ଓ ଶଶିକାନ୍ତ ସ୍ୱାଇଁ। ଏ ନେଇ ପୋଲିସ ୨ଟି ପୃଥକ ମାମଲା (ନଂ.୨୭୩,୨୭୪/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, ୩୦ ତାରିଖ ରାତିରେ ରବୀନ୍ଦ୍ର ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିବା ବେଳେ ବାହାରୁ କିଛି ଶବ୍ଦ ଶୁଣାଯାଇଥିଲା। କବାଟ ଖୋଲିବାରୁ ଶଶିକାନ୍ତ ହଠାତ ରବିନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ପାଟିଶୁଣି ରବୀନ୍ଦ୍ରଙ୍କ ସ୍ତ୍ରୀ ବିଳାସିନି ବିରୋଧ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ବିଳାସିନି ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଘରକୁ ଡାକି ରବୀନ୍ଦ୍ର ଆକ୍ରମଣ କରିଥିବା ଶଶିକାନ୍ତ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଉଭୟଙ୍କୁ ପଚରାଉଚରା କରିବା ପରେ ୨ଜଣଙ୍କୁ ଗିରଫ କରିଥିବା ଥାନା ଆଇଆଇସି ଅନିଲ ମହାନ୍ତି କହିଛନ୍ତି।

## ୨ ଡ୍ରେନ ଖନନ ପାଇଁ ଅଧିକାରୀଙ୍କୁ ଦାବିପତ୍ର

କଣାସ,୨।୧୨(ଡି.ଏନ୍.ଏ.): କଣାସ ବ୍ଲକର ଅଁଳାଯୋଡି ଗ୍ରାମଦେଇ ଯାଇଥିବା ୨ଟି ଡ୍ରେନ ଦୀର୍ଘଦିନ ଧରି ଖନନ ହୋଇ ନାହିଁ। ଫଳରେ ବର୍ଷାଜଳ ଜମି ରହୁଥିବାରୁ ଧାନ ଫସଲ ସବୁ ପାଣିରେ ବୁଡି ରହିଛି। ଫଳରେ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀ ଓ ଚାଷୀମାନେ ଏକାଠି ହୋଇ ଉକ୍ତ ୨ଟି ଡ୍ରେନ ଖନନ କରିବା ପାଇଁ ଖୋର୍ଦ୍ଧା ଡ୍ରେନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ନାଳ ୨ଟି ବଣିଆଟାଙ୍ଗିଠାରୁ ବିଜିପୁର ଓ ମହତପଲ୍ଲୀଠାରୁ ହଳଦିଆପଡା ଆନିକଟ ପର୍ଯ୍ୟନ୍ତ ଖନନ କରାଗଲେ ଚାଷଜମିରୁ ପାଣି ନିଷ୍କାସନ ହୋଇପାରିବ। ଏ ନେଇ କୃଷକ ନେତା ଅଶୋକ ପ୍ରଧାନ, ଅଁଳାଯୋଡି ଗ୍ରାମର ଚାଷୀ ଅମିତ ଦାସ, ତ୍ରିନାଥ ନିଶଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା, ପ୍ରତିଭା ଚୟନ

ସାକ୍ଷୀଗୋପାଳ,୨।୧୨(ଡି.ଏନ.ଏ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ନେହେରୁ ଯୁବକେନ୍ଦ୍ର, ପୁରୀ ପକ୍ଷରୁ ବ୍ଲକସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଓ ପ୍ରତିଭା ଚୟନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। 'ଦେଶପ୍ରେମ ଓ ରାଷ୍ଟ୍ର ଗଠନ' ରେ ଯୁବପିଢ଼ିଙ୍କ ଭୂମିକା ଶୀର୍ଷକ ପ୍ରତିଯୋଗିତାରେ ଭାଗନେଇ ରଶ୍ମିରଞ୍ଜନ ସ୍ୱାଇଁ, ସୌମ୍ୟରଞ୍ଜନ ବେହେରା ଓ କୁମାରୀ ନମ୍ରତା ପ୍ରିୟଦର୍ଶିନୀ ମହାରଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରୀର ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ପ୍ରତିଯୋଗିତାର ବିଚାରକ ପ୍ର. ଅଜୟ ଦାଶ ଯୁବକମାନେ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ପରସ୍ପର ଭାଇଚାରା ସମ୍ପର୍କରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ. ରତିକାନ୍ତ ପରିଡ଼ା ରାଷ୍ଟ୍ର ଗଠନରେ ଯୁବସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ବିଚାରକ ପ୍ରଫେସର ଗୋପାଳ କୃଷ୍ଣ ପଣ୍ଡା, ପ୍ର. ଶୁଭ୍ରଦୀପ୍ତା ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ନେହେରୁ ଯୁବକେନ୍ଦ୍ରର ସବନମ ବରାଳ, ପ୍ରଭାକର ବିଶ୍ୱାଳ ଓ କ୍ଲବ ସତ୍ୟବାଦୀର ସମ୍ପାଦକ ସିଂହାରୀ ଆଲୋକ ଖୁଣ୍ଟିଆ ସହଯୋଗ କରିଥିଲେ।

## ବିଶିଷ୍ଟ ବୈଜ୍ଞାନିକଙ୍କ ପରଲୋକ

କାକଟପୁର,୨।୧୨(ଡି.ଏନ୍.ଏ.): କାକଟପୁର ଅଞ୍ଚଳର ବିଶିଷ୍ଟ ଭୂବୈଜ୍ଞାନିକ ଜୟରାମ ସାହୁ(୫୪)ଙ୍କ ଦିଲ୍ଲୀ ଗ୍ରେଟର ନଏଡାସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ କାକଟପୁରର କଣ୍ଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିପଦା ଗ୍ରାମରେ ଜନ୍ମଗ୍ରହଣ କରି ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଅର୍ଜନ କରିଥିଲେ। ସ୍ୱର୍ଗତ ସାହୁ ତୈଳ ଏବଂ ପ୍ରାକୃତିକ ଗ୍ୟାସ ନିଗମର ଉପ ମହାପ୍ରବନ୍ଧକ ପଦବୀରେ ଥାଇ ବ୍ରାଜିଲ, ଭିଏତ୍‌ନାମ, ରୁଷିଆ, କାଜିକସ୍ତାନ ଓ ସିଙ୍ଗାପୁର ଭ୍ରମଣ କରି ଦେଶର ସମ୍ମାନ ବୃଦ୍ଧି କରିବା ସହିତ ଦେଶକୁ ଆତ୍ମନିର୍ଭରଶୀଳ ହେବା ପାଇଁ ଚେଷ୍ଟା କରୁଥିଲେ। ସେ ଜଣେ ବନ୍ଧୁବତ୍ସଳ, ପରୋପକାରୀ ବ୍ୟକ୍ତି ଭାବେ ସର୍ବଜନାଦୃତ ଥିଲେ। ତାଙ୍କର ଦେହାନ୍ତ ଯୋଗୁ କାକଟପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗମ୍ଭାରୀ ପଦା ପୂର୍ବତନ ଛାତ୍ର ସଂଗଠନ ପକ୍ଷରୁ ଦିବାକର ନାୟକ, ଦୁର୍ଗାଚରଣ ମିଶ୍ରଙ୍କ ସମେତ ସମସ୍ତ ସଭ୍ୟ ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି କାମନା କରି ତାଙ୍କ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

# ୧୪ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୨ ଗିରଫ

ପୁରୀ ଅଫିସ, ୨।୧୨

ପୁରୀ ସହରରେ ଗୁରୁବାର ଏସ୍‌ଟିଏଫ୍ ଚଢ଼ାଉ କରି ୧୪୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧୪ ଲକ୍ଷ ଟଙ୍କା। ଏହି ଘଟଣାରେ ୨ଜଣ ବ୍ରାଉନ ସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ଗୁରୁଜଙ୍ଗ ଅଞ୍ଚଳର ସୁଶିଲ କୁମାର ସାହୁ ଓ ସାଗର ସୁନ୍ଦର ପ୍ରଧାନ। ଉଭୟଙ୍କଠାରୁ ବ୍ରାଉନସୁଗାର ସମେତ ନଗଦ ୨୨ଶହ ଟଙ୍କା, ୨ଟି ସ୍କୁଟି, ୨ଟି ମୋବାଇଲ ଫୋନ ଜବତ ହୋଇଛି। ଏନେଇ ଏକ କେସ୍ (ନଂ. ୩୩୮/୨୧) ରୁଜୁ କରାଯାଇଛି। ପୁରୀ ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଏହି ସୂଚନା ଦେଇଛନ୍ତି।



ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ଅତିରିକ୍ତ ଏସ୍‌ପି ପଣ୍ଡା ଆହୁରି କହିଛନ୍ତି, ଦୁଇଜଣ ଯୁବକ ଖୋର୍ଦ୍ଧାରୁ ବ୍ରାଉନ ସୁଗାର ଆଣି ପୁରୀ ନରେନ୍ଦ୍ର କୋଣ ଅଞ୍ଚଳରେ ବିକ୍ରି କରୁଥିବା ଖବର ମିଳିଥିଲା। ଏହାପରେ ପୁରୀ ଟାଉନ ଥାନା ଅଧିକାରୀ ଓ ବାସେଳି ସାହି ଥାନା ଅଧିକାରୀ ମିଳିତ ଭାବେ ଚଢ଼ାଉ କରି ସମ୍ପୃକ୍ତ ଯୁବକ ଦ୍ୱୟଙ୍କ ନିକଟରୁ ବ୍ରାଉନସୁଗାର ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବା ଉଭୟଙ୍କୁ ଗିରଫ କରିଥିଲେ। ପୁରୀ ସହରରେ ନିଶା କାରବାର ରୋକିବା ପାଇଁ ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ। ଏହି ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାସ ଏବଂ ବାସେଳୀ ସାହି ଥାନା ଅଧିକାରୀ କୁଳମଣି ସେଠୀ ଉପସ୍ଥିତ ଥିଲେ।

# ଆଜିଠୁ ୩ଦିନ ଶ୍ରୀମନ୍ଦିରରେ ଦେବ ଦୀପାବଳି

## ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦେବେ ମହାପ୍ରଭୁ

ପୁରୀ ଅଫିସ, ୨।୧୨

ମାର୍ଗଶିର ମାସ ଚତୁର୍ଦ୍ଦଶୀ ତିଥି ଅବସରରେ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ତିନିଦିନ ବ୍ୟାପୀ ଦେବ ଦୀପାବଳି ଉତ୍ସବ ଅନୁଷ୍ଠିତ ହେବ। ମାନବୀୟ ଲୀଳା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିଥିରେ ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିବେ। ଏହି ତିନିଦିନ ଶ୍ରୀଜଗନ୍ନାଥ ଶ୍ରାଦ୍ଧ ବେଶରେ ଭୂଷିତ ହୋଇ ବାମନ ରୂପରେ ସତ୍ୟଯୁଗର ଅଦିତି ଓ କଶ୍ୟପ, ଶ୍ରୀରାମ ରୂପରେ ତ୍ରେତୟା ଯୁଗର କୌଶଲ୍ୟା ଓ ଦଶରଥ ଏବଂ ଶ୍ରୀକୃଷ୍ଣ ରୂପରେ ଦେବକୀ ଓ ବସୁଦେବ ତଥା ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି। ଏନେଇ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଥାଏ। ଏହି ଅବସରରେ ଶ୍ରୀବିଗ୍ରହମାନଙ୍କୁ ଶ୍ରାଦ୍ଧ ବେଶରେ ସୁସଜ୍ଜିତ କରାଯାଏ। ଠାକୁରମାନେ କାଶୀଧଡ଼ିଆ ବସ୍ତ୍ର ପରିଧାନ କରିଥାନ୍ତି। ଏହାର ରଙ୍ଗ ଶ୍ୱେତବର୍ଣ୍ଣ ଓ ଧଡ଼ିରେ ବଡ଼ ବଡ଼ କୁମ୍ଭ ପଡ଼ିଥାଏ। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧବେଶରେ ସଜ୍ଜିତ କରିଥାନ୍ତି। ଏହି ଅବସରରେ ଠାକୁରମାନେ ନଳିଭୂଜ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ତଡ଼ଗି, ହରିଡ଼ାମାଳି ପ୍ରଭୃତି ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ସେହିପରି ପିତୃଶ୍ରାଦ୍ଧର ତୃତୀୟ ଦିବସରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥାନ୍ତି। ସେଠାରେ ବନ୍ଦାପନା ସହ ବିଭିନ୍ନ ନୀତି ସମ୍ପନ୍ନ ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି।

## ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

କଣାସ,୨।୧୨(ସ୍ୱ.ପ୍ର.)

ସମ୍ଭାବ୍ୟ ବାତ୍ୟା ଜୱାଦ୍ ପୁରୀ ଉପକୂଳ ଛୁଇଁବାର ସମ୍ଭାବନା ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଲୋଚନ ଦାସଙ୍କ ଅଧ୍ୟକ୍ଷତାରେ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତହସିଲଦାର ଲକ୍ଷ୍ମୀଧର ମହାରଣା, କଣାସ ଥାନା ଆଇଆଇସି ସୁଜିତ୍ ଦାସ, ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ, ବ୍ଲକ ଶିକ୍ଷାଧିକାରୀ ମିନକେତନ ସାମନ୍ତରାୟ, ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଅଗ୍ନିଶମ ଅଧିକାରୀ ସୁବାସ କୁମାର ପାତ୍ର ଯୋଗଦେଇଥିଲେ। ଯଦି ସାମୁଦ୍ରିକ ଝଡ଼ ପୁରୀ ଉପକୂଳରେ ସ୍ଥଳଭାଗକୁ ଛୁଇଁବାର ସମ୍ଭାବନା ହୁଏ ତୁରନ୍ତ ପୋଲିସ ବିଭାଗ ପକ୍ଷରୁ ସମସ୍ତ କଚ୍ଚାଘର ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ବିଦ୍ୟାଳୟ ଗୃହକୁ ସ୍ଥାନାନ୍ତରିତ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାସ୍ତାଘାଟରେ ଗଛ ପଡ଼ିଲେ ଅଗ୍ନିଶମ ବିଭାଗ ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ଗଛକାଟି ରାସ୍ତା ସଫା କରିବା, ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇବା ପାଇଁ ପ୍ରସ୍ତୁତି ହୋଇ ରହିବା, ବାତ୍ୟା ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନଙ୍କୁ ଚୁଡ଼ା, ଗୁଡ ଦେବା ପାଇଁ ମହଜୁଦ ହୋଇରହିଥିବା ବିଡିଓ ଦାସ ସୂଚନା ଦେଇଥିଲେ। ବାତ୍ୟା ସମୟରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ପ୍ରତି ଦୃଷ୍ଟି ରଖିବାକୁ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ହୋଇଯାଇଛି।

## ବାଇକ୍‌ରୁ ଖସି ଜଣେ ମୃତ

ଗୋପ,୨।୧୨(ଡି.ଏନ୍.ଏ.)

ଗୋପସ୍ଥିତ ନାଗପୁର– ବାଲିକପିଳେଶ୍ୱର ରାସ୍ତାର ପଦ୍ମପଡା ନିକଟରେ ଗୁରୁବାର ଏକ ବାଇକ୍‌ରୁ ଖସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମଚଣ୍ଡୀ ଥାନା ଅଧୀନ କାହ୍ନପୁର ଗ୍ରାମର ଗଗନବିହାରୀ ଖଟୋଇ (୪୬)। ଆହତ ଜଣକ ସେହି ଗ୍ରାମର ଛବି ଦାସ। ସୂଚନା ଅନୁଯାୟୀ, ଏହି ୨ଯୁବକ ଏକ ବାଇକ୍ (ନଂ. ଓଡି ୦୫ କେ– ୦୭୫୯) ଯୋଗେ ନାଗପୁର ଆସୁଥିଲେ। ପଦ୍ମପଡାଠାରେ ବାଇକ୍ ପଛରେ ବସିଥିବା ଗଗନ ହଠାତ୍ ଖସିପଡ଼ି ଥିଲେ। ଛବି ପଛକୁ ଦେଖିବା ବେଳେ ସେ ମଧ୍ୟ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ଗଗନବିହାରୀଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗୋପ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ହତ୍ୟାକାଣ୍ଡ ଘଟଣାରେ ନିମାପଡ଼ା କୋର୍ଟ ରାୟ

- ବଡ଼ଭାଇଙ୍କୁ ଆଜୀବନ କାରାଦଣ୍ଡ
- ପ୍ରମାଣ ଅଭାବରୁ ବାପା ଖଲାସ

ନିମାପଡ଼ା,୨।୧୨(ଡି.ଏନ୍.ଏ.)

ନିମାପଡ଼ା ଅତିରିକ୍ତ ଜିଲା ଦୌରାଜଜ୍(ଏଡିଜେ)ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟଣାର ରାୟ ପ୍ରକାଶ ପାଇଛି। ଦୌରାଜଜ୍ ହତ୍ୟାକାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଘଟଣା ଅନୁଯାୟୀ, ଗତ ୪।୩।୨୦୧୭ରେ କୋଣାର୍କ ଥାନା ଅନ୍ତର୍ଗତ ନଳକଣ ଗ୍ରାମରେ ପାରବାରିକ ଜାଗାବାଡ଼ିକୁ କେନ୍ଦ୍ର କରି ମକରନ୍ଦ ଓଝାଙ୍କୁ ଦେଢ଼ଶୁର ଓ ଶ୍ୱଶୁର ମିଶି ହତ୍ୟା କରିଥିବା ନେଇ ମକରନ୍ଦଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ କୋଣାର୍କ ଥାନାରେ କେସ ନଂ.୨୫/୧୭, କୋର୍ଟର ଏସ୍‌ଟି ନଂ. ୮୦/୧୭, ଜିଆର୍ ନଂ.୧୯୭/୧୭ ମାମଲାର ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ନିମାପଡ଼ା ଏଡିଜେ ଲୋକନାଥ ସାହୁ ଅଭିଯୁକ୍ତ ଦେଢ଼ଶୁର ଚକ୍ରଧର ଓଝାଙ୍କୁ ଦଫା ନଂ.୩୦୨ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟେ ଅଧିକ ୬ମାସ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ହତ୍ୟାକାଣ୍ଡ ମାମଲାରେ କୋର୍ଟ ପ୍ରମାଣ ଅଭାବରୁ ଅଭିଯୋଗକାରିଣୀଙ୍କ ଶ୍ୱଶୁରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଆଇନଜୀବୀ ସୀତାକାନ୍ତ ଦାସ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଭାତ କୁମାର ବେହେରା ଏହି ମାମଲା ପରିଚାଳନା କରିଥିଲେ। କୋର୍ଟ ରାୟ ପ୍ରକାଶ ଓ ଦଣ୍ଡାଦେଶ ପରେ ଅଭିଯୁକ୍ତଙ୍କୁ ଜେଲକୁ ପଠାଯାଇଥିବା ଆଡିଶନାଲ ପିପି ସୀତାକାନ୍ତ ଦାସ କହିଛନ୍ତି।

## ବୃଦ୍ଧାଙ୍କ ଝୁଲନ୍ତା ମୃତଦେହ ଜବତ

ଗୋପ,୨।୧୨(ଡି.ଏନ୍.ଏ): ଗୋପ ଥାନା ସୁବର୍ଣ୍ଣପୁର ଗ୍ରାମରୁ ଜଣେ ବୃଦ୍ଧାଙ୍କ ଝୁଲନ୍ତା ମୃତଦେହକୁ ଜବତ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ଗୁନାମଣି ସାହୁ(୫୬)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏଥିସହ ପୋଲିସ ଏ ନେଇ ଏକ ମାମଲା (ନଂ.୨୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗୁନାମଣିଙ୍କ ଘରେ ବୁଧବାର ରାତିରେ କୌଣସି କାରଣକୁ ନେଇ ପାରିବାରିକ ବିବାଦ ଲାଗିରହିଥିଲା। ପରେ ଘରେ ସମସ୍ତେ ଖାଇସାରି ଶୋଇଥିବା ବେଳେ ଗୁନାମଣିଙ୍କ ରହୁଥିବା ରୁମରୁ କିଛି ଶବ୍ଦ ଶୁଣାଯାଇଥିଲା। ପରିବାର ଲୋକେ ଦେଖିବାବେଳେ ଏକ ଲୁଗା ଦ୍ୱାରା ବେକରେ ବନ୍ଧା ହୋଇ ଗୁନାମଣି ଝୁଲୁଥିବା ଦେଖିଥିଲେ। ତାଙ୍କୁ ଓହ୍ଲାଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପରିବାର ଲୋକ ଗୁନାମଣିଙ୍କୁ ଘରକୁ ନେଇଯିବାରୁ ମେଡିକାଲ କର୍ତ୍ତୃପକ୍ଷ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲେ।




ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ସହ ରତ୍ନଅଳଙ୍କାର ପୁନଃ ଗଣତି ଦାବିରେ ଗୁରୁବାର ସିପିଆଇଏମ୍ ପୁରୀ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଗୋ ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରି ଗିରଫ ହୋଇଥିବା ସାମାଜିକ କର୍ମୀ ଓ ଖବରଦାତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମାନବାଧିକାର ସୁରକ୍ଷା ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା।

**କଟକ ସଦର ପଞ୍ଚାୟତ ସମିତି ବୈଠକ**

କଟକ ସଦର,(ଡି.ଏନ୍.ଏ.): କଟକ ସଦର ପଞ୍ଚାୟତ ସମିତିର ସାଧାରଣ ବୈଠକ ଗୁରୁବାର ସମ୍ମିଳନୀ ପକ୍ଷରେ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୨୨-୨୦୨୩ ଆର୍ଥିକ ବର୍ଷର ପ୍ରକଳ୍ପ ତାଲିକା ଚୂଡ଼ାନ୍ତ କରାଯାଇଥିଲା। ଉକ୍ତ ବୈଠକରେ ପିଠା ଯୋଜନା ବାବଦକୁ ବକେୟା ଥିବା ୭୫ ହଜାର ଟଙ୍କା ତୁରନ୍ତ ପ୍ରଦାନ କରିବାକୁ କିଶୋରନଗର ପଞ୍ଚାୟତ ସରପଞ୍ଚ ରଞ୍ଜିତା ମହାନ୍ତି ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାବ୍ୟତୀତ ଗାନ୍ଧୀ ମୂର୍ତ୍ତି ସମ୍ମୁଖରେ ଧାରଣାରେ ବସିଥିବା ବୋଧପୁର ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ଓ ସମିତି ସଭ୍ୟ ବିଶନାଥ ବଡ଼ିଆ ପ୍ରମୁଖ ଦାବି ଉପରେ ଆଲୋଚନା କରାଯାଇଥିଲା। ଉଚ୍ଚସ୍ତରୀୟ କମିଟି ଗଠନ କରି ୭ଦିନ ମଧ୍ୟରେ ଦାବି ଉପରେ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ରେଭେନ୍ସା ଭିନ୍ନକ୍ଷମ ଛାତ୍ର ସଂଘ ପକ୍ଷରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ, ସେଭେନ ପିଲାର ଅଫ ୱିସ୍‌ଡମ୍, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଷ୍ଟେଟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ପକ୍ଷରୁ ଡିଗ୍ରୀ କଲେଜର ପ୍ରିନ୍ସିପାଲ୍‌ସ୍ ମିଟ୍, ଶୈଳବାଳା ମହିଳା (ସ୍ୱୟଂଶାସିତ) ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦ ।

## ସଂକ୍ଷେପରେ

### ସହର ପାଇଁ ୬୫ ପମ୍ପ ମହଜୁଦ, ବଣ୍ଟାଯିବ ଶୁଖିଲା ଖାଦ୍ୟ

**କଟକ ଅଫିସ,୨।୧୨:** କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଗୁରୁବାର ବିଜୁଭବନରେ ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ କଟକ ସହର ଜଳମଗ୍ନ ହୋଇପାରେ। ତେଣୁ ସହରର ବିଭିନ୍ନ ସ୍ଥାନରେ ୪୦ଟି ପମ୍ପ୍ ରଖାଯାଇଛି। ଏହାବ୍ୟତୀତ ଜରୁରୀକାଳୀନ ସ୍ଥିତି ପାଇଁ ସ୍ୱତନ୍ତ୍ର ଭାବେ ୨୫ଟି ପମ୍ପ୍ ରଖାଯାଇଛି। ସେହିପରି ଚୁଡ଼ା, ଗୁଡ଼ ପ୍ରଭୃତି ଶୁଖିଲା ଖାଦ୍ୟ ଓ ପାନୀୟଜଳର ବ୍ୟବସ୍ଥା କରାଯାଇଛି। ତଳିଆ ଅଞ୍ଚଳ ଚିହ୍ନଟ ସହ ଆଶ୍ରୟସ୍ଥଳୀ ପ୍ରସ୍ତୁତ ସରିଛି। ତଳିଆ ଅଞ୍ଚଳଗୁଡ଼ିକ ଯଦି ଜଳମଗ୍ନ ହୋଇଯାଏ ତେବେ ସେଠାରୁ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ ବୋଲି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି। ଏହି ବୈଠକରେ ଯୁଗ୍ମ କମିଶନର, ଡେପୁଟି କମିଶନର, ଜାଇକା ମୁଖ୍ୟ, ସିଏମ୍‌ସି ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ବାତ୍ୟା ମୁକାବିଲା ପାଇଁ ସିଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସହରରେ ଜଳବନ୍ଦୀ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ମୁଖ୍ୟନାଳ ଓ ସମସ୍ତ ଡ୍ରେନରେ ଜମିଥିବା ଆବର୍ଜନାକୁ ସଫା କରାଯାଉଛି।

### ଦୁର୍ଦ୍ଧାନ୍ତ ଅପରାଧୀ ପ୍ରଦୀପ ପୁହାଣ ଗିରଫ

**ଖୁଣ୍ଟୁଣୀ,୨।୧୨(ଡି.ଏନ୍.ଏ):** ଖୁଣ୍ଟୁଣୀ ଓ ବୌଦ୍ଧ ଥାନାରେ ବିଭିନ୍ନ ଡକାୟତି ସହ ଅନ୍ୟ ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘଦିନ ଧରି ପୋଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଖୁଣ୍ଟୁଣୀ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ମହାକାଳବସ୍ତ ଗ୍ରାମର ପିଣ୍ଟୁ ଓରଫ ପ୍ରଦୀପ ପୁହାଣ। ଆଠଗଡ଼ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ପୋଲିସ ଖୁଣ୍ଟୁଣିସ୍ଥିତ ଆଦର୍ଶ କାରାଗାରକୁ ଅଭିଯୁକ୍ତଙ୍କୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପିଣ୍ଟୁ ୨୦୧୬ ମସିହାରେ ବୌଦ୍ଧ ଥାନା ଅଞ୍ଚଳରେ ଏକ ଡକାୟତି ମାମଲାରେ ସମ୍ପୃକ୍ତି ଥାଇ ଫେରାର ହୋଇଯାଇଥିଲା। ପିଣ୍ଟୁ ନାମରେ ବୌଦ୍ଧ ଏସ୍‌ଡିଜେଏମ କୋର୍ଟର ଗିରଫ ପରୱାନା ଜାରି ହୋଇଥିଲା। ଖୁଣ୍ଟୁଣୀ ଥାନାରେ ମଧ ପିଣ୍ଟୁ ନାମରେ ୧୦ ରୁ ଉର୍ଦ୍ଧ ମାମଲା ରହିଥିଲା। ଦୀର୍ଘଦିନ ପରେ ସେ ନିଜ ଗ୍ରାମ ମହାକାଳବସ୍ତରେ ରହି ସ୍ଥାନୀୟ ଆରତୀ ଷ୍ଟିଲ କାରଖାନାରେ କାମ କରୁଥିଲା। ସେ ଗତ ୫ ମାସ ତଳେ ମହାକାଳବସ୍ତ ଗ୍ରାମବାସୀଙ୍କ ସହିତ ମିଶି ପଞ୍ଚାୟତର ସରପଞ୍ଚଙ୍କ ସହିତ ଗଣ୍ଡଗୋଳ କରିବାରୁ ତାଙ୍କୁ ଗ୍ରାମରୁ ବିତାଡ଼ିତ କରାଯାଇଥିଲା। ଏହାପରେ ମଧ ସେ ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ଥିଲେ। ଖୁଣ୍ଟୁଣୀ ପୋଲିସ ନଂ.୬୩ /୨୧ ର ଏକ ମାମଲାରେ ତଦନ୍ତ କରୁଥିବାବେଳେ ବିଶେଷ ସୂତ୍ରରୁ ପିଣ୍ଟୁ ମହାକାଳବସ୍ତାରେ ଥିବା ଜାଣିବାକୁ ପାଇଥିଲେ। ପୋଲିସ ଟିମ ସହ ସେହି ଗ୍ରାମକୁ ଯାଇ ଅଭିଯୁକ୍ତ ପିଣ୍ଟୁକୁ କାବୁ କରିଥିଲେ।

### ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

**ବାଙ୍କୀ,୨।୧୨(ସ୍ୱ.ପ୍ର.):** ବାଙ୍କୀ ପ୍ରେସ କ୍ଲବ ବିଦ୍ୟାରତ୍ନ ଭବନଠାରେ ସତ୍ୟସାଇ ସେବା ଡେଭଲପ୍‌ମେଣ୍ଟ ସଂସ୍ଥା ପକ୍ଷରୁ ଗୁରୁବାର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଶିବିରର ପ୍ରଥମ ଦିନରେ ଏନ୍‌ଏସି ଅଞ୍ଚଳର ୨୫୦ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି। ସଂସ୍ଥାର ସମ୍ପାଦକ କ୍ଷିତୀଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଉଦ୍‌ଘାଟନ କରିଥିଲେ। ଡାକ୍ତର ଧନେଶ୍ୱର ସାହୁ, ଜଗଦୀଶ ପଣ୍ଡା, ଡାକ୍ତର ଅବିନାଶ ସ୍ୱାଇଁ, ଟେକ୍ନିସିଆନ ଚିତ୍ତରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ରୋଗୀ ଚିକିତ୍ସା କରିଥିଲେ। ବାଙ୍କୀ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ ଏଥିରେ ସହଯୋଗ କରିଥିଲେ।

# ୧୧୭ ସଂସ୍ଥାର ବହୁ କୋଟି ବକେୟା

**ସମ୍ବଲପୁର ସିଟି, ଜିଏସ୍‌ଟି ସର୍କଲ-୨**

- ହାଇଟେକ ବଟଲିଂ ଲିମିଟେଡ୍‌ର ୧.୧୨ କୋଟି ଓ ସୁରେନ୍ଦ୍ର ସିଂ କାବଲିର ୪୫ଲକ୍ଷ ଟିକସ ବାକି
- ୧୨ଜଣଙ୍କର ୧୦ଲକ୍ଷରୁ ଅଧିକ ବାକି

ସୁଶାନ୍ତ ସାହୁ
କଟକ ଅଫିସ,୨।୧୨

ସମ୍ବଲପୁର ସିଟି,ଜିଏସ୍‌ଟି ସର୍କଲ-୨ ଅଧୀନ ୧୧୭ ବ୍ୟକ୍ତିଗତ ଓ ବାଣିଜ୍ୟିକ ସଂସ୍ଥାର କୋଟି କୋଟି ଟଙ୍କା ବକେୟା ପଡ଼ିଛି। ଗତ ନଭେମ୍ବର ୨୫ତାରିଖ ସୁଦ୍ଧା କେତେ ଟଙ୍କା ଟିକସ ବାବଦକୁ ବାକି ରହିଛି, ତାହାର ତଥ୍ୟ ହସ୍ତଗତ ହୋଇଛି। ସେଥିମଧ୍ୟରେ ହାଇଟେକ୍ ବଟଲିଂ ଲିମିଟେଡ୍‌ର ୧.୧୨କୋଟି ଓ ସୁରେନ୍ଦ୍ର ସିଂ କାବ୍‌ଲିର ୪୫ଲକ୍ଷ ୧୧ହଜାର ୬୫୮ ଟଙ୍କାର ସର୍ବାଧିକ ବକେୟା ରହିଥିବା ଜଣାପଡ଼ିଛି। ସେହିପରି ଅଭିଷେକ ଚେଜାରାଙ୍କ ନାମରେ ୧୩ଲକ୍ଷ ୫ହଜାର ୮୩୬, ଅଭି ମହାନନ୍ଦଙ୍କ ନାମରେ ୧୩ଲକ୍ଷ ୯୩ହଜାର ୭୬୪, ସଞ୍ଜୀବ କୁମାର ପଣ୍ଡାଙ୍କ ନାମରେ ୧୦ ଲକ୍ଷ ୬୮ ହଜାର ୬୯୨, ଉମାକାନ୍ତ ପଟେଲଙ୍କ ନାମରେ ୧୩ ଲକ୍ଷ ୧୮ହଜାର ୮୫୨, ନନ୍ଦିନୀ ଗୋଏଲଙ୍କ ନାମରେ ୨୬ ଲକ୍ଷ ୩୩ହଜାର ୮୭୨ଟଙ୍କା ବୟୋ ରହିଛି। ସେହିପରି ଟିକେଶ ବେହେରାଙ୍କ ୧୬ ଲକ୍ଷ ୨୯ହଜାର ୩୫୦, ଗୁରତେଜ ସିଂ କାବଲିଙ୍କ ୧୮ଲକ୍ଷ ୩୧ ହଜାର ୯୦୮, ଲକ୍ଷ୍ମଣ ପ୍ରଧାନଙ୍କ ୧୦ ଲକ୍ଷ ୩୮ହଜାର ୩୨୨, ହାଇଟେକ ବଟଲିଂ ଲିମିଟେଡ୍‌ର୧୬ ଲକ୍ଷ ୨୯ହଜାର ୧୮୪, ଅନ୍ୟ ଏକ ହାଇଟେକ୍ ବଟଲିଂ ଲିମିଟେଡର ୩୪ ଲକ୍ଷ ୫୭ ହଜାର ୬୮୩ ଟଙ୍କା ଟିକସ ବାବଦରେ ବକେୟା ରହିଛି। ହାଇଟେକ୍ ବଟଲିଂ ନାମରେ ୪ଟି ଆକାଉଣ୍ଟ ରହିଛି। ଅନ୍ୟ ଏକ ଆକାଉଣ୍ଟର ବକେୟା ଟିକସ ୯ଲକ୍ଷ ୬୯ହଜାର ୭୦୭ ଟଙ୍କା ରହିଛି। ତେବେ ଉପରୋକ୍ତ ୧୧୭ ବ୍ୟକ୍ତି ଓ ସଂସ୍ଥାଗୁଡ଼ିକ ଅସଲି କି ନକଲି ତାହା ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଚଳିତବର୍ଷ ନକଲି ଜିଏସ୍‌ଟି ଆକାଉଣ୍ଟ କରି ଇନ୍‌ପୁଟ ଟିକସ କ୍ରେଡିଟ (ଆଇଟିସି) ହାତେଇବା ଅଭିଯୋଗରେ ଅନେକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏନେଇ ସମ୍ବଲପୁର ସିଟି ଜିଏସ୍‌ଟି ସର୍କଲ -୨ର ଡେପୁଟି କମିଶନର ସ୍ୱସ୍ତି ବଡ଼ପଣ୍ଡା କହିଛନ୍ତି, ଉକ୍ତ ବକେୟା ତାଲିକା ମଧ୍ୟରୁ କେତେଜଣ ୧୦ ପ୍ରତିଶତ ବକେୟା ଅର୍ଥ ପଇଠକରି ବିଭାଗର ଆପିଲେଟ ଅଥରିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତେଣୁ ତାଙ୍କ ଉପରେ କିଛି କରିହେବ ନାହିଁ। ଅନ୍ୟମାନଙ୍କ ଉପରେ ବିଭାଗ ଯାହା ନିଷ୍ପତ୍ତି ନେବ। ଏଠାରେ ସୂଚନାଯୋଗ୍ୟ, ଗତ ଜୁଲାଇ ୧୬ରେ ଏନଫୋର୍ସମେଣ୍ଟ ୱିଙ୍ଗ ଜିଏସ୍‌ଟି ଠକେଇ ର୍‍ୟାକେଟ ଧରିବା ସହ ୨ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଥିଲା। ସେମାନେ ହେଲେ, ରାଉରକେଲାସ୍ଥିତ ସ୍ମାର୍ଟଏଜିସ୍ ଟ୍ରେଡ୍ ଭେଞ୍ଚର ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ସୁଜୟ ମୈତ୍ର ଓ ତିରୁପତି ଟ୍ରେଡର୍ସର ମ୍ୟାନେଜିଂ ପାର୍ଟନର ତଥା ସଦ୍‌ଗୁରୁ ମେଟାଲ୍ସ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍‌ର ଅଧିକୃତ ପ୍ରତିନିଧି ଗୁରୁଦିତ୍ ଡାଙ୍ଗ। ବାସ୍ତବରେ ଅଭିଯୁକ୍ତଦ୍ୱୟ କୌଣସି କମ୍ପାନୀ କିମ୍ବା କାରବାର କରି ନ ଥିଲେ। ଜାଲ୍ କାଗଜପତ୍ରରେ ୧୬ଟି କମ୍ପାନୀ ଚାଲିଥିବା ଦେଖାଇ ୬୪୧ କୋଟି ଟଙ୍କାର ବିଲ୍ ମାଧ୍ୟମରେ ୧୧୫.୧୦ କୋଟି ଟଙ୍କାର ଆଇଟିସି ହାତେଇଥିଲେ। ଏହି ଠକେଇଦ୍ୱାରା ସରକାର ବିପୁଳ ରାଜସ୍ୱ ହରାଇଥିଲେ।

ସେହିପରି ଗତ ସେପ୍ଟେମ୍ବର ୨ରେ ଜିଏସ୍‌ଟି ଏନଫୋର୍ସମେଣ୍ଟ ୱିଙ୍ଗ ମାଷ୍ଟରମାଇଣ୍ଡ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅମିତ କୁମାର ଅଗ୍ରୱାଲଙ୍କୁ ଝାରସୁଗୁଡା ଓ ଜାଲ୍ ବ୍ୟବସାୟିକ ସଂସ୍ଥାର ମୁଖ୍ୟ ସତୀନ୍ଦ୍ର କୁମାର ଯାଦବଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା। ସେମାନେ ପ୍ରାୟ ୧୮୧୯ କୋଟି ଟଙ୍କା ଜାଲ୍ ବିଲ୍ ବଳରେ ପ୍ରାୟ ୩୨୩ କୋଟି ଟଙ୍କାର ଇନପୁଟ ଟିକସ ହଡ଼ପ କରିଥିଲେ।

## ଶ୍ୱଶୁରଘର ଗାଁରୁ ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହ ଜବତ

ନିଶ୍ଚିନ୍ତକୋଇଲି,୨।୧୨(ସ୍ୱ.ପ୍ର.)

ଶ୍ୱଶୁର ଘର ଗାଁରୁ ଗୁରୁବାର ଜ୍ୱାଇଁଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଏହି ଘଟଣା ନିଶ୍ଚିନ୍ତକୋଇଲି ଥାନା ଅଧୀନ କେଣ୍ଟାଲୋ ଗ୍ରାମରେ ଘଟିଛି । ମୃତକ ଜଣକ ହେଲେ କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ସାନଫଗୋଳ ଗ୍ରାମର ଶ୍ୟାମସୁନ୍ଦର ରାଉତଙ୍କ ପୁତ୍ର ରଞ୍ଜନ(୩୫)। କେଣ୍ଟାଲୋ ଗ୍ରାମର ଏକ ବିଲ ଭିତରେ ଥିବା ତେନ୍ତୁଳି ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇଛି। କିଛି ଦୂରରେ ପଡିଥିବା ଆଧାର କାର୍ଡ ଅନ୍ୟାନ୍ୟ କାଗଜପତ୍ରକୁ ଜବତ କରିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୦/୨୦୨୧) ରୁଜୁ କରିଛି। ରଞ୍ଜନ କେଣ୍ଟାଲୋ ଗ୍ରାମର ଲକ୍ଷ୍ମୀଧର ରାଉତଙ୍କ ଝିଅକୁ କିଛି ବର୍ଷ ତଳେ ବିବାହ କରିଥିଲେ। ୨ ବର୍ଷ ପୂର୍ବେ ସ୍ତ୍ରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିବାପରେ ସେ ମାନସିକସ୍ତରରେ ଭାଙ୍ଗିପଡ଼ିଥିଲେ। କିଛିଦିନ ହେବ ସେ ଶ୍ୱଶୁର ଘରେ ରହି କାମଧନ୍ଦା କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି।

## ତଳିଆ ଅଞ୍ଚଳ ଚିହ୍ନଟ, ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ

କଟକ ଅଫିସ,୨।୧୨

ସମ୍ଭାବ୍ୟ ବାତ୍ୟ 'ଜୱାଦ' ପ୍ରଭାବରେ କଟକ ଜିଲାରେ ଶୁକ୍ରବାରଠାରୁ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏଥିପାଇଁ କଟକକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆରସିଙ୍କ ଗାଇଡ୍‌ଲାଇନ ଅନୁଯାୟୀ ସେଥିରେ ପଦକ୍ଷେପ ନିଆଯାଇଛି। ସମସ୍ତ ଲାଇନ ଡିପାର୍ଟମେଣ୍ଟ ଓ ବିଭିନ୍ନ ବିଭାଗ ସମେତ ବିଡିଓ, ତହସିଲଦାରଙ୍କୁ ସଜାଗ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଯୋଗୁ ଚାଷଜମି କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିବାରୁ ଜିଲାର ବିଭିନ୍ନ ଅଞ୍ଚଳରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରି ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ତଳି ଅଞ୍ଚଳରେ ରହୁଥିବା ଲୋକଙ୍କୁ ଆବଶ୍ୟକ ପଡ଼ିଲେ ବାତ୍ୟା ଆଶ୍ରୟସ୍ଥଳୀ କିମ୍ବା ନିକଟସ୍ଥ ସ୍କୁଲ ଘରକୁ ସ୍ଥାନାନ୍ତର କରାଯିବାର ଯୋଜନା ରହିଛି।

## ବାତ୍ୟା ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି

ବାଙ୍କୀ,୨।୧୨(ସ୍ୱ.ପ୍ର.)

ସମ୍ଭାବ୍ୟ ବାତ୍ୟା 'ଜୱାଦ'ର ମୁକାବିଲା ପାଇଁ ବୁଧବାର ବାଙ୍କୀ ଉପଜିଲପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ରଞ୍ଜନ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜନ କରାଯାଇଥିଲା। ବ୍ୟାତ୍ୟାକୁ ଦୃଷ୍ଟିରେ ରଖି ସରକାରୀ ଅଧିକାରୀମାନଙ୍କ ଛୁଟି ବାତିଲ କରିଦିଆଯାଇଛି। ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ କିରୋସିନ ମହଜୁଦ ରଖାଯାଇଛି। ଆବଶ୍ୟକ ପଡ଼ିଲେ ଗଛ କାଟିବା, ରାସ୍ତା ସଫା କରିବା, ବିଦ୍ୟୁତ୍‌ଲାଇନ ମରାମତି କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ଚାଷୀମାନଙ୍କୁ ଧାନ ଫସଲକୁ ତୁରନ୍ତ ଅମଳ କରିବାକୁ ପରାମର୍ଶ ଦିଆଯାଇଛି । ଯେଉଁମାନଙ୍କ ବିଲରେ ଧାନ ଅମଳ ଉପଯୋଗୀ ହୋଇ ନାହିଁ ସେମାନଙ୍କୁ ପଲିଥିନ ଘୋଡେଇ ରଖିବାକୁ କୁହାଯାଇଛି। ବିଲରୁ ଜଳ ନିଷ୍କାସନ ପାଇଁ ନଳା ସୃଷ୍ଟି କରିବା, ଏହି ସମୟରେ ରବି ବିହନ ବିଲରେ କୀଟନାଶକ ନପକାଇବା ପାଇଁ କୃଷି ବିଭାଗ ପକ୍ଷରୁ ସଚେତନତା ରଥ ଜରିଆରେ ଜନସାଧାରଣଙ୍କୁ ସତର୍କ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ଡମପଡ଼ା ତହସିଲଦାର କ୍ଷିତୀଶ ବେହେରା, ବାଙ୍କୀ ବିଡିଓ ପ୍ରଦୀପ୍ତ ଶତପଥୀ, ଡମପଡ଼ା ବିଡିଓ ଶ୍ୟାମଳ ରାୟ, କୃଷିଜିଲା ଅଧିକାରୀ ଶୈଳେନ୍ଦ୍ର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ମାସ୍ ଜାମିଙ୍ଗ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଙ୍ଗୀତରେ ଝୁମିଲା ରେଭେନ୍ସା ବିଶ୍ୱବିଦ୍ୟାଳୟ

କଟକ ଅଫିସ, ୨।୧୨

ରେଭେନ୍ସା ସଙ୍ଗୀତ ପରିଷଦ ପକ୍ଷରୁ ଗୁରୁବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ମାସ୍ ଜାମିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରି ମ୍ୟୁଜିକାଲ ଯନ୍ତ୍ର ବଜାଇ ପରିବେଶକୁ ସଙ୍ଗୀତମୟ କରିଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭଜନ ଗାନ ପରେ ଛାତ୍ରୀଛାତ୍ରମାନେ ଓଡ଼ିଆ, ସମ୍ବଲପୁରୀ ଏବଂ ହିନ୍ଦୀ ଗୀତ ଗାନ କରିଥିଲେ। ରାଜ୍ୟ ବାହାରେ ଏପରି କାର୍ଯ୍ୟକ୍ରମ ହେଉଥିବାବେଳେ ଓଡ଼ିଶା ତଥା ରେଭେନ୍ସାରେ ଏହା ପ୍ରଥମ ଥର ପାଇଁ ଆୟୋଜିତ ହୋଇଛି। ଏହା ମାଧ୍ୟମରେ ଓଡ଼ିଆ କଳା ଓ ସଂସ୍କୃତି ବିଷୟରେ ଲୋକେ ଅଧିକ ଅବଗତ ହୋଇପାରିବେ ବୋଲି କାର୍ଯ୍ୟକ୍ରମର ସଂଯୋଜକ ଶୁଭମ୍ ଆଚାର୍ଯ୍ୟ କହିଛନ୍ତି। ପ୍ରତି ମାସରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି ବୋଲି ସେ କହିଛନ୍ତି। ଏଥିରେ ମାନସ ବେହେରା, ଅର୍ଭିକ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## 'ଦେଶ ପ୍ରତି ଛାତ୍ରଙ୍କ ସମର୍ପଣ ଭାବ ରହୁ'

କଟକ ଅଫିସ, ୨।୧୨

ହିନ୍ଦୁସେନାର ଛାତ୍ର ସଙ୍ଗଠନ ପକ୍ଷରୁ ଗୁରୁବାର ସ୍ଥାନୀୟ ଟାଉନହଲଠାରେ ଦ୍ୱିତୀୟ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ନୂତନ ଭାବେ ଯୋଗଦେଇଥିବା ଛାତ୍ରଙ୍କୁ ଦେଶ ପ୍ରତି ସମର୍ପଣଭାବ ଓ ପାଠପଢା ସହିତ ନିଃସ୍ୱାର୍ଥପର ଓ ସାମାଜିକ ସେବା କରିବାକୁ ଆହ୍ୱାନ ଦିଆଯାଇଛି। କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ସଭାପତି ଦେବାଶିଷ ରାଉତ, ମୁଖ୍ୟ ଉପଦେଷ୍ଟା ସଞ୍ଜିତ ସାମଲ, କୋଷାଧ୍ୟକ୍ଷ ଅଭିଷେକ ଜେନା, ଜିଲା ସଭାପତି ଆଶିଷ ମହାପାତ୍ର, ଛାତ୍ର ସଭାପତି ସୁଜିତ୍ ଦାସ, ସାଧାରଣ ସମ୍ପାଦକ ହରି ଚନ୍ଦନ ନାୟକ, ସମାଜିକ କର୍ମୀ ରାହୁଲ ପ୍ରତ୍ୟୁଷ ମହାନ୍ତି, ରଞ୍ଜିତ୍ ମଲ୍ଲିକ, ଚନ୍ଦ୍ରକାନ୍ତ ନାୟକଙ୍କ ସମେତ ବିଭିନ୍ନ କଲେଜର ବହୁ ଛାତ୍ର ଓ ଛାତ୍ର ନେତା ଯୋଗଦେଇଥିଲେ।

## ସାମାଜିକ ନାଟକ 'ଦୁନିଆର ଖେଳ ଦୁଇଦିନିଆ' ମଞ୍ଚସ୍ଥ

ବାଙ୍କୀ,୨।୧୨(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ କୁସୁପଙ୍ଗି ଗ୍ରାମର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀଶ୍ରୀ ରାମଲୀଳା ନାଟ୍ୟସଂସଦ ପକ୍ଷରୁ ବୁଧବାର ରାତିରେ ସାମାଜିକ ନାଟକ ଦୁନିଆର ଖେଳ ଦୁଇ ଦିନିଆ ମଞ୍ଚସ୍ଥ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ କଳାକାରମାନେ ଏହି ନାଟକ ପରିବେଷଣ କରିଥିଲେ। ମୁଖ୍ୟ ଅତିଥିଭାବେ ସିନେ କଳାକାର ଶ୍ରୀଜିତ୍ ମହାପାତ୍ର ଓ ନୃତ୍ୟଶିଳ୍ପୀ ଅଭିନନ୍ଦା ଆଚାର୍ଯ୍ୟ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିଭୁପ୍ରସାଦ ନାୟକ, ସୁଧାକର ବେଉରା, ରମେଶ ଚନ୍ଦ୍ର ନାୟକ, ଗୋବର୍ଦ୍ଧନ ବେଉରା, ଚିତ୍ତରଞ୍ଜନ ନାୟକ ପ୍ରମୁଖ ନାଟକ ପରିବେଷଣରେ ସହଯୋଗ କରିଥିଲେ।

## ବନ୍ଧୁକ ଜବତ ଶିକାରୀ ଗିରଫ

ଖୁଣ୍ଟୁଣୀ,୨।୧୨(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଶିକାର କରିବାକୁ ଫାସ ବସାଇଥିବା ବେଳେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଜଣେ ଶିକାରୀକୁ ଗିରଫ କରି କୋର୍ଟଚାଲାଣ କରିଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ପଠାଇ ଦିଆଯାଇଛି। ଏଥିସହ ତା'ଠାରୁ ଫାଶ ଏବଂ ଏକ ଦେଶୀ ହାତ ତିଆରି ବନ୍ଧୁକ ଜବତ କରିଛି। ଗିରଫ ଶିକାରୀ ହେଲେ ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୋବରା ପଞ୍ଚାୟତ ବଡ଼ ଭଗୁଆ ଗ୍ରାମର ଗଣେଶ ହାଇବ୍ରୁ (୨୫)। ଏ ନେଇ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ନଂ(ଓଆର ୬୩ କେ ୨୧/୨୨)ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ସିଂ ପାଲ ମାଥୁରଙ୍କ ସୂଚନା ମୁତାବକ, ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବଡ଼ଭଗୁଆ ଗ୍ରାମ ନିକଟ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ଖୁଣ୍ଟୁଣୀ ବନାଞ୍ଚଳର କର୍ମଚାରୀମାନେ ପାଟ୍ରୋଲିଂ ପାଇଁ ଯାଇଥିଲେ। ଏହିସମୟରେ ଜଙ୍ଗଲ ଭିତରେ ପ୍ରଚଣ୍ଡ ଶବ୍ଦ ଶୁଣି ବନ କର୍ମଚାରୀମାନେ ସେଠାକୁ ତୁରନ୍ତ ପହଞ୍ଚିବାବେଳେ ଜଙ୍ଗଲରେ ଶିକାର କରୁଥିବା ଜାଣି ଗଣେଶ ସହ ବନ୍ଧୁକକୁ ଜବତ କରିଥିଲେ।

## ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ ହେଉ

**ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚର ଧାରଣା**

କଟକ ଅଫିସ, ୨।୧୨

ବିଭିନ୍ନ ଦାବିରେ ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ଗୁରୁବାର କଟକ କଚେରୀ ଗଡ଼ାଠାରେ ନାଗରିକ ଧାରଣା ଅନୁଷ୍ଠିତ ହୋଇଯାଇଛି। ପରେ ଜିଲାପାଳଙ୍କ ଜରିଆରେ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଛି। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ବିଦ୍ୟୁତକୁ ଏକ ସେବା ଭାବେ ବିବେଚନା କରିବା ଉଚିତ । ସେହିପରି ବିଦ୍ୟୁତ ଆଇନ ୨୦୦୩ ଓ ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୧କୁ ବାତିଲ କରିବା ସହ ପ୍ରି-ପେଡ୍ ମିଟର ଲଗାଇବା ପ୍ରସ୍ତାବ ବାତିଲ କରିବା, ବିଦ୍ୟୁତକାଟ ବନ୍ଦ କରିବା, ବିଦ୍ୟୁତ ଶୁଳ୍କ ବୃଦ୍ଧି ବନ୍ଦ କରିବା, ଘରୋଇ ଗ୍ରାହକଙ୍କ କ୍ଷେତ୍ରରେ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ଓ କୃଷିକ୍ଷେତ୍ରରେ ବିନା ମୂଲ୍ୟରେ ବିଦ୍ୟୁତ ଯୋଗାଯାଉ, ବ୍ୟବସାୟ ଓ କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ୟୁନିଟ୍ ପ୍ରତି ୧ ଟଙ୍କା ମୂଲ୍ୟରେ ବିଦ୍ୟୁତ ଯୋଗାଣ କରାଯାଉ, ବିଦ୍ୟୁତ ସେବା କ୍ଷେତ୍ରକୁ ରାଜ୍ୟ ସରକାର ନିଜେ ପରିଚାଳନା କରିବା, ଗ୍ରାହକଙ୍କ ଘରେ ଜୋର ଜବରଦସ୍ତି ଚଢାଉ ବନ୍ଦ କରାଯିବା ପାଇଁ ଦାବି କରାଯାଇଛି। ଧାରଣାସ୍ଥଳରେ ମଞ୍ଚର କଟକ ଆବାହକ ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଶ୍ୱାବସୁ ଦାସ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ଇଂ. ସି.ବି. ଶାସ୍ତ୍ରୀ, ମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତି, ଖବରଦାତା ସତ୍ୟ ରାୟ, ସଂଗ୍ରାମୀ ଫୋରମ ଆବାହକ ପ୍ରଶାନ୍ତ ଦାସ, ନାରୀନେତ୍ରୀ ଲକ୍ଷ୍ମୀ ମହାନ୍ତି, ସାମାଜିକ କର୍ମୀ ଡଲି ଦାସ ବକ୍ତବ୍ୟ ରଖିଥିଲେ। ଖଗେଶ୍ୱର ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁମାରେନ୍ଦ୍ର ମହାନ୍ତି, ପୁଷ୍ପା ଜୀ, ପ୍ରଭାତ ଦାସ, ସିଦ୍ଧାର୍ଥ ରଥ, ବସନ୍ତ ଜେନା, ଲୋକନାଥ ମୁଦୁଲି, ଅକ୍ଷୟ ରାଉଳ, ସସ୍ମିତା ମହାନ୍ତି, ବିନୋଦ ସେଠୀ, ଦୀପକ ଦାସ, ଟିକା ସାମଲ, ପରମାନନ୍ଦ ସେଠୀ, ପାଭେଲ ପ୍ରିୟଦର୍ଶନ ପ୍ରମୁଖ ଉପସ୍ଥିତ ଥିଲେ। ବସନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ୧୮ କୋଟି ଋଣ ଠକେଇ: ୧୦ ଜାଗାରେ ଚଢ଼ାଉ

କଟକ ଅଫିସ,୨।୧୨

କିଛିଦିନ ତଳେ ବିଅର୍ ଫ୍ୟାକ୍ଟ୍ରି ବସାଇବା ନାଁରେ ଶିଳ୍ପପତି ରଞ୍ଜନ ପାଢୀ ବ୍ୟାଙ୍କରୁ ୭୩ କୋଟି ଟଙ୍କା ଠକିବା ଘଟଣା ପରେ ଆଉ ଏକ ବଡ଼ଧରଣର ଠକେଇ ହୋଇଛି। ବ୍ୟାଙ୍କ ଅଫ୍ ବରୋଦା, କଟକ ଶାଖାରୁ ୧୮ କୋଟି ଟଙ୍କା ଋଣ ଠକେଇ ଘଟଣାରେ ସିବିଆଇ ମଙ୍ଗଳବାର ଅଭିଯୁକ୍ତଙ୍କ ଘର, ଅଫିସ, ବ୍ୟାବସାୟିକ ପ୍ରତିଷ୍ଠାନ, ବ୍ୟାଙ୍କ ଶାଖା ସମେତ ୧୦ରୁ ଅଧିକ ଜାଗାରେ ଚଢ଼ାଉ କରିଛି। ଏଥିରେ ୫ଜଣ ବ୍ୟବସାୟୀ, ବ୍ୟାଙ୍କ ଅଧିକାରୀ ସମ୍ପୃକ୍ତ ଥିବା ସିବିଆଇର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ କଟକ ଶ୍ରୀକ୍ରିଷ୍ଣା ଏଣ୍ଟରପ୍ରାଇଜେସ୍ ଓ ଶ୍ରୀରାମ ଏଣ୍ଟରପ୍ରାଇଜେସର ପାର୍ଟନର ଏବଂ ଲକ୍ଷ୍ମୀନାରାୟଣ ଷ୍ଟୋର ଗ୍ୟାରେଣ୍ଟର ପବନ କୁମାର ଯାଜୋଡ଼ିଆ, ଲକ୍ଷ୍ମୀନାରାୟଣ ଷ୍ଟୋର ପାର୍ଟନର୍ ଧନେଶ୍ୱର ନାୟକ, ସନ୍ଦୀପ ଘୋଷ, ମାଲଗୋଦାମ ଶ୍ରୀରାମ ଏଣ୍ଟରପ୍ରାଇଜେସ୍ ପାର୍ଟନର ରୁବିତା ନନ୍ଦ, ଶ୍ରୀକୃଷ୍ଣ ଏଣ୍ଟରପ୍ରାଇଜେସ୍ ପାର୍ଟନର ବୀରକିଶୋର ଦାସ। ସେହିପରି ଭୁବନେଶ୍ୱର ବିଜେବି ନଗରସ୍ଥିତ ଶ୍ରୀରାମ ଏଣ୍ଟରପ୍ରାଇଜେସ୍, ମାଲଗୋଦାମ ଶ୍ରୀକୃଷ୍ଣ ଏଣ୍ଟରପ୍ରାଇଜେସ୍ ଏବଂ ଲକ୍ଷ୍ମୀନାରାୟଣ ଷ୍ଟୋର୍, ବ୍ୟାଙ୍କ ଅଫ୍ ବରୋଦା ଶାଖା ସମେତ ୧୦ରୁ ଉର୍ଦ୍ଧ୍ୱ ଜାଗାରେ ଚଢ଼ାଉ କରାଯାଇଛି। ଅଭିଯୁକ୍ତମାନେ ଜାଲ କାଗଜପତ୍ର ତିଆରି କରି ବ୍ୟାଙ୍କ ଅଫ୍ ବରୋଦା ଶାଖାରୁ ୨୦୧୧ରୁ ୨୦୧୭ ମଧ୍ୟରେ ୧୮.୩୦ କୋଟି ଟଙ୍କା ଋଣ ଉଠାଇଥିଲେ। ଠକେଇ ହୋଇଥିବା ଜାଣି ବ୍ୟାଙ୍କ ଏଜିଏମ୍ ନିଖିଳ ରଞ୍ଜନ ପତି ସିବିଆଇରେ ଅଭିଯୋଗ କରିଥିଲେ।



୭ଦଫା ଦାବି ନେଇ ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ଗୁରୁବାର କଚେରିଗଡ଼ରେ ଧାରଣା ଦିଆଯାଇଛି।



କଟକ ଚୌଧୁରୀ ବଜାରସ୍ଥିତ ପୂଜା ସାମଗ୍ରୀ ଦୋକାନ ସମ୍ମୁଖରେ ବିକ୍ରି ପାଇଁ ଝୁଲାଯାଇଥିବା ଜରିରେ ପ୍ରସ୍ତୁତ ମୁକ୍ତାଗୁଡ଼ିକ।

